



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-224 ◆MONDAY ◆9 FEBRUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୨୪ ◆ସୋମବାର ◆୯ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଉଠୁନାହିଁ ଧାନ; ଲାପ୍ସ ହେଲାଣି ଟୋକନ

## ମିଲର୍ କହୁଛନ୍ତି ଗୋଦାମରେ ଧାନ ରଖିବାକୁ ଜାଗା ନାହିଁ

■ ଭୁବନେଶ୍ୱର, ୮।୨ (ସମିସ): ରାଜ୍ୟରେ ଧାନ କିଣା ଅବ୍ୟବସ୍ଥା ଅସମ୍ଭାଳ। ରାଜ୍ୟରେ ସୁରୁଖୁରୁରେ ଧାନ କିଣା ଚାଲିଥିବା ନେଇ ସମବାୟ ମନ୍ତ୍ରୀ, ଯୋଗାଣ ମନ୍ତ୍ରୀଙ୍କ ମନ୍ତବ୍ୟ ଓ ଟିପ୍ପଣୀ ପ୍ରାୟ ମିଛ ସାବ୍ୟସ୍ତ ହୋଇ ସାରିଛି। ଧାନ କିଣା ସମସ୍ୟାକୁ ନେଇ ରାଜ୍ୟବ୍ୟାପୀ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଛି ଏବଂ ନବନିର୍ମାଣ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରାକୁ ବି ସମର୍ଥନ ମିଳିଛି। ଧାନ ରଖିବାକୁ ଗୋଦାମ ଅଭାବ ଦର୍ଶାଇ ମିଲର ଧାନ ଉଠାଉ ନାହାନ୍ତି। ଚାଷୀଙ୍କୁ ବିକ୍ରି ଲାଗି ଦିଆଯାଇଥିବା ଟୋକନ୍ ଅବଧି ମଧ୍ୟରେ ଧାନ ଉଠୁନାହିଁ। ଅଧିକାଂଶ ମଣ୍ଡି ସାମନାରେ ଟନ୍ ଟନ୍ ଧାନ ଗଦା ହୋଇଛି। ମିଲରମାନେ ମଣ୍ଡିରୁ ଧାନ ନେବା ଧିମା କରିଦେଇଥିବାରୁ ଚାଷୀଙ୍କଠାରୁ ସମବାୟ ସଂସ୍ଥାଗୁଡ଼ିକ ଧାନ ଉଠାଉ ନାହାନ୍ତି। ଏଭଳି କୃତ୍ରିମ ଅବ୍ୟବସ୍ଥା ପାଇଁ ମିଲରମାନେ ପରୋକ୍ଷରେ ସରକାରଙ୍କୁ ଦାୟୀ କରିଥିବା ବେଳେ ମନ୍ତ୍ରୀମାନେ ଔଷଧ ବିକଳରେ ତାଟିଆ କାମୁଡ଼ିବା ପରି ଚାଷୀଙ୍କୁ ଦୋଷ ଦେଉଛନ୍ତି।

▶ ସରକାର ଉଠାଇ ନାହାନ୍ତି ୮୦ ଲକ୍ଷ ଟନ୍ ପୁରୁଣା ଚାଉଳ

▶ କାର୍ଯ୍ୟକାରୀ ହେଲାନି ଲୋକଙ୍କୁ ଚାଉଳ ବାଣ୍ଟିବା ଘୋଷଣା

▶ 'ଫେକ୍' ଆକ୍ଷେପ କରି ଚାଷୀଙ୍କ କଟା ଘା'ରେ ମନ୍ତ୍ରୀଙ୍କ ଚୂନ



ପୂର୍ବରୁ ଗଚ୍ଛିତ ରହିଥିବା ଚାଉଳ ଉଠାଇବାରେ ସରକାର ବିଫଳ ହୋଇଛନ୍ତି। ବାରମ୍ବାର ରାଜ୍ୟ ସରକାରଙ୍କ ଦାବି ଓ ଅନୁରୋଧ ସତ୍ତ୍ୱେ କେନ୍ଦ୍ର ସରକାର ଓଡ଼ିଶାରୁ ଚାଉଳ ନେଉ ନାହାନ୍ତି। ଫଳରେ ମିଲରଙ୍କ ପାଖରେ ଗୋଦାମରେ ପୁରୁଣା ଚାଉଳ ଓ ଧାନ ଗଚ୍ଛିତ ହୋଇ ପଡ଼ି ରହିଛି। ପୁରୁଣା ଚାଉଳ ହଟୁ ନ ଥିବାରୁ ନୂଆ ଧାନ କିଣି ରଖିବା ପାଇଁ ମଧ୍ୟ ଅନେକ ମିଲର ଧାନ କିଣିବାକୁ ନାରାଜ। ମିଲର ସଂଘର ଜଣେ ବରିଷ୍ଠ ସଦସ୍ୟଙ୍କ କହିବା ଅନୁଯାୟୀ ବର୍ତ୍ତମାନ ରାଜ୍ୟର ସବୁ ମିଲରଙ୍କ ଗୋଦାମରେ ୮୦ ଲକ୍ଷ କ୍ୱିଣ୍ଟାଲ ପୁରୁଣା ଚାଉଳ ଗଚ୍ଛିତ ରହିଛି। ଏହି ଚାଉଳ ପ୍ରାୟ ୧ କୋଟି ୨୫ ଲକ୍ଷ କ୍ୱିଣ୍ଟାଲ ଧାନର ହେବ। ବିଗତ ବର୍ଷମାନଙ୍କରେ ଏହି ସମୟ ସୁଦ୍ଧା ପ୍ରାୟ ସବୁ ଖରିଫ ଧାନ କିଣା ସରିଯାଏ। କିନ୍ତୁ ୬ ମାସ ହେବ ରାଜ୍ୟର କୌଣସି ମିଲ୍‌ରୁ ସରକାର ଚାଉଳ ଉଠାଉ ନାହାନ୍ତି। ଲୋକଙ୍କୁ ଚାଉଳ ବାଣ୍ଟିବାକୁ ଘୋଷଣା କରି ବି ପଛଘୁଞ୍ଚା ଦେଉଥିବାରୁ ସମସ୍ୟା ବଢ଼ିବାରେ ଲାଗିଛି। ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ମିଲର ସଂଘ ରାଜ୍ୟ ସରକାର ଓ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ମଧ୍ୟ ଭେଟିଥିଲେ ମଧ୍ୟ ତାହା ଫଳପ୍ରଦ ହୋଇନାହିଁ। ଅଗଷ୍ଟ ସୁଦ୍ଧା ସମସ୍ତ ବଳକା ଚାଉଳ ଉଠାଇ ନେବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏହା ପଡ଼ି ▶ପୃଷ୍ଠା-୭

# ୧୦୦ କୋଟି ଫୋନ୍‌ରୁ ଡାଟା ଚୋରି ଭୟ

■ ନୂଆଦିଲ୍ଲୀ, ୮।୨ (ଏଜେନ୍ସି): ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ ପାଇଁ ଏକ ବଡ଼ ସୁରକ୍ଷା ସତର୍କତା ଜାରି କରିଛି ଗୁଗଲ୍। ବର୍ତ୍ତମାନ ସାରା ବିଶ୍ୱରେ ପ୍ରାୟ ୧୦୦ କୋଟି ଆଣ୍ଡ୍ରଏଡ୍ ବ୍ୟବହାରକାରୀ ବିପଦରେ ଅଛନ୍ତି। କାରଣ ଆଣ୍ଡ୍ରଏଡ୍ ୧୨ କିମ୍ବା ପୁରୁଣା ଫୋନ୍‌ଗୁଡ଼ିକ ଆଉ ସୁରକ୍ଷା ଅପଡେଟ୍ ପାଇବେନାହିଁ। ଏହାର ଅର୍ଥ ହେଉଛି, ଏପରି ଡିଭାଇସ୍‌ଗୁଡ଼ିକ ନୂତନ ମାଲୱେର ଏବଂ ସ୍ପାଏୱେର ଆକ୍ରମଣର ଶିକାର ହୋଇପାରନ୍ତି। ହ୍ୟାକରମାନେ ଏହି ଦୁର୍ବଳତାର ସୁଯୋଗ ନେଇ ଡାଟା ଚୋରି କରୁଛନ୍ତି। ଫୋନ୍ ଅପଡେଟ୍ ହେଉ ନ ଥିଲେ ତାହାକୁ ବଦଳାଇବାକୁ ଗୁଗୁଲ୍ ପକ୍ଷରୁ ୟୁଜରଙ୍କୁ ପରାମର୍ଶ ଦିଆଯାଇଛି।

ଗୁଗଲ୍ ରିପୋର୍ଟ ଅନୁଯାୟୀ, ବିଶ୍ୱର ୪୦%ବା ୧୦୦ କୋଟି ଆଣ୍ଡ୍ରଏଡ୍ ବ୍ୟବହୃତ ସ୍ମାର୍ଟଫୋନ୍ ସାଇବର ଆକ୍ରମଣର ଶିକାର ହେବାକୁ ଯାଉଛନ୍ତି। ଏହି ଡିଭାଇସ୍ ମଧ୍ୟରୁ ଅଧିକାଂଶ ପୁରୁଣା ଅପରେଟିଂ ସିଷ୍ଟମ୍ (ଆଣ୍ଡ୍ରଏଡ୍ ୧୨ କିମ୍ବା ତା'ଠାରୁ ପୁରୁଣା) ଚଳାଇଥାନ୍ତି, ଯେଉଁଗୁଡ଼ିକୁ ଏବେ କମ୍ପାନୀଠାରୁ ସୁରକ୍ଷା ଅପଡେଟ୍ ପାଇବା ବନ୍ଦ ହୋଇଯାଇଛି। ତଥ୍ୟ ଅନୁଯାୟୀ, କେବଳ ପ୍ରାୟ ୫୭.୯% ଡିଭାଇସ୍ ଆଣ୍ଡ୍ରଏଡ୍ ୧୩ କିମ୍ବା ତା'ଠାରୁ ଅଧିକ ଭର୍ଜନରେ ଚାଲୁଛି। ସୁରକ୍ଷା ସମସ୍ୟା ଯୋଗୁଁ ବାକି ଡିଭାଇସଗୁଡ଼ିକୁ ଅଚଳ କରାଯାଇଛି। ଡିସେମ୍ବର ସୁଦ୍ଧା ଉପଲବ୍ଧ ତଥ୍ୟ ଅନୁଯାୟୀ, ସାରା ବିଶ୍ୱରେ କେବଳ ୭.୫% ସ୍ମାର୍ଟଫୋନ୍ ଆଣ୍ଡ୍ରଏଡ୍ ୧୬ରେ ଚାଲୁଛି। ଏହି ସମୟରେ, ୧୯.୩% ଡିଭାଇସ୍ ଆଣ୍ଡ୍ରଏଡ୍ ୧୫, ୧୭.୯% ଆଣ୍ଡ୍ରଏଡ୍ ୧୪ ଏବଂ ୧୩.୯% ଆଣ୍ଡ୍ରଏଡ୍ ୧୩ ଦ୍ୱାରା ଚାଳିତ। ଏହାର ଅର୍ଥ ହେଉଛି ଯେ ବହୁ ସଂଖ୍ୟକ ଉପଭୋକ୍ତା ଏବେ ବି ପୁରୁଣା ଆଣ୍ଡ୍ରଏଡ୍ ଓଏସ୍ ବ୍ୟବହାର କରୁଛନ୍ତି ଏବଂ ସମୟାନୁସାରେ ସୁରକ୍ଷା ଅପଡେଟ୍ ପାଉନାହାଁନ୍ତି। ସୁରକ୍ଷା ଅପଡେଟ୍ ପୁରୁଣା ଅପରେଟିଂ ସିଷ୍ଟମ୍‌ରେ ଥିବା ବଗ୍, ଦୁର୍ବଳତା ଏବଂ ସାଇବର ତ୍ରୁଟିକୁ ସମାଧାନ କରେ। ହ୍ୟାକର୍ସ ଏହି ତ୍ରୁଟିଗୁଡ଼ିକୁ ସ୍ମାର୍ଟଫୋନ୍‌ରେ ଅନୁପ୍ରବେଶ କରିବା, ଡାଟା ଚୋରି କରିବା, ଫୋନ୍ ହ୍ୟାକ୍ କରିବା କିମ୍ବା ସ୍ପାଏୱେୟାର ସଂସ୍ଥାପନ କରିବା ପାଇଁ ବ୍ୟବହାର କରିବେ।

**ଗୁଗଲ୍‌ର ଚେତାବନୀ**

**ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ ଫୋନ୍ ହୋଇପାରେ ହ୍ୟାକିଂ**

**ଫୋନ୍ ଅପଡେଟ୍ ହେଉ ନ ଥିଲେ ବଦଳାଇବାକୁ ପରାମର୍ଶ**


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ବିକ୍ରମ ପଣ୍ଡା ଅସୁସ୍ଥ; ଏମ୍‌କେସିଜିରେ ଭର୍ତ୍ତି

■ ବ୍ରହ୍ମପୁର, ୮।୨ (ସମିସ): ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବା ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର। ପେଟ ଓ ଦାନ୍ତରେ ଅହେତୁ ଯନ୍ତ୍ରଣା ଯୋଗୁଁ ତାଙ୍କୁ ରବିବାର ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି। ସକାଳୁ ଛାତି, ପେଟ ଓ ଦାନ୍ତରେ ଜୋରରେ ଯନ୍ତ୍ରଣା ହେବାରୁ ତାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ଜେଲ୍ କର୍ତ୍ତୃପକ୍ଷ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲେ। ପ୍ରଥମେ ମେଡିସିନ୍ ଓ ପରେ ସର୍ଜରୀ ଏବଂ ଶେଷରେ ଦନ୍ତ ଚିକିତ୍ସା ବିଭାଗରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଯାଞ୍ଚ ବେଳେ ଇସିଜି ଯଦିଓ ସ୍ୱାଭାବିକ ଥିଲା, ଡାକ୍ତରଙ୍କ ପରାମର୍ଶକ୍ରମେ ବିକ୍ରମଙ୍କ ଅଲଟ୍ରାସାଉଣ୍ଡ କରାଯାଇଥିଲା। ରିପୋର୍ଟରେ ପ୍ରୋଷ୍ଟେଟୋମେଗାଲି ଏବଂ ଗଲବ୍ଲାଡରରେ ଷ୍ଟୋନ ସହ ମଳକଣ୍ଟକ ବା ପାଇଲ୍ସ ଥିବା ଜଣାପଡ଼ିଛି। ଔଷଧ ସେବନ କରି ବିଶ୍ରାମ ▶ପୃଷ୍ଠା-୭



**ମୁହଁ ଖୋଲିଲେ ବିକ୍ରମ**

ଗିରଫ ପରଠାରୁ ମୌନ ରହିଥିବା ବିକ୍ରମ ଆଜି ମୁହଁ ଖୋଲିଛନ୍ତି। ମେଡିକାଲକୁ ଆସିଥିବା ବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, 'ମୁଁ ନିର୍ଦ୍ଦୋଷ, ରାଜନୈତିକ ଉଦ୍ଦେଶ୍ୟ ରଖି ମୋତେ ଫସାଇ ଦିଆଯାଇଛି। ମୋତେ ଏବଂ ବିଜୁ ଜନତା ଦଳକୁ ବଦନାମ କରିବାକୁ ଅପଚେଷ୍ଟା କରାଯାଉଛି। ପ୍ରଭୁ ଜଗନ୍ନାଥ ଓ ନ୍ୟାୟପାଳିକା ଉପରେ ମୋର ବିଶ୍ୱାସ ରହିଛି। ମୋତେ ନିଶ୍ଚୟ ନ୍ୟାୟ ମିଳିବ' ବୋଲି ସେ କହିଛନ୍ତି।

# ଦୁର୍ଘଟଣାରେ ଗଲା ୯ ଜୀବନ

## ବାଇକ୍ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ

■ କଣ୍ଟାବାଞ୍ଜି, ୮।୨ (ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ପଣ୍ଡରେନ୍ ଗାଁ ନିକଟରେ ରବିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ୪ଜଣଙ୍କ ଜୀବନ ନେଇଛି। ମୃତକମାନଙ୍କ ମଧ୍ୟରେ ଗୋଟିଏ ପରିବାରର ୩ଜଣ ଥିବା ବେଳେ ଅନ୍ୟ ଜଣେ ସମ୍ପର୍କୀୟ ଭାଇ ବୋଲି ଜଣାପଡ଼ିଛି। ସେମାନେ ହେଲେ, ତୁରେକେଲାର କ୍ଷୀର ପୁଟେଲ(୫୫), ସ୍ତ୍ରୀ କୁନି ପୁଟେଲ, ତାଙ୍କ ନାତି ଦେବାଶିଷ ପଟେଲ(୬) ଏବଂ ସମ୍ପର୍କୀୟ ଭାଇ ମୋହନ ପୁଟେଲ। କ୍ଷୀର, କୁନି ଓ ଦେବାଶିଷଙ୍କ ଘର ବଙ୍ଗୋମୁଣ୍ଡା ଥାନା ଅଧୀନ ତୁରେକେଲା ଗାଁରେ ହୋଇଥିବା ବେଳେ ମୋହନଙ୍କ ଘର ଧରାଖମନ ଗାଁରେ। ପୁଲିସ ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଅଜଣା ଗାଡ଼ିକୁ ଠାବ କରିବାକୁ ଚେଷ୍ଟା ଚଳାଇଛି। ▶ପୃଷ୍ଠା-୭

ଏମ୍‌କେସିଜିରୁ ଅନ୍ଧ୍ର ଯାଉଥିବା ସ୍କର୍ପିଓ ଦୁର୍ଘଟଣାଗ୍ରସ୍ତ

## ରୋଗୀ ସମେତ ୨ ମୃତ, ୫ଗୁରୁତର

■ ବ୍ରହ୍ମପୁର, ୮।୨ (ସମିସ): ବ୍ରହ୍ମପୁରରୁ ବିଶାଖାପାଟଣା ରୋଗୀ ସ୍ଥାନାନ୍ତର ବେଳେ ଅନ୍ଧ୍ରରେ ଦୁର୍ଘଟଣା ଘଟି ୨ ଜଣଙ୍କ ଜୀବନ ଯାଇଛି। ଏହି ଦୁର୍ଘଟଣାରେ ଅନ୍ୟ ୫ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଡବ୍ଲୁ. ଡାଲିଆ (୪୬) ଓ ଡବ୍ଲୁ. ମୋହିନାମ୍ମା (୫୦)। ଗୁରୁତରମାନେ ହେଲେ, ଡବ୍ଲୁ. ନୀଳାଦ୍ରି, ଡି. ରାମାରାଓ, ବି. ଚନ୍ଦ୍ରମଣି, ପି. ଏଙ୍କଟେସ ଏବଂ ଜଣେ ଶିଶୁ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକବ୍ୟକ୍ତ କରିବା ସହ ମୃତକଙ୍କ ▶ପୃଷ୍ଠା-୭

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଦମ୍ପତିଙ୍କ ସମେତ ୩ ମୃତ

■ ପଟ୍ଟାଙ୍ଗି, ୮।୨ (ସମିସ): କୋରାପୁଟ ଜିଲ୍ଲା ସୁକି ଥାନା ଅନ୍ତର୍ଗତ ପେଟୁର ପଞ୍ଚାୟତର ବରିଗୁଡ଼ା ଗ୍ରାମ ଛକ ନିକଟରେ ଆଜି ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଦମ୍ପତିଙ୍କ ସମେତ ମୋଟ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଚେଡ଼ା ଆପ୍ପା ରାଓ, ତାଙ୍କ ପତ୍ନୀ ଚେଡ଼ା ଅନିତା ଏବଂ ଚିନ୍ତା ଏକବ। ଏହାସହ ଏହି ଦୁର୍ଘଟଣାରେ ଅନ୍ୟ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନାନୁସାରେ, ଦୁଇ ପୁଅଙ୍କୁ ସାଙ୍ଗରେ ନେଇ ଆପ୍ପା ଓ ଅନିତା ଏକ ବାଇକ୍‌ରେ ପେଟୁର ଦେଇ ଅନ୍ଧ୍ରପ୍ରଦେଶ ବାରିଗମ ଗ୍ରାମକୁ ଯାଉଥିଲେ। ପେଟୁର ପଞ୍ଚାୟତର ▶ପୃଷ୍ଠା-୭

# ଭାରତରେ ମିଳୁଛି ନେପାଳ କିଡ୍‌ନୀ

■ କାଠମାଣ୍ଡୁ, ୮।୨ (ଏଜେନ୍ସି): ନେପାଳ ରାଜଧାନୀ କାଠମାଣ୍ଡୁଠାରୁ ୪୦କିମି ଦୂରରେ ଅବସ୍ଥିତ 'ହୋକ୍ସେ' ଗାଁ। ଏହି ଗାଁ ସାରା ନେପାଳରେ କିଡ୍‌ନୀ ଗାଁ ଭାବେ ପରିଚିତ। ଏହି ଗାଁରୁ ୧୦୦ରୁ ଅଧିକ ଯୁବକ ନିଜର କିଡ୍‌ନୀ ଭାରତରେ ବିକ୍ରି କରିସାରିଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ନେପାଳ ପୁଲିସ ଏହି ର‍୍ୟାକେଟର ମୁଖ୍ୟ କାର୍ପଟବାଲ୍‌କୁ ଜେଲ୍ ପଠାଇଥିଲେ ମଧ୍ୟ ଏହି ବ୍ୟବସାୟ ବନ୍ଦ ହେବା ପରିବର୍ତ୍ତେ ସିନ୍ଧୁପାଲଚୋକ, କାଭ୍ରେ ଓ କାଠମାଣ୍ଡୁ ପର୍ଯ୍ୟନ୍ତ ବ୍ୟାପିଯାଇଛି। ବର୍ତ୍ତମାନ ଏହି ର‍୍ୟାକେଟ୍‌କୁ ଭାରତୀୟ ଚୋରା ଚାଲାଣକାରୀମାନେ ପରିଚାଳନା କରୁଛନ୍ତି। ସେମାନେ ଏଜେଣ୍ଟଙ୍କ ଜରିଆରେ ଗରିବ ଲୋକଙ୍କୁ ଟାର୍ଗେଟ କରନ୍ତି ଓ ସେମାନଙ୍କୁ ଦିଲ୍ଲୀ, ହାଇଦରାବାଦ, ଚେନ୍ନାଇ କିମ୍ବା କୋଲକାତାକୁ ନେଇ ୪ରୁ ୫ ଲକ୍ଷ ଟଙ୍କାରେ କିଡ୍‌ନୀ ସଉଦା କରନ୍ତି।

**ବିକ୍ରି ହୋଇ ସାରିଲାଣି ୨୦୦ କିଡ୍‌ନୀ**

**ଗୋଟାକୁ ୪୦ ଲକ୍ଷ**

**ଦିଲ୍ଲୀରୁ ପରିଚାଳିତ ହେଉଛି ର‍୍ୟାକେଟ**

୨୦୨୫ ଅଗଷ୍ଟ ୫ରେ ଜଣେ ପୀଡ଼ିତଙ୍କ ଖବର ସ୍ଥାନୀୟ ବୁଲେଟିନ୍ ଜରିଆରେ ସାମ୍ନାକୁ ଆସିଥିଲା। ଏହାପରେ ନେପାଳ ପୁଲିସର ଏକ ଟିମ୍ ଭାରତ ଆସି ୩ ମାସ ଧରି ତଦନ୍ତ କରିବା ପରେ ଏହି ର‍୍ୟାକେଟର ପର୍ଦ୍ଦାଫାସ କରିଥିଲା। ପୁଲିସ ମାଷ୍ଟରମାଇଣ୍ଡ ଶ୍ୟାମ ଭଣ୍ଡାରୀ ଓ ସୁଜନ ଗିରିଙ୍କ ସମେତ ୬ ଜଣଙ୍କୁ ଗିରଫ କରିଥିଲା। କିଡ୍‌ନୀ ଚୋରା ଚାଲାଣ କରୁଥିବା ... କିଡ୍‌ନୀ ଦାତା ଦିଲ୍ଲୀରୁ ହିଁ ମିଳିଯିବେ। ୨୫-୩୦ ଦିନରେ ସବୁ କାମ ହୋଇଯିବ। ମୋଟ ଖର୍ଚ୍ଚ ୪୦ ଲକ୍ଷ ଟଙ୍କା ହେବ। ଦିଲ୍ଲୀ- ଏନ୍‌ସିଆରର କିଛି ହସ୍ପିଟାଲ ଆମ ହାତରେ ରହିଛି। ତେଣୁ ଏହି ର‍୍ୟାକେଟର ଚେର ବହୁତ ଲମ୍ବା ବୋଲି କୁହାଯାଇପାରେ। ବର୍ତ୍ତମାନ ସୁଦ୍ଧା ୨୦୦ରୁ ଅଧିକ କିଡ୍‌ନୀ ବିକ୍ରି ହୋଇସାରିଥିବା କୁହାଯାଉଛି। ▶ପୃଷ୍ଠା-୭




ସକାଳ THE SAKALA



# ଷ୍ଟେସନ ନିକଟରେ ଯୁବକଙ୍କୁ ଛୁରାମାଡ଼

## ଅଣାୟତ ହେଉଛି ବେଆଇନ ନିଶା କାରବାର

**ବରଗଡ଼, ୮।୨(ସମିସ)**

ବରଗଡ଼ ଜିଲ୍ଲା ଏବେ ମଦ, କୋରେକ୍ସର ଗଡ଼ ପାଲଟିଥିବା ବେଳେ ବରପାଲି ମଧ୍ୟ ଆଉ ପଛକୁ ନାହିଁ। ବରପାଲିରେ ଗାନ୍ଧୀ ଛକ, କଲେଜ ଛକ, ରେଲୱେ ଛକ, ହଟୁଆବନ୍ଧ ତଥା ବିଭିନ୍ନ ହୋଟେଲ, ପାନ ଦୋକାନ, ଘରେ ଘରେ ମଦ ବିକ୍ରିର ପ୍ରଭାବ ବଢ଼ିବାରେ ଲାଗିଛି। ସେମିତି ଜୁଆ ଆଡ୍ଡା ମଧ୍ୟ ଖୁଲମ ଖୁଲା ଚାଲିଛି। ରାହାଜାନୀ, ଚୋରି ଓ ଡକାୟତି ମଧ୍ୟ ବଢ଼ିବାରେ ଲାଗିଛି। ଗତକାଲି ବରପାଲି ବ୍ଲକ କଦଳିମୁଣ୍ଡା ଗାଁର ଲୋକନାଥ ବେହେରାଙ୍କ ପୁଅ ମୁକେଶ ଚନ୍ଦ୍ର ବେହେରା (୩୭) ସମ୍ବଲପୁର ଠାରୁ ଜଗଦଲପୁର ଏକ୍ସପ୍ରେସରେ ଟ୍ରେନରେ ଆସି ବରପାଲି ରେଲଷ୍ଟେସନର ଆରପଟରେ ଓହ୍ଲାଇ ଥିଲେ। ଓହ୍ଲାଇବା ପରେ ରାତ୍ରରେ ଏକୁଟିଆ ବରପାଲି ବସ୍ତିରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ



ଯିବା ପାଇଁ ବାହାରିଥିଲେ। ଷ୍ଟେସନ ଆଗକୁ ଥିବା କୃଷି ଫାର୍ମ ନିକଟଦେଇ ଯିବା ବେଳେ ୫ ଜଣ ଦୁର୍ବୃତ୍ତ ଘେରି ଯାଇଥିଲେ। ତାଙ୍କ ଠାରୁ ଲୁଟ କରିବା ପାଇଁ ଟଣା ଓଟରା କରିବାରୁ ମୁକେଶ ଭୟରେ ଖସିଯିବାକୁ ଉଦ୍ୟମ କରିଥିଲେ। ହେଲେ ସେମାନେ ମରଣାନ୍ତକ ଆକ୍ରମଣ କରି ମୁକେଶଙ୍କ ଠାରୁ ୧ ଲକ୍ଷ ଟଙ୍କା ଲୁଟ କରିଥିଲେ। ବ୍ଲେଡ, ଛୁରା ଆଦି ମାରଣାସ୍ତ୍ରରେ ଆକ୍ରମଣରେ ମୁକେଶଙ୍କ ତଣ୍ଟି, ହାତ, ଗୋଡ ଓ ସର୍ବାଙ୍ଗ ଶରୀରରେ ଭୀଷଣ କ୍ଷତ ମାନ ସୃଷ୍ଟି ହୋଇଥିଲା। ଏପରିକି ମୁକେଶ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଫାର୍ମ ପୋଲ ନିକଟରେ ଥିବା ଏକ ଖାଲରେ ପକାଇ ଦୁର୍ବୃତ୍ତ ମାନେ ଚାଲିଯାଇଥିଲେ। ସକାଳେ ଚେତା ଆସିବା ପରେ ମୁକେଶ ଘରକୁ ଫୋନ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ତାଙ୍କୁ ବରପାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ ବରପାଲି ପୁଲିସକୁ ଖବର ଦେଇଥିଲେ। ରେଲୱେ ପରିସୀମାରେ ହୋଇଥିବାରୁ ଜିଆରପି ପୁଲିସରେ ଅଭିଯୋଗ କରାଯାଇଥିଲା। ଘଟଣା ଘଟିଥିବା ସ୍ଥାନ ପରିସୀମା ନେଇ ଜିଆରପି ପୁଲିସ କି ଟାଉନ ପୁଲିସ ଏରିଆ ତାହା ସ୍ୱଷ୍ଟ ନହେବାରୁ ମୁକେଶଙ୍କ ପରିବାରକୁ ହଟହେଟା ହେବାକୁ ପଡ଼ିଥିଲା। ଜିଲ୍ଲା କ୍ରମଶଃ ଏହିପରି ନିଶାଗ୍ରସ୍ତଙ୍କ କବଳିତ ହେବାରେ ଲାଗିଛି। ଲୋକେ ଘର ଭିତରରୁ ବାହାରକୁ ବାହାରିବା ପାଇଁ ଭୟ କଲେଣି। ଜିଲ୍ଲା ପୁଲିସ ପ୍ରଶାସନ ତଥା ଅବକାରୀ ବିଭାଗ ଅସମାଜିକ ତତ୍ତ୍ୱଙ୍କ ଉପରେ ଅଙ୍କୁଶ ନ ଲଗାଇଲେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ପଦ୍ମପୁର କୋ-ଅପରେଟିଭ ବ୍ୟାଙ୍କ ସମ୍ମୁଖ ବିଜୁ ଏକ୍ସପ୍ରେସ ମରଣଯନ୍ତା



**ପଦ୍ମପୁର, ୮।୨(ସମିସ):** ପଦ୍ମପୁର ସହରର ମଧ୍ୟଭାଗରେ ଅବସ୍ଥିତ ପଦ୍ମପୁର କୋଅପରେଟିଭ ବ୍ୟାଙ୍କ ସାମ୍ନା ବିଜୁ ଏକ୍ସପ୍ରେସ ରାସ୍ତା ଦୀର୍ଘ ଦିନ ଧରି ମରଣଯନ୍ତା ପାଲଟିଛି। କିଛି ଦିନ ପୂର୍ବରୁ ପାନୀୟ ଜଳ ଯୋଗାଣ ବିଭାଗ ପାଇପ ମରାମତି ପାଇଁ ରାସ୍ତାକୁ ଖୋଳି ପକାଇଥିଲା। ଏହାପରେ ଅତି ନିମ୍ନମାନରେ ମରାମତି କରି ଛାଡିଦେଇଥିଲା। ଫଳରେ ଉକ୍ତ ସ୍ଥାନରେ ରାସ୍ତା ଖାଲଖମା ହୋଇ କଦର୍ଯ୍ୟ ଭାବେ ଅସମତଳ ହୋଇ ରହିଛି। ଏହାଦ୍ୱାରା ସେହି ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀ ମାନଙ୍କ ଜୀବନ ପ୍ରତିଦିନ ସୂତା ଖିଅରେ ଝୁଲୁଛି। ବ୍ୟାଙ୍କ, ବଜାର, ଶିକ୍ଷା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟକୁ ଯୋଡୁଥିବା ଏହି ମୁଖ୍ୟରାସ୍ତା ଦ୍ୱାରା ଶତାଧିକ ଯାନବାହନ ଚଳାଚଳ କରୁଥିବା ବେଳେ ଦୈନନ୍ଦିନ ଦୁର୍ଘଟଣା ଘଟୁଛି। ତେଣୁ ତୁରନ୍ତ ରାସ୍ତା ମରାମତି, ସତର୍କ ସୂଚନା ଫଳକ ଓ ଯାତାୟାତରେ ସୁରକ୍ଷା ବ୍ୟବସ୍ଥା କରିବାକୁ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି ହୋଇଛି।

# ୧୯ ଖଣ୍ଡ ମୌଜା ଲୋକମହୋତ୍ସବ ଉଦ୍‌ଘାଟିତ

**ଝାରସୁଗୁଡ଼ା, ୮।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଧୀନ ମୁରଲୀପାଳି ଠାରେ ୧୯ ଖଣ୍ଡ ମୌଜା ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହାନଦୀ କୂଳରେ ଅବସ୍ଥିତ ସ୍ୱପ୍ନେଶ୍ୱର ମହାଦେବଙ୍କ ପୀଠରୁ କଳସ ଶୋଭାଯାତ୍ରାରେ ଅଞ୍ଚଳର କଳାକାର ଗଣ ଏବଂ ୧୯ ଖଣ୍ଡ ମୌଜାବାସୀ ପବିତ୍ର କଳସ ଆଣି ମୁରଲିପାଳୀ ସ୍ଥିତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପଡ଼ିଆର ଆୟୋଜନ ସ୍ଥଳରେ ସ୍ଥାପନ କରିଥିଲେ। ଏହାପରେ ଅତିଥି ଗଣ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଓପିଜିସି ଅତିରିକ୍ତ ମୁଖ୍ୟ ପ୍ରବନ୍ଧକ, ରେଙ୍ଗାଲି ଥାନା ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ନାୟକ, ଜିଲ୍ଲା ବିଜେପି ଉପସଭାପତି ଚକାନନ ସା, ଲୋକ ମହୋତ୍ସବ କମିଟି ସଭାପତି ବ୍ରଜକିଶୋର ପଧାନ ଏବଂ ୧୯ ଖଣ୍ଡ ମୌଜାର ସମସ୍ତ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ପ୍ରତିନିଧି ଗୋକୁଳ ପଟନାୟକ, ପୂର୍ବତନ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ସନତ ସିଂ ପ୍ରମୁଖ ଉପସ୍ଥିତ ରହି କଳାକାର ଗଣଙ୍କୁ ସମ୍ମାନିତ କରିଥିଲେ। ସନ୍ଧ୍ୟାରେ ପ୍ରଦର୍ଶନ କରିଥିବା ଅନୁଷ୍ଠାନ ମାନଙ୍କ ମଧ୍ୟରେ ସୌକିଲାଲ ବାରିକ ଏବଂ ସାଥୀ ଭଜନ ପରିବେଷଣ କରିଥିଲେ। ଶେଷ ପର୍ଯ୍ୟାୟରେ ଜିଲ୍ଲା ବିଜେପି ସଭାପତି ରଘୁନନ୍ଦନ ପଣ୍ଡା, ଝାରସୁଗୁଡ଼ା ବିଧାୟକ ଟଙ୍କଧର



ତ୍ରିପାଠୀ, ବିଶ୍ୱଜିତ ଷଡଙ୍ଗୀ, ସୁଦାମ ପଧାନ, ଅତାବିରା ସରପଞ୍ଚ ସଞ୍ଜିତ ପଧାନ ପ୍ରମୁଖ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରଗଡ଼, ଝାରସୁଗୁଡ଼ା, ଛତିଶଗଡ଼ରୁ ବହୁ ସାଂସ୍କୃତିକ ଦଳ ନିଜ କଳା ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ଶ୍ରୀକର ଭୋଇ, କିଶୋର ପଧାନ, ପ୍ରତାପ କେଶରୀ ହୋତା, ରମେଶ ପଶାୟତ, ରୂପାନନ୍ଦ ବିଶ୍ୱାଳ, ଅଶୋକ ଭୋଇ, ଜୟ ପଧାନ, ପ୍ରମୋଦ ସା କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ। ଶେଷରେ ମହୋତ୍ସବ କମିଟିର ସଭାପତି ବ୍ରଜକିଶୋର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଯ୍ୟଟନ ସ୍ଥଳକୁ ପ୍ଲାଷ୍ଟିକମୁକ୍ତ ପାଇଁ ଆହ୍ୱାନ

**ଝାରସୁଗୁଡ଼ା, ୮।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ପରିବେଶ ସମିତି ପକ୍ଷରୁ ରବିବାର ଝାରସୁଗୁଡ଼ା ପୌରପରିଷଦର ମାଳିମୁଣ୍ଡା ସ୍ଥିତ ଇକୋ ପାର୍କରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ୨୦୨୫-୨୬ କାର୍ଯ୍ୟକ୍ରମ



ଅନୁଷ୍ଠିତ ହୋଇଛି। ଏଥିରେ ରେଞ୍ଜର ବିଜୟ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପରିବେଶବିତ ତଥା ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ପ୍ରହଲ୍ଲାଦ ନାୟକ ଯୋଗ ଦେଇଥିଲେ। ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ଦୈନନ୍ଦିନ ଜୀବନ ଉପରେ ଏହାର କିପରି ପ୍ରଭାବ ପଡୁଛି ସେନେଇ ମତବ୍ୟକ୍ତ କରିବା ସହ ସଚେତନ କରିଥିଲେ। ଝାରସୁଗୁଡ଼ା ଓକିଲ ସଂଘ ସଭାପତି ତଥା ପରିବେଶ କମିଟି ସଦସ୍ୟ ତ୍ରିନାଥ ଗୁଆଲ, ପରିବେଶବିତ ଅଜିତ ପାଢ଼ୀ, ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ତଥା ପରିବେଶ ସମିତି ସଦସ୍ୟ ବେଣୁଧର ଚୌଧୁରୀ, ବରିଷ୍ଠ ଆଇନଜୀବୀ ନରେଶ ନାୟକ, ପରିବେଶବିତ ଆଶିଷ ଶୁକ୍ଳା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାରକୁ ପିକନିକ ସ୍ଥଳ, ବିଭିନ୍ନ ପାର୍କ କିମ୍ବା ଦର୍ଶନୀୟ ସ୍ଥାନରେ କେବଳ ସଚେତନତା ଜରିଆରେ ବନ୍ଦ କରାଯାଇପାରିବ ବୋଲି ମତ ରଖିଥିଲେ। ଏହି ଅବସରରେ ବନବିଭାଗ ପକ୍ଷରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଉପସ୍ଥିତ ଅତିଥି ଗଣ, ଛାତ୍ରଛାତ୍ରୀ ଓ ବନବିଭାଗ କର୍ମଚାରୀ ମିଳିତ ଭାବେ ଇକୋ ପାର୍କ ପରିସରକୁ ସଫା କରିଥିଲେ।

# ବିଶାଶହେ କୂଳତା ସମାଜ ପକ୍ଷରୁ ବାର୍ଷିକ ବନ୍ଧୁ ମିଳନ

**ଝାରସୁଗୁଡ଼ା, ୮।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ବିଶାଶହେ କୂଳତା ସମାଜ ରାଜପୁର ପ୍ରଗଣା ତରଫରୁ ଠରକଶପୁର ସ୍ଥିତ ଶ୍ରୀଶ୍ରୀ ଲିଙ୍ଗେଶ୍ୱର ଶିବ ମନ୍ଦିର ପରିସରରେ ରବିବାର ବାର୍ଷିକ ବନ୍ଧୁ ମିଳନ ଉତ୍ସବ ୨୦୨୬ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଅଞ୍ଚଳର ସମସ୍ତ କୂଳତା ଜାତି ପରିବାରଙ୍କୁ ଏକତ୍ରିତ କରିବା ସହିତ ସମାଜର ସାମଗ୍ରିକ ବିକାଶ କିପରି ସାଧିତ ହେବ ତାକୁ ନେଇ ଆଲୋଚନା କରାଯାଇଥିଲା। ସର୍ବପ୍ରଥମେ ମାଁ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା ପରେ ସମସ୍ତଙ୍କୁ ପ୍ରସାଦ ବଣ୍ଟନ ପୂର୍ବକ ବନ୍ଧୁମିଳନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଅନୁଷ୍ଠିତ ସଭାରେ ବିଶାଶହେ କୂଳତା ସମାଜର କଦେଲପିଟା ପୀଠ ସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ଲପଙ୍ଗା ପୀଠ ମାଲିକ ପ୍ରଦୀପ ସାହୁ, ସଭାପତି ଲଳିତ ସାହୁ, ଉପସଭାପତି ମହେନ୍ଦ୍ର ପ୍ରଧାନ, ସଭ୍ୟ ସୁରେନ୍ଦ୍ର ପ୍ରଧାନ, ରମେଶ ଚନ୍ଦ୍ର ବାରିକ, ପୀଠ ସମ୍ପାଦକ ଦେବେନ୍ଦ୍ର ପାତ୍ର, ସୁଭାଷ ସାହୁ, ସୁବାସ ପ୍ରଧାନ, ଉପେନ୍ଦ୍ର ପ୍ରଧାନ, ଲୋକେଶ ପ୍ରଧାନ, ଆଦିତ୍ୟ ପ୍ରଧାନ, ରାଜପୁର ଗୁଡି ସଭାପତି ନୃପଲାଲ ପ୍ରଧାନ, କଦେଲପିଟା ପୀଠ ପୂର୍ବ ସଭାପତି କୁଳମଣି ସାହୁ, ଜୟପୁର ପ୍ରଗଣା ମାଲିକ କୁବେର ପ୍ରଧାନ, ସମାସିଂହା ପ୍ରଗଣା ମାଲିକ ସୁଉକିଲାଲ ବାରିକ, ଜିଲ୍ଲା ସମ୍ପାଦକ ନରୋତ୍ତମ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଜାତିର ଆର୍ଥିକ ଅନଗ୍ରସର ପରିବାର ତଥା ଛାତ୍ରଛାତ୍ରୀଙ୍କ ପାଇଁ ସମାଜ ପକ୍ଷରୁ ସହାୟତା ପ୍ରଦାନ କରାଯାଇ ପାରିବ ସେ ନେଇ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ନେଇ ଆଲୋଚନା କରାଯାଇଥିଲା। ବାର୍ଷିକ ବନ୍ଧୁ ମିଳନ ଉତ୍ସବରେ କୂଳତା ସମାଜ ରାଜପୁର ପ୍ରଗଣାର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଅଞ୍ଚଳର ହଜାର ହଜାର କୂଳତା ଜନସାଧାରଣ ଉପସ୍ଥିତ ଥିଲେ।

# କଟାପାଲି ଆର୍ଯ୍ୟ ସମାଜର ୬୩ତମ ବାର୍ଷିକୋତ୍ସବ

**ବରଗଡ଼, ୮।୨ (ସମିସ):** ବରଗଡ଼ ବ୍ଲକ ଅଧୀନ କଟାପାଲି ଆର୍ଯ୍ୟ ସମାଜର ୬୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ଗୌର ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ଅଧ୍ୟକ୍ଷ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀଙ୍କ ପୌରୋହିତ୍ୟ ଓ ଗୁରୁକୁଳ ନବ ପ୍ରଭାତ ବୈଦିକ ଆଶ୍ରମର ବ୍ରହ୍ମଚାରୀ ମାନଙ୍କ ବେଦ ମନ୍ତ୍ରପାଠରେ ବୈଦିକ ଯଜ୍ଞ ହୋଇଥିଲା। ଅଗସ୍ତି ସାହୁ ଓ କଟାପାଲି କଲେଜ ଅଧ୍ୟକ୍ଷ ଅଶୋକ ମେହେର ସପତ୍ନିକ ଜଜମାନ ଦାୟିତ୍ୱ ବହନ କରିଥିଲେ। ଅଧ୍ୟକ୍ଷ ଅଶୋକ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଦିକ ସତସଙ୍ଗରେ ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ସଂଗଠନ ମନ୍ତ୍ରୀ ପଣ୍ଡିତ ଧନୁର୍ଦ୍ଧର ମହାପାତ୍ର, ଅଧ୍ୟକ୍ଷ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ, ପଣ୍ଡିତ ସୋମଦତ୍ତ ଶାସ୍ତ୍ରୀ, ଡ.ଶ୍ରୀବତ୍ସ ଶାସ୍ତ୍ରୀ, ପଣ୍ଡିତ ଗୋପବନ୍ଧୁ ପୁରୋହିତ, କପିଳେଶ୍ୱର ବାଗ ପ୍ରମୁଖ ଉପସ୍ଥିତ ଥିଲେ। ରମେଶ ସାହୁଙ୍କ ସଂଯୋଜନାରେ ପୂର୍ବରୁ ଅନୁଷ୍ଠିତ ବୈଦିକ ବକ୍ତୃତା ଓ ସଙ୍ଗୀତ ଗାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଅଗସ୍ତି ସାହୁ, ରମେଶ ସାହୁ, ଛାଲୁ ସାହୁ, ଯାଦବନାଏକ, ମହାଦେବ ମହାଣା, ସାଗର ମେହେର, ନିବାସ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଆବିର୍ଭାବ ମହୋତ୍ସବ: ୪୨ ୟୁନିଟ୍ ରକ୍ତ ସଂଗ୍ରହ




**ବରଗଡ଼, ୮।୨(ସମିସ):** ବରଗଡ଼ ସ୍ଥିତ ଜର୍ଜ ହାଇସ୍କୁଲ ପଡ଼ିଆ ଠାରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଆବିର୍ଭାବ ତଥା ପ୍ରଥମ ବରଗଡ଼ ଜିଲ୍ଲାସ୍ତରୀୟ ମହୋତ୍ସବ 'ପ୍ରୀତି ନିବାହୀ-୨୦୨୬' ଅବସରରେ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ବରେଣ୍ୟ ଅତିଥି ଭାବେ ଡ.ସାନନ୍ଦ ବାଗ ଶିବିରର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସାଧୁ ନେପାକ ରକ୍ତ ଦାତା ମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିବିରରୁ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ମୋଟ ୪୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ଉତ୍ସବ କମିଟିର ସଭାପତି ସରୋଜ ଭୋଇ, ପ୍ରମୋଦ ମିଶ୍ର, ମିଳନ ନାଗ, ଧର୍ମରାଜ ଭୋଇ ଓ ବାବୁନି ପାତ୍ର ଓ ନିଷ୍ଠା ପରିବାରର ସଦସ୍ୟ ପରିଚାଳନା କରିଥିଲେ। ସାଲ୍ୟୁବ୍ରିଟି ୟୁରୋଲୋଜି ଓ କିଡ୍‌ନୀ କେଆର ତରଫରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ରକ୍ତଦାନ ଶିବିର ଆୟୋଜନ ପାଇଁ 'ପ୍ରୀତି ନିବାହୀ-୨୦୨୬' କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଘେଁସ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



**ମେଲଛାମୁଣ୍ଡା, ୮।୨(ସମିସ):** ଘେଁସ ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ ପାଳିତ ହୋଇଛି। ପ୍ରଧାନଆଚାର୍ଯ୍ୟ ନରସିଂହ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ତାଲପଦର ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ସୁ ଭୋଇ, ସମ୍ମାନିତ ଅତିଥି ଭାବେ କୃତିବାସ ବାରିକ ଓ ଡୋଲାମଣି ପଟେଲ (ବିଦ୍ୟାଳୟ ପରିଚାଳନା କମିଟି) ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ହୋଇଥିଲା। ସଭାପତି କୃତିବାସ ବାରିକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିଗଣ ମାନପତ୍ର ଓ ମେଡାଲ୍ ଦେଇ ପୁରସ୍କୃତ କରିଥିଲେ। ଶେଷରେ ଡୋଲାମଣି ପଟେଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଗୁରୁଜୀ ମିନିକେତନ ବାରିକଙ୍କ ପରିଚାଳନାରେ ତଥାକୁଶ କଲେତ୍, ବ୍ୟାସଦେବ ପଧାନ, ବିଶ୍ୱେଶ୍ୱର ସିଂ ବରିହା, ତରଣି ତାଣ୍ଡି ଓ ମାତୃଭାରତୀର ସଦସ୍ୟା ମାନଙ୍କ ତତ୍ତ୍ୱାବଧାନରେ କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ଶାନ୍ତନୁ ପଟେଲ, ବସନ୍ତ ପଟେଲ, ସୀତାରାମ ବଢ଼େଇ, ଭୋଜରାଜ ସିଂ ବରିହା, ରିବୁ ବିଶ୍ୱାଳ, ଗୌରହରି ମିଶ୍ର, ଗୋବିନ୍ଦ ଭୋଇ, ପୁରନ୍ଦର ସେଠ, ଅଶୋକ ବାଗ, ଧନଞ୍ଜୟ ପଧାନ, ଗୁରୁମା ଭାରତୀ ଶର୍ମା, ସବିତାରଣା, ଭାଗ୍ୟଶିଳା ବେହେରା, ପାର୍ବତୀ ସାହୁ, ପୂଜା ପଧାନ, ସସ୍ମିତା ବରିହା, ସୌଦାମିନୀ ବରିହା, ସେବିକା ପଦ୍ମିନୀ ଭୁଏ ଓ ସେବକ ପ୍ରଫୁଲ୍ଲ ବାଗ, ମଧମ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସଂଗ୍ରାମୀ ତୀର୍ଥ ପଞ୍ଚପଡ଼ାରେ ଗାନ୍ଧୀ ନୂଆଁଖାଇ

**ଝାରସୁଗୁଡ଼ା, ୮।୨ (ସମିସ):** ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଚିନ୍ତାମଣି ପୁଝାରୀଙ୍କ ଜନ୍ମଭୂମୀ ତଥା ଗାନ୍ଧୀ ବିଚାରର ଅନ୍ୟତମ ପ୍ରୟୋଗଶାଳା ଝାରସୁଗୁଡ଼ା ସହର ନିକଟସ୍ଥ ପଞ୍ଚପଡ଼ା ଠାରେ ଚତୁର୍ଥ ଗାନ୍ଧୀ ନୂଆଁଖାଇ ପାଳିତ ହୋଇଯାଇଛି। ପ୍ରାଧ୍ୟାପକ ତପନ ବାରିକଙ୍କ ସଭାପତିତ୍ୱ ତଥା ବିଶିଷ୍ଟ କବି ପ୍ରେମସାଗର ଦେହେରିଆଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗାନ୍ଧୀବାଦୀ ତଥା ସମଗ୍ର ଭାରତବର୍ଷକୁ ସାଇକଲରେ ଭ୍ରମଣ କରୁଥିବା ଉତ୍ତରପ୍ରଦେଶର ବିନୋଦ ସେବକ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ପ୍ରତାପ ବେହେରା, ନରେନ୍ଦ୍ର ପଣ୍ଡା, ଡ.ସରୋଜ କୁଅଁର, ରୁପାନନ୍ଦ ଚୌଧୁରୀ, ଲଳିତ ମଗର, ଡ.ଦିବେନ୍ଦୁ ସାହୁ, ବରିଷ୍ଠ ସାମ୍ବାଦିକା ଗାର୍ଗୀ ଶତପଥୀ, ମାଧବୀ ପଟେଲ, ଅନଗୁଳ ବଜିରାଉତ ଛାତ୍ରାବାସର ସୁମନ୍ତ ପ୍ରଧାନ ପ୍ରମୁଖ ଗାନ୍ଧୀ ବିଚାର ଓ ଗାନ୍ଧୀ ନୂଆଁଖାଇ ପାଳନର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ସାମ୍ବାଦିକ ମେହେବୁବ ମାହତାବ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅଧ୍ୟାପିକା ମନ୍ଦାକିନୀ ଶତପଥୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ପ୍ରଫେସର ପ୍ରତାପ ବେହେରା, ରୁପାନନ୍ଦ ଚୌଧୁରୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ ସାହୁ ସମସ୍ତଙ୍କୁ ନବାନ୍ନ ପ୍ରସାଦ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଭାଗିରଥି ନାଏକ ଓ ପ୍ରଜ୍ଞା ପଟେଲ 'ବୈଷ୍ଣବ ଜନ ତୋ' ଗାନ କରିଥିଲେ।

# ପୂଝାରୀପାଲିରେ ବଜରଙ୍ଗ କ୍ରିକେଟ ଆସୋସିଏସନର ଟୁର୍ଣ୍ଣାମେଣ୍ଟ

**ପଦ୍ମପୁର, ୮।୨(ସମିସ):** ପଦ୍ମପୁର ଉପଖଣ୍ଡ ଅଧୀନ ପୂଝାରୀପାଲିରେ ଗ୍ରାମାଞ୍ଚଳ କ୍ରିକେଟର ପ୍ରୋତ୍ସାହନ ପାଇଁ ବଜରଙ୍ଗ କ୍ରିକେଟ ଆସୋସିଏସନ ପକ୍ଷରୁ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟ ୨୪ଟି ଦଳକୁ ନେଇ ୪ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍ ଖୁଜେନ ଓ ମହୁଲପାଲି (ପଦ୍ମପୁର) ଦଳ ମଧ୍ୟରେ ହୋଇଥିଲା। ଏଥିରେ ଖୁଜେନ ଦଳ ୫ ୱିକେଟରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଫାଇନାଲରେ



ମୁଖ୍ୟ ଅତିଥି ଭାବେ ଜଗଦଲପୁର ପୁଲିସ କର୍ମଚାରୀ ଧନଞ୍ଜୟ ଧରୁଆ, ସମାଜସେବୀ ଟୁନା ଡନସନା, ବୋଡାସମ୍ବର ସ୍ପୋର୍ଟିଂର ପୂର୍ବତନ ଫୁଟବଲ ଖେଳାଳି ପ୍ରଦୀପ ଜାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ଉଭୟ ବିଜୟୀ ଓ ଉପବିଜେତା ପୁରସ୍କୃତ ହୋଇଥିଲେ। ଆସୋସିଏସନର ଶମ୍ଭୁ ସାନବର୍ଷା, ଟୁନା ଧରୁଆ, ଭରତ ପ୍ରଧାନ, ଅଙ୍କିତ ସାହୁ, ଅସିତ, ଅମୂଲ୍ୟ ଜାଲ, ମଳୟ ସାହୁ, ଯତୀନ ସାହୁ, ଗୁଡ୍ଡୁ, ଶିବା, ଲିପନ, ସୁଶୀଲ, ଆଦିତ୍ୟ, ସଞ୍ଜୀବ ପ୍ରମୁଖ ସଦସ୍ୟ ଗଣ ପରିଚାଳନାରେ ସହଯୋଗ କରିଥିଲେ।

# ଇବ୍ କ୍ଲବ୍ ପକ୍ଷରୁ ପରିବା ଓ ପୁଷ୍ପ ପ୍ରଦର୍ଶନୀ



**ଇବଥର୍ମାଲ, ୮।୨ (ସମିସ):** ଓପିଜିସି ଇବଥର୍ମାଲ ବନହରପାଲି ସ୍ଥିତ ଇବ କ୍ଲବ୍ ପକ୍ଷରୁ କ୍ଲବ୍ ପରିସରରେ ପରିବା ତଥା ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏଥିରେ କାକଟସରେ ୧୦, ବୋନସାଇରେ ୧୬, କଟିଙ୍ଗ ବଡସ୍‌ରେ ୩୨, ଫୁଲରେ ୩୮, ସଜ୍ଜିତ ଫୁଲରେ ୬୪, ପରିବାରରେ ୨୨ ପ୍ରକାର ବିଭାଗରେ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରଦର୍ଶନୀକୁ ଓପିଜିସି ଡାଇରେକ୍ଟର ଅପରେସନ ଅଞ୍ଜନା ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓପିଜିସି ସିନିୟର୍ ଭିପି ସୁକାନ୍ତ ମହାପାତ୍ର, ସିନିୟର୍ ଜିଏମ୍ ଏଚ୍ଆର୍ ସୁଭାଶିଷ ମୁଖାର୍ଜୀ, ଡିଜିଏମ୍ ମାନସ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଜର୍ଜ ଭାବେ ଅବସରପ୍ରାପ୍ତ ସେଲ୍‌ଫ କଞ୍ଜରଭେଟର୍ ରୂପଧର ସାହୁ, ପ୍ରଫେସର ବୋଟାନି ସୁଧାଂଶୁ ପାଲୋ, ଏଏଚ୍ଓ, ଲଖନପୁର ଅମିତ ନାଏକ ପ୍ରମୁଖ ପ୍ରଦର୍ଶିତ ପନିପରିବା ଓ ଫୁଲର ମୂଲ୍ୟାଙ୍କନ କରିଥିଲେ। ପୁରସ୍କାର ବିବରଣୀ ସଭାରେ ମୁଖ୍ୟ ଅତିଥି ଶ୍ରୀ ଦାଶ ଇବଥର୍ମାଲ କଲୋନୀରେ ରହୁଥିବା ଗୃହିଣୀ ମାନଙ୍କ ଦ୍ୱାରା ପୁଷ୍ପ ତଥା ପନିପରିବା କରାଯାଉଥିବା ନେଇ ପ୍ରଶଂସା କରିଥିଲେ। ବିଭିନ୍ନ ବର୍ଗରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବୈଜୟନ୍ତୀ ସେଠୀ ୭ଟି ବର୍ଗରେ ପୁରସ୍କୃତ ହୋଇ ଅନ୍ୟ ମାନଙ୍କୁ ପ୍ରେରଣା ସାଜିଥିଲେ। କ୍ଲବ୍ ସମ୍ପାଦକ ସେନାପତି ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କୃଷ୍ଣଚନ୍ଦ୍ର ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ ବେହେରା, ମକରଧ୍ୱଜ ସା, ପ୍ରେମାନନ୍ଦ ପ୍ରଧାନ, ଶୁଶିଲ ପ୍ରଧାନ, ରାଜେନ୍ଦ୍ର ସେଠ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଆଖପାଖ ଅଞ୍ଚଳର ୭ ଜଣ ଚାଷୀଙ୍କୁ ମଧ୍ୟ ଉତ୍କୃଷ୍ଟ ଚାଷୀ ଭାବେ ପୁରସ୍କୃତ କରା ଯାଇଥିଲା।

# ମନ ମୋହୁଛି ବୃଦ୍ଧ ଦମ୍ପତିଙ୍କ କିଚେନ ଗାର୍ଡେନ

**ଝାରସୁଗୁଡ଼ା, ୮।୨(ସମିସ)**

ଦୃଢ଼ ଇଚ୍ଛା ଶକ୍ତି ଆଗରେ ବୟସ ଏକ ସଂଖ୍ୟା ମାତ୍ର। ମନୋବଳକୁ ଦୃଢ଼ କଲେ ପରିଣତ ବୟସରେ ବି ସବୁ ସମ୍ଭବ। ଏହାକୁ ପ୍ରମାଣିତ କରିଛନ୍ତି ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଧୂଲୁଣ୍ଡା ଗାଁର ଏକ ବୃଦ୍ଧ ଦମ୍ପତି ସୁରେନ୍ଦ୍ର ବିଶ୍ୱାଳ (୭୯) ଏବଂ ଭାସ୍କରି ବିଶ୍ୱାଳ (୭୫)। ବର୍ତ୍ତମାନର ଯୁବପିଢ଼ି ପାଇଁ ଏହି ବୃଦ୍ଧ ଦମ୍ପତି ଏକ ଉଦାହରଣ ସାଜିଛନ୍ତି। କେବଳ ଚାକିରି ପଛରେ ଧାଉଁଥିବା ଯୁବପିଢ଼ିଙ୍କୁ ଦୃଢ଼ ଇଚ୍ଛାଶକ୍ତି ଏବଂ ମନୋବଳ ଦ୍ୱାରା ଯେକୌଣସି କ୍ଷେତ୍ରରେ ସଫଳତା ହାସଲ ପାଇଁ ନୂତନ ଦିଗଦର୍ଶନ ଦେଉଛନ୍ତି।

ବୟସ ବୋଝରେ ଉଭୟଙ୍କ ଅଣ୍ଟା ନଇଁବା ଉପରେ। ହେଲେ ପରିଣତ ବୟସରେ ବି ଦିନକୁ ୨ରୁ ୩ ଘଣ୍ଟା ପରିଶ୍ରମ କରି ଏକ ସୁନ୍ଦର କିଚେନ ଗାର୍ଡେନ ତିଆରି କରିଛନ୍ତି। ସେମାନଙ୍କ ବଗିଚାରେ ଚାଷ ଦେଖିଲେ ତାଙ୍କ ଇଚ୍ଛା ଶକ୍ତି ବୟସକୁ ହରାଇ ଦେଇଥିବା ପରି ଅନୁଭୁତ ହୁଏ। ତାଙ୍କର ଏହି କିଚେନ ଗାର୍ଡେନରେ ଟମାଟୋ, ବାଇଗଣ, କୋବି, ବିନ୍ସ, ଶିମ୍ବ, ସାଗ, ଧନିଆ ପତ୍ର, ଲଙ୍କା, ପିଆଜ, ରସୁଣ, ଅଦା, ଅମୃତଭଣ୍ଡା, କଦଳୀ ସବୁ ଚାଷ ହୋଇଛି। ମାତ୍ର ୮ ଡେସିମିଲ ଜାଗାରେ ଥିବା ତାଙ୍କର ଏହି ବଗିଚାରୁ ବର୍ଷକ ପାଇଁ ପିଆଜ, ରସୁଣ, ଅଦା ଉତ୍ପାଦିତ

**ଯୁବପିଢ଼ିଙ୍କ ଚାଷ ପ୍ରତି ଆଗ୍ରହ ପାଇଁ ଦିଗଦର୍ଶନ ଓ ବାର୍ତ୍ତା**

ହୋଇଥାଏ। ଏହାସହ ବର୍ଷ ସାରା ଋତୁ ଅନୁଯାୟୀ ବିଭିନ୍ନ ପନିପରିବା ଚାଷ ହୋଇଥାଏ। ବୃଦ୍ଧ ଦମ୍ପତି ନିଜେ ଘରେ ଖାଇବା ସହ ନିଜ ବାଡିର ତାଜା ତଟକା ପନିପରିବା ପାଖପଡ଼ିଶା ଲୋକଙ୍କୁ ବି ଦେଉଛନ୍ତି। ତାଙ୍କ କିଚେନ ଗାର୍ଡେନଟି ସମ୍ପୂର୍ଣ୍ଣ ଜୈବିକ। ଏଥିରେ ରାସାୟନିକ ସାର ବଦଳରେ ଖତ ସୋରିଷ ପିଡିଆ, କମ୍ପୋଷ୍ଟ ବ୍ୟବହାର କରିଥାନ୍ତି। କୀଟନାଶକ ବଦଳରେ ନିମ୍ବପତ୍ର, ତୋରାଣି, ବାସଙ୍ଗ ପତ୍ରରେ ନିଜେ ତିଆରି କରିଥିବା ଔଷଧ ବ୍ୟବହାର କରନ୍ତି। ନିଜ ଚାଷ



ପାଇଁ ଗୋବର ଗଚ୍ଛିତ ରଖିବା ସହ ଗଛପତ୍ର ଏବଂ ପନିପରିବା ଚୋପାରୁ କମ୍ପୋଷ୍ଟ ତିଆରି ପାଇଁ ଦୁଇଟି କୁଣ୍ଡ ମଧ୍ୟ ତିଆରି କରିଛନ୍ତି।

ଗାଁରେ ଶିକ୍ଷକତା କରୁଥିବା ସମୟରେ ସୁରେନ୍ଦ୍ର ନିଜ ବିଲ ଏବଂ ବାଡିରେ ଚାଷ କରୁଥିଲେ। ଅବସର ପରେ ନିଜ ପୁଅ ବୋହୂ ରହୁଥିବା ବେଲପାହାଡ ସହରକୁ ଆସିଥିଲେ। ସହରକୁ ଆସିବା ପରେ ବି ଚାଷ ପ୍ରତି ଥିବା ନିଜ ସଉକକୁ ଏହି ଦମ୍ପତି ଛାଡିପାରି ନଥିଲେ। ଘର ପାଖରେ ଥିବା ୮ ଡେସିମିଲ ଟାଙ୍ଗରା ଜମିକୁ ମାଟି ପୋତି ଖତ ଦେଇ ବାଡିରେ ପରିଣତ କଲେ। ଏହାପରେ ସାର ଏବଂ କୀଟନାଶକ ବ୍ୟବହାର ନକରି ଜୈବିକ ଚାଷ କରିବା ଆରମ୍ଭ କଲେ। ଯାହା ଏବେ ଅନେକଙ୍କ ପାଇଁ ପ୍ରେରଣା ସାଜିଛି। ଚାଷ କଲେ ଖୁସି ମିଳିବା ସହ ଶରୀର ସୁସ୍ଥ ରହୁଛି ଓ ପ୍ରତିଦିନ ବାଡିର ତାଜା ପନିପରିବା ମିଳୁଛି। ତେଣୁ ହାତ ଗୋଡ ଚାଲିଥିବା ଯାଏଁ ଚାଷ ଜାରି ରହିବ ବୋଲି ଦମ୍ପତି ପ୍ରକାଶ କରିଛନ୍ତି। ଅନ୍ୟପଟେ ଚାଷ କରିବା ଦ୍ୱାରା ବୃଦ୍ଧ ମାଁ ବାପାଙ୍କ ଖୁସି ଦେଖି ତାଙ୍କୁ ଉତ୍ସାହିତ କରିବା ସହ ସମୟ ମିଳିଲେ ପରିବାର ଲୋକେ ମଧ୍ୟ ଚାଷ କାମରେ ସହଯୋଗ କରିଥାନ୍ତି। ବୃଦ୍ଧ ଦମ୍ପତିଙ୍କ ଏହି କିଚେନ ଗାର୍ଡେନ ବର୍ତ୍ତମାନ ଯୁବପିଢ଼ିଙ୍କୁ ଜୈବିକ ଚାଷ କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇବ ବୋଲି ଆଶା।

### ଆଦିବାସୀ ପଡ଼ାକୁ ଅପହଞ୍ଚ ମୌଳିକ ସୁବିଧା

# ସଡ଼କ ଓ ପୋଲ ନିର୍ମାଣ ଦାବି; ବିଜୁଳି ଆଲୁଅ ସପନ

**ଥୁଆମୂଳ ରାମପୁର, ୮ ।୨(ସମିସ)**

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ସିଲେଟ ପଞ୍ଚାୟତ ଅଧୀନସ୍ଥ ଝାଞ୍ଜି ଗାଁରେ ରହିଛି ଅନେକ ସମସ୍ୟା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ଓ ବିଦ୍ୟୁତ୍ ଅନେକ ସୁବିଧା ଏଠାକାର ଲୋକଙ୍କ ପାଇଁ ସାତସପନ ହୋଇପଡ଼ିଛି। ପ୍ରାୟ ୨୨ ଘର ଆଦିବାସୀ ପରିବାର ବସବାସ କରୁଥିବା ଏହି ଗାଁକୁ ଗମନାଗମନ ପାଇଁ ସବୁଦିନିଆ ଭଲ ରାସ୍ତା ଖଣ୍ଡେ ନାହିଁ। ପଞ୍ଚାୟତ ମୁଖ୍ୟାଳୟଠାରୁ ୪ କିମି ବଣ ପାହାଡ଼ର ଦୁର୍ଗମ ରାସ୍ତା ଦେଇ ଯିବାକୁ ପଡ଼ିଥାଏ। ଏହି ରାସ୍ତାକୁ ପ୍ରତିରୋଧ କରି ପ୍ରବାହିତ ହେଉଛି ଚିରସ୍ରୋତା ନଦୀ 'ନାଗାବଳୀ'। ଯାହା ଏଇ ଇଲାକାର ମଣିଷଙ୍କ ପାଇଁ ଭୟଙ୍କର ସମସ୍ୟା। ପୋଲ ଖଣ୍ଡେ ନିର୍ମାଣ ହୋଇ ନ ଥିବା ଯୋଗୁଁ ଯାତାୟତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ବର୍ଷାଦିନେ ସ୍ଥିତି ଭୟଙ୍କର ହୋଇପଡ଼ିଥାଏ। ଯେତେ ଜରୁରୀ କାମ ହେଉନା କାହିଁକି ଭଗବାନଙ୍କୁ ଭରସା ଛଡ଼ା ସେମାନଙ୍କ ପାଇଁ ଆଉ ଅନ୍ୟ ଉପାୟ ନାହିଁ। ବର୍ଷା ୪ ମାସ ବନ୍ଦୀ ଜୀବନ ବିତାଇବାକୁ ପଡ଼ିଥାଏ। ନା ଅଛି ବିଦ୍ୟାଳୟ ନା ଅଙ୍ଗନବାଡ଼ି କେନ୍ଦ୍ର। ଫଳରେ ଶିକ୍ଷା ଠୁ ବହୁ



ଦୂରରେ ଏଠିକାର କୋମଳମତୀ ଆଦିବାସୀ ଛୁଆ। ସେହିପରି ରାସ୍ତା ନାହିଁ ବୋଲି ଗର୍ଭବତୀ ମହିଳା ଏବଂ ରୋଗୀଙ୍କୁ ଖଟିଆରେ ବୋହି ଏଇ ରାସ୍ତା ଦେଇ ୫ କିଲୋମିଟର ଦୂର ପଞ୍ଚାୟତ ମୁଖ୍ୟାଳୟଠାରେ ଅପେକ୍ଷା କରିଥିବା ଆମ୍ବୁଲାନ୍ସ ପାଖକୁ ନେଉଥିବା କଥା କହନ୍ତି ଅଞ୍ଚଳବାସୀ। ବର୍ଷାଦିନେ ତ ସ୍ଥିତି ଅସମ୍ଭାଳ ହୋଇ ପଡ଼ିଥାଏ। ଚିକିତ୍ସା ଅଭାବ କାରଣରୁ ରୋଗୀର ଜୀବନ ଛଟପଟ ହେଉଥିଲେ ମଧ୍ୟ ଏଠାରେ ସ୍ୱାସ୍ଥ୍ୟସେବା ବା ପହଞ୍ଚିବ କିପରି। ଗମନାଗମନର ଏଭଳି ସ୍ଥିତି ଯୋଗୁଁ ଝାଞ୍ଜି ସମେତ ଦୁରବେଲଗୁଡ଼ା ଏବଂ କେଲୁଆ ବାସୀଙ୍କ ପାଇଁ ମଧ୍ୟ ସମସ୍ୟା ଅନୁରୂପ। ସାଧାରଣ ନିର୍ବାଚନ ସମୟରେ ମତଦାନ ପାଇଁ ନାକୁରୁଣ୍ଡି ପଞ୍ଚାୟତର ମୋହନଗିରି ମତଦାନ କେନ୍ଦ୍ରକୁ ଯିବାକୁ ପଡ଼ିଥାଏ। ଯାହା ସିଲେଟ ଗାଁକୁ ହେଇ ପ୍ରାୟ ୧୫ କିଲୋମିଟରରୁ ଅଧିକ। ଯଦି ପାଦଚଲା ବାଟରେ ଗଲେ ବଣପାହାଡ଼ର ଘଞ୍ଚ ଜଙ୍ଗଲ ଦେଇ ୮ କିମି ଯିବାକୁ ପଡ଼ିଥାଏ। ସେହିପରି ପିଡିଏସ୍ ଚାଉଳ, ଅସହାୟ ବୃଦ୍ଧ, ବୃଦ୍ଧା, ବିଧବା, ଭିନ୍ନକ୍ଷମଙ୍କ ଭତ୍ତା ଏବଂ ଯେ କୌଣସି ଜରୁରୀକାଳୀନ ଜିନିଷପତ୍ର ଆଣିଯିବା ମଧ୍ୟ ସମ୍ଭବ ହୋଇନଥାଏ। ଗାଁରେ ବିଶୁଦ୍ଧ ପାନୀୟ ଜଳ ସ୍ୱପ୍ନ। ଦୂଷିତ ଝରଣା ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଗାଁକୁ ପହଞ୍ଚି ପାରିନି ବିଦ୍ୟୁତ ଆଲୁଅ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଗାଁର ପ୍ରତ୍ୟେକ ଘରକୁ ସୌର ଆଲୁଅ ବ୍ୟବସ୍ଥା କରାଯାଇଛି। ହେଲେ ସେଇ ସୌର ଆଲୁଅର ସରଞ୍ଜାମ ମରାମତି ଅଭାବରୁ ଜଳୁନଥିବା ବେଳେ ସଞ୍ଜ ଆସିଲେ ଅନ୍ଧାରୀ ଇଲାକା ପାଲଟିଯାଏ ଗାଁ। କେବଳ ଦୁରବେଲଗୁଡ଼ା ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇଥିବା ବେଳେ ଅତି ନିକଟରେ ଥିବା ଝାଞ୍ଜି ଗାଁକୁ କାହିଁକି ବିଦ୍ୟୁତ ସମ୍ପ୍ରସାରଣ କାହିଁକି କରାନଗଲା ତାହା ବଡ ପ୍ରଶ୍ନ। ସରକାର ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରି ରାସ୍ତା ଓ ପୋଲ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର କଲେ ଏହି ଦୁର୍ଗମ ଇଲାକାର ଅସହାୟ ଲୋକଙ୍କ ବଡ଼ ଉପକାର ହେବ। ପ୍ରଶାସନକୁ ଏଥିପ୍ରତି ଶୀଘ୍ର ଧ୍ୟାନ ଦେଇ ମୌଳିକ ସୁବିଧା ପ୍ରଦାନ କରିବାକୁ ସାଧାରଣରେ ଦାବି କରୁଛନ୍ତି।

### ପ୍ରଶାସନର ଦୃଷ୍ଟି ଆଢୁଆଳରେ କଲମପୁର କଲ୍ୟାଣ ମଣ୍ଡପ

# ନାକଟେକୁଛନ୍ତି ଜନ ସାଧାରଣ

**କଲମପୁର, ୮ ।୨ (ସମିସ):** ପୂର୍ବତନ ରାଜ୍ୟ ସରକାର ଜନସାଧାରଣଙ୍କ ନିମନ୍ତେ ବିଭିନ୍ନ ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମିତ କରି ଦେଇଛନ୍ତି, ଏଥିରେ ସଭାସମିତି ବିବାହ ବ୍ରତ ଆଦି କାର୍ଯ୍ୟ କରିବା ପାଇଁ ସହାୟକ ହେବ ବୋଲି ପରିକଳ୍ପନା କରାଯାଇଥିଲା। ଏ ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା କଲମପୁର ସଦରମହକୁମାରେ ମଧ୍ୟ ଏକ କଲ୍ୟାଣ ମଣ୍ଡପ ନିର୍ମିତ ହେଲା, କଲମପୁର ସଦରମହକୁମାରେ ସଭା ସମିତି ବିବାହ ବ୍ରତ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଲୋକେ ନାନାଦି ଅସୁବିଧାର ସମ୍ମୁଖୀନ ହୋଇ କାର୍ଯ୍ୟ ସମ୍ପାଦନ କରୁଥିଲେ। ଏହି କଲ୍ୟାଣ ମଣ୍ଡପ ନିର୍ମିତ ହେବାପରେ ଏଥିରେ ସଭା, ବିବାହ କରିବାରେ ବିଶେଷ ସହାୟକ ହେବ ବୋଲି କଲମପୁରବାସୀ ଆଶା ପୋଷଣ କରିଥିଲେ। କଲ୍ୟାଣ ମଣ୍ଡପ ଛାତ ପଡ଼ି ସମ୍ପୂର୍ଣ୍ଣ ହେଲା, ଲୋକେ କିଛି ଅର୍ଥ ଜମାକରି ଏହାକୁ ବ୍ୟବହାର କରିବା ମଧ୍ୟ ଆରମ୍ଭ କରିଦେଲେ, କିନ୍ତୁ ପରବର୍ତ୍ତୀ ସମୟରେ ଏଥିପ୍ରତି ଦୃଷ୍ଟି ଦିଆଗଲା ନାହିଁ। ବର୍ତ୍ତମାନ ଏହି କଲ୍ୟାଣ ମଣ୍ଡପ ଅସ୍ୱଚ୍ଛ ପରିବେଶରେ ଭରି ରହିଛି। ଏଥିରେ ପାନୀୟ ଜଳ ଓ ପାଚେରି ବ୍ୟବସ୍ଥା ନ ଥିବାରୁ କୁଡ଼କୁଡ଼ ଅଳିଆ ଆବର୍ଜନାରେ ଭରି ଚାଲିଛି, ଭିତରେ ଥିବା ପାଇଖାନା ଅବସ୍ଥା ନ କହିବା ଭଲ, ନାକଫଟା ଦୁର୍ଗନ୍ଧରେ ଭରି ଯାଇଛି ପ୍ରକୋଷ୍ଠ। ଭଡ଼ାଦେଇ ବ୍ଲକ ପ୍ରଶାସନ ଅର୍ଥ ଆଦାୟ କରି ନେଉଛି ସତ, ହେଲେ କାର୍ଯ୍ୟକ୍ରମ ପରିସମାପ୍ତି ପରେ ସଫାସୁତୁରା ଦାୟିତ୍ୱ ପ୍ରତି କୌଣସି ବ୍ୟବସ୍ଥା କରିନାହାନ୍ତି। ମହତ ଉଦ୍ଦେଶ୍ୟରେ ନିର୍ମିତ କଲ୍ୟାଣ ମଣ୍ଡପ ସକାଶେ ଖର୍ଚ୍ଚ କରିବାକୁ ନା ପ୍ରଶାସନ ନା ନିର୍ବାଚିତ ଜନ ପ୍ରତିନିଧି କାହାରି ମଧ୍ୟ ଆନ୍ତରିକତା ଥିବା ଭଳି ମନେ ହେଉନାହିଁ। ଏଥିପ୍ରତି ଜିଲ୍ଲା ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନ ସାଧାରଣରେ ଦାବି ହେଉଛି।

# ଆଞ୍ଚଳିକ ଡମ୍ବ ସମାଜ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



**କୋକସରା, ୮ ।୨(ସମିସ):** କୋକସରା ବ୍ଲକ ସଦର ମହକୁମାସ୍ଥିତ କଲ୍ୟାଣ ମଣ୍ଡପଠାରେ ରବିବାର କୋକସରା ଆଞ୍ଚଳିକ ଡମ୍ବସମାଜର ନୂତନ କର୍ମକର୍ତ୍ତାଙ୍କ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଭବାନୀପାଟଣା ପୂର୍ବତନ ବିଧାୟକ ତଥା ଡମ୍ବ ସମାଜର ଜିଲ୍ଲା ସଭାପତି ଅନାମ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡମ୍ବ ସମାଜର ସାଧାରଣ ସମ୍ପାଦକ ପ୍ରଶାନ୍ତ ନାଏକ, କୋକସରା ପୂର୍ବତନ ବ୍ଲକ ଅଧ୍ୟକ୍ଷା ସଭ୍ୟାରାଣୀ ବାଗ, ଲଡୁଗାଁ ସରପଞ୍ଚ ନକୁଳ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଡମ୍ବ ସମାଜର ଜିଲ୍ଲା ସଭାପତି ବିଧିବଦ୍ଧ ଭାବେ କୋକସରା ଆଞ୍ଚଳିକ ଡମ୍ବ ସମାଜର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ସଭାପତି ମାର୍କଣ୍ଡ ବେମାଲ, କାର୍ଯ୍ୟକାରୀ ସଭାପତି ଗୋବର୍ଦ୍ଧନ ବାଗ, ସାଧାରଣ ସମ୍ପାଦକ ସତ୍ୟବାନ ପାଣିଗ୍ରାହୀ, ସମ୍ପାଦକ ଦଶରଥ ବାଗ, ମହିଳା ଶାଖା ସଭାନେତ୍ରୀ ରେଖାବତୀ ମହାନନ୍ଦ, ସମାଜ ସଂଗଠକ କିଶୋର ନାଏକ, ପବିତ୍ର ନିଆଲ, ଉପଦେଷ୍ଟା ଓ କାର୍ଯ୍ୟକାରୀ ସଭାପତି ଗରୁଡ଼ ବାଗ, ଗଜେନ୍ଦ୍ର ନାଗ, ବଳରାମ ବାଗ, ଭୁବନେଶ୍ୱର ଦୁର୍ଗା, କେଶବ ଚନ୍ଦ୍ର ନାଏକ, ଧବଲେ ନାଏକ ପ୍ରମୁଖଙ୍କ ନାମ ଘୋଷଣା କରିଥିଲେ। ପରେ ଜିଲ୍ଲା ସାଧାରଣ ସମ୍ପାଦକ ନୂତନ କର୍ମକର୍ତ୍ତାଙ୍କୁ ଶପଥ ଗ୍ରହଣ କରାଇଥିଲେ। ଏହି ଶପଥଗ୍ରହଣ କାର୍ଯ୍ୟକ୍ରମରେ ପ୍ରବୀଣ ପାଣିଗ୍ରାହୀ, ପ୍ରଧାନୀ ବାଗ, ଟୁନା ବାଗ, ଦିଶାନ୍ତ ବେଶ୍ରା, ଫୁଲୋତୋଲା ଖମାରୀ ସହିତ ବିଭିନ୍ନସ୍ଥାନରୁ ସମାଜ ପ୍ରେମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଗଜିନ୍ଦ୍ର ନାଗ ଓ ସତ୍ୟବାନ ପାଣିଗ୍ରାହୀ ପରିଚାଳନା କରିଥିଲେ।

# ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୮ ।୨(ସମିସ):** ସ୍ଥାନୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର



ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ଡ. ନିବେଦିତା ନାଥ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡ. ଅଜୟ ମିଶ୍ର, ମୁଖ୍ୟବକ୍ତା ଭାବେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ଦଳାଇ, ଅନ୍ୟତମ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଗୁଣନିଧି ନାଏକ ଓ ଉପ କୁଳସଚିବ ମେଜର ଡ.ଜୟଦେବ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଅଧ୍ୟକ୍ଷ ଡ. ପାଣିଗ୍ରାହୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ବାର୍ଷିକ ପତ୍ରିକା 'ଦୂର୍ବାର' ଲୋକାର୍ପିତ ହେବା ସହ ଗଣିତ ବିଭାଗର ମୁଖ୍ୟ ପ୍ରଦୀପ କୁମାର ପ୍ରଧାନଙ୍କ ସମ୍ପାଦିତ ଗଣିତ ପୁସ୍ତକ ରିଅଲ ଆନାଲିସିସ - ୨ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଇଟି ବିଭାଗର ଅଧ୍ୟାପିକା ଲିପ୍ସା ମହାରଣା ମଞ୍ଚ ପରିଚାଳନା କରିଥିଲେ। ଆଶିଷ ମହାପାତ୍ର, ଅଶୋକ ପାଢ଼ୀ ଏବଂ ଛାତ୍ରଛାତ୍ରୀ ସହାୟତା କରିଥିଲେ।

# ଆଜି ଉପମୁଖ୍ୟମନ୍ତ୍ରୀଙ୍କ କେସିଙ୍ଗା ଗସ୍ତ

**କେସିଙ୍ଗା, ୮ ।୨(ସମିସ):** ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆସନ୍ତାକାଲି କେସିଙ୍ଗା ଗସ୍ତରେ ଆସି ବିଭିନ୍ନ ନବନିର୍ମିତ ପ୍ରକଳ୍ପ ଗୁଡ଼ିକର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସୋମୋବାର ସକାଳୁ ଉପମୁଖ୍ୟ ମନ୍ତ୍ରୀ ଭୁବନେଶ୍ୱରରୁ ବିମାନ ଯୋଗେ କେସିଙ୍ଗା ବ୍ଲକ ଉତ୍କେଳା ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ କେସିଙ୍ଗା ବ୍ଲକର ଗୁର୍ଜିମୁଣ୍ଡାରେ ଥିବା ଜିଲ୍ଲାର ପ୍ରମୁଖ ପୀଠ ମାଁ ଯୋଗମାୟା ପୀଠକୁ ଯାଇ ଆର୍ଶୀବାଦ ନେବେ। ଯୋଗମାୟା ପୀଠରୁ ଆସି ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଋଷିସାହା ସଂସ୍କୃତି ଭବନର ମୁଖ୍ୟମନ୍ତ୍ରୀ ସଭାଗୃହରେ ଅନୁଷ୍ଠିତ ହେବାକୁ ଥିବା କେସିଙ୍ଗା ସିଟିଜନ ଫୋରମ୍ ର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ରେ ଯୋଗଦେବେ। ପରେ ପରେ ପି ଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ ରେ ନବନିର୍ମିତ ହଷ୍ଟେଲ ଉଦ୍‌ଘାଟନ କରିସାରିଲା ପରେ କେସିଙ୍ଗା ବ୍ଲକ କନ୍ତେଶିର ଗ୍ରାମ ସ୍ଥିତ ମାଇନର ଇରିଗେଶନ ବିଭାଗ ପକ୍ଷରୁ ନିର୍ମିତ ଟୁରିଜମ ପୋଷ୍ଟକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

# ଅଶୋକ ପାଢ଼ୀ ବିଜେଡି ଉପ-ସଭାପତି ମନୋନୀତ

**କୋମନା, ୮।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଗ୍ରାମର ବିଶିଷ୍ଟ ରାଜନେତା ତଥା ସମାଜସେବୀ ଅଶୋକ ପାଢ଼ୀଙ୍କୁ ବିଜୁ ଜନତା ଦଳ (ବିଜେଡି) ରେ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ପ୍ରଦାନ କରାଯାଇଛି। ତାଙ୍କର ସାଙ୍ଗଠନିକ ଦକ୍ଷତା ଏବଂ ଦଳ ପ୍ରତି ନିଷ୍ଠାକୁ ଦୃଷ୍ଟିରେ ରଖି ତାଙ୍କୁ ବିଜେଡି ଉପ-ସଭାପତି ଭାବେ ଚୟନ କରାଯାଇଛି।ଅଶୋକ ପାଢ଼ୀଙ୍କୁ ଦଳର ସାଂଗଠନିକ କାର୍ଯ୍ୟକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ପାଇଁ ଉପ-ସଭାପତି ଦାୟିତ୍ୱ ଦିଆଯାଇଛି। ଏହି ଖବର ପ୍ରଚାରିତ ହେବା ପରେ କୋମନା ଅଞ୍ଚଳର କର୍ମୀ ଓ ଶୁଭେଚ୍ଛୁଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ସ୍ଥାନୀୟ ବିଜେଡି ନେତୃବୃନ୍ଦ ତାଙ୍କୁ ପୁଷ୍ପଗୁଚ୍ଛ



ଦେଇ ଶୁଭେଚ୍ଛା ଜଣାଇଛନ୍ତି। ନୂତନ ଦାୟିତ୍ୱ ପାଇବା ପରେ ଶ୍ରୀ ପାଢ଼ୀ ଦଳର ସୁପ୍ରିମୋଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଦଳକୁ ଅଞ୍ଚଳରେ ଅଧିକ ଶକ୍ତିଶାଳୀ କରିବା ପାଇଁ ସଙ୍କଳ୍ପବଦ୍ଧ ବୋଲି ପ୍ରକାଶ କରିଛନ୍ତି।ତାଙ୍କର ଏହି ନିଯୁକ୍ତି ଦ୍ୱାରା କୋମନା ଅଞ୍ଚଳରେ ଦଳୀୟ ସଂଗଠନ ଆହୁରି ମଜବୁତ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

### 'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମ ବିଫଳ

# ସହସ୍ରାଧିକ ଚାରାର ଚିହ୍ନବର୍ଣ୍ଣ ନାହିଁ

**କଲମପୁର, ୮ ।୨(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳରେ 'ଏକ ପେଡ୍ ମା' କେ ନାମ' ଅଭିଯାନ କାର୍ଯ୍ୟକ୍ରମ ବିଫଳ ହୋଇଛି। ଏହି କାର୍ଯ୍ୟକ୍ରମ ୨୦୨୪ ରୁ ଆରମ୍ଭ ହୋଇଥିବାବେଳେ ଦିତୀୟ ପର୍ଯ୍ୟାୟ ୨୦୨୫ ଜୁନ୍ ମାସରେ ଆରମ୍ଭ ହୋଇଥିଲା। ଗତ ଜୁନ୍ ମାସ ୫ ରୁ ୮ ତାରିଖ ମଧ୍ୟରେ ଧାର୍ଯ୍ୟ ମୁତାବକ ଚାରାରୋପଣ ସକାଶେ ସରକାର ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା କରିଥିଲେ, ପ୍ରତି ପଞ୍ଚାୟତରେ ୧ ହଜାର ଗଛ ଲଗାଇବା ପାଇଁ ବନବିଭାଗ ଠାରୁ ଚାରା ଯୋଗାଇ ଦିଆଯାଇଥିଲା। ଏହି ହିସାବରେ କଲମପୁର ବ୍ଲକ ଅଞ୍ଚଳରେ ୧୧ଟି ପଞ୍ଚାୟତକୁ ୧୧ ହଜାର ଚାରାରୋପଣ ହେବାପାଇଁ ସ୍ଥିର ହୋଇଥିଲା। ଗଛ ଲଗାଇବା ସହିତ ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ନିଜେ ନେବାକୁ କୁହାଯାଇଥିଲା, ବର୍ଷେ ନପୁରୁଣୁ ଏବେ ଗଛ ପୋତା ସ୍ଥାନରେ ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନାହିଁ, କାଗଜପତ୍ର ଓ ଫଟୋ ସେସନରେ ଗଛ ପୋତା ଯାଇଥିବାରୁ ଏଭଳି ଅଭିଯୋଗ ଦୃଷ୍ଟିଗୋଚର ହୋଇଛି। ଏହି ଅଞ୍ଚଳରେ କୌଣସି ପଞ୍ଚାୟତରେ ମଧ୍ୟ ହଜାରେ ଗଛ ଲଗାଯାଇଥିବା ନଜିର ନାହିଁ, କେତେକ ପଞ୍ଚାୟତ କର୍ମଚାରୀ ଗଛ ଲଗାଇବା ପରିବର୍ତ୍ତେ ପଞ୍ଚାୟତ ସମ୍ମୁଖରେ ଚାରା ପକାଇ ରଖି ଦେଇଥିଲେ, କିଏ ଆସିଲା କିଏ ନେଲା କିଛି ଠିକ ଠିକଣା ରହିଲା ନାହିଁ। ଏହି କାର୍ଯ୍ୟକ୍ରମ ଏହି ଅଞ୍ଚଳରେ ବିଫଳ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ଅଞ୍ଚଳରେ ଲଗାଯାଇ ଥିବା ୧୧ହଜାର ଗଛ ମଧ୍ୟରେ ଏବେ ଶହେ ଗଛ ଖୋଜିଲେ ମଧ୍ୟ ଦେଖିବାକୁ ମିଳିବା ମୁସ୍କିଲ ହୋଇ ପଡ଼ିଛି। ଦାୟିତ୍ୱରେ ବ୍ୟକ୍ତି ବିଶେଷଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍ ମହଲରେ ମତ ପ୍ରକାଶ ପାଇଛି।

# ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ନେଲେ ଯୋଗାଣ ଅଧିକାରୀ

**ସିନାପାଲି, ୮ ।୨ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଯୋଗାଣ ଅଧିକାରୀ ଦେବେନ୍ଦ୍ର ସେଠିଆ ନିଜର ମାନବିକତାର ପରିଚୟ ଦେଇ ଜଣେ ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଶନିବାର ରାତି ୧୧ଟା ସମୟରେ ସିନାପାଲି ଦେଇ କଳାହାଣ୍ଡିକୁ ସଂଯୋଗ କରିଥିବା ଫୋରୱେ ରାସ୍ତା ଉପରେ ଦୁର୍ଘଟଣା ହୋଇ ଜଣେ ଯୁବକ ପଡ଼ି ରହିଥିଲେ। ଯୋଗାଣ ଅଧିକାରୀ ସେହି ରାସ୍ତାରେ ଯାଉଥିବାବେଳେ ଯୁବକ ଜଣକ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଏହାପରେ ସେ ନିଜ ଗାଡ଼ିରେ ବସାଇ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକ ନେଇ ଚିକିତ୍ସା ଯୋଗାଇ ଥିଲେ। ଫଳରେ ଯୁବକଙ୍କ ଜୀବନ ବଞ୍ଚି ଯାଇଥିଲା। ଏଭଳି ମାନବିକତାର ପରିଚୟ ଦେଇ ପ୍ରଶଂସାର ପାତ୍ର ହୋଇ ପାରିଥିବା ବେଳେ ଏଭଳି କାର୍ଯ୍ୟ ପାଇଁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ଯୁବକ ଜଣକଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ବର୍ତ୍ତମାନ ସୁସ୍ଥ ଥିବା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଶ୍ରୀମାନ ସାହୁ ପ୍ରକାଶ କରିଛନ୍ତି।

# ମୋଟର ଦୁର୍ଘଟଣା ଜନିତ କ୍ଷତି ପୂରଣ ବିଷୟରେ ସଚେତନତା ଶିବିର



**କେସିଙ୍ଗା, ୮ ।୨(ସମିସ):** ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ କେସିଙ୍ଗା ବ୍ଲକ ଚାଞ୍ଚେର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସଡ଼କ ସୁରକ୍ଷା ମୋଟର ଦୁର୍ଘଟଣା ଜନିତ କ୍ଷତି ପୂରଣ ସଂକ୍ରାନ୍ତୀୟ ନିୟମ ବିଷୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଅଧ୍ୟକ୍ଷା ତଥା ବିଚାରପତି ଦୀପ୍ତା ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉପୋରୋକ୍ତ ନିୟମ ସମ୍ପର୍କରେ ଉପସ୍ଥିତ ଜନସାଧାରଣ ଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବି ସୌମ୍ୟ ରଞ୍ଜନ ମିଶ୍ର, ଟ୍ରାଫିକ ଇନ୍ସପେକ୍ଟର ଭବାନୀପାଟଣା ମିଥୁନ ପ୍ରଧାନ, ଉତ୍କେଳା ଫାଣ୍ଡି ଅଧିକାରୀ ଅନୁପ କୁମାର ଶତପଥୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ଦୁର୍ଗା ଙ୍କ ସମେତ ଅଦାଲତ, ପଞ୍ଚାୟତ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମାଟିଲଗ୍ନା ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ସାହିତ୍ୟ ସମାବେଶ




**କୋମନା, ୮ ।୨ (ସମିସ):** ମାଲକାନଗିରି ଜିଲ୍ଲାର ସାହିତ୍ୟ ଅନୁଷ୍ଠାନ ମାଟିଲଗ୍ନା ସାହିତ୍ୟ ସଂସଦ ପକ୍ଷରୁ ନୂଆପଡ଼ା ଜିଲ୍ଲା ଉଦ୍ୟାନବନ୍ଧସ୍ଥିତ ପଞ୍ଚାୟତ ହାଇସ୍କୁଲଠାରେ ରାଜ୍ୟସ୍ତରୀୟ ବାର୍ଷିକ ସାହିତ୍ୟ ସମାବେଶ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ମାଟିଲଗ୍ନା ସାହିତ୍ୟ ସଂସଦର ଉପଦେଷ୍ଟା କିଶୋର ଚନ୍ଦ୍ର ତ୍ରିପାଠୀ ସ୍ୱାଗତଭାଷଣ ଦେଇଥିବାବେଳେ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ରାଜେନ୍ଦ୍ର କୁମାର ଦୁରିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। କିଶୋର ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦେଇ ସାହିତ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ଉପନିବନ୍ଧକ ତଥା ବରିଷ୍ଠ ସାହିତ୍ୟିକା ମମତା ଦାସ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଶାନ୍ତ ମହାନ୍ତି, ଜିଲ୍ଲାବିଜ୍ଞାନ ପରିଦର୍ଶକ ଗିରିଧାରୀ ସା, ମୁଖ୍ୟ ଉପଦେଷ୍ଟା ନୁରାବତୀ ସାହୁ, ପରିଚାଳକ ନରସିଂହ ପ୍ରସାଦ ନାଏକ ପ୍ରମୁଖ ଯୋଗଦେଇ ଥିଲେ। ରାଜ୍ୟ ସଂଯୋଜକ ମନୋରଞ୍ଜନ ଚାନ୍ଦ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା, ଯାହାର ପରିକଳ୍ପନା ବରିଷ୍ଠ ସାହିତ୍ୟକ ସୁଶାନ୍ତ କୁମାର ମୁଣ୍ଡ ପୃଷ୍ଠି କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କବି ଓ କବୟିତ୍ରୀମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ସ୍ୱର୍ଣ୍ଣକାନ୍ତି ପତି, ସତ୍ୟବତୀ ଜେନା, ଅନିମା ଚକ୍ରବର୍ତ୍ତୀ, ସୌଭାଗ୍ୟ ଦାସ ଏବଂ ଖଗେଶ୍ୱର ବାଗ ପ୍ରମୁଖ ନିଜର କବିତା ମାଧ୍ୟମରେ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଭଗବାନ ସିଂ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### କଣ୍ଟାପାଲି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

**ନୂଆପଡ଼ା/କୋମନା, ୮ ।୨(ସମିସ)**





ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଧୀନ କଣ୍ଟାପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳାମ୍ବର ଭୋଇ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡିଏଭି କଲେଜ ଟିଟିଲାଗଡ଼ ଡ. ଶିବ ପ୍ରସାଦ ବେହେରା, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ଜୋନ୍ ନ-୦୨ର ସଦସ୍ୟ ଅବନୀ ରଞ୍ଜନ ଯୋଷୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ରେଶମଲାଲ ନାଏକ, ସହକାରୀ ଜିଲ୍ଲାପାଳ କୁରୁକ୍ଷେତ୍ର ନାଏକ, କୋମନା ଗୋଷ୍ଠୀ ଶିକ୍ଷାଧିକାରୀ ଅନୀତା ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଧାକାନ୍ତ ତାଣ୍ଡି, ଜିଲ୍ଲା ସାମ୍ବାଦିକ ସଂଘ (ଜାନ) ସଭାପତି ଘନଶ୍ୟାମ ଭୋଇ, ବରିଷ୍ଠଶିକ୍ଷକ ତଥା ପୂର୍ବତନ ସିଆରସିସି ଶରତ କୁମାର ପଣ୍ଡା, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନୂଆପଡ଼ା ସୁଶୀଲ କୁମାର ଶବର, ସରପଞ୍ଚ ଗଣ୍ଡାମେର ହୃଷିକେଶ ଶବର, ସମିତି ସଭ୍ୟ ଗଣ୍ଡାମେର ପଞ୍ଚାୟତ କେଶବ ନିଆଲ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି କ୍ଷମାସାଗର ବିଭାର, ପୂର୍ବତନ ପ୍ରଧାନଶିକ୍ଷକ ଲବ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ ଓ ଦେଶଭକ୍ତି ମୂଳକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ଦର୍ଶକ ମାନଙ୍କୁ ମନମୁଗ୍ଧ କରିଥିଲେ। ବିଦ୍ୟାଳୟର ୧୨୦ ଜଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରି ସଫଳତା ହାସଲ କରିଥିବାରୁ ପୁରସ୍କାର ପ୍ରଦାନ କରାଗଲା। ସେମେଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶୋଭାକର ପ୍ରଧାନଙ୍କୁ ସୁବର୍ଣ୍ଣ ସାରସ୍ୱତ ସମ୍ମାନ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଶୁକ୍ଲମୁଣ୍ଡି ଖେମଦାସଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନ। ଅଞ୍ଜଳି ତାଣ୍ଡି ସହ ଶିକ୍ଷୟିତ୍ରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ବାବୁପାଲି ଶିକ୍ଷାଜ୍ୟୋତି ସମ୍ମାନ। ଅନାଦି ନନ୍ଦନ ପଧାନ ପୂର୍ବତନ ଶିକ୍ଷକ ଉଚ୍ଚବିଦ୍ୟାଳୟ କଣ୍ଟାପାଲିଙ୍କୁ ବିଦାୟ ସମ୍ବର୍ଦ୍ଧନା, ଘନଶ୍ୟାମ ଭୋଇ ସାମ୍ବାଦିକଙ୍କୁ ସୁବର୍ଣ୍ଣ ଜନସଞ୍ଚାର ସମ୍ମାନ ଓ ଶରତଚନ୍ଦ୍ର ପଣ୍ଡାଙ୍କୁ ସୁବର୍ଣ୍ଣ ପ୍ରଜ୍ଞା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ମଧୁସୂଦନ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବାବେଳେ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ। ପରିଚାଳନାରେ ଶିକ୍ଷୟିତ୍ରୀ ନିରୁପମା ଓ ଦୀପିକା, ସ୍ମୃତିସମ୍ପଦ ଶବର, ସୁଷ୍ମନ୍ତ ଶବର ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ସହ-ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରାକ୍ଟର ଚାପାରେ ମାଲିକ ମୃତ

**ସିନାପାଲି, ୮ ।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅଧୀନ ଝାଙ୍କରଗୁଡା ଠାରେ ଟ୍ରାକ୍ଟର ଚାପାରେ ମାଲିକଙ୍କ ମୃତ୍ୟୁ ଘଟିଛି । ମୃତ ମାଲିକ ହେଲେ ଝାଙ୍କରଗୁଡାର ବଶିଷ୍ଟ ଗହିର (୩୫) । ସୂଚନା ଅନୁସାରେ ରବିବାର ସକାଳେ ନିଜ ଜମିକୁ ଚାଷ କରିବାକୁ ଟ୍ରାକ୍ଟର ନେଇ ଯାଉଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡ଼ିଥିବା ବେଳେ ମାଲିକ ଗାଡ଼ି ଚାପାରେ ଗୁରୁତ୍ୱର ହୋଇପଡ଼ିଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ ଚିକିତ୍ସା ପାଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ସିନାପାଲି ପୁଲିସ ଥାନାଧିକାରୀ ଦୁର୍ଗା ମାଧବ ବାଗଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ସହଦେବ ଯୋଶୀ ପହଞ୍ଚି ତଦନ୍ତ କରିଥିବା ବେଳେ ଥାନାରେ ଏକ ମାମଲା ରୁଜୁ କରାଯାଇଛି ।

## ପାରିବାରିକ କଳହରୁ ବିଷ ପିଇଲେ ସ୍ୱାମୀ

**ଜୟପାଟଣା, ୮ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅଧୀନ ବାଞ୍ଜିବାହାଲ ଗାଁରେ ଅଭାବନୀୟ ଘଟଣା ଘଟିଛି । ସ୍ତ୍ରୀ ସହ ଝଗଡ଼ା ଲାଗି ସ୍ୱାମୀ ବିଷପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ମୃତକ ହେଲେ ଗାଁର ହେମନ୍ତ ଓରଫ୍ ବାବୁଲି ମାଝୀ । ଆଜି ତାଙ୍କ ସ୍ତ୍ରୀ ଜେମା ମାଝୀଙ୍କ ସହ ନିଜ ଚାଷ ଜମିକୁ ଯାଇଥିଲେ । ସେଠାରେ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ରାଗିଯାଇ ହେମନ୍ତ କୀଟନାଶକ ପିଇଦେଇ ଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଜୟପାଟଣା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୋମବାର ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି । ଘଟଣାର ପୁଲିସ ତଦନ୍ତ ଆରମ୍ଭ କରିଛି ।

## ଓଲଟିଲା ପିଚୁ ବୋଝେଇ ଟ୍ରକ୍; ଚାଳକ ଆହତ



**ଲାଞ୍ଜିଗଡ଼, ୮ ।୨ (ସମିସ):** ଭବାନୀପାଟଣା-ରାୟଗଡ଼ାକୁ ସଂଯୋଗ କରୁଥିବା ୬ନଂ ରାଜ୍ୟ ରାଜପଥ କିଡିଙ୍ଗ ନିକଟସ୍ଥ ବେହେରା ପୋଲ ପାଲଟିଛି ମରଣଯନ୍ତା । ଏହି ପୋଲରେ ଦିନ ପ୍ରତିଦିନ ଘଟୁଥିବା ଅନେକ ଛୋଟ ବଡ଼ ଦୁର୍ଘଟଣାକୁ ନେଇ ସାଧାରଣରେ ଏବେ ଚିନ୍ତାର କାରଣ ହୋଇଛି । ଆଜି ମଧ୍ୟ ଏକ ପିଚୁ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି । ଭବାନୀପାଟଣା ପଟୁ ବିଶାଖାପାଟଣା ପଟେ ଯାଉଥିବା ଏହି ପିଚୁ ବୋଝେଇ ଟ୍ରକ ଭୋର ୩ଟା ସମୟରେ ବେହେରା ପୋଲ ଉପରେ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡ଼ି ଏକ ଜମିରେ ଛିଡ଼ା ଅବସ୍ଥାରେ ରହିଛି । ଏଥିରେ ଡ୍ରାଇଭର ଆହାତ ହୋଇଥିବା ଜଣାପଡ଼ିଛି । ଅନ୍ୟ ଟ୍ରକ୍ ଡ୍ରାଇଭର ଓ ସ୍ଥାନୀୟ ଲୋକେ ଡ୍ରାଇଭରକୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ । ଏ ସମ୍ପର୍କରେ ଖବରପାଇ ସିକେରକୁପା ଫାଣ୍ଡି ଅଧିକାରୀ ମୁରଲୀ ମୋହନ ପିଡିକା ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି । ତେବେ ବିଭିନ୍ନ ସମୟରେ ଘଟି ଚାଲିଥିବା ଦୁର୍ଘଟଣା ତ୍ରୁଟିପୂର୍ଣ୍ଣ ବୁଲାଣି ଯୋଗୁଁ ବୋଲି ମତବ୍ୟକ୍ତ କରୁଛନ୍ତି । ସମସ୍ୟା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରିବାକୁ ଜନ ସାଧାରଣରେ ଦାବି ହେଉଛି ।

## ଜଳନ୍ଧର ଦରବାର ପାଇଁ କଂସ ବରଣ

**ବୀରମହାରାଜପୁର, ୮ ।୨(ସମିସ):** ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଟିଠିପାଲି ଗ୍ରାମର ନବ ନିର୍ମିତ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଜଳନ୍ଧର ଦରବାର ଅନୁଷ୍ଠିତ ହେବ । ଏଥିପାଇଁ ବିଶିଷ୍ଟ ମଞ୍ଚ କଳାକାର ତଥା ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର କଂସ ମହାରାଜ ଗୁରୁ ଶ୍ରୀ ଭୁବନେଶ୍ୱର ପ୍ରଧାନଙ୍କୁ କମିଟି ସଭ୍ୟଙ୍କ ଉପସ୍ଥିତିରେ ବରଣ କରାଯାଇଛି । ଏହି ଅବସରରେ ରାମେଶ୍ୱର ମନ୍ଦିର ପରିଚାଳନା କମିଟି କାର୍ଯ୍ୟକାରୀ ସଭାପତି ବିଦେଶୀ ମହାକୁର, ସମ୍ପାଦକ ମଳୟ ଅମାତ, ଉପଦେଷ୍ଟା ମୀନକେତନ ମହାକୁର, କମିଟି ସଭ୍ୟ ରଶ୍ମିରଞ୍ଜନ ଅମାତ, ହୃଷୀକେଶ ପଣ୍ଡା, ଅନନ୍ତ ଖେତି, ଭୀଷ୍ମ ଦେବ ଅମାତ, ୱାର୍ଡ ସଭ୍ୟ ସଞ୍ଜୀବ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ । ମାର୍ଚ୍ଚ ୧୦ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ମନ୍ଦିର ପ୍ରତିଷ୍ଠା ଅବସରରେ ଜଳନ୍ଧର ଦରବାର ଅନୁଷ୍ଠିତ ହେବ ।

### ସଂଘର୍ଷମୟ ଜୀବନରୁ ଉତ୍ତୀର୍ଣ୍ଣ ପାଇଁ ଉଦ୍ୟମ

# ପାହାଡ଼ ତଳକୁ ଆସିବେ ୮ ପରିବାର







**ଲାଞ୍ଜିଗଡ଼, ୮ ।୨(ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର ଦୁର୍ଗମ କୁନ୍ନାକାଡୁ ଗାଁକୁ ଶନିବାର ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଗସ୍ତ କରିଥିଲେ । ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହା ଅଭିଯାନ (ଜନମନ) ଅଧୀନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାହାଡ଼ ତଳେ ନିର୍ମାଣାଧୀନ ୮ଟି ଘରର ସ୍ଥିତି ଅନୁଧ୍ୟାନ କରି ସାରିବା ପରେ ଜିଲ୍ଲାପାଳ ପାଦଚଲା ରାସ୍ତା ଦେଇ ୧୨ ଶହ ଫୁଟ ପାହାଡ଼ ଉପରେ ଥିବା ଏହି ଗାଁରେ ପହଞ୍ଚିଥିଲେ । ତେବେ ଘର ନିର୍ମାଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସେମାନେ ବସବାସ କରୁଥିବା ଗାଁରେ ପାନୀୟ ଜଳ, ଚାଷ ପାଇଁ ନିୟମଗିରି ଝରଣାରୁ ଚେକ୍ ଡ୍ୟାମ୍ ଜରିଆରେ ଜଳଯୋଗାଣ, ଗାଁରୁ ନୂତନ ଘର ପର୍ଯ୍ୟନ୍ତ ରାସ୍ତା, ପରିବାର ପ୍ରତିପୋଷଣ ଆଦି ସମ୍ପର୍କରେ ଜିଲ୍ଲାପାଳ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ଏହାଛଡ଼ା ଜିଲ୍ଲାପାଳ ତ୍ରିଲୋଚନପୁର, ଫୁଲଡୁମେର ଗାଁକୁ ପରିଦର୍ଶନରେ ଯାଇ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ସେଠାରେ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଆଦିବାସୀଙ୍କ ୧୨ଟି ଘର ନିର୍ମାଣ କାର୍ଯ୍ୟର ବି ଯାଞ୍ଚ କରିଥିଲେ । ଜିଲ୍ଲାପାଳଙ୍କ ସହିତ ଆଇଏଏସ୍ ପ୍ରୋବେସନର ଅନିମେଶ ପ୍ରଧାନ, ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର, ଜିଲ୍ଲା ଗ୍ରାମ୍ୟ ଗୃହନିର୍ମାଣ ପ୍ରକଳ୍ପ ପରିଚାଳକ ଅମୂଲ୍ୟ ବାଉଲ, କନିଷ୍ଠ ଯନ୍ତ୍ରୀ କାହ୍ନୁ ଟୁଡୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ତାପସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ନିୟମଗିରି ପାହାଡ଼ ଉପରେ ଥିବା କୁନ୍ନାକାଡୁ ଗାଁରେ ୮ଟି ଆଦିବାସୀ ପରିବାର

### ୧୨ ଶହ ଫୁଟ ପାହାଡ଼ ଚଢ଼ି ଲୋକଙ୍କୁ ବୁଝାଇଲେ ଜିଲ୍ଲାପାଳ

ବସବାସ କରୁଛନ୍ତି । ଗାଁକୁ ରାସ୍ତା ନାହିଁ । ନଳକୂଅ ପାଣି, ବିଜୁଳି ଏବେ ବି ଅପହଞ୍ଚ, ପାହାଡ଼ି ଝରଣାରୁ ପିଇବା ପାଣି ଆଣିବାକୁ ୯ ଶହ ଫୁଟ ତଳକୁ ଓହ୍ଲାଇବାକୁ ପଡ଼େ । କାହାର ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିଲେ ଡାକ୍ତରଖାନା ନେବାକୁ ମଧ୍ୟ ସୁବିଧା ନାହିଁ । କିଛିବର୍ଷ ତଳେ ବ୍ଲକ ପ୍ରଶାସନ ପକ୍ଷରୁ ଗାଁ ଲୋକଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରୟାସ କରାଯାଇଥିଲା । ପାହାଡ଼ରୁ ତଳକୁ ଆସିଲେ ସେମାନଙ୍କ ପାଇଁ ସବୁ ସୁବିଧା କରି ଦିଆଯିବ ବୋଲି ଲୋକଙ୍କୁ ବୁଝାଇଥିଲା ପ୍ରଶାସନ । ହେଲେ ଗାଁ ମାଟି, ଧରଣୀକୁ ଛାଡ଼ିକି ଯିବେନି ସେମାନେ, ସେଠାରୁ ଚାଲିଗଲେ ଧରନୀ ଦେବତା କୋପ କରିବ ବୋଲି କହି ଆସି ନ ଥିଲେ । ୨୦୨୪ରେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ତ୍ରିଲୋଚନପୁର ପଞ୍ଚାୟତ କୁନ୍ନାକାଡୁ ଗାଁକୁ ଗସ୍ତ କରି ଗାଁର ୮ ପରିବାରଙ୍କୁ ପାହାଡ଼ ତଳକୁ ଆଣିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ତାପସ ସାହୁଙ୍କ ସହ ଯାଇ ବହୁ ବୁଝାଇବା ପରେ ଗ୍ରାମବାସୀ ଶେଷରେ ତଳକୁ ଆସିବାକୁ ରାଜି ହୋଇଥିଲେ । ୨୦୨୪ ଡିସେମ୍ବର ୪ ତାରିଖରେ କୁନ୍ନାକାଡୁ ଗାଁର ୮ଟି ପରିବାରଙ୍କୁ ଗାଁରୁ ୧୨ ଶହ ଫୁଟ ତଳେ ଜାଗା ଚିହ୍ନଟ କରି ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହା ଅଭିଯାନ (ଜନମନ) ଅଧୀନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (ପିଏମ୍ଏୱାଇ-ଜି) ଯୋଜନାରେ ଘର ନିର୍ମାଣ ପାଇଁ ଭୂମି ପୂଜନ କରାଯାଇଥିଲା । ସବଳ ବନାମ ଦୁର୍ବଳ ଏବଂ ଶିକ୍ଷିତ ବନାମ ଅଶିକ୍ଷିତ ଭଳି ଧାରଣା ଦୂରହେବା ସହିତ ସାମାଜିକ ଓ ଅର୍ଥନୈତିକ ସମସ୍ୟାର ଅନ୍ତ ଘଟିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ ।

### ■ ଚର୍ଚ୍ଚାରେ ଲାଞ୍ଜିଗଡ଼ ସରକାରୀ ଏସ୍ଏସ୍ଡି ବିଦ୍ୟାଳୟ

## ରାତିଅଧରେ ଚାଉଳ ଚୋରି ଅଭିଯୋଗ

**ଲାଞ୍ଜିଗଡ଼, ୮ ।୨ (ସମିସ):** ସ୍କୁଲ ପରିସରରୁ ଚାଉଳ ବାହାରକୁ ଚାଲାଣ ପାଇଁ ଚାଲିଥିବା ମସୁଧା ପଣ୍ଡ ହୋଇଥିବା ଜଣାପଡ଼ିଛି । ଲାଞ୍ଜିଗଡ଼ ବ୍ଲକ ଅଧୀନ ଏସ୍ଏସ୍ଡି ବିଦ୍ୟାଳୟରେ ଏଭଳି ଏକ ଘଟଣା ଚର୍ଚ୍ଚାର ପରିସରଭୁକ୍ତ ହୋଇଛି । ନିକଟରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଥିଲା । ପିଏ ଆଇଟିଡିଏ ସମେତ ଜିଲ୍ଲା ମଙ୍ଗଳ ଅଧିକାରୀ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ପାଠପଢ଼ା ସହିତ ସେଠାକାର ବ୍ୟବସ୍ଥାର ପ୍ରଶଂସା କରିଥିଲେ । ସେହିପରି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହିତ ଅନ୍ୟ କର୍ମଚାରୀଙ୍କ ଦାୟିତ୍ୱ, କର୍ତ୍ତବ୍ୟ ପରାଣୟତା ଓ ସାଧୁତାକୁ ଭୁରିଭୁରି ପ୍ରଶଂସା କରାଯାଇଥିଲା । ତେବେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜିଲା ଭଳିଆ ଘୃଣ୍ୟ କାମ କରିବାକୁ କିଏ ସାହାସ କରିଛି ତାହା ତଦନ୍ତ ସାପେକ୍ଷ । ରାତି ଅଧରେ ବିଦ୍ୟାଳୟରୁ ପ୍ରାୟ ୧୦ରୁ୧୫ କ୍ୱିଣ୍ଟାଲ ଚାଉଳ ପାର କରିବାକୁ କେହି ହୀନଉଦ୍ୟମ କରୁଥିବାବେଳେ ସ୍ଥାନୀୟ ପୁଲିସ ଗାଡ଼ିଦେଖି ଅଞ୍ଚଳ ଛାଡ଼ି ଚାଲିଯାଇଛନ୍ତି । ଏନେଇ ଲାଞ୍ଜିଗଡ଼ ଆଇଆଇସି ଯଶୋବନ୍ତ ହିଆଲ୍ ଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଲେ ଚାଉଳ ଚୋରି ସମ୍ପର୍କରେ ଫୋନ ଆସିଥିଲା । । ପଟ୍ରୋଲିଂ ଗାଡ଼ି ଯିବାପରେ ସେଠାରେ କେହି ନଥିଲେ । ଚାଉଳ ସମ୍ପର୍କରେ ଆଉ ଅଧିକ ଖୋଳତାଡ଼ ନକରି ପୁଲିସ ଷ୍ଟାଫ୍ ଫେରିଆସିଥିଲେ । ଚାଉଳ ସଂକ୍ରାନ୍ତରେ କୌଣସି ମାମଲା ମଧ୍ୟ ରୁଜୁ କରାଯାଇ ନାହିଁ । ଗରିବ, ଆଦିବାସୀ ଓ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ଖାଇବା ବାବଦକୁ ଆସିଥିବା ଚାଉଳରୁ ପ୍ରାୟ ୧୫ କ୍ୱିଣ୍ଟାଲ ଚାଉଳ ରାତିଅଧିଆ ବିକିବାକୁ ପ୍ରୟାସ କରି ହଟହଟା ହୋଇଛନ୍ତି । ରାତି ଅଧରେ ସ୍କୁଲ ପାଚେରି ଡିଆଁଇ ଚାଉଳ ବସ୍ତା ପାର କରିବା ଚିନ୍ତା ଦୁର୍ଭାଗ୍ୟଜନକ । ଏଭଳି ଏକ ନିନ୍ଦନୀୟ ଘଟଣା ଘଟିଛି ଲାଞ୍ଜିଗଡ଼ସ୍ଥିତ ସରକାରୀ ଏସଏସ୍ଡି ଉଚ୍ଚ ବିଦ୍ୟାଳୟ ଠାରେ । ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠୁଛି । ତେବେ ଘଟଣାସ୍ଥଳରେ ପୁଲିସ କାହାକୁ ଦେଖିନାହିଁ ବୋଲି କହିବା କଥା ଅନେକ ବିଶ୍ୱାସକୁ ନେଇପାରୁନାହାଁନ୍ତି । ଏ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ସହିତ ଗରିବ ନିରୀହ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ମୁହଁର ଦାନାକୁ ଛଡେଇ ନେଉଥିବା ଅସାମାଜିକ ତତ୍ୱମାନଙ୍କ ଉଦ୍‌ମୁଖା ଖୋଲିବା ଜରୁରିବୋଲି ଦାବି ହୋଇଛି । ଏ ସମ୍ପର୍କରେ ପ୍ରଧାନଶିକ୍ଷକ ପାର୍ଥବ ତାଣ୍ଡିଙ୍କୁ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରିବାରୁ ତାଙ୍କ ଫୋନ ବନ୍ଦ ରହିଛି ଏବଂ ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳୀୟାର ସିଂଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଏହି ସାମାନ୍ୟ ସୂଚନା ମିଳିଥିଲା । ତାହା କେତେଦୂର ସତ ତଦନ୍ତ ପରେ ଜଣାପଡ଼ିବ ।

## ଶିକ୍ଷଣ ସାମଗ୍ରୀ କର୍ମଶାଳା



**ଗୋଲାମୁଣ୍ଡା, ୮ ।୨(ସମିସ):** ଗୋଲାମୁଣ୍ଡା ବ୍ଲକ ଗଣ୍ଡାମେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଶନିବାରଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଦୁଇ ଦିବସୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଉଦ୍ଯାପିତ ହୋଇଯାଇଛି । ଗଣ୍ଡାମେର ସିଆରସିସି ଟଙ୍କଧର ସାଗରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ପୁଟିଆତୁରା ସିଆରସିସି ରେଖରାମ ନାଏକ, କରଙ୍ଗାମୁଣ୍ଡା ସିଆରସିସି ବିରୁପାକ୍ଷ ଦୀପ, ବୃନ୍ଦାବହାଲ ସିଆରସିସି କ୍ଷୀରାବ୍ଠିଧ ତନୟା ମଣ୍ଡ୍ରା, ଗଣ୍ଡାମେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଘ୍ନରାଜ ରାଉତ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ । ଆଞ୍ଚଳିକ ସାଧନକେନ୍ଦ୍ର ଗଣ୍ଡାମେରର ୮ ଟି ବିଦ୍ୟାଳୟରୁ ୧୨ ଜଣ ଏଫଏଲ୍ଏନ୍ ଶିକ୍ଷକ ଦୁଇଦିନ ଧରି ଶିକ୍ଷଣ ସାମଗ୍ରୀ ତିଆରି କରିଥିଲେ । ଗୁରୁତ୍ୱପୁର୍ଣ୍ଣ, ଆନନ୍ଦ ଦାୟକ, ଓଡ଼ିଆ ଭାଷା, ଇଂରାଜୀଭାଷା, ଗଣିତ, ପରିବେଶ ଭିତ୍ତିକ ୫୦ ରୁ ଅଧିକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇଥିଲା । ଶିକ୍ଷଣ ସାମଗ୍ରୀ କର୍ମଶାଳାରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ଗଣ୍ଡାମେର ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଘ୍ନରାଜ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜ୍ଞାନ କେନ୍ଦ୍ର ଓ ବହୁବୃତ୍ତି ଶିକ୍ଷାନୁଷ୍ଠାନ ବୁଲିଲେ ଛାତ୍ରଛାତ୍ରୀ



**ବୌଦ୍ଧ, ୮ ।୨(ସମିସ):** ସରକାରଙ୍କ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଯୋଜନା ଆଧାରରେ ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ଜିଲ୍ଲାର ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରୁ ୨ଟି ବସ୍‌ରେ ୬୦ ଜଣ ଛାତ୍ରଛାତ୍ରୀ ବରଗଡ଼ ଅଭିମୁଖେ ବାହାରିଥିଲେ । ସମସ୍ତେ ବରଗଡ଼ ବିଜ୍ଞାନ କେନ୍ଦ୍ର ଓ ବହୁବୃତ୍ତି ଶିକ୍ଷାନୁଷ୍ଠାନ ବୁଲି ଦେଖିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଚେମଲାଲ ଦୁବେଙ୍କ ଦ୍ୱାରା ଏହି ଯାତ୍ରାର ଶୁଭାରମ୍ଭ କରାଯାଇଥିଲା । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନଙ୍କ ନେତୃତ୍ୱରେ ବସ୍ ପଟି ବରଗଡ଼ ଅଭିମୁଖେ ଯାତ୍ରା କରିଥିଲା । ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହଯୋଗରେ ପ୍ରାଥମିକ ଓ ମାଧ୍ୟମିକ ବିଭାଗର ୬୦ ଛାତ୍ରଛାତ୍ରୀ ଓ ୧୨ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଶୈକ୍ଷିକ ପରିଭ୍ରମଣରେ ଯାଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଦୁବେ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବାରିକଙ୍କ ସହିତ କାର୍ଯ୍ୟାଳୟ କର୍ମଚାରୀମାନେ ମଧ୍ୟ ପିଲାଙ୍କ ସହିତ ସାମିଲ ହୋଇଥିଲେ । ବରଗଡ଼ ଜିଲ୍ଲାର ଟୁକୁର୍ଲାରେ ଅବସ୍ଥିତ ଜିଲ୍ଲା ବିଜ୍ଞାନ କେନ୍ଦ୍ରରେ ୧୨୦ଟି ବିଜ୍ଞାନଭିତ୍ତିକ ପ୍ରକଳ୍ପ ବୁଲି ଦେଖିଥିଲେ । ଆକର୍ଷଣୀୟ ଆଲୋକ, ପ୍ରତିଫଳନ ଓ ପ୍ରତିବିମ୍ବ ସମୂହ ଏବଂ ଥିଏଟରରେ ଡାଇନୋସରଙ୍କ ଉପରେ ଆଧାରିତ ମୁଭି, ବିଜ୍ଞାନ ଉଦ୍ୟାନ, ଔଷଧୀୟ ବଗିଚା, ଶିଶୁ ଉଦ୍ୟାନ ଆଦି ବୁଲି ଜ୍ଞାନ ଆହରଣ କରିଥିଲେ । ସେହିଭଳି ସରକାରୀ ବହୁବୃତ୍ତି ଶିକ୍ଷାନୁଷ୍ଠାନ ବୁଲି ଦେଖିଥିଲେ ।

### ସପ୍ତମ ରାଜ୍ୟସ୍ତରୀୟ ଖଲିଆପାଲି ଫୁଟବଲ କପ୍

## ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ ସୋନପୁର ଚାମ୍ପିଅନ

**ବଲାଙ୍ଗିର, ୮ ।୨(ସମିସ):** ଖଲିଆପାଲି ଡ. ବି ଆର୍ ଆମ୍ବେଦକର ମିନି ଷ୍ଟାଡିୟମ୍‌ରେ ସପ୍ତାହ ବ୍ୟାପି ଆୟୋଜିତ ସପ୍ତମ ରାଜ୍ୟସ୍ତରୀୟ ଖଲିଆପାଲି ଫୁଟବଲ କପ୍ ଉଦ୍ଯାପିତ ହୋଇଛି । ଫାଇନାଲ ମ୍ୟାଚ୍‌ରେ ସୋନପୁର ମା' ମଙ୍ଗଳା ଏଫସି ଦଳ ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲକୁ ୪ ଗୋ୍ ଦେଇ ବିଜୟୀ ହେବା ସହ ଚାମ୍ପିଅନ ହୋଇଛି ।

ସୋନପୁର ଦଳ ମ୍ୟାଚ୍‌ର ପ୍ରଥମାର୍ଦ୍ଧରୁ ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲ ବିପକ୍ଷରେ ଏକ ଗୋଲ ଦେଇ ଦଳକୁ ଆଗେଇ ରଖିବା ସହ ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲର ଖେଳାଳିଙ୍କୁ ଗୋଲ୍ କରିବା ପାଇଁ କୌଣସି ସୁଯୋଗ ଦେଇ ନ ଥିଲା । ଦ୍ୱିତୀୟାର୍ଦ୍ଧରେ ମଧ୍ୟ ସୋନପୁର ଦଳ ଆହୁରି ୩ ଗୋଲ୍ ଦେଇ ଆଗୁଆ ରହିଥିଲା । ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲ ଦଳର ଖେଳାଳିମାନେ ଅନେକ ଚେଷ୍ଟା କରିଥିଲେ ହେଁ କୌଣସି ଗୋଲ୍ କରିପାରି ନ ଥିଲେ ।

ତେବେ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ପୌରାଧକ୍ଷା ଲିକା ସାହୁ, ବିଶିଷ୍ଟ ଶ୍ରମିକ ନେତା ଶମ୍ଭୁ ନାଗ, କାଉନସିଲର୍ ପ୍ରତିମା ଛତ୍ରିଆ, ବରିଷ୍ଠ ବିଜେଡି ନେତା ବିଦ୍ୟୁଭୂଷଣ ତ୍ରିପାଠୀ, ଭାଲେର୍ ସମବାୟ ସମିତିର ସଭାପତି ସତ୍ୟପୀର ପାତ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ଜଗନ୍ନାଥ ସ୍ପୋର୍ଟିଂ କ୍ଲବ୍‌ର ସଭାପତି ଶୁକଦେବ ସାହୁ ଓ ସମ୍ପାଦକ ହେମସାଗର ମହାନନ୍ଦଙ୍କ ନେତୃତ୍ୱରେ ସଭା ପରିଚାଳିତ ହୋଇଥିଲା । ଫାଇନାଲ ମ୍ୟାଚ୍‌କୁ ରେଫରୀ ଭାବେ ଦେବାଶିଷ ବାଗ ପରିଚାଳନା କରିଥିଲେ । ସହଯୋଗୀ ରେଫରୀ ଭାବେ ଆଶିଷ ଭୋଇ, ଶୁଭ୍ରାଂଶୁ ସେଠ୍ ରହିଥିଲେ । ମ୍ୟାଚ୍ କମିଶନର ଦାୟିତ୍ୱରେ ବୁଦ୍ଧିରାଜ୍ ବଗ୍ଧାଳ ଦାୟିତ୍ୱ ତୁଲାଇଥିଲେ । ହେମନ୍ତ ବେହେରା ଧାରା ବିବରଣୀ ପଠନ କରିଥିଲେ । ଶରତ ନନ୍ଦ ସହଯୋଗ କରିଥିଲେ ।

ବିଜେତା ଦଳକୁ ଟ୍ରଫି ଓ ୩୧ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଭାଲେର ଧନୁଯାତ୍ରା ସାଂସ୍କୃତିକ କମିଟିର ପୂର୍ବତନ ସଭାପତି ବ୍ରହ୍ମାନନ୍ଦ ନାଏକଙ୍କ ଦ୍ୱାରା ୩ ହଜାର ବୋନସ ରାଶି ପ୍ରଦାନ କରାଯାଇଥିଲା । ସେହିଭଳି ଉପବିଜେତା ଦଳକୁ ଟ୍ରଫି ଓ ୨୧ ହଜାର ଟଙ୍କା ପୁରସ୍କାର ରାଶି ସହ ପୂର୍ବତନ କାଉନସିଲର୍ ସତ୍ୟପୀର ପାତ୍ରଙ୍କ ଦ୍ୱାରା ୨ ହଜାର ଟଙ୍କା ବୋନସ ରାଶି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।



### ମା' ଭଣ୍ଡାର ଘରଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ

# ଚହରାକୁ ହରାଇ ମକରାଗୁଡ଼ା ବିଜୟୀ



**ଗୋଲାମୁଣ୍ଡା, ୮ ।୨(ସମିସ)**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମକରାଗୁଡା ତ୍ରିଶକ୍ତି ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ ମା ଭଣ୍ଡାର ଘରଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଉଦ୍ଯାପିତ ହୋଇଛି । ଏହି ଉଦ୍ଯାପନୀ ଦିବସରେ ମକରାଗୁଡା ଓ ଚହରା ମଧ୍ୟରେ ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର ପଟେଲ, ମୁରଲୀ ପଟେଲ, ମହେନ୍ଦ୍ର ଦାସ ଛବିଲାଲ ପଟେଲ, ଦିଲେଶ୍ୱର ପଟେଲ, ଅଶୋକ ପଟେଲ, ଗୋବିନ୍ଦ ବାଗ, କରୁକ୍ଷେତ୍ର ବାଗ, ପ୍ରଶାନ୍ତ ତାଣ୍ଡି, ସନ୍ତୋଷ ବାଗ, ଜଗଦିଶ ସାହୁ, ରୋମାଞ୍ଚଳ ବାଗ ପ୍ରମୁଖ ଯୋଗଦେଇ ଥିଲେ । ମକରାଗୁଡା ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୫୦ ରନ ସଂଗ୍ରହ କରିଥିବା ବେଳେ ଯବାବରେ ଚହରା ଦଳ ୧୦୪ ରନ ସଂଗ୍ରହ କରି ସମସ୍ତ ୱାଇକେଟ ହରାଇ ପରାଜୟ ହୋଇଥିଲା । ଫଳରେ ମକରାଗୁଡ଼ା ଦଳ ବିଜୟ ମୁକୁଟ ପିନ୍ଧିଥିଲା । ଅତିଥି ମାନଙ୍କଦ୍ୱାରା ବିଜୟୀ ଦଳ ଓ ପରାଜୟ ଦଳ ଦଳକୁ ଟ୍ରଫି ପ୍ରଦାନ କରି ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ରମି ବାଗ ଓ ଭିକାରି ଖେଳ ପରିଚାଳନା କରିଥିଲେ । ଡିଜିଟାଲ ସ୍କୋରର ଭାବରେ ଶଙ୍କର ସାହୁ, ବୁଲୁ ସାହୁ କାର୍ଯ୍ୟ ତୁଲାଇ ଥିବାବେଳେ ଖେଳର ଧାରାବିବରଣୀ ଡାକେଶ୍ୱର ନିଆଲ ଧାରାବିବରଣୀ ପ୍ରଦାନ କରିଥିଲେ । ମାଁ ଭଣ୍ଡାର ଘରଣୀ କ୍ରିକେଟ କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ । ଟିମ ମ୍ୟାନେଜର ଛନ୍ଦା ଚରଣ ପଟେଲ ଥିଲେ । ଏହି ଖେଳକୁ ଆୟୋଜିତ କରିଥିଲେ ପ୍ରେମଲାଲ ପଟେଲ ।

## ଚଣ୍ଡୀ ମହେଶ୍ୱରୀଙ୍କ ସ୍ୱର୍ଣ୍ଣମୂଦ ଓ ଗୃହ ପ୍ରବେଶ

**କୋକସରା, ୮ ।୨ (ସମିସ):** କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତର ମୁଗୁନାପଦର କପାଟଦର ସ୍ଥିତ କାଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅବସ୍ଥିତ ଚଣ୍ଡୀ ମହେଶ୍ୱରୀଙ୍କ ନବ ନିର୍ମିତ ଗୃହର ସ୍ୱର୍ଣ୍ଣମୂଦ ଓ ଗୃହ ପ୍ରବେଶ କାର୍ଯ୍ୟ ରବିବାର ଅନୁଷ୍ଠିତ ହୋଇଛି । ଶନିବାର ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ରବିବାର ସକାଳୁ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା । ମନ୍ଦିର ପୂଜକ ନନ୍ଦେଶ୍ୱର ଧଙ୍ଗଡ଼ାମାଝୀ, ଚଣ୍ଡୀମନ୍ଦିର ପୂଜକ ଶିବ ବାଣୁଆ ରହିଥିବାବେଳେ ଆଜିର ପୂଜାକୁ ଉମାଶଙ୍କର ଦାସ ସମ୍ପାଦନ କରିଥିଲେ । କର୍ତ୍ତା ଭାବରେ ବାସୁଦେବ ଧଙ୍ଗଡ଼ାମାଝୀ ଓ ତାଙ୍କ ସହଧର୍ମିଣୀ ଡାଳିମ୍ବ ଧଙ୍ଗଡ଼ାମାଝୀ ଦାୟିତ୍ୱ ନିର୍ବାହ କରିଥିଲେ । ସ୍ୱର୍ଣ୍ଣମୁଦ କାର୍ଯ୍ୟକ୍ରମରେ ଅତିଥି ଭାବେ



କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସଞ୍ଜୟ ସିଙ୍ଗଲ, ସୁରେଶ ଅଗ୍ରୱାଲ, ସ୍ଥାନୀୟ ସରପଞ୍ଚ ହରିପ୍ରିୟା ନାଗ, ପୂର୍ବତନ ସରପଞ୍ଚ ବନମାଳୀ ବାଗ, ନାନକ ଚନ୍ଦା ଅଗ୍ରୱାଲ, ବିନୋଦ ଅଗ୍ରୱାଲ, ରଘୁନାଥ ଖମାରୀ, ସାମିଲ ହୋଇଥିଲେ । କମିର ସମ୍ପାଦକ ମଣିରାମ ବାଣୁଆ, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ନାଗ, ଦିଗାମ୍ବର ନାଗ, ଦିଲୀପ ନାଏକ, ଟଙ୍କଧର ବାଣୁଆ, ଉଗ୍ରସେନ ବାଣୁଆ, ଚେୟାରମ୍ୟାନ ପୂଝାରୀ, ବଂଶୀଧର ନାଗ, ଦେବୀସିଂ ନାଗ, କ୍ଷମାସିଲ କାଣ୍ଡ, ଡମ୍ବରୁଧର କଟା, ପୂର୍ଣ୍ଣ କଟା, ପରମାନନ୍ଦ ନାଗ, ଯୋଗୀନ୍ଦ୍ର ପୂଝାରୀ, ରଘୁନାଥ ନାଗ, ଖଗେଶ୍ୱର ପାଣିଗ୍ରାହୀ, ଇଶ୍ୱର ବାଣୁଆ, ଶ୍ୟାମ କେତକୀ ପ୍ରମୁଖଙ୍କ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ ।

ସକାଳ
THE SAKALA



## କୋରାପୁଟ ଡିଏମ୍‌ଏଫ୍ ଟ୍ରଷ୍ଟ ବୋର୍ଡ ବୈଠକ

# ୧୦୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ



କୋରାପୁଟ,୮ ।୨(ସମିସ) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ କୋରାପୁଟ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଟ୍ରଷ୍ଟ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି ।କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କୋରାପୁଟ ସାଂସଦ ସପ୍ତଗିରି ଉଲକା,କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ପ୍ରମୁଖ ଉପସ୍ଥିତ ଥିଲେ ।ଦୁଇ ଆର୍ଥିକ ବର୍ଷ ପାଇଁ ପ୍ରକଳ୍ପ ଚୟନ ହୋଇଥିବା ବେଳେ ପ୍ରତ୍ୟେକ ପ୍ରକଳ୍ପ ଗୁଡିକୁ ନିରୀକ୍ଷଣ କରାଯାଇଥିଲା ।୬୦୦ କୋଟି ଟଙ୍କାର ପ୍ରସ୍ତାବ ଆସିଥିଲା ,ନିରୀକ୍ଷଣ ପରେ ୧୦୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି । ନୂଆ ମାର୍ଗଦର୍ଶିକା ପ୍ରକାରେ ସିଧାସଳଖ କ୍ଷତିଗ୍ରସ୍ତ ଅଂଚଳରେ ଅଗ୍ରାଧିକାର ଭିତ୍ତିରେ ପାଣ୍ଠି ବିନିଯୋଗ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ସ୍ୱାସ୍ଥ୍ୟ,ଶିକ୍ଷା, ଗମନାଗମନ, ଭିତ୍ତିଭୂମି ଓ ଜୀବିକା ଉପରେ ଗୁରୁତ୍ୱ ଦିଆଯାଇଛି ।ସମସ୍ତ ପ୍ରକଳ୍ପର ଗ୍ରାମସଭାରେ ଅନୁମୋଦନ ହୋଇଛି କି ନାହିଁ ତାହା ପୁଙ୍ଖାନୁପୁଙ୍ଖ ଭାବେ ନିରୀକ୍ଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଯଥାଶୀଘ୍ର ଆର୍ଥିକ ଅନୁମୋଦନ କରି ପାଣ୍ଠି ବିନିଯୋଗ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, କୋରାପୁଟ ବନଖଣ୍ଡ ଅଧିକାରୀ କେ ଭି ଭାସ୍କର ରାଓ,ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଖଣି ଉପ ନିର୍ଦ୍ଦେଶକ ପ୍ରଦୀପ କୁମାର ନାୟକ, ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗର ଏସଡିଓ ଅମୀୟ କୁମାର ନାୟକ,ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀକୃଷ୍ଣ ଶବର, ରାସ୍ତା ଓ ଗୃହ ନିର୍ମାଣ କୋରାପୁଟ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ଶୁଭକାନ୍ତ ବାରିକ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ବିଭାଗର ଏଡିପିଏଚଓ ଡାକ୍ତର ଶିବ ସାଇ ସ୍ୱରୂପ, ଜିଲ୍ଲା ପରିଷଦ ସଦସ୍ୟ ମିହିର କୁଲଦୀପ, ସେମିଳିଗୁଡା ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ଆମ୍ବାବାଲି ପଞ୍ଚାୟତ ସମିତି ସଭ୍ୟଇନ୍ଦୁ ବେଟକରୀ,ବିଜାଘାଟି ସରପଞ୍ଚ ପି ସିରିକା ପ୍ରମୁଖ ସଦସ୍ୟ ଓ ସଦସ୍ୟା ଉପସ୍ଥିତ ଥିଲେ ।ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡିଏମଏଫ ସଂଯୋଜକ ହିମାଂଶୁ ଶତପଥି ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ ।

## ● ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

# ସମାଜ ସଂସ୍କାର ମୂଲ୍ୟବୋଧ ହିଁ ପ୍ରକୃତ ଶିକ୍ଷା



ନନ୍ଦପୁର,୮।୨(ସମିସ): ନନ୍ଦପୁର ବ୍ଲକ କୁଲାବିର ପଞ୍ଚାୟତ ସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟବକ୍ତା ଭାବେ ସୁନାମଧନ୍ୟ କବି ବିଚିତ୍ରା ନନ୍ଦ ପଣ୍ଡା ଯୋଗଦେଇ ପାଠପଢା ସହ ନୀତି ଶିକ୍ଷା ଆଦର୍ଶ ସହ ସାମାଜିକ ସଂସ୍କାର ମୂଲ୍ୟବଧ ଶିକ୍ଷା ହିଁ ପ୍ରକୃତ ଶିକ୍ଷା ବୋଲି କହିଛନ୍ତି । ଏହି ଉତ୍ସବରେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଭାରତ ମାତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି କାମେସ କାମୁଡି, ପୂର୍ବତନ ସରପଞ୍ଚ ରାମ କରିକୃଷ୍ଣ ପଡା ଲ, କୁଲା ବିର ସରପଂଚ ଶୋଇତ ସମେଳି, ନନ୍ଦପୁର ବ୍ଲକ କଂଗ୍ରେସ ସଭାପତି ମଦନ ହାଡ ପୁଟି ଆ,ସମିତି ସଭ୍ୟା ରୁପାମ ଖିଲ, ଚାଟୁଆ ଗ୍ରାମ ପଞ୍ଚାୟତ ସରପଞ୍ଚ ମଣିମା ହନ୍ତାଳ ପ୍ରମୁଖ ଯୋଗ ଦେଇ ଥିଲେ । ଏହି ଅବସରରେ ବିଦ୍ୟାଳୟର ସମ୍ପାଦକ ଶତ୍ରୁଘ୍ନ ହିକାବାଡ଼ି, ପ୍ରଧାନ ଆଚାର୍ଯ୍ୟା , ଶ୍ରୀଧର ସୁତାର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଭିତ୍ତିଭୂମି ଉପରେ ଆଲୋକପାତ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପରିଚାଳନା ସଭାପତି ଲୋକେଶ କାଟ କମ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିବା ବେଳେ ବିଦ୍ୟାଳୟ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତି ଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ । ପରେ ବିଦ୍ୟାଳୟ କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



କୁନ୍ଦୁରା,୮।୨(ସମିସ): କୁନ୍ଦୁରା ସ୍ଥିତ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟଠାରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଓଡିଶା ସରକାର ଓ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶରେ ଗତ ୨୭ ତାରିଖ ଠାରୁ ଆଠ ଦିନିଆ ତାଲିମ ପ୍ରଦାନ କରାଯାଉଥିଲା । ଏଥିରେ ୧୦୫ଜଣ ଛାତ୍ରୀ ସାମିଲ ଥିଲେ। ଆଜିର ଉଦଯାପନୀ ସଭାରେ ଅଧ୍ୟକ୍ଷ ହୃଦୟ ରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରି ଛାତ୍ରୀ ମାନଙ୍କୁ ଆନାରକ୍ଷା ଶିବିରର ଉଦ୍ଦେଶ୍ୟ ସମ୍ବନ୍ଧରେ ଉପସ୍ଥାପନା କରିଥିଲେ। ମୁଖ୍ୟ ଅତିଥି ଭାବେ ସିଡିପିଓ ଆରତୀ ମହାପାତ୍ର ଯୋଗଦେଇ ଛାତ୍ରୀ ମାନଙ୍କୁ ଆନରକ୍ଷା କୌଶଳ ଦ୍ୱାରା କିଭଳି ସମାଜରେ ନାରୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ରୋକିବା ଏବଂ ନିଜ ଭିତରେ ଆତବିଶ୍ୱାସ ସୃଷ୍ଟି କରିବା ଭଳି ପ୍ରେରଣାପୂର୍ଣ୍ଣ ପରାମର୍ଶ ଦେଇଥିଲେ। ସନ୍ନମାନିତ ଅତିଥି ଭାବେ ବିଜୁ ପଟନାୟକ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷା ରିତାରାଣୀ କରଣ ଆଣାରକ୍ଷା କୌଶଳ ନାରୀ ମାନଙ୍କୁ କାହିଁକି ଆବଶ୍ୟକ ଏବଂ ନାରୀ ମାନେ ନିଜକୁ କିପରି ସୁରକ୍ଷା କରିପାରିବେ ସେଥିପାଇଁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ଥାନା ଏଏସଆଇ ସନାତନ ସୁନାନୀ, ମହାବିଦ୍ୟାଳୟ ପ୍ରତିଷ୍ଠାତା ପଞ୍ଚାନନ ଗୌଡ଼ ପ୍ରମୁଖ ମଞ୍ଚାସୀନ ଥିଲେ । ଅଧାପକ ରମେଶ ଚନ୍ଦ୍ର ଲେଙ୍କା, ଅଧାପିକା ଅଜିତା ପଣ୍ଡାଙ୍କ ସମେତ ସମସ୍ତ ଅଧାପକ ଅଧାପିକା ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ । ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ତାଲିମ୍ ପ୍ରାପ୍ତ ପ୍ରଶିକ୍ଷିକା ପ୍ରେମିକା ଖୋସଲା ଏବଂ ସୁକଲଦେଇ ପରଜା ଛାତ୍ରୀ ମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ। କରାଟେ ଶିକ୍ଷକ ଦେବାଶିଷ ପାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ କୌଶଳ ଶିଖାଇ ଥିଲେ ଓ ଏହି ଆତ୍ମରକ୍ଷା ଶିବିରକୁ ସଂଯୋଜିକା ରଶ୍ମିତା ପ୍ରଧାନ ପରିଚାଳନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

# ମଲ୍ଟି ପରପୋଜ୍ ସ୍ପୋର୍ଟ୍‌ସ ଏକାଡେମୀର ମିନି ମାରାଥନ




ଉମରକୋଟ,୮।୨(ସମିସ): ଉମରକୋଟ ମଲ୍ଟି ପରପୋଜ ସ୍ପୋର୍ଟସ ଏକାଡେମୀ ପକ୍ଷରୁ ଆଜି ଏକ ମିନି ମାରାଥନ ଅନୁଷ୍ଠିତ ହୋଇଛି। ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବା ତଥା କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ସକାଳ ୮ଟା ରୁ ଅଧିକାରୀ ଗୁଡା ଓଭର ବ୍ରିଜ ଠାରୁ ଏହି ମାରାଥନ ବାହାରି ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଉଦ୍‌ଯାପିତ ହୋଇଥିଲା। ଉମରକୋଟ ତହସିଲଦାର ମେଗବାନ ବାଗ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ବିଭିନ୍ନ ଅନୁଷ୍ଠାନରୁ ୧୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରୀ ବିପିନ କୁମାର ବାଘ, ଏସଆଇ ଅକ୍ଷୟ କୁମାର ମିଶ୍ର, ବିଶ୍ୱରଞ୍ଜନ ପାଢ଼ୀ ଓ ନରେନ୍ଦ୍ର ଗୋଲାପୀଙ୍କ ପ୍ରତ୍ୟେକ୍ଷ ସହଯୋଗରେ ସମାପନ ହୋଇଥିଲା। ସେହିଭଳି ମେଡିକାଲ ଅଫିସର ପୂଜାରୀଗୁଡା ଡା.ଅଜୟ କୁମାର ପ୍ରଧାନ, ଡା.ପଦ୍ମିନୀ ସାହୁ, ଫାର୍ମାସିଷ୍ଟ ରଞ୍ଜନ କୁମାର ଜେନା, ଅଶୋକ କୁମାର ସାହୁ, ଗୁରୁକୃପା ଶିକ୍ଷାନୁଷ୍ଠାନ ସଭାପତି ମନୋଜ କୁମାର ପାଢ଼ୀ, କ୍ରୀଡା ଶିକ୍ଷକ ବ୍ରଜବନ୍ଧୁ କାଣ୍ଡି, କିଶୋର ଚନ୍ଦ୍ର ସିଲ, ଜିଲା କ୍ରୀଡାସଙ୍ଘ ମହିଳା ସଂଯୋଜିକା ଇଂ.ଚନ୍ଦନା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ଏ ଠାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉମରକୋଟ ପୌର ପରିଷଦର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ଯୋଗ ଦେଇ ପରିଚାଳନା ନିର୍ଦ୍ଦେଶକ ମଲ୍ଟି ପରପୋଜ ସ୍ପୋର୍ଟ୍ସ ଏକାଡେମୀ ଏମ. ବିଜୟ କୁମାରଙ୍କ ଉଦ୍ୟମକୁ ବେଶ ପ୍ରଶଂସା କରାଯାଇଥିଲା। ମିନି ମାରାଥନରେ ଅଂଶଗ୍ରହଣ କରିଥିବା ସମସ୍ତ ପୁରୁଷ ଓ ମହିଳା ବିଭାଗୀୟ କୃତୀ ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରିଥିଲେ। ଉଭୟ ବିଭାଗରେ କୃତିତ୍ୱ ହାସଲ କରିଥିବା ଶ୍ରେଷ୍ଠ ୧୦ ଜଣଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା ଓ ଉଭୟ ପୁରୁଷ ଓ ମହିଳା ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ କ୍ରୀଡ଼ାବିତଙ୍କୁ ୬୦୦୦ ଟଙ୍କା,ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କୃତୀ କ୍ରୀଡ଼ାବିତଙ୍କୁ ୪୦୦୦ ଟଙ୍କା ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ କ୍ରୀଡ଼ାବିତଙ୍କୁ ୨୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା ।

## ରାୟଗଡ଼ା ଜିଲ୍ଲା ବିଜେଡି ଯୁବ ସଭାପତି ହେଲେ ଧୀରେନ୍ଦ୍ର ପାଣିଗ୍ରାହୀ



ମୁନିଗୁଡ଼ା,୮ ।୨(ସମିସ): ରାୟଗଡ଼ା ଜିଲ୍ଲା ବିଜେଡି ଯୁବ ସଭାପତି ଭାବେ ମନୋନୀତ ହୋଇଛନ୍ତି ଧୀରେନ୍ଦ୍ର ପାଣିଗ୍ରାହୀ । ବିଜୁ ଜନତା ଦଳ ତରଫରୁ ତୃଣମୂଳ ସ୍ତରରୁ ଦଳକୁ ସୁଦୃଢ କରିବା ପାଇଁ ଏହି ଦାୟିତ୍ୱ ଶ୍ରୀ ପାଣିଗ୍ରାହୀଙ୍କୁ ମିଳିଛି। ଧୀରେନ୍ଦ୍ର ପୂର୍ବରୁ ଯୁବକ ମାନଙ୍କୁ ସଂଗଠିତ କରିବା ଓ ବିଜେଡି ଦଳର ପ୍ରତିଷ୍ଠିତ ଯୁବ ନେତା ଭାବେ କାର୍ଯ୍ୟ କରି ଜିଲ୍ଲାରେ ଦଳକୁ ସୁଦୃଢ କରିଥିଲେ। ରାୟଗଡ଼ା ବିଜେଡି ଜିଲ୍ଲା ସଭାପତି ଜଗନ୍ନାଥ ସାରକା, ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାସ, ମୁନିଗୁଡା ବ୍ଲକ ସଭାପତି ରତନ ଜୈନ,ଜିଲ୍ଲା ସାଧାରଣ ସମ୍ପାଦକ ପୂର୍ଣଚନ୍ଦ୍ର ଗୌଡ଼, ସଂଗଠକ ପିଙ୍କୁ ପାତ୍ର, ବୃନ୍ଦାବନ ପାଢ଼ୀଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଶ୍ରୀ ପାଣିଗ୍ରାହୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଗୁପ୍ତେଶ୍ୱର ପୀଠ ପଲିଥିନ ମୁକ୍ତ ପାଇଁ ବୈଠକ

ବୈପାରୀଗୁଡ଼ା, ୮।୨(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଚନ୍ଦ୍ରପୋଡା ଛକରେ ଫ୍ରେଣ୍ଡସ୍ ୟୁନିଟ୍ କ୍ଲବ୍ ଓ ଲକ୍ଷ୍ମଣ ନାୟକ ଯୁବ ସେନା ସଦସ୍ୟଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛ। ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ପୀଠ ତଥା ଜୈବ ବିବିଧତା ଐତିହ୍ୟସ୍ଥଳୀ ଗୁପ୍ତେଶ୍ୱର ଶୈବପୀଠକୁ ପଲିଥିନ ମୁକ୍ତ ପାଇଁ ଆଲୋଚନା କରାଯାଇଛି । ଏନେଇ ଆସନ୍ତା କାଲି ବ୍ଲକ ପ୍ରଶାସନଙ୍କୁ ଏକ ଦାବି ପ୍ରଦାନ କରାଯିବ ବୋଲି ସୂଚନା ରହିଛି। ଆଗକୁ ପୀଠରେ ବହୁ ଆଡମ୍ବର ଭାବେ ଶବରାତ୍ରି ତଥା ଜାଗରେ ଯାତ୍ରା ଅନୁଷ୍ଠିତ ହେବ। ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ। ହେଲେ ପୀଠକୁ ପଲିଥିନି ମୁକ୍ତ ପାଇଁ ବନ ବିଭାଗ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ସଚେତନ ମୂଳକ କାର୍ଯ୍ୟ ହାତକୁ ନେଇଛନ୍ତି କିନ୍ତୁ ପୀଠରେ ପଲିଥିନି ମୁକ୍ତ ହୋଇପାରୁନାହିଁ । ଏଣୁ ଜାଗର ଯାତ୍ରା ପାଇଁ ସ୍ୱତନ୍ତ୍ର ଭାବେ ପଲିଥିନ ମୁକ୍ତ ନିୟମ ଲାଗୁ କରିବା ସହ ସଚେତନ କାର୍ଯ୍ୟ ପାଇଁ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ଜଣାପଡିଛି । ଏହି ବୈଠକରେ କାମାକ୍ଷା ପ୍ରସାଦ ମାଝୀ, ଅଭିମନ୍ୟୁ ରୋଗଡି , ଜଗନ୍ନାଥ ନାୟକ, ଭୀମସେନ ହରିଜନ, ଧନପତି ନାୟକ, ଏମ୍ ତେଜେଶ୍ୱର ରାଓ, ସନୁ ତେନ୍ତୁଳିପାଡିଆ, ଚକ୍ର ବୈରାଗୀ, ମଧୁସୂଦନ ରାଉତ, ଉମା ମହେଶ୍ୱର, ବିଜୟ ଖରା, ସନିଆ ସୁକ୍ରି ଓ ମାଧବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବୈପାରିଗୁଡ଼ା,୮।୨(ସମିସ): ବୈପାରିଗୁଡା ବୀରଖମ୍ବ ଶକ୍ତି ପୀଠର ଟେକବାଡ଼ ନିକଟରେ କଲେଜ ଅଧ୍ୟକ୍ଷଙ୍କ ପାଇଁ ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ବୈପାରିଗୁଡା ସ୍ଥିତ ସହିଦ୍ ଲକ୍ଷ୍ମଣ ନାୟକ ଜୁନିଅର କଲେଜର ଅଧ୍ୟକ୍ଷ କୁମୁଦ ରଞ୍ଜନ ମହାରଣାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ୧୯୯୬ ମସିହାରେ ସ୍ଥାପିତ ହୋଇଥିବା ସହିଦ୍ ଲକ୍ଷ୍ମଣ ନାୟକ ଯୁକ୍ତ ଦୁଇ ମହାବିଦ୍ୟାଳୟରେ ପଢୁଥିବା ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଜି ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ କଲେଜ ଅଧ୍ୟକ୍ଷ କୁମୁଦ ରଞ୍ଜନ ମହାରଣାଙ୍କ ସହ କଲେଜର ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେଇଥିଲେ। ଅଧ୍ୟକ୍ଷ ଶ୍ରୀ ମହାରଣାଙ୍କୁ ବାଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ନିଜ ନିଜର ଅନୁଭୂତି ଜଣେଇ ଥିଲେ। ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ଛାତ୍ର କ୍ଷୀରୋଦ କୁମାର ପାଇକ, ସୁରେନ୍ଦ୍ର ଖରା, ଭବାନୀ ମାଳି, ପି. ଅଶୋକ କୁମାର, ପୁରୁଷୋତ୍ତମ ତଳିଆ, କୈଳାସ ଗୋଲରୀ, ଅନିଲ୍ ପାତ୍ର, ଫିରୋଜ ଦୋରା, ଛାତ୍ରୀଙ୍କ ମଧ୍ୟରୁ ପ୍ରମୋଦିନୀ କର, କୃଷ୍ଣ ପ୍ରିୟା ଗୌଡ଼, ରଶ୍ମି ନାୟକ, ପୁଷ୍ପାଞ୍ଜଳି ପଟ୍ଟନାୟକ ଓ ପାର୍ବତୀ ପ୍ରମୁଖ ଯୋଗ ଦେଇଥିଲେ।

## ● ବାଇକ୍ ଧକ୍କାରେ ଯୁବକ ମୃତ

# ଗ୍ରାମବାସୀଙ୍କ ରାସ୍ତା ଅବରୋଧ

ରାୟଗଡ଼ା, ୮।୨(ସମିସ): ରବିବାର ରାତି ୯ଟା ସମୟରେ ବାଇକ୍ ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରୋକ ହୋଇଛି। ମୃତକ ଜଣକ ହେଲେ ରାୟଗଡ଼ା ସଦର ବ୍ଲକ ପିତାମହଲ ପଞ୍ଚାୟତ ଅନ୍ତର୍ଗତ ଦିଶାରୀଗୁଡା ଗ୍ରାମର ସୁନୀଲ ହିମିରିକା (୪୦) । ପିତାମହଲ - ସିରିକଣା ମୁଖ୍ୟ ବାଇପାସ ରାସ୍ତାର ଦିଶାରୀଗୁଡା ଛକ ନିକଟରେ ସୁନୀଲ ରାସ୍ତା ଅତିକ୍ରମ କରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ସୁନୀଲକୁ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ଗୁରୁତର ଆହତ ହୋଇ ରକ୍ତାକ୍ତ ଅବସ୍ଥାରେ ସୁନୀଲ ମୃତ୍ୟୁବରଣ କରିଥିଲେ। ଦୁର୍ଘଟଣା ଘଟାଇଥିବା ବାଇକ୍‌ର ପାର୍ଟ ଗୁଡିକୁ ରାସ୍ତା ଉପରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ବାଇକ ଚାଳକ ଘଟଣା ସ୍ଥଳରୁ ବାଇକ୍ ନେଇ ଫେରାର ହୋଇଥିବା ଜଣାପଡିଛି। ଘଟଣା ସ୍ଥଳରେ ମୃତକଙ୍କ ପରିବାର ବର୍ଗ ଏବଂ ଗ୍ରାମବାସୀ ପହଞ୍ଚି କ୍ଷତିପୂରଣ ଦାବି କରି ରାସ୍ତା ରୋକ କରିଥିବା ବେଳେ ଶେଷଖାଲ ଥାନା ଅଧିକାରୀ ଏବଂ ପୋଲିସ କର୍ମଚାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଛନ୍ତି। ପିତାମହଲ ଗ୍ରାମପଞ୍ଚାୟତ ସରପଞ୍ଚ ଟୁଟୁ ତାଡିଙ୍ଗି ପହଞ୍ଚି ଦୁର୍ଘଟଣା ଘଟାଇ ଥିବା ବାଇକ୍ ଚାଳକଙ୍କୁ ଧରିବା ପାଇଁ ପୁଲିସ ନିକଟରେ ଦାବି କରିଥିଲେ । ଏ ନେଇ ପୁଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟାନ୍ୟ ମେଡିକାଲରେ ପଚରା ଉଚୁରା କରିଥିବା ବେଳେ ଖବର ଲେଖାହେବା ସୁଦ୍ଧା ତାଙ୍କର ତଥ୍ୟ ମିଳି ନ ଥିବା ଜଣାପଡିଛି।

## ଶେଷ ହେଉନି ପକ୍କା ରାସ୍ତା, ଲୋକେ ହନ୍ତସନ୍ତ

ପୋଡ଼ାଗଡ଼,୮।୨(ସମିସ) : ଏବେ ବି ଅନେକ ଗ୍ରାମ ରହିଛି ଯେଉଁ ଗାଁକୁ ପକ୍କା ରାସ୍ତା ସପନ ପାଲଟିଛି। ଏପରି ଏକ ଗ୍ରାମ ରହିଛି ଯେଉଁ ଗାଁକୁ ଅଧା ପର୍ଯ୍ୟନ୍ତ ପକା ରାସ୍ତା ହେଇଛି । କିନ୍ତୁ ଗାଁ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। କିନ୍ତୁ ଗୁଗୁଲ ମ୍ୟାପରେ ରାସ୍ତା ପୁରା ଗ୍ରାମରେ ଥିବା, ବିଦ୍ୟାଳୟ ପର୍ଯ୍ୟନ୍ତ ପକ୍କା ରାସ୍ତା ଦେଖାଉଛି। ବାସ୍ତବରେ ରାସ୍ତାଟି ଗ୍ରାମରୁ ୨ କିମି ଆଗରେ ଅଟକି ଯାଇଛି। ରାସ୍ତା ନିର୍ମାଣ ହୋଇ ଦୀର୍ଘ ୨ ରୁ ୩ ବର୍ଷ ବିତଯାଇଥିଲେ ସୁଦ୍ଧା ଗ୍ରାମକୁ ପକ୍କା ରାସ୍ତା ପହଞ୍ଚି ପାରୁନାହିଁ। ଦଶମନ୍ତପୁର ବ୍ଲକ ଅଧିନସ୍ଥ ପିଣ୍ଡାପଦର ପଞ୍ଚାୟତ ଅନ୍ତର୍ଗତ ନାରଗଛ ଗ୍ରାମେଏଭଳି ଅବସ୍ଥା। ୨ ରୁ ୩ ବର୍ଷ ପୂର୍ବେ ଏନବିସିସି ନାମକ ଏକ ଠିକା ସଂସ୍ଥା ସୋରିଷ ପଦର ଛକରୁ ନାର ଗଛ ଗ୍ରାମକୁ ପକା ରାସ୍ତା ନିର୍ମାଣ କରିଥିଲା। କିନ୍ତୁ ନାର ଗଛ ଗ୍ରାମରେ ପହଞ୍ଚିବା ପୂର୍ବରୁ ହିଁ ରାସ୍ତା ଶେଷ କରି ଦେଇଛି। ଫଳରେ ଗ୍ରାମରେ ରାସ୍ତା ପହଞ୍ଚି ନଥିବାରୁ ଗ୍ରାମବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଗ୍ରାମରେ ଯଦି କାହାର ଦେହ ଖରାପ ହୁଏ, କିମ୍ବା ପ୍ରସୂତି ମହିଳାଙ୍କୁ ହସ୍ପିଟାଲ ନେବାକୁ ହୁଏ, ପ୍ରାୟ ୧ ରୁ ୨ କିମି ଭାରରେ ବୋହି ନେବାକୁ ପଡ଼ିଥାଏ ବଲି ଗ୍ରାମର ତାରା ମୁଦୁଲି, ତିରିନାଥ ମୁଦୁଲି, ଜୟଦାନ ମୁଦୁଲି, ଭାଗିରତି ଦିସାରି, କାର୍ତ୍ତିକ ଜାନି ପ୍ରମୁଖ କହିଛନ୍ତି। ଗ୍ରାମବାସୀ କହିଛନ୍ତ, ରାସ୍ତା ସମ୍ପୂର୍ଣ୍ଣ ହୋଇ ନଥିବା ବେଳେ କିପରି ଗୁଗୁଲ ମ୍ୟାପ୍‌ରେ ଦେଖାଉଛି। କଣ ପାଇଁ ଗାଁରେ ରାସ୍ତା ପହଞ୍ଚି ନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥା ମଧ୍ୟରେ ସମନ୍ୱୟ ଅଭାବରୁ ରାସ୍ତା ଗ୍ରାମରେ ପହଞ୍ଚି ପାରୁ ନାହିଁ। ଏନେଇ ଜିଲ୍ଲା ପ୍ରଶାସନ ସହ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନଥିବା ଗ୍ରାମବାସୀ କହିଛନ୍ତି।

## ଡେଙ୍ଗାଜାନିଗୁଡ଼ାରେ ସ୍ଥିତି ପରଖିଲେ ସାଂସଦ

# ଆନ୍ଦୋଳନ ପରେ ଚେତିଲା ପ୍ରଶାସନ



କୋରାପୁଟ/ପୋଡ଼ାଗଡ଼,୮।୨(ସମିସ): ନାଲ୍‌କୋ ରେଡମୋଡ ପଣ୍ଡ ଯୋଗୁଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ଦୀର୍ଘ ବର୍ଷରୁ ଦଶମନ୍ତପୁର ବ୍ଲକ ଡେଙ୍ଗାଜାନୀଗୁଡା ଗ୍ରାମବାସୀ କରି ଆସୁଥିବା ବେଳେ କୋରାପୁଟ ସାଂସଦ ସପ୍ତଗୀରି ଶଙ୍କର ଉଲ୍ଲାକା ରବିବାର ଡେଙ୍ଗାଜାନିଗୁଡ଼ା ଗସ୍ତ କରି ସ୍ଥିତି ପରଖିବା ସହ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଏ ବିଷୟରେ ସେ ସଂସଦରେ ଉପସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସାଂସଦଙ୍କ ସହ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ, ପୁର୍ବତନ ବିଧାୟକ ନିମାଇ ସରକାର, ବିଧାୟକ ପ୍ରାର୍ଥୀ କୃଷ୍ଣ କୁଲଦୀପ, ଜିଲ୍ଲା ପରିଷଦ ସଦସ୍ୟ ମିହିର କୁଲଦୀପ ପ୍ରମୁଖ ଡେଙ୍ଗାଜାନିଗୁଡ଼ା ଗସ୍ତ କରି ଲୋକଙ୍କ ସହ ଆଲୋଚନା କରିଛନ୍ତି। ସୂଚନା ଥାଉକି ଡେଙ୍ଗାଜାନିଗୁଡ଼ା ଗ୍ରାମବାସୀ ନାଲକୋ ରେଡମୋଡ ପଣ୍ଡ ଯୋଗୁଁ କିଭଳି କ୍ଷତିଗ୍ରସ୍ତ ହେଉଛନ୍ତି, ସେମାନଙ୍କ ଚାଷ ଜମି ନଷ୍ଟ ହୋଇଛି ଓ ରାସାୟନିକ ପଦାର୍ଥ ଯୋଗୁଁ ପାନୀୟ ଜଳ ଦୂଷିତ ହେବା ସହ ଗ୍ରାମବାସୀ ଚର୍ମ, ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହେଉଥିବା ଏବଂ ଗୃହ ପାଳିତ ପ୍ରାଣୀ ସମ୍ପଦଙ୍କ ଜୀବନ ହାନି ହେଉଥିବା ଅଭିଯୋଗ କରି ଆସୁଥିଲେ। ଏଭଳି ଦୂଷିତ ପରିବେଶରେ ସେମାନେ ଗାଁରେ ରହିବା ବିପଦ ଜନକ ଦର୍ଶାଇ ସେମାନଙ୍କୁ ନାଲକୋ କର୍ତ୍ତୃପକ୍ଷ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି କରୁଥିଲେ। କିନ୍ତୁ,ଜିଲ୍ଲା ପ୍ରଶାସନ କିମ୍ବା ନାଲକୋ କର୍ତ୍ତୃପକ୍ଷ ଏଥିପ୍ରତି ଗୁରତ୍ୱ ଦେଉ ନଥିଲେ। ହେଲେ ୬ ତାରିଖ ଦିନ ପଟ୍ଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡ଼ାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଜିଲ୍ଲା ସଭାପତି ରୂପକ ତୁରୁକଙ୍କ ନେତୃତ୍ୱରେ ନାଲକୋ ଜମିହରା ସଂଘ ଓ ଡେଙ୍ଗାଜାନିଗୁଡ଼ା ଗ୍ରାମବାସୀ ୧୦ ଦଫା ଦାବି ନେଇ ନାଲକୋ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଉଭୟଙ୍କ ନିଦ ଭାଙ୍ଗିଛି। ୭ ତାରିଖ ଦିନ ନାଲକୋ ଇଡି ଅମରେନ୍ଦ୍ର ମିଶ୍ର,ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଗ୍ରାମ ପରିଦର୍ଶନ କରି ଲୋକମାନଙ୍କ ସହ ଆଲୋଚନା କରିଥିଲେ। ନାଲକୋ ଇଡି ଙ୍କ ମିଶ୍ର ନଳକୂପ ପାଣିର ସ୍?ାଦ ଚାଖିଥିଲେ। ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ମଧ୍ୟ ଉପସ୍ଥିତ ରହି ତୁରନ୍ତ ଲୋକଙ୍କୁ ନ୍ୟାୟ ଦେବାକୁ ଦାବି କରିଛନ୍ତି। ଆନ୍ଦୋଳନ ପରେ ନାଲକୋ ପ୍ରଶାସନର ତତ୍ପରତା ପ୍ରକାଶ ପାଇଛି। ଜିଲ୍ଲାପାଳ ନିଜେ ଉକ୍ତ ଗ୍ରାମକୁ ଯାଇ ନିଶ୍ଚିତ ଭାବେ ସ୍ଥିତି ଅନୁଧ୍ୟାନ କରିବେ ବୋଲି କଂଗ୍ରେସ ସଭାପତି ଶ୍ରୀ ତୁରୁକ ଆଶା ରଖିଛନ୍ତି। ଏହାର ସମାଧାନ ପାଇଁ ତୁରନ୍ତ ଗ୍ରାମବାସୀଙ୍କୁ ସ୍ଥାନାନ୍ତର କରାଯାଉ ବୋଲି ଦାବି ରଖିଛନ୍ତି। ନାଲକୋ ପ୍ରଭାବିତ ଗ୍ରାମ ଗୁଡିକରେ ସୁସ୍ଥ ପରିବେଶ ପ୍ରତି ଧ୍ୟାନ ଦିଆଯାଉ। ନଚେତ କଂଗ୍ରେସ ଦଳ ପୁନର୍ବାର ଆନ୍ଦୋଳନକୁ ଜୋରଦାର କରିବ ବୋଲି ଚେତାବନି ଦିଆଯାଇଛି।

# ଦିବ୍ୟାଙ୍ଗଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା



କୋରାପୁଟ,୮।୨(ସମିସ): ସ୍ଥାନୀୟ ଟାଉନ୍ ହଲ ଠାରେ କୋରାପୁଟ ବ୍ଲକ ଏବଂ ପୌର ପରିଷଦ ତରଫରୁ ଦିବ୍ୟାଙ୍ଗମାନଙ୍କ ନିମନ୍ତେ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଗତକାଲି ୨୮ କ୍ରୀଡ଼ା ଇଭେଣ୍ଟ ସ୍ଥାନୀୟ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ହୋଇଥିବା ବେଳେ ଆଜି ୧୨ ଗୋଟି ସାଂସ୍କୃତିକ ପ୍ରତିଯୋଗିତା ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ କୋରାପୁଟ ବ୍ଲକ ଏବଂ ପୌରପରିଷଦର ଦୃଷ୍ଟି ବାଧିତ ବିଦ୍ୟାଳୟ, କୋରାପୁଟ, ମାନସ ବିଦ୍ୟାଳୟ, କୋରାପୁଟ, ସରକାରୀ ମହାବିଦ୍ୟାଳୟ, ଏବଂ ଏକତା ସଂସ୍ଥାରୁ ୧୪୭ ଜଣ କନିଷ୍ଠ ଏବଂ ବରିଷ୍ଠ ଦିବ୍ୟାଙ୍ଗମାନେ ସଂଗୀତ, ବୀଣା, ନାଚ, ବକ୍ତୃତା, ଚିତ୍ରାଙ୍କନ ଭଳି ବିଭିନ୍ନ ପ୍ରତିଯୋଗୀତା ଭାଗନେଇଥିଲେ ଏବଂ ସେମାନଙ୍କୁ ଟ୍ରଫି ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ, କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝି ଯୋଗଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ପ୍ରମୋଦ କୁମାର ଡାକୁଆ, ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ପ୍ରେମଦାନୀ କିଣ୍ଡୋ, ପୌରପରିଷଦ ଗୋଷ୍ଠୀ ସଂଗଠିକା ସ୍ନିଗ୍ଧା ସାମଲ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ଶତପଥି ଯୋଗଦାନ କରିଥିଲେ। କନିଷ୍ଠ ସହାୟିକା ପିଙ୍କି ଅଡାରୀ, ଏପିଓ ସନ୍ତୋଷିନୀ ମହାପାତ୍ର, ଏଡିଇଓ ମନୋଜ କୁମାର ହିଆଲ, ପେସା ସଂଯୋଜିକା ମଞ୍ଜୁଳ ପାତ୍ର, ଡିଇଓ. ଡି. ରୋଜିକା, କାର୍ଯ୍ୟକ୍ରମ ସହାୟକ ୱାଇ ସୁନିଲ୍ କୁମାର, ନିତୀନ୍ କୁମାର ଭୁକ୍ତା, ବ୍ଲକ ତଥା ପୌରପାଳିକାର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବେଆଇନ ବସ୍ତି ଉଚ୍ଛେଦ ନେଇ ୪୭ ଜଣଙ୍କୁ ନୋଟିସ

## ବାଂଲାଦେଶୀ ରହୁଥିବା ଅଭିଯୋଗ ହୋଇଥିଲା

ଜୟପୁର, ୮।୨ (ସମିସ): କୋରାପୁଟ ଜିଲ୍ଲା ଜୟପୁର ତହସିଲର ଟାଙ୍କୁଆ ଗ୍ରାମପଞ୍ଚାୟତର ଜଗନ୍ନାଥପୁର ମୌଜାର ବାମୁଣି ଗାଁର ବାବା କୁପୁଲିର ସରକାରୀ ଜମିକୁ ଜବରଦଖଲ ସହିତ ଗୃହ ନିର୍ମାଣ ହୋଇଛି। ଭଡାରେ କିଛି ବଙ୍ଗଳାଦେଶୀ ଏଠାରେ ରହିବା ସହିତ ଫେରିବାଲା ଭାବେ ସହର ଏବଂ ଆଖପାଖରେ ବୁଲୁଛନ୍ତି ବୋଲି ଅଭିଯୋଗ ହୋଇଥିଲା। ଏଥିନେଇ ଜୟପୁର ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଜୟପୁର -୧ର ରାଜସ୍ୱ ନିରୀକ୍ଷକ ସଦାଶିବ ହନ୍ତାଳ ଘଟଣାସ୍ଥଳକୁ ଯାଇ ତଦନ୍ତ ବେଳେ ଖାତା ନମ୍ବର ୪୫ ଏବଂ ପ୍ଲଟ ନମ୍ବର ୨୦୬ ରହିଥିବା ୧୨ ଏକର ୩୩ ଡେସିମିଲ ଜମିରୁ ପ୍ରାୟ ୬୦ରୁ ୭୦ ଡେସିମିଲ ସରକାରୀ ଜମିକୁ ଗତ କିଛି ବର୍ଷ ହେଲାଣି କିଛି ଲୋକ ଜବରଦଖଲ କରିଥିବା ସହିତ ଗୃହ ନିର୍ମାଣ କରି ରଖିଛନ୍ତି। ତେଣୁ ଆସନ୍ତା ୩୦ ଦିନ ମଧ୍ୟରେ ଉକ୍ତ ଜମିକୁ ଖାଲି କରିବାକୁ ୪୭ ଜଣ ଘର ମାଲିକଙ୍କୁ ନୋଟିସ ଜାରି କରାଯାଇଛି। ସରକାରୀ ନିର୍ଦ୍ଦେଶନାମାକୁ ଆସନ୍ତା ୩୦ ଦିନ ମଧ୍ୟରେ କାର୍ଯ୍ୟକାରୀ କରାନ ଗଲେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ



କରାଯାଇଛି। ବାମୁଣି ଗାଁରେ ରହିଥିବା ଏହି ସରକାରୀ ଜମିକୁ ଜବରଦଖଲର କରାଯାଇ ଗୃହ ନିର୍ମାଣ କରି ଗତ ପ୍ରାୟ ୧୦ ବର୍ଷ ହେଲାଣି କିଛି ଲୋକ ରହୁଥିବା ବେଳେ କିଛି ଗୃହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିଲେ। ଉକ୍ତ ବସ୍ତିର ଗୃହକୁ କିଛି ବାହାର ରାଜ୍ୟର ଅପରିଚିତ ଲୋକଙ୍କୁ ଭଡାରେ ପ୍ରଦାନ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଅଞ୍ଚଳ ଏକ ନିଛାଟିଆ ଏବଂ ସାଧାରଣ ଲୋକଙ୍କ ଦୃଷ୍ଟି ଅନ୍ତୁଆଳରେ ରହିଥିବା ଯୋଗୁଁ ବାହାର ରାଜ୍ୟ ଏବଂ ବଙ୍ଗଳାଦେଶରୁ ବେଆଇନ ଭାବେ ଭାରତରେ ପ୍ରବେଶ କରିଥିବା ଲୋକମାନେ ଏଠାରେ ରହି ଫେରିବାଲା ଭାବେ ସାମଗ୍ରୀ ବିକ୍ରି କରିଥାନ୍ତି। ସେମାନଙ୍କ ଚାଲିଚଳଣ ସନ୍ଦେହ ଘେରରେ ବୋଲି ସ୍ଥାନୀୟ ବାସିନ୍ଦା ମାନେ ଅଭିଯୋଗ କରିଥିଲେ। ପୁଲିସ ଏବଂ ପ୍ରଶାସନ ପକ୍ଷରୁ ଯାଞ୍ଚ ମଧ କରାଯାଇଥିଲା। ଉକ୍ତ ଫେରିବାଲା ମାନେ ପଶ୍ଚିମ ବଙ୍ଗ ରାଜ୍ୟର ମୁର୍ସିଦାବାଦର ଜିଲ୍ଲାର ବାସିନ୍ଦା ବୋଲ କିଛି ସନ୍ଦେହଜନକ ପରିଚୟ ପତ୍ର ଦେଖାଇଥିଲେ। କିନ୍ତୁ ଆଇନଶୃଙ୍ଖଳା ବ୍ୟବସ୍ଥା ବିଗିଡିବାର ଆଶଙ୍କା ନେଇ ପୁଲିସ ପକ୍ଷରୁ ତୁରନ୍ତ ଜୟପୁର ସହର ଏବଂ ଆଖପାଖ ଅଞ୍ଚଳ ଛାଡି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଉକ୍ତ ଜମି ସରକାରଙ୍କ ହୋଇଥିବା ବେଳେ ଜବରଦଖଲକୁ ଉଚ୍ଛେଦ କରିବାକୁ ସ୍ଥାନୀୟ ବାସିନ୍ଦା ମାନେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟ ପକ୍ଷରେ ଜବରଦଖଲକାରୀ ମାନେ ଦୀର୍ଘ ବର୍ଷ ରହୁଥିବା ଏବଂ ଗରିବ ଶ୍ରେଣୀର ହୋଇଥିବାରୁ ଯୋଗୁଁ ଜମି ପ୍ରଦାନ ସହିତ ଆବାସ ଯୋଜନାରେ ସାମିଲ କରିବା ନେଇ ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ଯୁଗ୍ମ କୃଷି ନିର୍ଦ୍ଦେଶକଙ୍କ ମାଣ୍ଡିଆ ମଣ୍ଡି ପରିଦର୍ଶନ



ବୈପାରିଗୁଡ଼ା,୮।୨(ସମିସ): ବୈପାରିଗୁଡା ବ୍ଲକ ଦଶମନ୍ତପୁର ମାଣ୍ଡିଆ ମଣ୍ଡିକୁ ଯୁଗ୍ମ କୃଷି ନିର୍ଦ୍ଦେଶକ ନନ୍ଦିନୀ ଦଳେଇ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲା ଓ ବ୍ଲକ୍ ସ୍ତରର କୃଷି ବିଭାଗର ଅଧିକାରୀ, ୱାସନ୍ କର୍ମୀ ଟିଡିସିସି କର୍ମୀ ଓ ସିଓ୍ୱାଏସଡି ସଂସ୍ଥାର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ପରିଦର୍ଶନ ବେଳକୁ ଯୁଗ୍ମ କୃଷି ନିର୍ଦ୍ଦେଶକ ନନ୍ଦିନୀ ଦଳେଇ ମଣ୍ଡିରେ ଉପସ୍ଥିତ ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରି ମାଣ୍ଡିଆ କ୍ରୟ ସମ୍ପର୍କିତ ବିଭିନ୍ନ ଏଫଏକ୍ୟୁ (ପ୍ରଶ୍ନଉତ୍ତର) ଉପରେ ସ୍ପଷ୍ଟତା ପ୍ରଦାନ କରିଥିଲେ। କ୍ରୟ ଦର, ଗୁଣମାନ, ମାପ ତୋଳା ପ୍ରଣାଳୀ ଓ ପ୍ରକ୍ରିୟାଗତ ବିଷୟରେ ଚାଷୀମାନଙ୍କ ସନ୍ଦେହ ନିରାକରଣ କରାଯାଇଥିଲା। ଖରିଫ ବିପଣନ ଋତୁ ୨୦୨୫-୨୬ ପାଇଁ ବୈପାରିଗୁଡ଼ା ବ୍ଲକର ସବୁଜିମା ପ୍ରଡ୍ୟୁସର୍ସ କମ୍ପାନୀ ଲିମିଟେଡ୍ ମାଧ୍ୟମରେ ମାଣ୍ଡିଆ କ୍ରୟ ସଫଳତାର ସହିତ କରାଯାଇଥିଲା। ଏହି ଦିନ ୪୦ ଜଣ ଚାଷୀଙ୍କ ଠାରୁ ସମୁଦାୟ ୫୭୮ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଛି। ଯୁଗ୍ମ କୃଷି ନିର୍ଦ୍ଦେଶକ ନନ୍ଦିନୀ ଦଳେଇ ମଣ୍ଡିରେ ମାପ ତୋଳା, ଗ୍ରେଡିଂ ଓ ଦଲିଲ ପ୍ରକ୍ରିୟା ନିରୀକ୍ଷଣ କରି କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସୂଚାରୁ ଚାଳନା ଉପରେ ଜୋର ଦେଇଥିଲେ। ସେ ସିୱାଇଏସଡି ଟିମ୍, କୃଷି ବିଭାଗ ଓ ସବୁଜିମା ପ୍ରଡ୍ୟୁସର୍ସ କମ୍ପାନୀଙ୍କ ଯୁଗ୍ମ ପ୍ରୟାସକୁ ସ୍ୱୀକୃତି ଦେଇ ଚାଷୀମାନଙ୍କୁ ମାଣ୍ଡିଆ ପରିପୋଷକ ଶସ୍ୟ ଚାଷ ଜାରି ରଖିବାକୁ ଉତ୍ସାହିତ କରିଥିଲେ। ଚାଷୀମାନେ କ୍ରୟ ପ୍ରକ୍ରିୟା ପ୍ରତି ସନ୍ତୋଷ ପ୍ରକାଶ କରିଥଲେ।

# ଦିବ୍ୟାଙ୍ଗଙ୍କୁ ସହଯୋଗର ହାତ ବଢ଼ାଇଲେ ବିଧାୟକ



ସେମିଳିଗୁଡ଼ା,୮।୨(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ୍ ଚରାଙ୍ଗୁଲ ପଞ୍ଚାୟତ ଲେଞ୍ଜିଗୁଡ଼ାର ଜଣେ ଦୃଷ୍ଟିହୀନ ଯୁବକ ରାଜେନ୍ଦ୍ର ଖିଲଙ୍କୁ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ସହଯୋଗର ହାତ ବଢ଼ାଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉ କି ଦୃଷ୍ଟିହୀନ ଯୁବକ ରାଜେନ୍ଦ୍ର ଖିଲ୍ ସେମିଳିଗୁଡା ବ୍ଲକରେ ଆୟୋଜିତ କାର୍ଯକ୍ରମରେ ଯୋଗ ଦେଇ ବିଧାୟକଙ୍କ ଠାରୁ ପୁରସ୍କାର ପାଇଥିଲା। କାର୍ଯକ୍ରମ ପରେ ବିଧାୟକ କାଡାମ ରାଜେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଯୁବକ ଜଣକ ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଭଳି ରୋଗରେ ପୀଡିତ ଥିଲେ। ଏହି ଜାଣିବା ପରେ ବିଧାୟକ କାଡାମ ଉପସ୍ଥିତ ଡାକ୍ତରମାନଙ୍କୁ ତୁରନ୍ତ ଡକାଯାଇ ଉତ୍ତମ ଚିକିତ୍ସା ଯୋଗାଇବାକୁ ପରାମର୍ଶ ଦିଆଯାଇଥିଲା। ଚିକିତ୍ସା ପାଇଁ ଯାହା ଖର୍ଚ୍ଚ ହେବ ନିଜେ ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ସେହିପରି ରାଜେନ୍ଦ୍ର ନିଜ ଘର ନିର୍ମାଣ ପାଇଁ ଆର୍ଥିକ ସହାୟତା ଯୋଗାଇବା ଏବଂ ଦୃଷ୍ଟିହୀନ ବିଦ୍ୟାଳୟରେ ତାଙ୍କୁ ଚାକିରି ସୁଯୋଗ ପ୍ରଦାନ କରିବାର ପ୍ରତିଶ୍ରୁତି ମଧ ଦେଇଥିଲେ। ବିଧାୟକ ରାମଚନ୍ଦ୍ର କାଡମଙ୍କ ଏହି ମାନବିକ ଓ ଦାୟିତ୍ୱଶୀଳ ପଦକ୍ଷେପ ଅଞ୍ଚଳବାସୀଙ୍କ ମନ ଜିତିନେଇଛି।

# ମାଘ ମଣ୍ଡେଇ ଯାତ୍ରା ଉଦ୍‌ଯାପିତ



କୋଷାଗୁମୁଡା,୮।୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ସଦର ଗ୍ରାମରେ ଶୁକ୍ରବାର ପ୍ରସିଦ୍ଧ ମାଘ ମଣ୍ଡେଇ ଯାତ୍ରା ସମ୍ପୂର୍ଣ୍ଣ ଯାକଜମକ ଏବଂ ବହୁ ଆଡମ୍ବରରେ ପାଳନ ଆରମ୍ଭ ହୋଇଯାଇଛି। ଆଜି ମାଘ ମଣ୍ଡେଇ ଯାତ୍ରାର ତୃତୀୟ ତଥା ଶେଷ ଦିନ ବନ୍ଧୁବାନ୍ଧବ ଘରବାହୁଡି ଛନ୍ତି। ତେବେ ରବିବାର ଶେଷ ଦିନ ଅବସରରେ ବାହାର ରାଜ୍ୟ ଏବଂ ଜିଲ୍ଲାରୁ ବିଭିନ୍ନ ଘରୋଇ ଉପକରଣ ଏବଂ ସାଜସଜ୍ଜା ଜିନିଷପତ୍ର ସାଧାରଣ ବଜାର ଠାରୁ ମଧ କମ ଦାମରେ ବିକ୍ରୀ କରୁଥିବା ବେଳେ ମହିଳାଙ୍କ ଭିଡ ଦେଖିବାକୁ ମିଳିଛି। ମିନା ବଜାରର ମଜ୍ଜା ଉଠାଇବା, ମଣ୍ଡେଇରେ ଲୋକନୃତ୍ୟ ଏବଂ ଆଦିବାସୀ ନାଟକ ଦେଖିବା ପାଇଁ ଅଞ୍ଚଳ ଏବଂ ପୋଡ଼ଶୀ ଛତିଶଗଡ଼ ରାଜ୍ୟର ଲୋକଙ୍କ ଭିଡ଼ ଜମିଥିଲା। ଶେଷ ଦିନରେ ପ୍ରାୟ ୭ହଜାରରୁ ଅଧିକ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମାଘ ମଣ୍ଡେଇ ଯାତ୍ରାରେ ୫ଶହରୁ ଅଧିକ ଉଠାଦୋକାନ ସହ ସ୍ଥାନୀୟ ୪ ଦୋକାନରେ ଆନୁମାନିକ ୩ କୋଟି ଟଙ୍କାରୁ ଅଧିକ ବେପାର ହୋଇଥିବା ଜଣାପଡିଛି। ଏହି ମାଘ ମଣ୍ଡେଇ ଯାତ୍ରା ବର୍ଷକୁ ଗୋଟିଏ ଥର ହୁଏ। ଶୁକ୍ରବାର ଏବଂ ଶନିବାର ମୁଖ୍ୟ ଦେବାଦେବୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ସ୍ଥାନୀୟ ଗ୍ରାମର ମୁଖ୍ୟ ଦେବତା ରାଜ୍ ଚାଉଁରିଆଙ୍କ ଏହା ମଣ୍ଡେଇ ଯାତ୍ରା। ଆଦିବାସୀଙ୍କ ଏହି ମାଘ ମଣ୍ଡେଇ ଯାତ୍ରା ବର୍ଷକୁ ଥରେ ଅନୁଷ୍ଠିତ ହୋଇଥାଏ। ମଣ୍ଡେଇ ଯାତ୍ରା କଲେ ଅଞ୍ଚଳରେ ରୋଗ, ବ୍ୟାଧି ବ୍ୟାପେ ନାହିଁ ଓ ଚଳିତ ବର୍ଷର ଫସଲ ଭଲ ହୋଇଥାଏ ବୋଲି ଆଦିବାସୀ ପରମ୍ପରା ଅନୁସାରେ ବିଶ୍ୱାସ କରି ମାଘ ମଣ୍ଡେଇ ଯାତ୍ରା ପ୍ରାତ୍ୟେକ ବର୍ଷ ପାଳନ କରି ଆସୁଛନ୍ତି।

# ୩ ବରିଷ୍ଠ ରାଜସ୍ୱ ସହାୟକଙ୍କୁ ସେକ୍ସନ ଅଫିସର ପଦୋନ୍ନତି

କୋରାପୁଟ,୮।୨(ସମିସ): କୋରାପୁଟ ଜିଲ୍ଲାର ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ବରିଷ୍ଠ ରାଜସ୍ୱ ସହାୟକଙ୍କ ମଧ୍ୟରୁ ୧୩ ଜଣଙ୍କୁ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ସେକ୍ସନ ଅଫିସର ପଦବୀଙ୍କୁ ପଦୋନ୍ନତି ଦେଇଛନ୍ତି। ପତ୍ର ସଂଖ୍ୟା ୪୪୨ରେ ପ୍ରକାଶ କରିଥିବା ସେକ୍ସନ ଅଫିସରଙ୍କ ମଧ୍ୟରେ କୋରାପୁଟ ତହସିଲଦାରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ବରିଷ୍ଠ ରାଜସ୍ୱ ସହାୟକ ଏସ ଶ୍ରୀନିବାସ ରାଓଙ୍କୁ ସେକ୍ସନ ଅଫିସର ଭାବେ ପଦୋନ୍ନତି ଦେଇ ମାଛକୁଣ୍ଡ ତହସିଲ କାର୍ଯ୍ୟାଳୟକୁ ପଠା ଯାଇଥିବା ବେଳେ ବନ୍ଧୁଗାଁ ତହସିଲର ଏମ କାଳିପ୍ରସାଦ ପଟ୍ଟନାୟକଙ୍କୁ ସେହି କାର୍ଯ୍ୟାଳୟର ସେକ୍ସନ ଅଫିସର ଭାବେ ଏବଂ ପଟାଙ୍ଗୀ ବ୍ଲକର ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ,ବୈପାରୀଗୁଡା ବ୍ଲକର ମନୋଜ କୁମାର ବାରିକଙ୍କୁ ଜୟପୁର ବ୍ଲକ ,ପଦାର ବିନ୍ଦ ମିଶ୍ରଙ୍କୁ ବନ୍ଧୁଗାଁ ତହସିଲଦାରଙ୍କ କାର୍ଯ୍ୟାଳୟରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜିଆଣ୍ଡଏମ ବିଭାଗ , ବୈଜୟନ୍ତୀ ମାଳା ଖରାଙ୍କୁ ଜିପି ସେକ୍ସନରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବିଚାର ବିଭାଗୀୟ ବିଭାଗ ,ସବୁଜ ଶେଖର ପାଉଲଙ୍କୁ ନନ୍ଦପୁର ତହସିଲଦାରଙ୍କ କାର୍ଯ୍ୟାଳୟରୁ ସେହି ସ୍ଥାନରେ ପଦୋନ୍ନତି ଦିଆଯାଇଛି। ଜିତେନ୍ଦ୍ର କୁମାର ସାହୁଙ୍କୁ ଲମତାପୁଟ ବ୍ଲକରେ ହିଁ ପଦୋନ୍ନତି ଦିଆଯାଇଛି। ଅବନୀ କୁମାର ବରାଳଙ୍କୁ ନାରାୟଣ ପାଟଣା ବ୍ଲକରୁ ପଟାଙ୍ଗୀ ତହସିଲ କାର୍ଯ୍ୟାଳୟ ,ତାରିଣୀ ପ୍ରସାଦ ପଣ୍ଡାଙ୍କୁ କୋଟପାଡ଼ ଆଇସିଡ଼ିଏସ କାର୍ଯ୍ୟାଳୟରୁ କୋଟପାଡ଼ ତହସିଲ ,ଲମ୍ବୋଦର ପଟ୍ଟନାୟକଙ୍କୁ ବୋରିଗୁମ୍ମା ତହସିଲରେ ପଦୋର୍ନତି ଦିଆଯାଇ ସେହିସ୍ଥାନରେ ରଖାଯାଇଛି । ଭି ନାଗରାଜୁଙ୍କୁ ଲକ୍ଷ୍ମୀପୁର ବ୍ଲକରୁ ନାରାୟଣ ପାଟଣା ବ୍ଲକ ଏବଂ ତୁଳସୀ ଖିଲଙ୍କୁ ବୋରିଗୁମ୍ମା ଆଇସିଡ଼ିଏସ କାର୍ଯ୍ୟାଳୟରୁ କୋରାପୁଟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପଦୋନ୍ନତି ଦିଆଯାଇଥିବା ଜଣାପଡିଛି।


● ଓଡ଼ିଆ ଅସ୍ମିତା ବାଟବଣା

# ଫଳକରେ ଓଡ଼ିଆ ବନାନ ଭୁଲ

ପୋଡ଼ାଗଡ଼, ୮।୨(ସମିସ): ଓଡ଼ିଆ ଅସ୍ମିତା ନାରା ଦେଇ ସରକାରକୁ ଆସିଲା ବିଜେପି। କିନ୍ତୁ ଅନେକ ସ୍ଥାନର ଫଳକରେ ବନାନ ଗୁଡ଼ିକ ଭୁଲ ଲେଖା ଯାଇଥିବା ନଜରକୁ ଆସିଛି। ଏପରି ଭୁଲ ଦେଖିବାକୁ ମିଳୁଛି କୋରାପୁଟରୁ ପୋଡ଼ାଗଡ ସଂଯୋଗ କରୁଥିବା ପିଡବ୍ଲୁଡି ରାସ୍ତାରେ। କୋରାପୁଟ ରାୟଗଡ଼ା ସଂଯୋଗ କରୁଥିବା ୩୨୬ ନଂ ଜାତୀୟ ରାଜପଥ କଡରେ ଥିବା ବାଗ୍ରା ଗୁଡା ଛକରୁ ପୋଡ଼ାଗଡ ଯିବାକୁ ହେଲେ ମୋହାଦେଇପୁଟ ମଇନାମଳ ଛକ ,ଏ ମାଲକାନଗିରି, ଆଡମୁଣ୍ଡା ପରଜାପୁକୀ ଗାଦିଆଗୁଡ଼ା ଦେଇ ପୋଡ଼ାଗଡକୁ ସଂଯୋଗ କରିଛି। ବାଗ୍ରାଗୁଡ଼ା ଛକରେ ଗାଦିଆଗୁଡା ଲେଖା ହେବା ଜାଗାରେ ଗାଡିଆ ଗୁଡା ଲେଖାଥିବା ଦେଖା ଦେଇଛି। ଏହାକୁ ଦେଖି ସ୍ଥାନୀୟ ଲୋକେ କହିଛନ୍ତି କି ଯଦି ଓଡ଼ିଆ ଲୋକଙ୍କୁ ଉକ୍ତ ଫଳକ ଲେଖିବା ନିମନ୍ତେ ଦେଇଥାନ୍ତେ, ତା'ହେଲେ ଫଳକରେ ଏପରି ଭୁଲ ହୋଇନଥାନ୍ତା । ଆଉ ମଧ ଗାଡିଆଗୁଡା ଫଳକରେ ଲେଖିଥିବାରୁ ଏହି ରାସ୍ତା ଦେଇ ଯାଉଥିବା ଲୋକ ଫଳକ ଭୁଲ ଥିବାରୁ ଅନ୍ୟ ଆଡ଼େ ଯାଇ ହଇରାଣ ହେଉଥିବା ଦେଖା ଦେଇଛି। ଫଳକରେ ଥିବା ଭୁଲ ଲେଖାକୁ ତୁରନ୍ତ ଠିକ୍ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ମହେନ୍ଦ୍ର ଅଧିକାରୀ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ

## ଜୟପୁର ନିର୍ବାଚନ ମଣ୍ଡଳୀର ୨ ଉପସଭାପତି, ୫ ସାଧାରଣ ସମ୍ପାଦକ, ୬ ସମ୍ପାଦକ



ଜୟପୁର, ୮।୨ (ସମିସ): କୋରାପୁଟ ଜିଲ୍ଲାର ନୂତନ ଜିଲ୍ଲା କର୍ମକର୍ତ୍ତାଙ୍କୁ ରାଜ୍ୟ ବିଜୁ ଜନତା ଦଳ ନିଯୁକ୍ତି ପ୍ରଦାନ କରିଛି। ଏହିପରି ଜିଲ୍ଲା ଆଇନଜୀବି ସଂଘର ପୂର୍ବତନ ସମ୍ପାଦକ ମହେନ୍ଦ୍ର କୁମାର ଅଧିକାରୀଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ନେଇ ଆଇନଜୀବୀ,ଯୁବ ଓ ଛାତ୍ର ମହଲରେ ଖୁସି ପ୍ରକଟ କରାଯାଇଛି। ଉପସଭାପତି ଭାବେ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨ ଜଣ ବରିଷ୍ଠ ନେତା ଶିବ ପଟ୍ଟନାୟକ, କେ.ନାଗରାଜ ଦୋରା, ସାଧାରଣ ସମ୍ପାଦକ ଭାବେ ୫ ଜଣଙ୍କ ମଧ୍ୟରୁ ମାଧବ ରଥ, ରାଜେନ୍ଦ୍ର ରଥ, ସୁରେନ୍ଦ୍ର ତ୍ରିପାଠୀ, ଏ.ସନ୍ତୋଷ କୁମାର ଦୋରା, ୬ ଜଣ ସମ୍ପାଦକ ଭାବେ ପ୍ରମୋଦ ମାଝି, ବି.ସତୀଶ ତ୍ରିନାଥ ମୁଦୁଲି, ଈଶ୍ୱର ବାଗ, ରଘୁନାଥ ଷଡଙ୍ଗୀ, ପରକ୍ଷିତ ପଟ୍ଟନାୟକଙ୍କୁ ନିଯୁକ୍ତି କରାଯାଇଛି। ସମସ୍ତ ନବନିଯୁକ୍ତ କର୍ମକର୍ତ୍ତା ରାଜ୍ୟ ସଭାପତି ଶ୍ରୀ ପଟ୍ଟନାୟକ, ବରିଷ୍ଠ ନେତା ଭି.କେ. ପାଣ୍ଡିଆନ, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଏବଂ ଜିଲ୍ଲା ସଭାପତି ଝିନ୍ନ ହିକକାକୁ ଧନ୍ୟବାଦ ପ୍ରଦାନ କରିଛନ୍ତି।

# ଏନ୍‌ଏସ୍‌ଏସ୍‌ର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ




ଜୟପୁର,୮।୨(ସମିସ): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା (ଏନଏସଏସ) ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ଦୁଇ ଓ ତିନି ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ଡ. ବିବେକାନନ୍ଦ ସୁନାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଯୁକ୍ତ୨ ଜାତୀୟ ସେବା ଯୋଜନା ଅଧିକାରୀ ସୀମା ମହାପାତ୍ର , ଯୁକ୍ତ ୩ ଶ୍ରେଣୀର ଜାତୀୟ ସେବା ଯୋଜନା ଅଧିକାରୀ ସୁନୀତା କୁମାରୀ ପ୍ରଧାନଙ୍କ ସମେତ ଅଧାପକ ଡ. ଉପାନନ୍ଦ ପାଣି, କାହ୍ନୁ ଚରଣ ବରଡ଼, ରାଜେନ୍ଦ୍ର ରଣା ,ବିଦ୍ୟାଧର ମାଳି, ସନ୍ତୋଷ କୁମାର ପଟ୍ଟନାୟକ, ଭୀମସେନ ସୁନା ,ଚନ୍ଦନ ସାହୁ, ସୂରଜ ପାତ୍ର ଏବଂ ଅଧାପିକା ଗାୟତ୍ରୀ ମହାପାତ୍ର, ହଳଧର ସମରଲିଆ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀ ସ୍ୱେଚ୍ଛାସେବୀ ଯୋଗଦେଇ ମହାବିଦ୍ୟାଳୟ ପରିସରରୁ ସଫେଇ କରିଥିଲେ। ଏଥିରେ ପଲିଥିନ, ପ୍ଲାଷ୍ଟିକ ଆଦି ବିଭିନ୍ନ ଅଳିଆ ଆବର୍ଜନାକୁ ସଫା କରିବା ସହ ପ୍ଲାଷ୍ଟିକ ମୁକ୍ତ ପରିବେଶ ସୃଷ୍ଟି କରିବା ଦିଗରେ ସ୍ୱେଚ୍ଛାସେବୀ ମାନେ ନିଜେ ସଚେତନ ହୋଇ ଅନ୍ୟମାନକୁ ସଚେତନ କରିବା ପାଇଁ ଶପଥ ଗ୍ରହଣ କରିଥିଲେ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୁନ୍ଦୁରା,୮।୨(ସମିସ): ସ୍ଥାନୀୟ ଭେଜାହାଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏସ୍ଏମ୍ସି ସଭାପତି ସୋମନାଥ ଗୌଡ଼ ଏଥିରେ ଅଧକ୍ଷତା କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସଲିଳା ବେହେରା ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ମୁଖ୍ୟ ବକ୍ତା ଡଙ୍ଗରପାଉଁଶି ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ଭଞ୍ଜ ଏବଂ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଘାସି ଭତରା, ନାଏବ ସରପଞ୍ଚ ତୁଳାବତୀ ସରାବୁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶିଶୁ ବାଟିକାର ଶିଶୁ ମାନଙ୍କ ନିମନ୍ତେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଶିଶୁ ମାନଙ୍କୁ ପ୍ରମାଣ ପତ୍ର ଦେଇ ଉତ୍ସାହିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ରଘୁନାଥ ପାଙ୍ଗି, ସିଆରସିସି ସଞ୍ଜୟ ସାମନ୍ତରାୟ, ଶିକ୍ଷକ ସଂଘ ଉପ ସଭାପତି ରାକେଶ ଚନ୍ଦ୍ର ଗୁରୁ, ସମ୍ପାଦକ କେ କ୍ରିଷ୍ଣା ମୋହନ ରାଓ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଦେଢ଼ ଶହରୁ ଅଧିକ ଅଭିଭାବକ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁମନ୍ତ କୁମାର ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ । ବରିଷ୍ଠ ଶିକ୍ଷକ ସୁକାନ୍ତ ସାହୁ, ଦୀନବନ୍ଧୁ କୁଷପାରିଆ, ରଞ୍ଜିତ କୁମାର ନାୟକ, ବିଭୂତି ଭୂଷଣ ମଲ୍ଲିକ, ଅର୍ଜୁନ ବେହେରା,ଏସ୍ ବିଜୟ କୁମାର, ଶିକ୍ଷୟିତ୍ରୀ ଦୀପ୍ତିପ୍ରଭା ସୁଆର, ଲିପିନା ପ୍ରଧାନ, କେଜିବିଭି କର୍ମଚାରୀ ମୀନା ହରିଜନ, ଯମୁନା ପାତ୍ର ଏବଂ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।




# ପାରାବେଢ଼ାରେ ହିନ୍ଦୁ ସମ୍ମିଳନୀ

ଜୟପୁର, ୮।୨ (ସମିସ): ଜୟପୁର ପୌରାଞ୍ଚଳର ପାରାବେଢା ବସତିକୁ ନେଇ ଦଶହରା ପଡିଆ ଠାରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମଗ୍ର ହିନ୍ଦୁ ଧର୍ମ ମଧ୍ୟରେ ସମାନତାତା ରକ୍ଷା କରିବା ଓ ହିନ୍ଦୁ ମାନଙ୍କ ମଧ୍ୟରେ ଏକତା ଓ ଭାଇଚାରା ଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହା ଆୟୋଜିତ ହୋଇଥିଲା। ଏହି ଅବସରରେ ଆଜି ପୂର୍ବାହ୍ନରେ କଳସ ଯାତ୍ରାର ଶୁଭାରମ୍ଭ ହୋଇ ଗୀତା ନାମଯଜ୍ଞ ସହ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏକ ବୌଦ୍ଧିକ ସମାବେଶରେ ପଞ୍ଚ ପରିବର୍ତ୍ତନ ଓ ହିନ୍ଦୁତ୍ୱ ଜାଗରଣ ଉପରେ ଡ.ସୀତାନାଥ ରାୟଗୁରୁ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜୟପୁର ରାଷ୍ଟ୍ରୀୟ ସ୍ୱୟଂ ସଂଘର ନଗର ସଂଘ ଚାଳକ ଡ. ନିରଞ୍ଜନ ମିଶ୍ର, ଜୟପୁର ନଗର କାର୍ଯ୍ୟବାହାକ ଡ ମନୋରଞ୍ଜନ ପ୍ରଧାନ, ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ସୁଧାଂଶୁ ପାଢ଼ୀ, ନଗର ସ୍ୱର ସଂଘ ଚାଳକ ପ୍ରେମାନନ୍ଦ ନାୟକ, ରବି ନାରାୟଣ ମହାପାତ୍ର, ରବୀନ୍ଦ୍ର ପାଢ଼ୀ, ଡ ସଦାଶିବ ତ୍ରିପାଠୀ, ସତ୍ୟବାଦୀ ମିଶ୍ର, ପୃଥ୍ୱୀ ରାଜ ଭୂୟାଁ, ନିରାକାର ଚୌଧୁରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏଥିରେ ପାରାବେଢ଼ା ଅଞ୍ଚଳର ଏକ ହଜାରରୁ ଉଦ୍ଧାର ହିନ୍ଦୁ ସମାଜର ଲୋକମାନେ ଯୋଗଦେଇ ଧର୍ମ ରକ୍ଷା କରିବା ପାଇଁ ଶପଥ ନେଇଥିଲେ।




# ବିପଦ୍‌ଜନକ ବାଉଁଶ ରାଣୀ ଖେଳ ଦେଖାଉଛି ନାବାଳିକା




## 'ପେଟ ପାଇଁ ଦାନା ଯୋଗାଡ଼ କରିବାକୁ ପଡୁଛି'

ଉମରକୋଟ, ୮।୨ (ସମିସ): ଖେଳିବା, ବୁଲିବା, ଆଉ ପାଠ ପଢିବା ବୟସରେ ବିପଦଜନକ ବାଉଁଶ ରାଣୀ ଖେଳ ଦେଖେଇ ପେଟ ପାଇଁ ଦାନା ଯୋଗାଡ଼ କରୁଛନ୍ତି ନାବାଳିକା ଅନିତା। ମାତ୍ର ତେରବର୍ଷ ବୟସରେ ଦଉଡି ଉପରେ ଚାଲିବା ସହ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶନ କରି ଦର୍ଶକଙ୍କ ପାଖରୁ ତାଳି ମାଡ଼ ମିଳେ ସିନା, ତା ତୁଳନାରେ କିନ୍ତୁ ରୋଜଗାର ସେତିକି ହୁଏ ନାହିଁ। ସୀମିତ ରୋଜଗାର ଭିତରେ ଦୁଇ ବେଳା ପାଇଁ ରୁଟି, ପୋଷାକ ଏବଂ ଗୋଟିଏ ଜାଗାରୁ ଆଉ ଗୋଟିଏ ସ୍ଥାନକୁ ଯିବା ପାଇଁ ଗାଡ଼ି ଖର୍ଚ୍ଚ ଏବଂ ପୁଣି ଦେହ ପାଇଁ ଔଷଧ ଯୋଗାଡ଼ ହୋଇ ଯାଉଛି। ଏଭଳି ବାଉଁଶରାଣୀ ଖେଳ ଦେଖେଉଥିବା ଗୋଟିଏ ପରିବାର ଛତିଶଗଡ଼ର ରାଜ୍ୟର ବିଳାସପୁର ଅଞ୍ଚଳରୁ ଓଡ଼ିଶାର ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରପରିଷଦ ଠାରେ ଆସି ପହଞ୍ଚିଛନ୍ତି। ପଡୋଶୀ ଛତିଶଗଡର ବିଳାସପୁର ଅଞ୍ଚଳରେ ସେମାନଙ୍କ ଘର। କିନ୍ତୁ ବାରବୁଲା ଜୀବନ ନେଇ ଗାଁ ରୁ ସହର ବୁଲନ୍ତି। ଦଉଡ଼ି ଉପରେ ନିଜ ଦେହକୁ ନିୟନ୍ତ୍ରଣରେ ରଖି ଚମତ୍କାର ଖେଳ ପ୍ରଦର୍ଶନ କରୁଥିବା ତେରବର୍ଷର ଝିଅଟି ଅନିତା କୁମାରୀ ନାଗ( ଛଦ୍ମନାମ) ଏବେ ପଞ୍ଚମ ଶ୍ରେଣୀର ଛାତ୍ରୀ। ଝିଅଟିର ମାଁ ଗୁଡିରାଜନୋଟ କହିଛନ୍ତି, ବାଉଁଶରାଣୀ ଖେଳ ସେମାନଙ୍କ ଜୀବିକା। ହେଲେ ମଧ ପାଠ ପ୍ରତି ତାଙ୍କର ଯଥେଷ୍ଟ ଆଗ୍ରହ ରହିଥିବା ଏବଂ ଆଗକୁ ପଢିବାକୁ ଚାହୁଁଥିବା ଝିଅଟି ପ୍ରକାଶ କରିଛି।


ସକାଳ THE SAKALA



● ଗାଁ ଦାଣ୍ଡରେ ବୃଦ୍ଧ ଓ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ ପରେ ଅଭିଯୁକ୍ତ ଗିରଫ

ପଟ୍ଟାମୁଣ୍ଡାଇ,୮।୨(ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ନିମପୁର ଗାଁ ଦାଣ୍ଡରେ ଜଣେ ବୃଦ୍ଧ ଓ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାର ଭିଡିଓ ଭାଇରଲ ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ନିମପୁର ଗ୍ରାମର ଆକାଶ ରାଉତରାୟ ଜଣେ ୮୦ ବର୍ଷର ବୃଦ୍ଧଙ୍କୁ କୌଣସି କାରଣରୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ବୃଦ୍ଧ ଜଣଙ୍କ ପ୍ରତିବାଦ କରିବାରୁ ଆକାଶ ବୃଦ୍ଧଙ୍କୁ ଗୋଇଠା ଉପରେ ଗୋଇଠା ମାରି ମରଣାନ୍ତକ ଆକ୍ରମଣ କରି ଚାଲିଥିଲେ। ବୃଦ୍ଧଙ୍କ ଚିତ୍କାର ଶୁଣି ତାଙ୍କର ଦୁଇ ବୋହୂ ଘରୁ ବାହାରି ବୃଦ୍ଧଙ୍କ ନିକଟକୁ ଦୌଡ଼ି ଆସିଥିଲେ। ସେହି ସମୟରେ ଆକାଶ ବୃଦ୍ଧଙ୍କୁ ଛାଡି ତାଙ୍କ ବୋହୂର ତଣ୍ଟି ଚିପି ମାରିବାକୁ ଉଦ୍ୟମ କରିଥିଲେ। ଘଟଣା ସମ୍ପର୍କରେ ବୃଦ୍ଧଙ୍କ ବୋହୂ ପୁଷ୍ପଲତା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବାରମ୍ବାର ଥାନାର ଦ୍ୱାରସ୍ଥ ହେବା ପରେ ବି ପୁଲିସ ଅଭିଯୁକ୍ତ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଆଜି ଉକ୍ତ ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରଲ ହେବା ପରେ ଗ୍ରାମାଞ୍ଚଳ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ କରିଛି।



## ବାଲିଆରେ ହିନ୍ଦୁ ସମ୍ମିଳନୀ

ଡେରାବିଶ, ୮।୨(ସମିସ): ବାଲିଆ ପଞ୍ଚାୟତର ମା' ମଙ୍ଗଳା ଯଜ୍ଞ ପଡ଼ିଆରେ ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୁରୀ ଗୌଡିୟମଠର ଭକ୍ତିବେଦାନ୍ତ ନିଷ୍କିଞ୍ଚନ ମହାରାଜ, କେନ୍ଦ୍ରାପଡା ଆଙ୍ଗୁଳି ମଠର ରାଘବ ଦାସମହାରାଜ, ମାହାଙ୍ଗା କ୍ଷିତିଜ୍ୟୋତି ଆଶ୍ରମର ଦେବଶିଶୁ ସତ୍ୟ ଚୈତନ୍ୟ ଦାସ ଓ ଜୟରାଷ୍ଟ୍ର ପକ୍ଷରୁ ମାତୃଦତ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ହିନ୍ଦୁ ସମାଜକୁ ଏକତ୍ରିତ ହୋଇ ରହିବା ସହିତ ହିନ୍ଦୁ ଧର୍ମ ଓ ସଂସ୍କୃତିକୁ ବଜାୟ ରଖିବାକୁ ଯୁବପିଢ଼ିକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ୧୦୮ ହନୁମାନ ଚାଳିଶା ପାଠ କରାଯିବା ସହ ହୋମଯଜ୍ଞ, ଗୋପୂଜନ, କନ୍ୟା ପୂଜନ ଓ ଗୀତା ପାଠ ପ୍ରଭୃତି କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ କେଶବଧାମ କଟକର ଶ୍ରୀଚରଣ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କର୍ମକର୍ତ୍ତା, ବିଜେପି ସଂଗଠକ ଓ ବିଶ୍ୱହିନ୍ଦୁ ପରିଷଦର ବହୁ ସଦସ୍ୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗୋଲରାହାଟ ଓ ଏଣ୍ଡର ମଣ୍ଡଳର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରତିଭା ସମ୍ମାନ ପରିଷଦର କବିତା ପାଠୋତ୍ସବ

ପଟ୍ଟାମୁଣ୍ଡାଇ,୮।୨(ସମିସ): ପଟ୍ଟାମୁଣ୍ଡାଇର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ପ୍ରତିଭା ସମ୍ମାନ ପରିଷଦ ପକ୍ଷରୁ କବିତା ପାଠୋତ୍ସବ, ସାରସ୍ୱତ ମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ଆଶୀର୍ବାଦ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ବିଶିଷ୍ଟ ପ୍ରାବନ୍ଧିକ ତଥା କଥାକାର ପ୍ରାଧ୍ୟାପକ ଡଃ ନୀଳମଣି ଲେଙ୍କାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କବି ତଥା ପରିବେଶବିତ୍ ଡଃ ମନୋରଞ୍ଜନ ଦାଶ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଆନନ୍ଦ ଚନ୍ଦ୍ର ମହାପାତ୍ର ଯୋଗଦେଇ ସାହିତ୍ୟ ଆମ ଜାତିର ଅସ୍ମିତା। ସାରସ୍ୱତ ମିଳନରେ ସମାଜର ବୌଦ୍ଧିକ ବିକାଶ ଘଟିଥାଏ ଓ ବ୍ୟକ୍ତିତ୍ୱର ପ୍ରତିଭାକୁ ସମ୍ମାନ ପ୍ରଦାନରେ ସାରସ୍ୱତ ସାଧନାର ପରିପୁଷ୍ଟ ସହ ଅନୁଷ୍ଠାନର ମର୍ଯ୍ୟାଦା ବଢ଼ିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସଙ୍ଗୀତ ଗୁରୁ ରବୀନ୍ଦ୍ର ନାଥ ମିଶ୍ରଙ୍କୁ "ସାବିତ୍ରୀ ଦେବୀ ସ୍ମୃତି ସମ୍ମାନ', ଓ କବୟିତ୍ରୀ ତଥା ଗବେଷିକା ଅଧ୍ୟାପିକା ଡଃ ଚିତ୍ରାକାନ୍ତି ସେଠୀଙ୍କୁ ସୋହମ୍ ସାହିତ୍ୟ ପତ୍ରିକା ପକ୍ଷରୁ "ପ୍ରଭାବତୀ ଦେବୀ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଡଃ ଚିତ୍ରାକାନ୍ତି ସେଠୀଙ୍କ ରଚିତ କବିତା ସଂକଳନ "ଖରାଦିନ ଛୁଟି' ଉନ୍ମୋଚିତ ହୋଇଥିଲା। ପରେ କବି ପ୍ରମୋଦ ନାୟକ, କବୟିତ୍ରୀ ଆରାଧନା ଦାଶ ଓ ଚାରୁଲତା ଭୂୟାଁଙ୍କ ସଂଯୋଜନାରେ କବି ଶରତ ଦାଶ, ଅନୀଲ ଚୌଧୁରୀ, ନରହରି ଦାସ, ଦେବାଶିଷ ପ୍ରଧାନ, ଅଶୋକ ପରିଡ଼ା, ସୁଶାନ୍ତ ଦାଶ, ରାମକୃଷ୍ଣ ଦାଶ, ବ୍ରଜବନ୍ଧୁ ଦାଶ, ଗୌରାଙ୍ଗ ମହାନ୍ତି, ସନ୍ତୋଷ ପତି, ବୈଷ୍ଣବ ମଲିକ ଓ ଜ୍ଞାନରଞ୍ଜନ ପରିଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରମୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାବିତ୍ ମୀନା କୁମାରୀ ସିଂହ, ନବକିଶୋର ପଣ୍ଡା ଓ ଲଳାଟେନ୍ଦୁ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ।



## କାଳିକାପୁରରେ କଂଗ୍ରେସର ବୈଠକ

ରାଜକନିକା,୮।୨(ସମିସ): ଆଜି ରାଜକନିକା ବ୍ଲକ କଂଗ୍ରେସର ଛାମୁଆ ସଂଗଠକଙ୍କୁ ନେଇ କାଳିକାପୁରର କାଳୀକେଇଙ୍କ କଲ୍ୟାଣ ମଣ୍ଡପରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ପଙ୍କଜ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୁଥସ୍ତରୀୟ କମିଟିର ସୁଦୃଢ଼ୀକରଣ, ଆଗୁଆ ସଂଗଠକଙ୍କ ସହ ନିୟମିତ ଯୋଗାଯୋଗ କରି ତୃଣମୂଳ ସ୍ତରରେ ଦଳୀୟ ସ୍ଥିତିକୁ ମଜଭୁତ କରିବାକୁ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଡା. ଦେବସ୍ମିତା ଶର୍ମା ଆହ୍ୱାନ ଦେଇଥିଲେ। ଉକ୍ତ ବୈଠକରେ ବାବୁରାମ ଜେନା, ସମିତି ସଭ୍ୟ ଶରତ ରାଉତ, ଲକ୍ଷ୍ମୀପ୍ରିୟା ନାୟକ, ମୁରଲୀଧର ବେହେରା, ହରେକୃଷ୍ଣ ନାୟକ, ଅଜୟ ଦାସ, ରମାକାନ୍ତ ସାହୁ, ଶ୍ରୀଧର ଦାସ, ଅଜୟ ରାଉତ, ବିଜୟ ଲେଙ୍କା, ଗୋକୁଳାନନ୍ଦ ପାଣି, ନିରଞ୍ଜନ ଜେନା, ଦୀପକ ରଥ, ଅଭିରାମ ବିଶ୍ୱାଳ, ଯଯାତି ବିଶ୍ୱାଳ ପ୍ରମୁଖ ଯୋଗଦେଇ ଅଗାମୀ ଦିନରେ ପଞ୍ଚାୟତ ସ୍ତରରେ ଦଳର ଶକ୍ତି ବୃଦ୍ଧି ସହ ନୂତନ ବ୍ଲକ କମିଟି ଗଠନ ପାଇଁ ଆଲୋଚନା କରିଥିଲେ।

ଗରଦପୁର ଯୁବ ମହୋତ୍ସବ ଉଦ୍‌ଘାଟିତ

# ନିଶା ବିରୋଧରେ ସଚେତନ ହେବାକୁ ଯୁବ ସମାଜକୁ ଆହ୍ୱାନ

ଗରଦପୁର,୮।୨(ସମିସ)






ଯୁବ ଶକ୍ତିକୁ ସକ୍ରିୟ କରି ସମାଜ ଓ ରାଜ୍ୟର ଉନ୍ନତି ପଥକୁ ସୁଦୃଢ଼ କରିବା ଲକ୍ଷ୍ୟନେଇ ଗରଦପୁର ଯୁବ ମହୋତ୍ସବ ଆରମ୍ଭ ହୋଇଛି। ଏହି ମହୋତ୍ସବରେ ଯୁବଙ୍କୁ ସଚେତନତା, ସଂସ୍କୃତି ଓ ସ୍ୱାବଲମ୍ବୀ ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଯୁବ ସମାଜକୁ ନିଶା ବିରୋଧରେ ସଚେତନ ହେବା ସହ ଦକ୍ଷତା ଆଧାରିତ ଜୀବନ ଗଠନ ପାଇଁ ଆହ୍ୱାନ ଦେଇଛନ୍ତି।

ଯୁବ ମହୋତ୍ସବ ଅଧ୍ୟକ୍ଷ ତେଜେଶ୍ୱର ପରିଡାଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଜୟ ନାୟକ, ପ୍ରସନ୍ନ ପଣ୍ଡା, ଡଲି ଶତପଥୀ, ବିଜୟ ଜେନା, ଜ୍ୟୋସ୍ନାରାଣୀ ଜେନା, ଅମୀୟ ଜେନା, ମାନସ ରାଉତ, ଚିତ୍ତରଞ୍ଜନ ଚୌଧୁରୀ ଓ ସନ୍ତୋଷ ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମହୋତ୍ସବ ପରିସରରେ କଟକର ପ୍ରସିଦ୍ଧ ବାଲିଯାତ୍ରାର ଅନୁଭୂତି ସୃଷ୍ଟି କରୁଥିବା ପରିବେଶ ଦର୍ଶକଙ୍କୁ ବିଶେଷ ଆକର୍ଷିତ କରିଥିଲା। ଓରମାସ ଷ୍ଟଲ୍ ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ ସ୍ୱଦେଶୀ ମେଳାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ନିଜ ହସ୍ତଶିଳ୍ପ ଓ ସ୍ୱଦେଶୀ ପଦାର୍ଥ ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି। ଏହି ମହୋତ୍ସବରେ କୃଷି, ଉଦ୍ୟାନ କୃଷି, ନିଯୁକ୍ତିମୂଳକ ପ୍ରଶିକ୍ଷଣ, ଦକ୍ଷତା ବିକାଶ ଓ ଉଦ୍ୟମିତା ସମ୍ପର୍କିତ ବିଭିନ୍ନ ଶିବିର ଓ ବୁଦ୍ଧିଜୀବୀଙ୍କ ସହ ଆଲୋଚନାଚକ୍ର ଆୟୋଜିତ ହେଉଛି। ପାରମ୍ପରିକ ପାଇକ ଆଖଡ଼ା ପ୍ରଦର୍ଶନ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଗୌରବକୁ ପୁନଃସ୍ମରଣ କରାଇଥିଲା। ଏହି ବର୍ଷର ଯୁବ ମହୋତ୍ସବର ମୁଖ୍ୟ ଥିମ୍ 'ନିଶାମୁକ୍ତ ଗରଦପୁର ଗଠନ' ରହିଛି। ମୁଖ୍ୟଅତିଥି ଶ୍ରୀ ସେଠୀ କହିଥିଲେ, ଯୁବକମାନେ ଯଦି ନିଜ ଦକ୍ଷତାକୁ ଉନ୍ନତ କରନ୍ତି, ତେବେ ନିଜେ ସ୍ୱାବଲମ୍ବୀ ହେବା ସହ ସମାଜର ଉନ୍ନତିରେ ମୂଳ ଭୂମିକା ଗ୍ରହଣ କରିପାରିବେ। ଚାକିରି ପଛରେ ନ ଗୋଡ଼ାଇ ଦକ୍ଷତା ପଛରେ ଗୋଡ଼ାଇବା ଆବଶ୍ୟକ। ଦକ୍ଷତା ହିଁ ନିଯୁକ୍ତିର ପ୍ରମୁଖ ମାର୍ଗ ବୋଲି ସେ ମତ ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ, ଯୁବ ଶକ୍ତିକୁ ସଠିକ୍ ଦିଗରେ ପରିଚାଳିତ କରିପାରିଲେ ଆତ୍ମନିର୍ଭର ଭାରତ ଓ ବିକଶିତ ଓଡ଼ିଶା ଗଠନ ସମ୍ଭବ ହେବ। ମହୋତ୍ସବ ମାଧ୍ୟମରେ ଆମ ଜିନିଷ ଆମର ଧାରଣାକୁ ଆଗକୁ ଅଣାଯାଇ ମହିଳାଙ୍କ ତିଆରି ସାମଗ୍ରୀ ବ୍ୟବହାର କରିବାକୁ ସମାଜକୁ ଆହ୍ୱାନ ଦିଆଯାଇଛି। ଏହାଦ୍ୱାରା ମହିଳାମାନେ ଆତ୍ମନିର୍ଭର ହେବେ, ରୋଜଗାର ବୃଦ୍ଧି ପାଇବ ଓ ରାଜ୍ୟର ସାମଗ୍ରିକ ଅଗ୍ରଗତି ସୁନିଶ୍ଚିତ ହେବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ଗୀତରେ ଦର୍ଶକ ଝୁମିଥିଲେ। ଏହି ଯୁବ ମହୋତ୍ସବ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଡେରାବିଶ ବିଦ୍ୟାଳୟରେ ବିଜ୍ଞାନ ମେଳା



ଡେରାବିଶ,୮।୨(ସମିସ): ଦୁମୁକାହାଟସ୍ଥ ଡେରାବିଶ ଉଚ୍ଚବିଦ୍ୟାଳୟରେ ଅଗସ୍ତ୍ୟା ଇଣ୍ଟରନ୍ୟାସନାଲ ଫାଉଣ୍ଡେସନ୍ ପକ୍ଷରୁ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ମେଳାକୁ ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଟିକିଲି ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଶ୍ରୀ କାଣ୍ଡିଙ୍କ ସମେତ ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ସ୍ୱାଗତିକା ସ୍ୱାଇଁ, ପ୍ରଶାନ୍ତି ବାଲ ଭାରତୀ ଟ୍ରଷ୍ଟ ପକ୍ଷରୁ ସୁଦୀପ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଗସ୍ତ୍ୟା ଫାଉଣ୍ଡେସନ୍ ପକ୍ଷରୁ ପ୍ରଭାସ ବେହେରା ଓ ସୌମ୍ୟରଞ୍ଜନ ଶନ୍ତିଙ୍କ ସଂଯୋଜନାରେ ଷଷ୍ଠରୁ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ଋତୁ ପରିବର୍ତ୍ତନ, ଚନ୍ଦ୍ର ଗ୍ରହଣ, ସୂର୍ଯ୍ୟପରାଗ, ମାଇକ୍ରୋସ୍କୋପ, ଶରୀରର ଆଭ୍ୟନ୍ତରୀଣ ଅଙ୍ଗ, ସୌରଶକ୍ତି ଇତ୍ୟାଦି ୩୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପରେ ପ୍ରକଳ୍ପ ପ୍ରଦର୍ଶନ କରିଥିବା ସମସ୍ତ କୁନି କୁନି ବୈଜ୍ଞାନିକଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଇନ୍ଦିରା ପ୍ରିୟଦର୍ଶିନୀ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମଦନମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସୁଶ୍ରୀ ସମୀକ୍ଷା, ବିଜ୍ଞାନ ଶିକ୍ଷକ ଗୌତମ ବେହେରା, ରାକେଶ ମଲିକ, ରମାକାନ୍ତ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ରାହ୍ମଣୀ ବ୍ଲକ ଓ ତହସିଲ ଗଠନ ଦାବି | ଗଣସଂଗ୍ରାମ ସମିତିର ସମାବେଶ



ପଟ୍ଟାମୁଣ୍ଡାଇ,୮।୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଓ ଆଳି ବ୍ଲକର ବନ୍ୟା ବିପନ୍ନ ଉପାନ୍ତ ଧୋୟାଞ୍ଚଳର ୧୮ଟି ପଞ୍ଚାୟତକୁ ନେଇ ପ୍ରସ୍ତାବିତ ବ୍ରାହ୍ମଣୀ ବ୍ଲକ ଓ ତହସିଲ ଗଠନ ଦାବି ଜୋରଦାର ହୋଇଛି। ବ୍ରାହ୍ମଣୀ ବ୍ଲକ ଗଣସଂଗ୍ରାମ ସମିତି ପକ୍ଷରୁ ଏକ ସମାବେଶ ଦାଣ୍ଡିସାହି ବ୍ରାହ୍ମଣୀ କଲେଜ ପଡିଆରେ ଅନୁଷ୍ଠିତ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ୍ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଦୀପ୍ତ ବିଶ୍ୱାଳ ରାଜ୍ୟ ସରକାରଙ୍କ ବ୍ଲକ ପୁନର୍ଗଠନ ନିଷ୍ପତ୍ତିକୁ ସ୍ୱାଗତ କରିବା ସହିତ ବନ୍ୟା ବିପନ୍ନ ପଟ୍ଟାମୁଣ୍ଡାଇ ଓ ଆଳି ଧୋୟାଞ୍ଚଳର ଲୋକଙ୍କୁ ଉତ୍ତମ ପ୍ରଶାସନିକ ସେବା ଯୋଗାଇ ଦେବାକୁ ବ୍ରାହ୍ମଣୀ ବ୍ଲକ ଓ ତହସିଲ ଗଠନ କରିବାକୁ ଦାବି କରିଥିଲେ। ସମିତି ଆବାହକ ଅଭିମନ୍ୟୁ ମଲ୍ଲିକ, ବର୍ଷିଆନ ସମାଜସେବୀ ଧନେଶ୍ୱର ପ୍ରଧାନ, ପ୍ରାକ୍ତନ ଜିଲ୍ଲା ପରିଷଦ ନାରଦ ବିଶ୍ୱାଳ, ପେଣ୍ଠପାଳ ସରପଞ୍ଚ ପ୍ରତିନିଧି କୈଳାସ ସେଠୀ, ଆଡଭୋକେଟ ରମଣୀରଞ୍ଜନ ସାମଲ, ସମାଜସେବୀ ହୃଷିକେଶ ବେହୁରା, ଆଡଭୋକେଟ ସଞ୍ଜୟ ମଲ୍ଲିକ ଓ କୈଳାସ ମଲ୍ଲିକ ବ୍ରାହ୍ମଣୀ ବ୍ଲକ ଓ ତହସିଲ ଗଠନ ଦାବିକୁ ଜୋରଦାର କରିଥିଲେ। ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ସମାବେଶରେ ଡଃ ଚକ୍ରଧର ଦାଶ, ଶିକ୍ଷାବିତ ପାର୍ଥସାରଥୀ ଦାଶ, ଧନଞ୍ଜୟ ରାଉତ, ପୂର୍ବତନ ଏବିଇଓ ଚନ୍ଦ୍ରଭାନୁ ମଲ୍ଲିକ, ପ୍ରାକ୍ତନ ସରପଞ୍ଚ କୁଳମଣି ମଲିକ, ପ୍ରାଧ୍ୟାପକ ଅଶୋକ ନାୟକ, ସମିତିସଭ୍ୟ ଅଭୟ ସ୍ୱାଇ ପ୍ରମୁଖ ଯୋଗଦେଇ ବ୍ରାହ୍ମଣୀ ବ୍ଲକ ଗଠନ ପାଇଁ ସବୁ ପ୍ରକାର ସାହାଯ୍ୟ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଯୁବ ସମାଜସେବୀ ଦିଲ୍ଲୀପ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଦାଣ୍ଡିସାହି ପାଦୁକା ଆଶ୍ରମର କଳ୍ପତରୁ ବାବାଙ୍କ ପକ୍ଷରୁ ଗଣସଂଗ୍ରାମ ସମିତିକୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଇଥିଲା। ସମାଜସେବୀ ଦେବେନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ପରିଡା, ଆଦିକନ୍ଦ ଦାଶ, ଉମାନାଥ ନାୟକ, ବିକ୍ରମ ପରିଡା, ବିଜୟ ପ୍ରଧାନ, ଉମେଶ ମହାନ୍ତି, ଦିଲ୍ଲୀପ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବିଜୟ ପ୍ରଧାନ, ସାଗର ରାଉତ ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ତ୍ରିନାଥ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## କାଠ ଦୋକାନରେ ଅଗ୍ନିକାଣ୍ଡ

ମହାକାଳପଡ଼ା,୮।୨(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାରଡାଙ୍ଗ ପଞ୍ଚାୟତର ବାରଡାଙ୍ଗ ଗ୍ରାମରେ ଅଗ୍ନିକାଣ୍ଡ ଘଟିଛି। ବାରଡାଙ୍ଗ ଗ୍ରାମର ଖୁଦିରାମ ଓଝାଙ୍କ ପୁଅ ଆଲୋଲ ଓଝା ଋଣ କରି କାଠ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। କୌଣସି କାରଣରୁ ଦୋକାନଟିରେ ନିଆଁ ଲାଗି ସମ୍ପୂର୍ଣ୍ଣ ଦୋକାନ ଜଳି ନଷ୍ଟ ହୋଇଯାଇଛି। ଦୋକାନରେ ଥିବା ବହୁମୂଲ୍ୟ କାଠ ସାମଗ୍ରୀ, ଆସବାବପତ୍ର, ନଗଦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ମହାକାଳପଡ଼ା ଅଗ୍ନିଶମ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ପୁଣି ଓଲାଭର ବଜାର ଜବରଦଖଲ ଉଚ୍ଛେଦ ଘୁଞ୍ଚିଲା

ରାଜକନିକା,୮।୨(ସମିସ): ଓଲାଭର ବଜାରରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାର ତାରିଖ ପରିବର୍ତ୍ତନ କରାଯାଉଛି। ଏବେ ଆସନ୍ତା ୧୧ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଏହାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛଇ। କନିକା ତହସିଲ ଜବରଦଖଲ ଉଚ୍ଛେଦ ନ କରି ବରଂ ବିଭିନ୍ନ ଆଳ ଦେଖାଇ ଅନେକ ମୂଲ୍ୟବାନ ସରକାରୀ ଜମିକୁ ବ୍ୟକ୍ତିଗତ ମାଲିକାନାକୁ ଟେକି ଦେଉଥିବାବେଳେ ଏହି ଉଚ୍ଛେଦ ପ୍ରକ୍ରିୟାରେ ମଧ୍ୟ ଟାଳଟୁଳ ନୀତି ଆପଣେଇବାକୁ ଯାଉଥିବା ଏହି ଉଚ୍ଛେଦର ଆବେଦନକାରୀ ନଳିନୀକାନ୍ତ ପୃଷ୍ଟି ଗୁରୁତର ଅଭିଯୋଗ କରିଛନ୍ତି। ଏପରିକି ତାଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ଶ୍ରୀ ପୃଷ୍ଟି ଏହି ବେଆଇନ ଅବରୋଧ ବିରୁଦ୍ଧରେ ପକ୍ଷ ଥିବାବେଳେ ତାଙ୍କୁ ଉଚ୍ଛେଦ ସମ୍ପର୍କିତ ଆଇନଗତ ନୋଟିସ ନ ମିଳିବା ମଧ୍ୟ ସେ ଏହା ଏକ ଅଭିସନ୍ଧି ବୋଲି କହିଛନ୍ତି। କନିକା ତହସିଲର ଏହି ଗୁରୁତ୍ୱପୂର୍ଣ୍ଣ ଉଚ୍ଛେଦ ପ୍ରକ୍ରିୟାରେ ବାରମ୍ବାର ବିଭ୍ରାଟ ହେଉଥିବା ଓ ଦିନଗଡିବା ଭଳି ଘଟଣାରେ ଜିଲ୍ଲା ପ୍ରଶାସନକୁ ଭେଟି ଅଭିଯୋଗକାରୀ ଆଶ୍ୱସ୍ତ ଥିଲେ ହେଁ ସ୍ଥାନୀୟ ତହସିଲ କାର୍ଯ୍ୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଘୋଷଣା ହୋଇଥିବା ତାରିଖ ମଧ୍ୟରେ ଯେଉଁ କେତେକ ବ୍ୟବସାୟୀ ନିଜ ଆଡୁ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ ଖାଲି କରିବା କଥା କହିଛନ୍ତି, ବାସ୍ତବରେ ସେମାନେ ଦୋକାନ ଆଗପଟ ଟାଟି କାଢି ଦେଇ ସ୍ଥିତି ଉପରେ ନଜର ରଖୁଥିବା ଦେଖିବାକୁ ମିଳିଛି। ତେବେ ତହସିଲ ପ୍ରଶାସନ ପକ୍ଷରୁ ଆସନ୍ତା ୧୧ ତାରିଖରେ ଉଚ୍ଛେଦ କରାଯିବ ବୋଲି କୁହାଯାଇଛି।

## ଜଙ୍ଗଲରେ ଲୁଚିଗଲାଣି ବେଲାରପୁର ଦଳିତ ସାହି ଶବଦାହ ଗୃହ

ପଞ୍ଚୁପାଣ୍ଡବ,୮।୨(ସମିସ): ସରକାର ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। କିନ୍ତୁ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଲକ୍ଷାଧିକ ଟଙ୍କାର ହୋଇଥିବା କାମ ଲୋକଙ୍କ କାମରେ ଲାଗୁନି। ଶବଦାହ ପାଇଁ ବିଜେଡି ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବିଭିନ୍ନ ପଞ୍ଚାୟତରେ ଶବଦାହ ଗୃହ କରିଥିଲେ। ପ୍ରଶାସନର ଅବହେଳା ଯୋଗୁଁ ବିଭିନ୍ନ ଜାଗାରେ ଶ୍ମଶାନ ଗୃହ ଅଦରକାରୀ ହୋଇପଡ଼ିଛି। ରକ୍ଷଣାବେକ୍ଷଣ ଅଭାବରୁ ଶବଦାହ ଗୃହ ଜଙ୍ଗଲ ମଧ୍ୟରେ ଲୁଚିଗଲାଣି। ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମର ଚତୁରୀ ପୋଖରୀ ନିକଟରେ ନିର୍ମାଣ ହୋଇଥିବା ଶ୍ମଶାନ ଘର କ୍ଷେତ୍ରରେ ଦେଖିବାକୁ ମିଳିଛି। ଏହି ଶ୍ମଶାନ ଘରଟି ପ୍ରାୟ ଆଠବର୍ଷ ତଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅମଳରେ ନିର୍ମାଣ କରାଯାଇଥିଲା। ଏହି ଶବଦାହ ଗୃହକୁ ଶବ ନେବା ପାଇଁ ଗ୍ରାମୀଣ ନିଯୁକ୍ତି ଯୋଜନାରୁ ମାଟି ପକାଇ ରାସ୍ତା କରାଯାଇଥିଲା। ଏହି ଦଳିତ ସାହିରେ ପ୍ରାୟ ୮୦ ଘର ପରିବାର ଲୋକେ ବାସ କରନ୍ତି। ଏହି ସାହି ପାଇଁ ଏକ ଶ୍ମଶାନ ଗୃହ ହୋଇଥିଲାବେଳେ ଏବେ ଲୋକଙ୍କ କାମରେ ଲାଗୁ ନ ଥିବା ଅଭିଯୋଗ ହେଉଛି। ଏହି ଶ୍ମଶାନ ଘର ଚାରିପଟରେ ଜଙ୍ଗଲ ସୃଷ୍ଟି ହୋଇଛି। ଶ୍ମଶାନ ଘରକୁ ଯାତାୟାତ କରିବାକୁ ରାସ୍ତା ଅଧାପନ୍ତରିଆ ହୋଇ ପଡ଼ିରହିଥିବା ଦେଖିବାକୁ ମିଳୁଛି। ଯେବେଠୁ ଗୃହ ହେଲାଣି ସେବେଠାରୁ ଏ ପର୍ଯ୍ୟନ୍ତ ଶବ ପୋଡ଼ା ନ ଯାଇ ବାହାରେ ପୋଡ଼ାଯାଉଛି। ଏହାର ରକ୍ଷଣାବେକ୍ଷଣ ନ ହେବାରୁ ଏମିତି ପରିସ୍ଥିତି ହୋଇଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ ଶବଦାହ ଗୃହ ଚାରିପଟ ଜଙ୍ଗଲ ସଫା କରିବା ସହ ରାସ୍ତା ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଭିତରକନିକାରେ ଅନୁଗୋଳ ଟ୍ରେନିଂ ସ୍କୁଲର ରେଞ୍ଜ ଅଫିସର




ରାଜନଗର,୮।୨(ସମିସ): ଭିତରକନିକା ଜାତୀୟ ଉଦ୍ୟାନରେ ଅନୁଗୋଳ ରେଞ୍ଜ ଅଫିସର ଟ୍ରେନିଂ ସ୍କୁଲରୁ ୪୬ ଜଣ ରେଞ୍ଜ ଅଫିସର ପ୍ରଶିକ୍ଷାର୍ଥୀ ଭିତରକନିକା ଜାତୀୟ ଉଦ୍ୟାନ ପରିଭ୍ରମଣରେ ଆସି ପହଞ୍ଚିଥିଲେ। ଉଦ୍ଭିଦ ଓ ପ୍ରାଣୀ ଜଗତ ବିଷୟରେ ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର, ରିସର୍ଚ୍ଚ ଆସିଷ୍ଟାଣ୍ଟ ପ୍ରସନ୍ନ ନାୟକ ଓ ସହକାରୀ ବନ ସଂରକ୍ଷକ ମାନସ ଦାସଙ୍କଠାରୁ ପରିପୂରକ ଜ୍ଞାନ ଆହରଣ କରିଛନ୍ତି। ଭିତରକନିକା ଜାତୀୟ ଉଦ୍ୟାନର ଲୁଣା ଜଙ୍ଗଲ, ଆର୍ଦ୍ରଭୂମି, ବିରଳ ଜୀବଜନ୍ତୁ ଓ ଜୈବ ବିବିଧତା ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି। ଭିତରକନିକା ଘଞ୍ଚ ଜଙ୍ଗଲରେ ଦୁଃସାହସିକ ଯାତ୍ରା କରିବା ସମୟରେ କିଙ୍ଗ୍ କୋବ୍ରା ସହିତ ଅନ୍ୟାନ୍ୟ ସାପ, ହେଟାବାଘ, ଝିଙ୍କ ପକ୍ଷୀ, ଚିତାବିରାଡି, ହରିଣ, ବାହା, ବଉଳା କୁମ୍ଭୀର, ଦେଶୀ ଓ ବିଦେଶାଗତ ପକ୍ଷୀଙ୍କ ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି। ଏଥିସହିତ ଭିତରକନିକା ଜାତୀୟ ଉଦ୍ୟାନ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଡଲଫିନ ଓ ଅଲିଭରିଡ୍‌ଲେ କଇଁଛ ସମ୍ବନ୍ଧୀୟ ବହୁ ତଥ୍ୟ ସଂଗ୍ରହ କରିଛନ୍ତି। ଐତିହାସିକ ହୁକିଟୋଲା ଦ୍ୱୀପ, କାଳୀଭଞ୍ଜଡିଆ ଦ୍ୱୀପ ସମେତ ଭିତରକନିକାର ବିରଳ ଲୁଣାବୃକ୍ଷ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଛନ୍ତି। ଭାରତର ଦ୍ୱିତୀୟ ବୃହତ୍ତମ ଲୁଣା ଜଙ୍ଗଲର ବୈଶିଷ୍ଟ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉପକୂଳବର୍ତ୍ତୀ ଧନଜୀବନ ସୁରକ୍ଷା କ୍ଷେତ୍ରରେ ଲୁଣା ଜଙ୍ଗଲର ଅମୂଲ୍ୟ ଅବଦାନ ସମ୍ପର୍କରେ ଅବଗତ ହୋଇଛନ୍ତି।

ଜାତୀୟ କୃମି ନାଶକ କାର୍ଯ୍ୟକ୍ରମ

# ୩.୩୫ ଲକ୍ଷରୁ ଅଧିକ ଶିଶୁ ଓ ଯୁବତୀ ଲାଭାନ୍ୱିତ ହେବେ

କେନ୍ଦ୍ରାପଡ଼ା,୮।୨(ସମିସ)



ଜିଲ୍ଲାରେ ଶିଶୁ ଓ କିଶୋର-କିଶୋରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ପୋଷଣ ସ୍ତର ବୃଦ୍ଧି ଲକ୍ଷ୍ୟନେଇ ଆସନ୍ତା ଫେବୃଆରୀ ୧୦ ତାରିଖରେ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଜାତୀୟ କୃମିନାଶକ ଦିବସ ପାଳନ କରାଯିବ। ଏହାର ମପ୍-ଅପ୍ ରାଉଣ୍ଡ ୧୭ ତାରିଖରେ ଅନୁଷ୍ଠିତ ହେବ। ଏହି ସମ୍ବନ୍ଧରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ସଂଯୋଜନା କମିଟି ବୈଠକ ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ପୌରୋହିତ୍ୟରେ ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟକ୍ରମରେ ୧ରୁ ୧୯ ବର୍ଷ ବୟସ୍କ ଶିଶୁ ଓ କିଶୋର-କିଶୋରୀଙ୍କ ସହ ୨୦ରୁ ୨୪ ବର୍ଷ ବୟସର ଯୁବତୀ କୃମିନାଶକ ଔଷଧ ସେବନ କରିବେ। ଶିଶୁଙ୍କ ବୟସ ଅନୁଯାୟୀ ଅଙ୍ଗନବାଡ଼ି କେନ୍ଦ୍ରରେ ୧ରୁ ୨ ବର୍ଷ ପିଲାଙ୍କୁ ୫ ମିଲି, ୨ରୁ ୫ ବର୍ଷ ପିଲାଙ୍କୁ ୧୦ ମିଲି କୃମି ନାଶକ ସିରପ୍ ଦିଆଯିବ। ୬ରୁ ୧୯ ବର୍ଷ ବୟସ୍କ ଶିଶୁ ଓ ୨୦ରୁ ୨୪ ବର୍ଷ ବୟସ୍କା ଯୁବତୀଙ୍କୁ ଗୋଟିଏ କରି କୃମି ନାଶକ ବଟିକା ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ ଓ +୨ ଶିକ୍ଷାନୁଷ୍ଠାନରେ ଦିଆଯିବ।

ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁଯାୟୀ, ପ୍ରତିବର୍ଷ ଫେବୃଆରୀ ଓ ଅଗଷ୍ଟ ମାସରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଥାଏ। କୃମି ନାଶକ ଔଷଧ ସେବନ କରିବା ଦ୍ୱାରା ଶିଶୁ କୃମି ଆକ୍ରମଣରୁ ସୁରକ୍ଷିତ ରହିବା ସହ ସେମାନଙ୍କ ଶାରୀରିକ ଓ ମାନସିକ ବିକାଶ ସୁନିଶ୍ଚିତ ହୋଇଥାଏ। ଚଳିତ ବର୍ଷ କାର୍ଯ୍ୟକ୍ରମରେ ଜିଲ୍ଲାର ୧୭୯୪ଟି ସରକାରୀ ବିଦ୍ୟାଳୟ, ୨୩୨ଟି ବେସରକାରୀ ବିଦ୍ୟାଳୟ ଓ ୨୧୨୬ଟି ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ୩ ଲକ୍ଷ ୩୫ ହଜାର ୭୧୮ ଶିଶୁ ଓ କିଶୋର-କିଶୋରୀଙ୍କୁ କୃମି ନାଶକ ଔଷଧ ଦିଆଯିବ ବୋଲି ଜଣାପଡ଼ିଛି। ଗତ ଅଗଷ୍ଟ ରାଉଣ୍ଡରେ ଜିଲ୍ଲାରେ ୯୬.୭ ପ୍ରତିଶତ ଶିଶୁ ଓ କିଶୋର-କିଶୋରୀ ଏହି ଔଷଧ ସେବନ କରିଥିବା ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର ସୂଚନା ଦେଇଥିଲେ। ବୈଠକରେ ଜିଲ୍ଲାପାଳ ଶ୍ରୀ ଆୟର ସମସ୍ତ ବିଭାଗୀୟ ଅଧିକାରୀ, ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ଶିକ୍ଷା ବିଭାଗ ସହିତ ସମ୍ପୃକ୍ତ ସମସ୍ତଙ୍କୁ ସମନ୍ୱୟ ରଖି ଏହି କାର୍ଯ୍ୟକ୍ରମକୁ ଶତ ପ୍ରତିଶତ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ ସମସ୍ତ ଅତିଥି ଓ ଅଧିକାରୀଙ୍କୁ ସ୍ୱାଗତ ଜଣାଇଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌରାଙ୍ଗ ଗିରି, ଏଡିଏମଓ (ମେଡିକାଲ) ଡା. କିଶୋର ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶ୍ୟାମସୁନ୍ଦର ଟୁଡୁ, ଡା. ପ୍ରଦୀପ ଦାସ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକ, ଫାଇନାନ୍ସିଆଲ୍ ଅଫିସର ଆଶୁତୋଷ ତ୍ରିପାଠୀ, ଡିପିଏମ୍ ଡା. ମନୋରଞ୍ଜନ ସାହୁ, ଜିଲ୍ଲା ଆକାଉଣ୍ଟସ୍ ମ୍ୟାନେଜର ବିଷ୍ଣୁପ୍ରସାଦ ସାହ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ଓ ଶିଶୁ ବିଭାଗରୁ ଜିଲ୍ଲା ସଂଯୋଜକ ମମତା ଓ ଶିକ୍ଷା ବିଭାଗ ପ୍ରତିନିଧିମାନେ ସାମିଲ ଥିଲେ। ଡେପୁଟି ମ୍ୟାନେଜର ଡ. ସୁକାନ୍ତ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତ ଗିରଫ

ନାଉଗାଁ,୮।୨(ସମିସ): ନାଉଗାଁ ଥାନା ଅଧୀନ କୋରୁଅ ପଞ୍ଚାୟତର ଗାରୋଇ ଅଞ୍ଚଳରେ ଜନୈକା ମହିଳାଙ୍କ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଅଭିଯୁକ୍ତକୁ ଗିରଫ କରାଯାଇଛି। ସୂଚନା ମୁତାବକ ଗାରୋଇ ଅଞ୍ଚଳରେ ଜୈନିକ ମହିଳାଙ୍କ ସ୍ୱାମୀ ପରିବାର ପ୍ରତିପୋଷଣ ନିମନ୍ତେ ବାହାରେ ରହି ଆସୁଥିବା ବେଳେ ଏହାର ସୁଯୋଗ ନେଇ ସେହି ଗ୍ରାମର ଜନୈକ ଯୁବକ ଦୀର୍ଘ ଏକ ବର୍ଷ ଧରି ସାହାଯ୍ୟ ଆଳରେ ଜୋର ଜବରଦସ୍ତ ସମ୍ପର୍କ ରଖି ଆସୁଥିଲା ଏବଂ କିଛି ଦିନ ତଳେ ମଧ୍ୟ ମହିଳାଙ୍କୁ ବାଲିକୁଦାରେ ଥିବା ଏକ ଲଜ୍‌କୁ ନେଇ ମଧ୍ୟ ଖରାପ ସମ୍ପର୍କ ରଖିଥିଲା। ଏହାର ସୂଚନା ପାଇବା ପରେ ମହିଳାଙ୍କ ସ୍ୱାମୀ ଓ ପରିବାର ଲୋକେ ଉକ୍ତ ଯୁବକକୁ ପଚାରିବାରୁ, ଅଭିଯୁକ୍ତ ଓ ତାଙ୍କ ପରିବାରେ ଲୋକେ ମିଳିତ ହୋଇ ମହିଳାଙ୍କ ଶଶୁରଙ୍କୁ ମାରାଣାତ୍ମକ ଆକ୍ରମଣ କରିବା ସହିତ ମହିଳାଙ୍କ ସ୍ୱାମୀ ଓ ତାଙ୍କ ପରିବାର ଲୋକଙ୍କୁ ନାନାଦି ପ୍ରକାର ଧମକ ମଧ୍ୟ ଦେଇଥିଲେ। ଅନ୍ୟପଟେ ଏହାର ସୂଚନା ପାଇଁ ଗାରୋଇ ଫାଣ୍ଡି ଅଧିକାରୀ ଓ ତାଙ୍କ ଟିମ୍ ପହଞ୍ଚି ମହିଳାଙ୍କ ଶଶୁରକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅପରପକ୍ଷେ ଉକ୍ତ ଘଟଣାକୁ ଆଧାର କରି ମହିଳାଙ୍କ ସ୍ୱାମୀ ଏକ ଲିଖିତ ଅଭିଯୋଗ ୬ ଜଣଙ୍କ ନାମରେ ଦେଇଥିବା ବେଳେ ପୁଲିସ ଉକ୍ତ ଘଟଣାକୁ ଆଧାର କରି ୪୬/୨୬ ଦାୟର କରି ସମସ୍ତ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରିଥିଲା। ତେବେ ପୀଡ଼ିତା ମହିଳା ଜଣକ ମଧ୍ୟ ଏକ ଲିଖିତ ଉକ୍ତ ଅଞ୍ଚଳର ଅଭିଯୁକ୍ତ ଜିତେନ୍ଦ୍ର ମଲ୍ଲିକଙ୍କ ନାମରେ ଦେଇଥିଲେ। ପୁଲିସ ଉକ୍ତ ଘଟଣାକୁ ସମ୍ବେଦନଶୀଳ ଭାବେ ଗ୍ରହଣ କରି ଏକ କେସ୍ ୪୮/୨୬ ଦାୟର କରି ସମ୍ପୃକ୍ତ ଅଭିଯୁକ୍ତ ନାମରେ ମାମଲା ରୁଜୁ କରାଯାଇଛି। ସେହିପରି ଅଭିଯୁକ୍ତ ଜିତେନ୍ଦ୍ରଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ମଲ୍ଲିକ ଏକ ଲିଖିତ ଅଭିଯୋଗ ନାଉଗାଁ ଥାନାରେ କରିଥିବା ବେଳେ ଅଭିଯୋଗ ଅଧାରରେ ୪୭/୨୬ ଦାୟର କରି ତିନି ଜଣକ ନାମରେ ମାମଲା ରୁଜୁ କରିଥିବା ନେଇ ନାଉଗାଁ ପୁଲିସ ସୂତ୍ରରୁ ସୂଚନା ମିଳିଛି। ଅନ୍ୟପଟେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଜିତେନ୍ଦ୍ର ମଲ୍ଲିକକୁ ନାଉଗାଁ ପୁଲିସ ଗିରଫ କରି ଅଧିକରୁ ଅଧିକ ତଦନ୍ତ ଚଳାଇଥିବା ନେଇ ଥାନା ଅଧିକାରୀ ପ୍ରଦୀପ୍ତ କାନୁନଗୋ ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଉଦ୍‌ଯାପିତ

# 'ମେଳା ବ୍ୟବସାୟ ସହ ମା'ମାନଙ୍କ ସୃଜନଶୀଳତାର ପରିପ୍ରକାଶ କରେ'




ଜଗତସିଂହପୁର,୮।୨(ସମିସ)

ଗତ ୨ ତାରିଖରୁ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପରିସରରେ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଆଜି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସାଂସଦ ବିଭୁପ୍ରସାଦ ତରାଇ ଯୋଗଦେଇ ମହିଳା ଉଦ୍ୟୋଗୀ ଓ ସାଂସ୍କୃତିକ ପରମ୍ପରାର ମେଳା ସୁଭଦ୍ରା ଶକ୍ତି ମେଳା ମହିଳାମାନଙ୍କ ଜ୍ଞାନ କୌଶଳକୁ ପ୍ରୟୋଗ କରି ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ମାର୍ଗଦର୍ଶନ କରିବ ବୋଲି କହିଥିଲେ। ହସ୍ତଶିଳ୍ପ, ହସ୍ତତନ୍ତ ଏବଂ ଗ୍ରାମୀଣ ଉତ୍ପାଦର ବିପଣନକୁ ଉତ୍ସାହିତ କରିବା ଏହି ମେଳାର ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ରୂପେ ଯୋଗଦେଇ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଓଡ଼ିଶା ତଥା ଜିଲ୍ଲାର ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ନିମନ୍ତେ ଏହି ମେଳା ପୃଷ୍ଠଭୂମି ଯୋଗାଇଛି ବୋଲି କହିଥିଲେ। ସଭାରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ. ସୋନାଲ କହିଲେ ଏହି ମେଳା ଆୟୋଜିତ ହୋଇଛି ଆମ ମା' ମାନଙ୍କ ପାଇଁ। ସ୍ୱଦେଶୀ ଦ୍ରବ୍ୟ ନେଇ ଆମ ଜିଲ୍ଲା ତଥା ଜିଲ୍ଲା ବାହାରୁ ଆସିଥିବା ମା' ମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ସହ ସୃଜନଶୀଳତାର ଆଦାନ ପ୍ରଦାନ ହୋଇଛି। ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ୱୟଂ ସହାୟକ ଗୋଷ୍ଠୀ ଉତ୍ପାଦ ପାଇଁ ନୂତନ ବଜାର ଏବଂ ବ୍ୟବସାୟିକ ସୁଯୋଗ ପ୍ରଦାନ କରିବା। ସ୍ଥାନୀୟ ଉତ୍ପାଦର ବିକ୍ରୟ ବୃଦ୍ଧି କରିବା, ଏବଂ ନେତୃତ୍ୱ ଗୁଣର ବିକାଶ କରିବା ବୋଲି ଜିଲ୍ଲାପାଳ କହିଥିଲେ।

ସଭାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ଯୋଗଦେଇ ମହିଳାମାନେ ଆତ୍ମନିର୍ଭର ହୋଇପାରିଲେ ବିକଶିତ ଓଡ଼ିଶା ଗଠନ ହୋଇପାରିବ ବୋଲି କହିଥିଲେ। ସଭାରେ ସମ୍ମାନିତ ଅତିଥି ରୂପେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଆଜିଙ୍କ୍ୟା ମାଣେ ଉପସ୍ଥିତ ଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ପାଇଁ ନୂତନ ବଜାର ଓ ବ୍ୟବସାୟ ସୃଷ୍ଟି କରି ଅର୍ଥନୀତିକୁ ନୂତନ ଗତି ଦେବା ଲକ୍ଷ୍ୟରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାରେ ବିଭିନ୍ନ ଜିଲ୍ଲାର ପ୍ରତିନିଧିତ୍ୱ ରହିଥିଲା। ଏହି ଅବସରରେ ଆଠଦିନ ଧରି ମେଳାରେ ଯୋଗଦେଇ ନିଜର ସୃଜନଶିଳତା ର ପରିଚୟ ଦେଇଥିବା ମା' ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବେଷ୍ଟ କଷ୍ଟମର ବିହେଭିଅାର ପ୍ରଡକ୍ଟ ଗୋପିନାଥ ଏସ୍ଏଚ୍‌ଜି, ରଘୁନାଥପୁର ପ୍ରଥମ ସ୍ଥାନ ସହ ୨୦ ହଜାର ଅର୍ଥରାଶି, ଦ୍ୱିତୀୟ ଧନଲକ୍ଷ୍ମୀ ଏସ୍ଏଚ୍‌ଜି ମାହାଙ୍ଗା, କଟକ ୧୫ ହଜାର ଅର୍ଥରାଶି, ଅନ୍ନପୂର୍ଣ୍ଣା ମିଶନ ଶକ୍ତି କାଫେ ଏରସମା ତୃତୀୟ ସ୍ଥାନ ସହ ୧୦ ହଜାର ଅର୍ଥରାଶି ଲାଭ କରିଥିଲେ। ବେଷ୍ଟ ଫାର୍ମ ପ୍ରଡକ୍ଟ ମାତୃଶକ୍ତି ମିଲେଟ ପିଜି କୁଜଙ୍ଗ, ଜଗତସିଂହପୁର ପ୍ରଥମ, ଲକ୍ଷ୍ମୀ ନାରାୟଣ ଯାଜପୁର ଦ୍ୱିତୀୟ, କେନ୍ଦୁଝରର ଶିବ ଗୌରବ ଏସ୍ଏଚ୍‌ଜି ତୃତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ୨୦ହଜାର, ୧୫ ହଜାର, ୧୦ ହଜାର ଅର୍ଥରାଶି ସହ ପୁରସ୍କୃତ ହୋଇଥିଲେ। ନନ୍ ଫାର୍ମ ପ୍ରଡକ୍ଟରେ ବୌଦ୍ଧ ଜିଲ୍ଲାର ଜୟ ମା' ଚଣ୍ଡୀ ପ୍ରଥମ ସ୍ଥାନ ସହ ୨୦ ହଜାର ଅର୍ଥ ରାଶି, ପୁରୀର ବୃନ୍ଦାବତୀ ଏସ୍ଏଚ୍‌ଜି ଦ୍ୱିତୀୟ ସ୍ଥାନ ସହ ୧୫ ହଜାର ଅର୍ଥରାଶି, ମା' ବନଦୁର୍ଗା ପିଜି ତୃତୀୟ ସ୍ଥାନ ସହ ୧୦ ହଜାର ଅର୍ଥ ରାଶି ପାଇଥିଲେ।

ସେହିପରି ବେଷ୍ଟ ପ୍ୟାକେଜିଂରେ ବିରିଡ଼ି ବ୍ଲକର ଚକାଡୋଳା ପିଜି ପ୍ରଥମ ୨୦ ହଜାର ଅର୍ଥରାଶି, ଜଗଦ୍ଧାତ୍ରୀ ଏସ୍ଏଚ୍‌ଜି ଜଗତସିଂହପୁର ଦ୍ୱିତୀୟ ୧୫ ହଜାର ଅର୍ଥରାଶି, ମା' ଶାରଳା ଟେଲରିଂ ଜଗତସିଂହପୁର ତୃତୀୟ ସ୍ଥାନ ସହ ୧୦ ହଜାର ଅର୍ଥରାଶି ପୁରସ୍କାର ଲାଭ କରିଥିଲେ। ବେଷ୍ଟ ଇନୋଭେଶନ ବିଭାଗ ରେପ୍ରଗତି ଗୋଲ୍ଡେନ ଗ୍ରାସ ବାଲିକୁଦା ପ୍ରଥମ ୨୦ ହଜାର ଅର୍ଥରାଶି, ଶୁଭଲକ୍ଷ୍ମୀ ଏସ୍ଏଚ୍‌ଜି ଡେରାବିଶ ବ୍ଲକ କେନ୍ଦ୍ରାପଡ଼ା ଦ୍ୱିତୀୟ ୧୫ ହଜାର ଅର୍ଥରାଶି, ମହାଲକ୍ଷ୍ମୀ ପିଜି ତିର୍ତ୍ତୋଲ ତୃତୀୟ ସ୍ଥାନ ସହ ୧୦ ହଜାର ପୁରସ୍କାର ରାଶି ଅତିଥିମାନେ ପ୍ରଦାନ କରିଥିଲେ। ବେଷ୍ଟ ଏସ୍ଏଚ୍‌ଜି ମା' ଶେରାବାଲି ଏସ୍ଏଚ୍‌ଜି ଢେଙ୍କାନାଳଙ୍କୁ ୨୫ ହଜାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଶେଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ରାଜନଗର,୮।୨(ସମିସ): ରାଜନଗର ବ୍ଲକ୍ ଈଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ରିଘାଗଡ଼ସ୍ଥ ଜରା ନିବାସରେ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ୧୫ତମ ବାର୍ଷିକ ଉତ୍ସବ ଓ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ସଭାପତି ଆଇନଜୀବୀ ଧୀରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଉଦଘାଟକ ଭାବେ କେନ୍ଦ୍ରାପଡ଼ା ସିଭିଲ୍ କୋର୍ଟର ସରକାରୀ ଓକିଲ ଆଇନଜୀବୀ ସୁନାକର ପ୍ରଧାନ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ଏତାଦୃଶ ଜନହିତକର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ଭାବେ ବାରଗାଁ ବଞ୍ଚାଅ ଅଭିଯାନର ସଂଗ୍ରାମୀ ବ୍ୟକ୍ତିତ୍ୱ ପଣ୍ଡିତ ହେମନ୍ତ ମିଶ୍ର ଉପସ୍ଥିତ ରହି ଜରା ନିବାସ ଅନ୍ତେବାସୀଙ୍କ ସମସ୍ୟାକୁ ପ୍ରଶାସନ ପାଖରେ ଉତ୍‌ଥାପନ କରି ସମାଧାନ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ନାଗରିକ ଅନନ୍ତ ଚରଣ ରାଉତ ଓ ସମ୍ମାନିତ ଅତିଥି ଭାବେ ଜରାନିବାସ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ୍ତ ଦାଶ ଉପସ୍ଥିତ ରହି କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଜରାନିବାସ ଅନ୍ତେବାସୀଙ୍କ ସମସ୍ତ ପ୍ରକାର ଯତ୍ନ ନିଆଯାଉଛି ବୋଲି ମତ ପ୍ରକାଶ କରିଥିଲେ। କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ପ୍ରତିଷ୍ଠାତା ସୁଶ୍ରୀକାନ୍ତ ପରିଡା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚଳିତ ବର୍ଷ ପାଇଁ କନକ ଟିଭିର ରାଜନଗର ସାମ୍ବାଦିକ ତାପସ ପରିଡାଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ "କୃଷ୍ଣଚନ୍ଦ୍ର ଯୁବ ନିର୍ଭୀକ ସାମ୍ବାଦିକ ସମ୍ମାନ' ପ୍ରଦାନ କରାଯାଇଛି। ସଂସଦର ମୁଖ୍ୟ ସଂଯୋଜିକା ଆଶାଲତା ରାଉତ ଧନ୍ୟବାଦ ଦେଇଥିଲେ।

# ଡେରାବିଶ କଲେଜ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ



ଡେରାବିଶ, ୮।୨(ସମିସ): ଦୁମୁକାହାଟସ୍ଥ ଡେରାବିଶ କଲେଜ +୨ ଶ୍ରେଣୀର ୧୯୮୫-୮୬ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଆପାଲି ଅପରାଜିତା ଶତପଥୀ, ଦେବେନ୍ଦ୍ର କୁଣ୍ଡୁ, ସରୋଜ କୁଣ୍ଡୁ, ଅବଦୁଲ ଯାନୀ ଖାଁ, ସକିଲ ଖାଁ, ସୁବାସ ଦାସ, ଉର୍ମିଳା ସାହୁ, ସୌଦାମିନୀ ସ୍ୱାଇଁ, ଅନ୍ନପୂର୍ଣ୍ଣା ରାଉତ, ଚନ୍ଦ୍ରଶେଖର ବେହେରା, ପ୍ରସନ୍ନ ନାୟକ, ମଧୁସୁଦନ ପ୍ରଧାନ, ମାଧବ ସାହୁ, ଦିଲ୍ଲୀପ ବେଦାନ୍ତ, ସୁକାନ୍ତ ରାଉତ, ଜଳନ୍ଧର ରାଉତ, କେଦାରନାଥ ପୃଷ୍ଟି, ଗୁରୁଚରଣ ସେଠୀ, ଅକ୍ଷୟ ବେହେରା, ଶରତ ପୃଷ୍ଟିଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ବନ୍ଦନା ଅଭ୍ୟାସ କାର୍ଯ୍ୟଶାଳା ଉଦ୍‌ଯାପିତ

ଜଗତସିଂହପୁର,୮।୨(ସମିସ): ଜଗତସିଂହପୁର ସହରର ବଡ଼ବଜାର ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ଦୁଇଦିନିଆ ବନ୍ଦନା ଅଭ୍ୟାସ କାର୍ଯ୍ୟଶାଳା ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ ସଙ୍ଗୀତ ଗୁରୁ ଧୂମେଶ ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ସେହିପରି ଶିକ୍ଷା ବିକାଶ ସମିତିର ଓଡ଼ିଶା ପ୍ରାନ୍ତ ସଙ୍ଗୀତ ସଂଯୋଜକ ଜିତେନ୍ଦ୍ର କୁମାର ପଣ୍ଡା, ବିଭାଗ ନିରୀକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ଜିଲ୍ଲା ପ୍ରମୁଖ ରଶ୍ମିକାନ୍ତ ସାହୁ, ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଡ. ନୀରଞ୍ଜନ ବିଶ୍ୱାଳ ଏବଂ ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆ ପ୍ରମୁଖ ଏଥିରେ ଉପସ୍ଥିତ ରହି ଏଭଳି କାର୍ଯ୍ୟଶାଳା ଆୟୋଜନର ଉଦେଶ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବନ୍ଦନା ଅଭ୍ୟାସ କାର୍ଯ୍ୟଶାଳାରେ ଜଗତସିଂହପୁର ବିଭାଗ ଅଧୀନସ୍ଥ ୨୧ ବିଦ୍ୟାଳୟର ୧୨୨ ଜଣ ପ୍ରଶିକ୍ଷାର୍ଥୀ ବନ୍ଦନା ଅଭ୍ୟାସ କୌଶଳ ଶିକ୍ଷା କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଈଶ୍ୱର ଚନ୍ଦ୍ର ନନ୍ଦ ଯୋଗଦେଇ ସାମାଜିକ ଜୀବନରେ ପ୍ରାର୍ଥନାର ଆବଶ୍ୟକତା ଓ ପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

# ସମ୍ବିଧାନ ସଚେତନତା ସମାବେଶ



ନାଉଗାଁ,୮।୨(ସମିସ): ନାଉଗାଁ ବ୍ଲକ ବହୁଜନ ଛାତ୍ର ଓ ଯୁବ ସାମ୍ମୁଖ୍ୟ ଶାଖା ତରଫରୁ କଣ୍ଟୁଣିଆହାଟ ଠାରେ ଆୟୋଜିତ ସମ୍ବିଧାନ ସଚେତନତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଜାମୁଗାଁ ପଞ୍ଚାୟତ ସମେତ ନାଉଗାଁ ବ୍ଲକର ବିଭିନ୍ନ ଗ୍ରାମରୁ ଶତାଧିକ ଛାତ୍ର ଯୁବକ ମହିଳା ବୁଦ୍ଧିଜୀବୀମାନେ ସାମିଲ୍ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଗଠନର ରାଜ୍ୟ ସଂଯୋଜକ ଅନିଲ୍ କୁମାର ମଲ୍ଲିକ୍ ଯୋଗ ଦେଇ ସାମ୍ବିଧାନିକ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ଘରେ ଘରେ ସମ୍ବିଧାନ ଓ ଆମ୍ବେଦକର ଅଭିଯାନ ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଜାତୀୟ ଦଳିତ ଆଦିବାସୀ ମହାସଂଘର ରାଜ୍ୟ ସଭାପତି ଲିଟୁ ଦାସ, ନାରୀ ନେତ୍ରୀ ଟିକିନା ପରିଡ଼ା, ପୂର୍ବତନ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଅତିଥି ଯୋଗ ଦେଇ ସମ୍ବିଧାନ ସମ୍ପର୍କରେ ସଚେତନତା କରିଥିଲେ। ଜିଲ୍ଲା ସଂଯୋଜକ ପ୍ରତାପ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ ଏବଂ ବ୍ଲକ ସଂଯୋଜକ ନନ୍ଦନ ଭୋଇ ଅତିଥି ସ୍ୱାଗତ କରିଥିଲେ। ଆଲୋକ ଦାସ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ବୁଢ଼ି ଜାଡୁଆଣୀ ଯୁବକ ସଂଘରେ ରକ୍ତଦାନ ଶିବିର



ପାରାଦୀପ,୮।୨(ସମିସ): ପାରାଦୀପ ଉପକଣ୍ଠ ଜଗତି ଗ୍ରାମରେ ମା' ବୁଢ଼ୀ ଜାଡୁଆଣି ଯୁବକ ସଙ୍ଘ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସଂଘ ଉପଦେଷ୍ଟା ଜୀବନ ଜ୍ୟୋତି ସ୍ୱାଇଁଙ୍କ ନେତୃତ୍ୱରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଲକ୍ଷ୍ମୀକାନ୍ତ ଦାସ, ମନୋଜ ମହାନ୍ତି, ତପନ ଦାସ ପ୍ରମୁଖ ଯୁବକ ସଂଘର ସଦସ୍ୟମାନେ ପ୍ରତ୍ୟକ୍ଷ ଭାବରେ ଶିବିର ପରିଚାଳନା କରିଥିଲେ।

ଏହି ଶିବିରରେ ଶିକ୍ଷାବିତ ମାୟାଧର ଦାସ, ଜଗତି ଗ୍ରାମ୍ୟ କମିଟି ସଭାପତି ଇଂ. ପ୍ରଶାନ୍ତ କୁମାର ଚୌଧୁରୀ, ସୌମେନ୍ଦ୍ର ମହାପାତ୍ର ଏବଂ ବରିଷ୍ଠ ମୃତ୍ତିକା ବିଜ୍ଞାନୀ ବାବାଜୀ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମର ମହିଳା ସମାଜସେବୀ ଏବଂ ରକ୍ତଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମୋଟ ୭୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ଜଗତସିଂହପୁର ଜିଲ୍ଲା ରେଡକ୍ରସ ସୋସାଇଟି ସହଯୋଗ କରିଥିଲା। ଗ୍ରାମର ସଂଖ୍ୟାଧିକ ମହିଳା ଏବଂ ଚାଷୀମୂଲିଆ ପରିଶ୍ରମୀ ଲୋକମାନେ ଆଗ୍ରହର ସହିତ ରକ୍ତଦାନ କରିଥିଲେ। ପାରାଦୀପ-ଚଣ୍ଡିଖୋଲ ଜାତୀୟ ରାଜପଥ ଏବଂ ପାରାଦୀପ-କଟକ ରାଜ୍ୟ ରାଜପଥରେ ସଡକ ଦୁର୍ଘଟଣାରେ ଗୁରୁତର ରୋଗୀ, ପାରାଦୀପରେ ଗଢି ଉଠିଥିବା ଶିଳ୍ପକାରଖାନାରେ ଦୁର୍ଘଟଣାର ଶିକାର ହୋଇଥିବା ଗୁରୁତର ରୋଗୀ ଏବଂ ଥାଲାସେମିଆ ରୋଗୀଙ୍କ ପାଇଁ ଆବଶ୍ୟକ ପଡୁଥିବା ରକ୍ତାଭାବ ଦୂର କରିବା ଲକ୍ଷ୍ୟରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିବା ଆୟୋଜକମାନେ କହିଛନ୍ତି। ଯୁବକ ସଂଘ ସଦସ୍ୟମାନଙ୍କ ଏପରି ପ୍ରଚେଷ୍ଟାକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## ଅଖିଳ ଭାରତ ବୃହତ୍ ବନ୍ଦର କବାଡ଼ି ପ୍ରତିଯୋଗିତା

# ଜବାହରଲାଲ ନେହରୁ ବନ୍ଦର ଚାମ୍ପିଅନ୍

ପାରାଦୀପ,୮।୨(ସମିସ)




ପାରାଦୀପ ବନ୍ଦର ଓ ଅଖିଳ ଭାରତ ବୃହତ୍ ବନ୍ଦର ଖେଳ ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ପାରାଦୀପର ବିଜୁ କନ୍‌ଭେନେସନ୍ ସେଣ୍ଟର୍ ଠାରେ ଆୟୋଜିତ ୪୧ତମ ଅଖିଳ ଭାରତ ବୃହତ୍ ବନ୍ଦର କବାଡି ପ୍ରତିଯୋଗିତାର ସେମିଫାଇନାଲ ପର୍ଯ୍ୟାୟରେ ଜବାହରଲାଲ ନେହରୁ ବନ୍ଦର ପାରାଦୀପ ବନ୍ଦରକୁ ଓ ଚେନ୍ନାଇ ବନ୍ଦର ମୁମ୍ବାଇ ବନ୍ଦରକୁ ପରାସ୍ତ କରି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ଫାଇନାଲ ମ୍ୟାଚରେ ଜବାହରଲାଲ ନେହରୁ ବନ୍ଦର ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ଚେନ୍ନାଇ ବନ୍ଦରକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପାରାଦୀପ ବନ୍ଦର ଓ ଚେନ୍ନାଇ ବନ୍ଦର ସଂଯୁକ୍ତ ତୃତୀୟ ସ୍ଥାନ ପାଇଛନ୍ତି। ଉଦଯାପାନୀ ସନ୍ଧ୍ୟାରେ ମୁଖ୍ୟଅତିଥି ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ ବିଜୟୀ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିବା ସଙ୍ଗେ ସଙ୍ଗେ ଖେଳାଳିମାନଙ୍କୁ ସମ୍ମାନିତ କରିଥିଲେ। ବନ୍ଦର ଉପାଧ୍ୟକ୍ଷ ଟି. ବେଣୁଗୋପାଳ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସଂସଦର ସଭାପତି ହିମାଂଶୁ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଡ. ଦୁର୍ଗା ପ୍ରସାଦ ସେଠୀ ସ୍ୱାଗତ କରିଥିବା ବେଳେ ସମ୍ପାଦକ ଧ୍ରୁବ ତରାଇ ଧନ୍ୟବାଦ୍ ଅର୍ପଣ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ବନ୍ଦର ବିଭାଗ ମୁଖ୍ୟ ଓ ଅଧିକାରୀ ତଥା କର୍ମଚାରୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ତିର୍ତ୍ତୋଲ,୮।୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସଅଁରା ସରକାରୀ ଉଚ୍ଚବିଦ୍ୟାଳୟର କୃତୀ ଶିକ୍ଷୟତ୍ରୀ ଅନ୍ନପୂର୍ଣ୍ଣା ଦାଶଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ପ୍ରଧାନଶିକ୍ଷୟିତ୍ରୀ ମହାମାୟା ବିଶ୍ୱାଳଙ୍କ ଅଧ୍ୟକ୍ଷତା ଓ ବରିଷ୍ଠ ଶିକ୍ଷକ ବାବୁଲି ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ତିର୍ତ୍ତୋଲର ପ୍ରାକ୍ତନ ବିଇଓ ପବିତ୍ର କୁମାର କର, ମୁଖ୍ୟବକ୍ତା ଭାବରେ ତିର୍ତ୍ତୋଲ ନିମ୍ନ ଶିକ୍ଷକ ସଂଘର ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ସ୍ୱତନ୍ତ୍ର ଅତିଥି ସ୍ଥାନୀୟ ସରପଞ୍ଚ ବିକ୍ରମକେଶରୀ ସ୍ୱାଇଁ, ସମ୍ମାନୀତ ଅତିଥି ଶିକ୍ଷାବିତ୍ ଝୁଲରାମ୍ ଦାସ, ପରିଚାଳନାକମିଟି ସଭାପତି ସିଦ୍ଧେଶ୍ୱର ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ ସ୍ୱାଇଁ, ନରୋତ୍ତମ ଭୂୟାଁ, ତିର୍ତ୍ତୋଲ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅକ୍ଷୟ ନାୟକ, ଆଶ୍ରମ ପାଟଣା ବୀଣାପାଣି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରବିନାରାୟଣ ରଥ, ବିଜୟ ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ନରୋତ୍ତମ ଭୂୟାଁ, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଶିକ୍ଷୟିତ୍ରୀ ଶ୍ରୀମତୀ ଦାଶଙ୍କ କର୍ତ୍ତବ୍ୟ ନିଷ୍ଠା, କର୍ମ ନିପୁଣତା, ସମୟାନୁବର୍ତ୍ତିତା, ଛାତ୍ର ବତ୍ସଳତା ଆଦି ଗୁଣର ପ୍ରଶଂସା କରିଥିଲେ। ଶେଷରେ ଅତିଥିମାନେ ଶ୍ରୀମତୀ ଦାଶଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜୟନ୍ତୀପ୍ରଭା ଦାସ, ନୟନାମଞ୍ଜରୀ ପାଳ, ସୁପ୍ରଭା ମହାନ୍ତି, ରତ୍ନପ୍ରଭା ସ୍ୱାଇଁ, ଗୀତାଞ୍ଜଳି ବାରିକ, ପୁଷ୍ପାଞ୍ଜଳି ମହାରଣା, ପ୍ରଜ୍ଞାପ୍ରିୟଦର୍ଶିନୀ, ଜୟଶ୍ରୀ ନାୟକ, ଅନ୍ନପୂର୍ଣ୍ଣା ଓଝାଙ୍କ ସମେତ କମିଟିର ପଦାଧିକାରୀ ବିଦ୍ୟୁତ କୁମାର ନାୟକ, ଗୌରୀକାନ୍ତ ସ୍ୱାଇଁ ଓ ପ୍ରାକ୍ତନ କର୍ମଚାରୀ ରବୀନ୍ଦ୍ରନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଟୁଟୁ ଦାଶ ସ୍ୱାଗତ ଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟତ୍ରୀ ପଦ୍ମିନୀ ପ୍ରିୟଦର୍ଶିନୀ ଦାଶ ଧନ୍ୟବାଦ ଦେଇଥିଲେ।



## ସତୀଶ ନିର୍ଦ୍ଦୋଷରେ ଖଲାସ ଘଟଣା

# ଗୁରୁତ୍ୱପୂର୍ଣ୍ଣ ମାମଲାରେ ବେପରୁଆ ପୁଲିସ

ଭୁବନେଶ୍ୱର, ୮।୨(ସମିସ):

ବରିଷ୍ଠ ରାଜନେତା ତଥା ଶିଳ୍ପପତି ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଲୁଟ୍ ଘଟଣାରେ ପୁଲସ ଦ୍ୱାରା ଗିରଫ ଅଭିଯୁକ୍ତ ସତୀଶ ରେଡ୍ଡୀ ଓରଫ ସ୍ୱାଇଡର ସତୀଶଙ୍କୁ କୋର୍ଟର୍ ନିର୍ଦ୍ଦେଶରେ ଖଲାସ କରିଛି। ଯାହାକୁ ନେଇ ପୁଲିସ ପରିବାର ପଣିଆକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାମଲା ହୋଇଥିଲା ମଧ କମିଶନରେଟ୍ ପୁଲିସ ଏହି ମାମଲାର ତଦନ୍ତ ପାଇଁ ବେପରୁଆ ପୁଲିସ ଟିମ୍‌କୁ ନିଯୁକ୍ତ କରିଥିଲା। କେସ୍ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଏବଂ ଏହାର ଟିମ୍‌କୁ ଅଧିକାଂଶ କଥା ଆଦୌ ଜଣାନଥିଲା। ଫଳରେ କୋର୍ଟରେ ପ୍ରତିପକ୍ଷ ଓକିଲଙ୍କ ପ୍ରଶ୍ନବାଣରେ ପୁଲିସ ଟିମ୍ ହଡ଼ବଡ଼େଇଗଲା। ଜେରାକୁ ଠିକ୍ ଭାବେ ସାମ୍ନା କରି ନପାରିବାରୁ ମାମଲା ହାତରୁ ଚାଲିଗଲା। ଆଉ ସ୍ୱାଇଡର ସତୀଶ ନିର୍ଦ୍ଦୋଷରେ ଖଲାସ ହୋଇଗଲା। ଏକାଧିକ ଘଟଣାରେ ପୁଲିସ ନାଚାରପଣ ସ୍ପଷ୍ଟ ଭାବେ ବାରିହୋଇ ପଡୁଥିଲା।

### ସିଜ୍ କପଡ଼ାର ବ୍ରାଣ୍ଡ କହିପାରିଲାନି ପୁଲିସ

ପୁଲିସ ନିଜ ତଦନ୍ତରେ ଦର୍ଶାଇଥିଲା ଯେ ସ୍ୱାଇଡରଙ୍କ ଗାଡ଼ି ଡିକିରୁ ଟି-ସାର୍ଟ ଏବଂ ଜୋତା ମିଳିଥିଲା। ଯାହାକୁ ପରବର୍ତ୍ତୀ ସମୟରେ ସିଜ୍ କରାଯାଇଥିଲା। କ୍ରସ୍ ଏକ୍ସାମିନ୍ ବେଳେ ଯେତେବେଳେ ପଚରାଗଲା ଟି-ସାର୍ଟଟି କେଉଁ ବ୍ରାଣ୍ଡ ଥିଲା ସେତେବେଳେ ପୁଲିସ କିଛି ବି କହି ପାରିଲା ନାହିଁ।

### ରେଡ୍‌ରେ ସାମିଲ୍ ବ୍ରହ୍ମପୁର ପୁଲିସ କନଷ୍ଟେବଲଙ୍କ ନା' ବି କହିପାରିନି

ବ୍ରହ୍ମପୁରରେ ସ୍ୱାଇଡର ସୁନା ବିକ୍ରି କରିବାକୁ ପ୍ରସ୍ତୁତ ହେଉଥିବା ପୁଲିସ ଖବର ପାଇଲା। ତଦନ୍ତକାରୀ ଅଧିକାରୀ କିଛି ପୁଲିସ କର୍ମଚାରୀଙ୍କୁ ନେଇ ବ୍ରହ୍ମପୁର ଯାଇଥିଲା। ସ୍ୱାଇଡରକୁ ଧରିବାକୁ ବ୍ରହ୍ମପୁରର ଏକ ଥାନାର ଜଣେ କର୍ମଚାରୀ ଭୁବନେଶ୍ୱରରୁ ଯାଇଥିବା ପୁଲିସ ଟିମ୍‌କୁ ସହଯୋଗ କରିଥିଲେ। ହେଲେ କୋର୍ଟରେ ଭୁବନେଶ୍ୱର ପୁଲିସକୁ ଯେତେବେଳେ ତାଙ୍କ ନା' ପଚରାଗଲା ସେନେଇ ତଦନ୍ତକାରୀ ଅଧିକାରୀ କିଛି ବି କହିପାରିଲେ ନାହିଁ। ଏହାକୁ ନେଇ ବିଭିନ୍ନ ମହଲରେ ଆଶ୍ଚର୍ଯ୍ୟ ପ୍ରକଟ କରାଯାଇଛି।

### ବାଟରେ ଥିବା ଟୋଲ୍ ସଂଖ୍ୟା ବି କହିପାରିଲେନି

ତଦନ୍ତକାରୀ ଟିମ୍ ବ୍ରହ୍ମପୁର ଯାଇଥିଲା ସ୍ୱାଇଡରକୁ ଧରିବାକୁ। ହେଲେ ବ୍ରହ୍ମପୁର ଯାଇଥିଲା ବୋଲି କୌଣସି ସରକାରୀ





ଦସ୍ତାବିଜ୍ ନାହିଁ। ଏପରିକି ବ୍ରହ୍ମପୁର ପର୍ଯ୍ୟନ୍ତ କେତୋଟି ଟୋଲ୍‌ଗେଟ୍ ରହିଛି, ଏହା ବି ପୁଲିସର ତଦନ୍ତକାରୀ ଟିମ୍ ପାଖରେ ଉତ୍ତର ନଥିଲା। କେବଳ ବ୍ରହ୍ମପୁର ନୁହେଁ, ବରଂ ବ୍ରହ୍ମପରରୁ ଆନ୍ଧ୍ରପ୍ରଦେଶର ଭିଲିପାଟଣାମ୍ ପର୍ଯ୍ୟନ୍ତ କେତୋଟି ଟୋଲ୍‌ଗେଟ୍ ପାର ହୋଇ ଯାଇଛି ପୁଲିସ ତାହାବି କୋର୍ଟ ରୁମ୍‌ରେ ଉତ୍ତର ରଖିପାରିଲା ନାହିଁ।

### ଅଭିଯୁକ୍ତ ଗାଡ଼ିର କେଉଁଠି ବସିଥିଲା ତାହା ବି ଅଜଣା

ସତୀଶ ରେଡ୍ଡୀକୁ ପୁଲିସ ଆନ୍ଧ୍ରପ୍ରଦେଶରୁ ଓଡ଼ିଶା ଆଣିଲା। ପୁଲିସ ଗାଡ଼ିରେ ସତୀଶ ବହୁ ଘଣ୍ଟା ଧରି ବସି ରହିଥିଲା। ଗାଡ଼ି ବି କେଉଁଠି ରହି ନଥିଲା। ବହୁ ସମୟ ବିତାଇଥିଲା। ହେଲେ ଅଭିଯୁକ୍ତ କେଉଁଠି ବସିଥିଲା ସେ ସମ୍ପର୍କରେ ପଚାରିଲେ ପୁଲିସ ମୁକ ପାଲଟିଗଲା।

### ମାମଲା ସଂଖ୍ୟା ବଢ଼ିଲା, ଦସ୍ତାବିଜ୍ ନାହିଁ

ସତୀଶ ଜଣେ ହାର୍ଡକୋର ଅପରାଧୀ ବୋଲି ପୁଲିସ କହିଲା। ସତୀଶଙ୍କ ନାମରେ ୩୪ଟି ମାମଲା ରହିଛି। ଏହା ମଧ୍ୟରୁ ୧୧ଟି ମାମଲାରେ ସତୀଶ ଦୋଷୀ ସାବ୍ୟସ୍ତ ହୋଇଛି। ହେଲେ ପୁଲସ୍ ପକ୍ଷରୁ କୌଣସି ଗୋଟିଏ ମାମଲାରେ ସତୀଶ ଦୋଷୀ ସାବ୍ୟସ୍ତ ହୋଇଥିବା ନେଇ ଏହାର ଜଜ୍‌ମେଣ୍ଟ୍ ନକଲ ଦେଇ ପାରିଲେ ନାହିଁ। ପୁଲିସ ସତୀଶଙ୍କ ବିରୋଧରେ କେବଳ ମାମଲା ସଂଖ୍ୟା ବଢ଼ାଇ ଚାଲିଲା, ହେଲେ କୋର୍ଟଙ୍କୁ ସବିଶେଷ ଦସ୍ତାବିଜ୍ ଦେଇପାରିଲା ନାହିଁ।

### ତଦନ୍ତକାରୀ ଅଧିକରୀ କ'ଣ କରୁଥିଲେ?

କୌଣସି ଏକ ମାମଲାରେ ଅଭିଯୁକ୍ତ ସଜା ପାଇଲେ ତଦନ୍ତକାରୀ ଅଧିକାରୀଙ୍କୁ ଶ୍ରେୟ ଦିଆଯାଏ। ସଜା ନ ପାଇଲେ ତଦନ୍ତକାରୀ ଅଧିକାରୀଙ୍କୁ ଦାୟୀ କରାଯାଏ। ଏଠାରେ ତଦନ୍ତକାରୀ ଅଧିକାରୀ ଶୁଭ୍ରାଂଶୁ ମହାପାତ୍ର ବହୁ କଥା ଜାଣି ନଥିଲେ କିମ୍ବା କୋର୍ଟରେ ମନେ ପକାଇ ପାରି ନଥିଲେ। ମାମଲା ଜିତିବାକୁ ଆବଶ୍ୟକୀୟ ପ୍ରମାଣ ସେ ଯୋଗାଡ଼ କରି ପାରି ନଥିଲେ। ଚାର୍ଜସିଟ୍ ବି ଲେଖିଲା ବେଳେ ଟାଇପୋଲୋଜିକାଲ୍ ଭୁଲ୍‌କୁ ବି ଦେଖି ନାହାନ୍ତି। ଯେପରିକି ମାଲଖାନା ରେଜିଷ୍ଟର ନମ୍ବର ୪୯/୨୦୨୪ ଲେଖାଯାଇଛି, ଯାହା ୪୯/୨୦୨୫ ଲେଖାଯିବା କଥା। ସିଜ୍ ହୋଇଥିବା ଗହଣାକୁ ନିଜେ ଓଜନ କରିଦେଲେ। କେଉଁଠାରେ ଓଜନ ହୋଇଛି ତାହାର କୌଣସି ରସିଦ ରଖି ନଥିଲେ। ସ୍ୱାଧୀନ ଲୋକମାନଙ୍କୁ ସାକ୍ଷୀ ଭାବେ ଯୋଗାଡ଼ କରି ପାରିଲେ ନାହିଁ। ଅଭିଯୁକ୍ତଙ୍କୁ ଖାଇବା ଦେଇଥିଲେ ମଧ ଖାଦ୍ୟର ବିଲ୍ ଦେଖାଇ ପାରିଲେ ନାହିଁ।

**ସିସିଟିଭି ଫୁଟେଜ୍‌ରେ ଚେହେରା ଅସ୍ପଷ୍ଟ**

### ରେକର୍ଡ କରାଯାଇ ନାହିଁ କନ୍‌ଫେସନାଲ୍ ଷ୍ଟେଟ୍‌ମେଣ୍ଟ

ସିସିଟିଭି ଫୁଟେଜ୍‌ରେ ଜଣେ ବ୍ୟକ୍ତିଙ୍କ ଚେହେରା ଦେଖାଯାଉଥିଲା। ହେଲେ ଏହା ସତୀଶ କିମ୍ବା ନୁହେଁ ତାହା କେହି କହି ପାରିଲେ ନାହିଁ। ଏପରିକି ପୁଲିସ ଆଗରେ ସତୀଶ ନିରଞ୍ଜନଙ୍କ ଘରୁ ଚୋରି କରିଥିବା ନେଇ ସ୍ୱୀକାର କରିଥିଲା। ନୟାପଲ୍ଲୀର ଅନ୍ୟ ଏକ ଘରୁ ବି ଚୋରି କରିଥିବା କହିଥିଲା। ଏପରିକି ଚୋରି ଗହଣା କେଉଁଠି ରଖିଥିଲା ବି କହିଥିଲା। ହେଲେ ପୁଲିସ ତାଙ୍କର କୌଣସି ବୟାନ୍ ରେକର୍ଡ କରିନାହିଁ।

---

**ବିଶ୍ୱଭାରତୀ ପ୍ରାକ୍ତନୀର ୯ମ ବାର୍ଷିକ ଉତ୍ସବ**

## ମାତୃଭାଷା ପ୍ରତି ଅନୁରକ୍ତି ହିଁ ବିଶ୍ୱଭାରତୀର ପରିଚୟ



ଭୁବନେଶ୍ୱର, ୮।୨(ସମିସ): ବିଶ୍ୱଭାରତୀ ପ୍ରାକ୍ତନୀ ଓଡ଼ିଶାର ୯ମ ବାର୍ଷିକ ଉତ୍ସବ ରବିବାର ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିନିକେତନରେ ଅଧ୍ୟୟନ, ଅଧ୍ୟାପନା ଓ ଗବେଷଣା କରିଥିବା ଓଡ଼ିଆମାନଙ୍କ ଦ୍ୱାରା ଆୟୋଜିତ ଏହି ସମାରୋହରେ କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମାତୃଭାଷା ପ୍ରତି ଅନୁରକ୍ତି ହିଁ ବିଶ୍ୱଭାରତୀର ପରିଚୟ ବୋଲି ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ଡ. ନିଶାମଣି କର, ଡ. ଦେବପ୍ରିୟ ଦାସ, ଡ. ପ୍ରସନ୍ନ ନାୟକ, ଡ. ଧୀରେନ୍ ଆଚାର୍ଯ୍ୟ, ପ୍ରତାପ ଚନ୍ଦ୍ର ଦାସ, ନିହାରିକା ରାୟ, ବର୍ଷାରାଣୀ ଗଜେନ୍ଦ୍ରଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରାକ୍ତନୀ ମୁଖ୍ୟ ଉପଦେଷ୍ଟା ଡ. ବସନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ଦାମୋଦର ମିଶ୍ର ଓ ରବିନାରାୟଣ ରଥଙ୍କୁ 'ସୃଜନୀ ସମ୍ମାନ', ପ୍ରଫେସର ମନୋରଞ୍ଜନ ପ୍ରଧାନ ଓ ପ୍ରଫେସର ଅରୁଣ ରଞ୍ଜନ ମିଶ୍ରଙ୍କୁ 'ପ୍ରାକ୍ତନୀ ଅଧ୍ୟାପକ ସମ୍ମାନ' ୧୯୭୯-୮୦ ମସିହା ମଧ୍ୟରେ ବିଶ୍ୱଭାରତୀରେ ଅଧ୍ୟୟନ କରିଥିବା ଛାତ୍ରଛାତ୍ରୀଙ୍କୁ ''ପ୍ରାକ୍ତନୀ ଛାତ୍ରଗୌରବ ସମ୍ମାନ' ଓ ଡ. ରଘୁନାଥ ଓଝାଙ୍କୁ ''ଡ. ମାନସ ରଞ୍ଜନ ସ୍ମୃତିସମ୍ମାନ' ପ୍ରଦାନ କରାଯାଇଥିଲା। ଡ. ଜନ୍ମେଜୟ ଦ୍ୱିବେଦୀଙ୍କ ''ଭବିଷ୍ୟତର କବିତା ଶ୍ରୀଅରବିନ୍ଦଙ୍କ କାବ୍ୟଦୃଷ୍ଟି : ଏକ ଅଧ୍ୟୟନ', ଡ. ଇନ୍ଦିରା ଶୁଭଦର୍ଶିନୀ ଦେବବନ୍ଦିତା ଚକ୍ରଙ୍କ ରଚିତ ''ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ଲୋକ ଉପାଦାନ (୧୯୪୭-୮୦)' ଏବଂ ଡ. ହୃଷିକେଶ ମହାଖୁଡ଼ଙ୍କ ରଚିତ 'ଇତି ସାମନ୍ତଙ୍କ ସର୍ଜନା ସମ୍ଭାର : ପରିଶୀଳନ ଓ ପରିଚର୍ଚ୍ଚା' ପୁସ୍ତକ ଉନ୍ମୋଚିତ ହୋଇଥିଲା।। ସଭାପତି ଡ. ମିହିର କୁମାର ସାହୁ ଅଭିଭାଷଣ ପ୍ରଦାନ କରିଥିଲେ। ଡ. ଦେବାନନ୍ଦ ଦାସ ଏବଂ ରଶ୍ମିରେଖା ପାହାଡ଼ିଙ୍କ ସଂଯୋଜନାରେ ଏହି ସମାରୋହରେ ପ୍ରଫେସର ଅନନ୍ତ କିଶୋର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ସ୍ମୃତି ଅନୁଭୂତି ପର୍ବରେ ବିଶ୍ୱଜିତ୍ ପଟ୍ଟନାୟକ, ହିମାଂଶୁ ମହନ୍ତ ପ୍ରମୁଖ ସଂଯୋଜନା କରିଥିଲେ। ସୁରେନ୍ଦ୍ର ପାଣିଗ୍ରାହୀ, ରବୀନ୍ଦ୍ର ବେହେରା ପ୍ରମୁଖ ଏହି ଅଧିବେଶନକୁ ପରିଚାଳନା କରିଥିଲେ। ବିଶିଷ୍ଟ ଅତିଥି ଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ପ୍ରଫେସର ନିଳାଦ୍ରୀ ଭୂଷଣ ହରିଚନ୍ଦନ ଯୋଗ ଦେଇଥିଲେ। ଲୋପାମୁଦ୍ରା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ନିହାର ରଞ୍ଜନ ସାହୁ, ଡ. ସଂଗ୍ରାମ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

---

**ଲୁଟେରାଙ୍କ ଟାର୍ଗେଟରେ ତାରକା ହୋଟେଲ୍**

## ୱେଟର୍ ବେଶରେ ନେଇଗଲେ ଟଙ୍କା ଭର୍ତ୍ତି ଭ୍ୟାନିଟି

ଭୁବନେଶ୍ୱର, ୮।୨ (ସମିସ): କିଛିଦିନର ବ୍ୟବଧାନ ପରେ ପୁଣି ତାରକା ହୋଟେଲକୁ ଟାର୍ଗେଟ୍ କରିଛନ୍ତି ଲୁଟେରା। ଏଥର ୱେଟର୍ ବେଶରେ ଆସି ଟଙ୍କା ଓ ଗହଣା ଭର୍ତ୍ତି ବ୍ୟାଗ୍ ଲୁଟି ନେଇଛନ୍ତି। ନୂଆପଲ୍ଲୀ ଥାନା ଅଧୀନ ଜାତୀୟ ରାଜପଥ କଡ଼ରେ ଥିବା ଏକ ତାରକା ହୋଟେଲରେ ଏଭଳି ଘଟଣା ଘଟିଛି। କନ୍ୟାଙ୍କ ମାତା ଲୁଟର ଶିକାର ହୋଇଥିବା ବେଳେ ବିଭାସ ମିଶ୍ର ଏ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ହୋଟେଲର ମଣ୍ଡପରେ ସିସିଟିଭି ନଥିବା ବେଳେ ବାହାରେ ଲାଗିଥିବା ସିସିଟିଭିରେ ଦୁର୍ବୃତ୍ତଙ୍କ କାରାନମା କଏଦ୍ ହୋଇଛି।

ଅଭିଯୋଗ ଅନୁଯାୟୀ, ତାରକା ହୋଟେଲରେ ଗତ ୫ ତାରିଖ ସନ୍ଧ୍ୟାରେ ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିବା ବେଳେ କନ୍ୟା ଓ ବରପକ୍ଷ ସାମିଲ ହୋଇଥିଲେ। ୱେଟର୍ ବେଶରେ ଥିବା ଜଣେ ଦୁର୍ବୃତ୍ତ ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲା। କନ୍ୟାଙ୍କ ମାଆ ଗହଣା ଓ ଟଙ୍କା ଥିବା ଭ୍ୟାନିଟିକୁ ରଖି ନାଚଗୀତରେ ସାମିଲ୍ ହୋଇଥିଲେ। ସେହି ସମୟରେ ୱେଟର୍

**ହୋଟଲରେ ନାହିଁ ସିସିଟିଭି କ୍ୟାମେରା**

**ଥାନାରେ ମାମଲାରେ ପରେ ପୁଲିସର ତନାଘନା**

ବେଶରେ ଥିବା ଦୁର୍ବୃତ୍ତ ଜଣକ ଭ୍ୟାନିଟି ବ୍ୟାଗ୍ ଧରି ଚମ୍ପଟ ମାରିଥିଲା। କିଛି ସମୟ ପରେ କନ୍ୟାପକ୍ଷ ଭ୍ୟାନିଟି ନପାଇ ଖୋଜାଖୋଜି କରିଥିଲେ। ଏମିତିକି ସିସିଟିଭି ଫୁଟେଜ ଯାଞ୍ଚ କରିବାକୁ କହିଥିଲେ। ହେଲେ କନ୍‌ଫରେନ୍ସ (ମଣ୍ଡପ)ରେ ସିସିଟିଭି ନଥିବା କର୍ତ୍ତୃପକ୍ଷ କହିଥିଲେ। ହୋଟେଲ୍ ବାହାରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରିବା ପରେ ଦୁର୍ବୃତ୍ତର କାରନାମା ଜଣାପଡ଼ିଥିଲା। ୱେଟର୍ ବେଶରେ ଥିବା ଦୁର୍ବୃତ୍ତ ଭ୍ୟାନିଟି ନେଇ ବାହାରକୁ ଯାଉଛି। ଭ୍ୟାନିଟି ଭିତରେ ଥିବା ଟଙ୍କା ଓ ଗହଣା ବାହାର କରିବା ପରେ ବ୍ୟାଗକୁ ଫୋପାଡ଼ି ଅପେକ୍ଷା କରିଥିବା ଅନ୍ୟଜଣେ ସହଯୋଗୀ ସହ ଫେରାର ହୋଇଯାଉଛି। କାର୍ଯ୍ୟକ୍ରମ ସମୟରେ ଦୁଇ ପକ୍ଷଙ୍କ ଦ୍ୱାରା ଉଠା ଯାଇଥିବା ଫଟୋ ଓ ଭିଡିଓରେ ମଧ ଦୁର୍ବୃତ୍ତ ରହିଛି।

ଶ୍ରୀ ମିଶ୍ର ଏ ନେଇ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ଭ୍ୟାନିଟି ବ୍ୟାଗରେ ପ୍ରାୟ ୪ ଲକ୍ଷ ଟଙ୍କା ଓ ଗହଣା ଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଲୁଟେରା ଜଣକ ୱେଟର୍ ବେଶରେ ଥିବାରୁ ଘଟଣାରେ ହୋଟେଲ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରିଛନ୍ତି ବୋଲି ସେ କହିଛନ୍ତି।

---

## 'ଦ ଏଲିଭେଶନ' ଉଦ୍‌ଘାଟିତ

ଭୁବନେଶ୍ୱର, ୮।୨(ସମିସ): ଭାଲେଣ୍ଟାଇନ୍ସ ସପ୍ତାହରେ ରାଜଧାନୀର ସିଆର୍‌ପିଏଫ୍ ଛକ ନିକଟରେ ଆଧୁନିକ ଶୈଳୀର ରେଷ୍ଟ୍ରୋ, କ୍ୟାଫେ ତଥା ଲାଉଞ୍ଜ ''ଦ ଏଲିଭେଶନ' ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବଲିଉଡ୍ ତାରକା ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରିଅଲ ଷ୍ଟାର ଅର୍ଦ୍ଧେନ୍ଦୁ ସାହୁ, ଡ. ପ୍ରିୟବ୍ରତ ଧୀର ଉପସ୍ଥିତ ରହିଥିଲେ। ହୋଟେଲର ମାଲିକ ସମରେନ୍ଦ୍ର ବିଶ୍ୱାଳ ଏବଂ କମଲ ଭଞ୍ଜ ଅତିଥିଙ୍କୁ ସ୍ୱାଗତ କରିଥିଲେ।



ଏହି ହୋଟେଲରେ ଇଣ୍ଡିଆନ, ଚାଇନିଜ୍, ତନ୍ଦୁର, କଣ୍ଟିନେଣ୍ଟାଲ ଖାଦ୍ୟ, ମକଟେଲ୍ସ ସହ ମୃଦୁ ପାନୀୟ ଉପଲବ୍ଧ ହେବ ବୋଲି କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ଏବେ ସ୍ୱାସ୍ଥ୍ୟ ପ୍ରତି ସମସ୍ତେ ଯତ୍ନବାନ ହେଉଥିବା ବେଳେ ଏହି ହୋଟେଲ ସେଥିପ୍ରତି ବିଶେଷ ଦୃଷ୍ଟି ଦେବ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ଏବେ ଭାଲେଟାଇନ୍ସ ସପ୍ତାହ ଚାଲିଥିବାରୁ ସମସ୍ତ ଗ୍ରାହକଙ୍କୁ ୧୦ପ୍ରତିଶତ ରିହାତି ମିଳିବ ବୋଲି ହୋଟେଲ ପକ୍ଷରୁ କୁହାଯାଇଛି।

---

**ଦୈନିକ 'ଦର୍ଶନ'ର ସ୍ୱନକ୍ଷତ୍ର**

## 'ସଶକ୍ତ ରାଷ୍ଟ୍ର ପାଇଁ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଭୁବନେଶ୍ୱର,୮।୨(ସମିସ): ଆଜି ଦୈନିକ 'ଦର୍ଶନ'ର ୨୩ତମ ସ୍ୱନକ୍ଷତ୍ର ଉତ୍ସବ ଆୟୋଜିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଥିଲେ ଯେ ଲୋକଙ୍କ ନିକଟରେ ଶାସନ ବ୍ୟବସ୍ଥାର ସୁଫଳ ପହଞ୍ଚାଇବାରେ ସାମ୍ବାଦିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଯୋଗଦେଇ ମାଟିର କଥା ନିର୍ବିକାର ଚିତ୍ତରେ ପରିପ୍ରକାଶ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସଶକ୍ତ ରାଷ୍ଟ୍ର ପାଇଁ ସାମ୍ବାଦିକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଶିଷ୍ଟ ଖଣି ଓ ଧାତବ ଶିଳ୍ପ ବିଶେଷଜ୍ଞ ଡକ୍ଟର ତପନ କୁମାର ଚାନ୍ଦ କହିଥିଲେ ଯେ, ସାମ୍ବାଦିକମାନେ ହେଉଛନ୍ତି ସମାଜ ଓ ଶାସନ ବ୍ୟବସ୍ଥାର ଆଇନା।





ଅନ୍ୟତମ ଅତିଥି ରୂପେ ସାମ୍ବାଦିକ ପ୍ରସନ୍ନ ମହାନ୍ତି କହିଥିଲେ ଯେ, ସାମ୍ବାଦିକ ଓ ଖବରକାଗଜର ସମସ୍ୟାକୁ ସମାଧାନ କରିବା ପାଇଁ ସରକାର ଆହୁରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ସାମ୍ବାଦିକମାନଙ୍କର ସୁରକ୍ଷା ଓ ସେମାନଙ୍କର ସ୍ୱାସ୍ଥ୍ୟବୀମା ରାଶି ବୃଦ୍ଧି ପ୍ରସଙ୍ଗ ପ୍ରତି ସରକାର ଅଧିକ ଯତ୍ନଶୀଳ ହେବା ଜରୁରୀ। ବିଜେଇଏମ୍ ସ୍କୁଲ ପରିଚାଳନା କମିଟିର ସମ୍ପାଦକ ପ୍ରତାପ ଜେନା କହିଥିଲେ ଯେ, ଲକ୍ଷ୍ୟ ସ୍ଥିର ରଖି ଅବିରତ ଭାବରେ କାର୍ଯ୍ୟ କଲେ କୌଣସି ଟାର୍ଗେଟ ହାସଲ ହେବା ଅସମ୍ଭବ ନୁହେଁ। ସ୍ୱାଗତ ଭାଷଣ ଦେଇଥିଲେ 'ଦର୍ଶନ'ର ସମ୍ପାଦକ ଇଂ. ବିଭୂତି ଭୂଷଣ ନାୟକ। ଏହି ଉତ୍ସବରେ ଧନ୍ୟବାଦ ଅର୍ପଣ କରିଥିଲେ କାର୍ଯ୍ୟକାରୀ ସମ୍ପାଦିକା ପ୍ରଶମିତା ମହାନ୍ତି। ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡକ୍ଟର ପ୍ରଭାତ କୁମାର ଦାଶଙ୍କୁ ସମ୍ମାନିତ କରାଯାଇଥିଲା। କଣ୍ଠଶିଳ୍ପୀ ମୀରା ପ୍ରଧାନ ଓ ତାଙ୍କ ଟିମ୍ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୁଶାନ୍ତ ସାହୁ, ରାଜେଶ ସ୍ୱାଇଁ, ସନାତନ ଦାସ, ଶ୍ରୀଧର ସାହୁ, ସୁବ୍ରତ ବିର୍ତ୍ତିଆ, ମନୋଜ ମୁଖୀ, ଦୀପକ ମହାପାତ୍ର, ସଞ୍ଜୟ ଗିରି ପ୍ରମୁଖ ସହଯୋଗ କରିଥିଲେ।

---

## ପୂର୍ବ ଭାରତର ଶ୍ରେଷ୍ଠ ୨୦ ବି-ସ୍କୁଲ୍ ମଧ୍ୟରେ ବିଆଇଆଇଟିଏମ୍

ଭୁବନେଶ୍ୱର,୮।୨(ସମିସ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫରମେଶନ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍) ଭୁବନେଶ୍ୱର ଏକ ବଡ଼ ସଫଳତା ହାସଲ କରିଛି। ଟାଇମ୍ସ ଅଫ୍ ଇଣ୍ଡିଆ ର୍‍ୟାଙ୍କିଂରେ ଅନୁଷ୍ଠାନ ପୂର୍ବ ଭାରତର ଶ୍ରେଷ୍ଠ ୨୦ ବି-ସ୍କୁଲ୍‌ଗୁଡିକ ମଧ୍ୟରେ ସ୍ଥାନ ପାଇଛି। ବିଆଇଆଇଟିଏମ୍‌ର ଏହି ସଫଳତା ଏହାର ୨୬ବର୍ଷର ଶିକ୍ଷା ଦାନ କ୍ଷେତ୍ରରେ ରହିଥିବା ଉତ୍କର୍ଷତା, ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ, ଶିଳ୍ପ ଯୋଗାଯୋଗ ଏବଂ ନେତୃତ୍ୱର ବିକାଶକୁ ପ୍ରତିପାଦିତ କରୁଛି, ଯାହାକି କ୍ରମାଗତ ଭାବେ ମ୍ୟାନେଜମେଣ୍ଟ ପ୍ରଫେସନାଲମାନଙ୍କୁ ସଫଳତା ହାସଲ କରିବା କ୍ଷେତ୍ରରେ ଗାଇଡ୍ କରୁଛି।

---

## ବିବାହ ବନ୍ଧନରେ ବାନ୍ଧିହେଲେ ୧୮ ଯୋଡ଼ି

ଭୁବନେଶ୍ୱର,୮।୨(ସମିସ): ବିବାହ ଏକ ସାମାଜିକ ସ୍ୱୀକୃତି। ମାତ୍ର ଏବେ ଯୌତୁକ ଅସଙ୍ଗତି, ଅନାବଶ୍ୟକୀୟ ସାମାଜିକ ପ୍ରଥା, ବୈବାହିକ ଉତ୍ତରଦାୟିତ୍ୱ ସମ୍ପର୍କରେ ଅନଭିଜ୍ଞତା ଆଦି ସାମାଜିକ ପ୍ରତିବନ୍ଧକ ବହୁ ବିବାହରେ ବାଧକ ସାଜୁଛି। ଫଳରେ ଅନେକ ବୈବାହିକ ଜୀବନ ଦୁର୍ବିସହ ହୋଇପଡୁଛି। ଏହାର ପ୍ରତିକାର ସ୍ୱରୂପ ନବଦମ୍ପତିଙ୍କୁ ସଚେତନ କରାଇବା, ଆର୍ଥିକ ଅନଗ୍ରସରଙ୍କୁ ପ୍ରାଧାନ୍ୟ ଦେବା, ଯୌତୁକ ବିରୋଧରେ ସଚେତନତା ସୃଷ୍ଟି କରିବା ଓ ବିବାହକୁ ରେଜିଷ୍ଟ୍ରିଭୁକ୍ତ କରିବାର ଅଙ୍ଗୀକାରବଦ୍ଧତାକୁ ଆପଣାଇ ଏକ ସୁସ୍ଥ, ଚିରସ୍ଥାୟୀ ଓ ବୁଝାମଣାପୂର୍ଣ୍ଣ ବୈବାହିକ ଜୀବନର ଲକ୍ଷ୍ୟ ହାସଲ କରିବା ଦିଗରେ 'ପ୍ରୟାସ ସାମୂହିକ ବିବାହ' ବର୍ତ୍ତମାନର ଧ୍ୟେୟ ହୋଇଛି। ଦୀର୍ଘ ୧୧ ବର୍ଷ ମଧ୍ୟରେ ପ୍ରାୟ ୨୯୫ଟି ସାମୂହିକ ବିବାହ ସଫଳତାର ସହ ଆୟୋଜନ କରି ସାରିଛି 'ପ୍ରୟାସ' ଅନୁଷ୍ଠାନ। ଚଳିତ ବର୍ଷ ଏହା ମାଧ୍ୟମରେ ୧୮ ଯୋଡ଼ି ନବଦମ୍ପତି ବିବାହ ବନ୍ଧରେ ଆବଦ୍ଧ ହୋଇଛନ୍ତି। ସମାଜର ସବୁ




ବର୍ଗ, ଗୋଷ୍ଠୀ, ଜାତି, ବିଧବା, ଅର୍କମଣ୍ୟ ଓ ଅବହେଳିତଙ୍କୁ ଏକାଠି କରି ସାମୂହିକ ବିବାହକୁ ଏକ ସାମାଜିକ ମହୋତ୍ସବରେ ମାନ୍ୟତା ଦେବାକୁ 'ପ୍ରୟାସ' ପକ୍ଷରୁ ପ୍ରୟାସ କରାଯାଇଛି । ସ୍ଥାନୀୟ ୟୁନିଟ୍-୩ ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଏହି ସାମୂହିକ ବିବାହ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ଶନିବାର ସନ୍ଧ୍ୟାରେ ମଙ୍ଗନ, ମେହେନ୍ଦି ଓ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆବେଦନ କରିଥିବା ବରବଧୂ, ସେମାନଙ୍କ ପରିବାରର ଉପସ୍ଥିତିରେ ବିବାହ ସମ୍ପନ୍ନ ହେବା ସହ ଆଇନ ଅନୁଯାୟୀ ରେଜିଷ୍ଟ୍ରିଭୁକ୍ତ ହୋଇଥିଲେ। ୟୁନିଟ୍-୨ ଆର୍ଯ୍ୟ ସଂସ୍କୃତି ମନ୍ଦିରଠାରୁ ୧୮ ଜଣ ବର ବାହାରି ଶ୍ରୀରାମ ମନ୍ଦିରକୁ ବରାନୁଗମନ କରିଥିଲେ । ବରବଧୂଙ୍କୁ ଆଶୀର୍ବାଦ କରିବାକୁ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରୀରାମ ମନ୍ଦିରରେ ପହଞ୍ଚିଥିଲେ। ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ବରିଷ୍ଠ ବିଜେପି ନେତା ଗୋଲକ ମହାପାତ୍ର, ସମାଜସେବୀ ନମ୍ରତା ଚଢ଼ା, କର୍ପୋରେଟର ରଞ୍ଜୁଲତା ରାୟ ପ୍ରମୁଖ ନବଦମ୍ପତିଙ୍କୁ ଆଶୀର୍ବାଦ ଦେବା ସହ ପ୍ରୟାସର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଯୁବ ମାରୱାଡି ସଂଗଠନ ଓଡ଼ିଶା ଯୁବା ସେବା ସମିତି ଓ ମାରୱାଡି ମହିଳା ସମିତି ପକ୍ଷରୁ ସାମୂହିକ ବିବାହ ଉତ୍ସବକୁ ସଫଳ କରିବା ପାଇଁ ସମସ୍ତ ସହଯୋଗ କରାଯାଇଥିଲା। ଅଭ୍ୟର୍ଥନା କମିଟିର ଆବାହକ ତଥା ଶିକ୍ଷାବିତ୍ ଡକ୍ଟର ବଦ୍ରିନାଥ ପଟ୍ଟନାୟକ ପ୍ରଥମ କନ୍ୟାଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରୟାସର ଟ୍ରଷ୍ଟି ତଥା ସାମ୍ବାଦିକ କୌସ୍ତୁଭ ଦାସ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସୁରେଶ କୁମାର ପତ୍ରି, କମଳ ମହାନ୍ତି, ଜୟନ୍ତ ମହାନ୍ତି, ସଂଗ୍ରାମ ମହାରଣା, ପ୍ରେମ ଅଗ୍ରୱାଲ, ଜସ୍ମିନ୍ ମହାନ୍ତି, ମମତା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ ଜନସାଧାରଣ ସହଯୋଗର ହାତ ବଢ଼ାଇ ସାମାଜିକ ଉତ୍ତରଦାୟିତ୍ୱ ନିର୍ବାହ କରିବାକୁ ପ୍ରୟାସର ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ବନ ମହାନ୍ତି ଅନୁରୋଧ କରିଛନ୍ତି। ରାଜ୍ୟ ସରକାର ଗଣବିବାହକୁ ସ୍ୱୀକୃତି ପ୍ରଦାନ କରିବା ସହ ସରକାରୀ ସହାୟତା ଓ ସହଯୋଗ ଯୋଗାଇ ଦେବାକୁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି।

---

## ଦିନ ଚାଲିଗଲା; ଚିହ୍ନ ଛାଡ଼ିଗଲା

ଭୁବନେଶ୍ୱର,୮।୨(ସମିସ): ମାଘ ସପ୍ତମୀଠାରୁ ଖଣ୍ଡଗିରି ପାଦଦେଶରେ ଆରମ୍ଭ ହୋଇଥିବା ଗହଳିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ୧୪ ଦିନ ଧରି ଚଳଚଞ୍ଚଳ ଥିବା ଖଣ୍ଡଗିରି ହଠାତ୍ ଶାନ୍ତ ପଡ଼ିଯାଇଛି। ଶନିବାର ରାତିରୁ ଯାତ୍ରା ସରିବା ପରେ ରବିବାରଠାରୁ ପରିବେଶ ପୂରା ଖାଁ ଖାଁ। ସକାଳୁ ସକାଳୁ ଦୋକାନ ବଜାର ଭଙ୍ଗା ହେଉଥିବାବେଳେ ଦିନ ତମାମ ଖଣ୍ଡଗିରି ପାହାଡ଼କୁ ଲୋକଙ୍କ ଆଖିଦୃଶିଆ ସୁଅ ନଥିଲା। ଲମ୍ବା ଧାଡ଼ି କଥା ଛାଡ଼ନ୍ତୁ, ଟିକଟ କାଉଣ୍ଟରରେ ତାଲା ଝୁଲୁଥିଲା। ଆଉ ରାତି ୧୦ ବେଳକୁ ସବୁ ଦୋକାନ ବଜାର ବନ୍ଦ। ଦିନ ସିନା ଚାଲିଯାଇଛି, ହେଲେ ଚିହ୍ନ ଛାଡ଼ିଯାଇଛି। ଜାନୁଆରୀ ୨୫ ତାରିଖ ତଥା ମାଘ ସପ୍ତମୀଠାରୁ ଖଣ୍ଡଗିରି ପାଦଦେଶରେ ଆରମ୍ଭ ହୋଇଥିଲା ପ୍ରସିଦ୍ଧ କୁମ୍ଭ ମେଳା। ସାଧୁସନ୍ଥଙ୍କ ସୁଅ ଛୁଟିବା ସହିତ ମନ୍ତ୍ର ଧ୍ୱନିରେ ମୁଖରିତ ହୋଇଥିଲା ପରିବେଶ। ମାଘ ପୂର୍ଣ୍ଣିମା



ଦିନ ପୂର୍ଣ୍ଣାହୁତି ପରେ ଫେରି ଯାଇଥିଲେ ସାଧୁସନ୍ଥ। ହେଲେ ୨୭ ତାରିଖଠାରୁ ଆରମ୍ଭ ହୋଇଥିବା ଯାତ୍ରା ମହାକୁମ୍ଭ ପାଇଁ ଗହଳିଚହଳି ଲାଗି ରହିଥିଲା। ସୂର୍ଯ୍ୟୋଦୟ ଠାରୁ ଅଧ ରାତି ଯାଏଁ ଦୋକାନ ବଜାରରେ ଚାଲୁଥିଲା କିଣାବିକା। ଦୁଇଟି ପର୍ଯ୍ୟାୟରେ ୭ଟି ପେଣ୍ଡାଲରେ ମୋଟ ୧୫ଟି ଯାତ୍ରା ପାର୍ଟି ନାଟକ ପରିବେଷଣ କରିଥିଲେ। ବର୍ଷକ ପାଇଁ ନାମ କମାଇବାକୁ ଅପେରା ପାର୍ଟିଗୁଡ଼ିକ ଫୁଲ ଦମ୍‌ରେ ଲାଗି ପଡ଼ିଥିଲେ। ସଂଳାପରେ କମ୍ପୁଥିଲା ଖଣ୍ଡଗିରି ପାଦଦେଶ। ହେଲେ ଆଜିଠାରୁ ଆଉ ନାଟକ ପରିବେଷଣ ହେବନାହିଁ। ୧୪ ଦିନ ହେବ ଗହଳିଚହଳି ସହିତ ଚଳି ଯାଇଥିବା ଲୋକମାନଙ୍କ ପାଇଁ ନିସ୍ତବ୍ଧ ପାଲଟି ଯାଇଛି ଖଣ୍ଡଗିରି। ସବୁ ମେଳା ଓ ଯାତ୍ରା ପ୍ରେମୀଙ୍କ ମୁହଁରେ ଗୋଟିଏ କଥା ''ପୁଣି ଅପେକ୍ଷା ଆର ବର୍ଷକୁ'।



# ଭୁବନେଶ୍ୱର ସିଟି

## ଧଉଳି-କଳିଙ୍ଗ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା

# ଶାସ୍ତ୍ରୀୟ, ପାରମ୍ପରିକ ନୃତ୍ୟରେ ଝୁମିଲେ ଦର୍ଶକ

**ଧଉଳି,୮।୨(ସମିସ):**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଏବଂ ଆର୍ଟ ଭିଜନ୍‌ର ମିଳିତ ଉଦ୍ୟମରେ ଐତିହାସିକ ଧଉଳି ପାହାଡ଼ର ପାଦଦେଶରେ ଆୟୋଜିତ ୨୨ତମ ଧଉଳି କଳିଙ୍ଗ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ଶାସ୍ତ୍ରୀୟ, ପାରମ୍ପାରିକ ଏବଂ ସମସାମୟିକ ଶୈଳୀର ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ଏଥିସହ ବିଭିନ୍ନ ସମରକଳା ମଧ୍ୟ ଦେଖିବାକୁ ମିଳିଥିଲା। ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଦ୍ୱାରା ଚଳିତବର୍ଷ ବୁଦ୍ଧ ସମ୍ମାନ ୨୦୨୬ ଡକ୍ଟର ଅନନ୍ତ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି। ଏହା ସହିତ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ ସ୍ୱର୍ଣ୍ଣ ସ୍ମାରକୀ ସମ୍ମାନ ପୂର୍ବତନ ଭାରତୀୟ କୂଟନୀତିଜ୍ଞ ଏବଂ ପ୍ରଦର୍ଶନ କଳାର ମହାନ ପୃଷ୍ଠପୋଷକ ଲଳିତ ମାନସିଂହଙ୍କୁ




ପ୍ରଦାନ କରାଯାଇଛି। ଶେଷ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ଓଡ଼ିଶା ଡ୍ୟାନ୍ସ ଏକାଡେମୀର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଶାସ୍ତ୍ରୀୟ, ଲୋକ ଏବଂ ସମସାମୟିକ ଶୈଳୀର ମିଶ୍ରଣ ନୃତ୍ୟ। ସନ୍ଧ୍ୟାର ଦ୍ୱିତୀୟ କାର୍ଯ୍ୟକ୍ରମ ଥିଲା ସୌଭିକ ଚକ୍ରବର୍ତ୍ତୀ ଏବଂ ତାଙ୍କ ଅନୁଷ୍ଠାନ ନୃତ୍ୟଦିଶାର ଶିଳ୍ପୀମାନଙ୍କ ଦ୍ୱାରା କଥକ ନୃତ୍ୟ। ପରେ ସେମାନଙ୍କ ପ୍ରସ୍ତୁତିରେ ଥିଲା ଗଜଲ, ଯାହାର ସଂଗୀତ ସଂଯୋଜନା କରିଥିଲେ ଅଗ୍ନିଭା ବନ୍ଦୋପାଧ୍ୟାୟ, କଣ୍ଠଶିଳ୍ପୀ ଥିଲେ ଶ୍ରୀରାଧା ବନ୍ଦୋପାଧ୍ୟାୟ ଏବଂ ନୃତ୍ୟ ସଂରଚନା କରିଥିଲେ ସୌଭିକ ଚକ୍ରବର୍ତ୍ତୀ। ପରେ କଲାରିପାୟଟ୍ଟୁ ସମରକଳା ନୃତ୍ୟ ପରିବେଷଣ କରିଥିଲେ ବେଲରାଜ ସୋନି ଏବଂ କେରଳର ନବନୀତମ କଲ୍‌ଚରାଲ ଟ୍ରଷ୍ଟର ଶିଳ୍ପୀ। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଯୋଗ ଦେଇଥିଲେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି। ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର (ପ୍ରଫେସର) ପ୍ରିୟମ୍ବଦା ମହାନ୍ତି ହେଜମାଦି, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସଭାପତି ସତ୍ୟାନନ୍ଦ ମିଶ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡକ୍ଟର ବିଜୟକେତନ ଉପାଧ୍ୟାୟ, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ଗୁରୁ (ଡକ୍ଟର) ଅରୁଣା ମହାନ୍ତି ଏବଂ ଆର୍ଟ ଭିଜନ୍‌ର ସମ୍ପାଦିକା ଡକ୍ଟର ଇଲିଆନା ଚିତାରିଷ୍ଟି। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଡକ୍ଟର ଶ୍ରୀନିବାସ ଘଟୁଆରୀ ଏବଂ ଡକ୍ଟର ନାଜିଆ ଆଲାମ୍।

## ଜୀବନର କେତେ ରଙ୍ଗ

# ଭାବର ମୂର୍ତ୍ତି ଗଢୁଛନ୍ତି ଆଶୀର୍ବାଦ




**ଭୁବନେଶ୍ୱର,୮।୨(ସମିସ):** କମ୍ ବୟସରେ ଶିଳ୍ପୀ ଭାବେ ନିଜର ପରିଚୟ ଗଢିଛନ୍ତି। ଯେଉଁ ବୟସରେ କେବଳ ପାଠ ଓ ଖେଳରେ ମନ ଦେବା କଥା ସେଠି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରୂପ ଦେବାରେ ମନ ବଳେଇଥିଲେ। ଇଚ୍ଛା ଆଉ ଆଗ୍ରହ ସହ ଭାବରେ ଭାବରେ ସେ ଗଢି ଦେଇଥିଲେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ। ଯାହା ତାଙ୍କୁ ଏକ ଭିନ୍ନ ପରିଚୟ ତିଆରି କରିବାରେ ସାହାଯ୍ୟ ହୋଇଥିଲା।

ଏ ହେଉଛନ୍ତି ସତର ବର୍ଷୀୟ ଆଶୀର୍ବାଦ ଖୁଣ୍ଟିଆ। ତାଙ୍କ ଘର ପାତ୍ରପଡ଼ାସ୍ଥିତ ଗୋପୀନାଥ ମନ୍ଦିର ନିକଟରେ। ନିଜ କାମ ବିଷୟରେ ସେ କୁହନ୍ତି, ଦୁଇ ବର୍ଷରୁ ଅଧିକ ସମୟ ହେବ ସେ ଏହି କାମ ତାଙ୍କ ଭିଣୋଇଙ୍କଠୁ ଶିଖିଥିଲେ। ସେତେବେଳେ ମୁଣ୍ଡରେ ମ୍ୟାଟ୍ରିକ୍ ପରୀକ୍ଷା ଥିବାରୁ ଏହି କାର୍ଯ୍ୟରେ ଅଧିକ ସମୟ ଦେଇ ପାରିଲେନି। ପରୀକ୍ଷା ସରିବା ମାତ୍ରେ ସେ ପୁଣି ତିନି ବିଗ୍ରହଙ୍କୁ ଗଢ଼ିବା କାମ ଆରମ୍ଭ କଲେ। ସମୟ ସହ ତାଙ୍କ କାର୍ଯ୍ୟ ରାଜଧାନୀ ସମେତ ଆଖପାଖ ଜିଲ୍ଲାରେ ମଧ୍ୟ ଆଦର ସାଉଁଟିଲା। ଖୋର୍ଦ୍ଧା, ଢେଙ୍କାନାଳ, ପାରାଦ୍ୱୀପ, ମାଲକାନଗିରି ଭଳି ଜିଲ୍ଲାରେ ଅର୍ଡର ମୁତାବକ ସେ ମୂର୍ତ୍ତି ପଠାଇଥାନ୍ତି। ପ୍ରଥମେ ତୂଳୀରେ ତିନି ବିଗ୍ରହଙ୍କ ମୁହଁରେ ରଙ୍ଗ ଦେବାରୁ ଆରମ୍ଭ କରିଥିବା ହାତ କେତେବେଳେ ତାଙ୍କ ବିଗ୍ରହ ଗଢ଼ିବା ଆରମ୍ଭ କଲା ସେ ନିଜେ ମଧ୍ୟ ଜାଣିନାହାନ୍ତି। ବର୍ତ୍ତମାନ ସୁଦ୍ଧା ପାଖାପାଖି ୧୫ଟି ବଡ଼ ବଡ଼ ବିଗ୍ରହ ରାଜ୍ୟର ବିଭିନ୍ନ ସ୍ଥାନରେ ପୂଜା ପାଉଛନ୍ତି। ସେହିପରି ଛୋଟ ଛୋଟ ମୂର୍ତ୍ତି ୬୦ରୁ ୭୦ ସେଟ କଲେଣି ବୋଲି କହିଛନ୍ତି। ଜଟଣୀର ଲବଣଗିରିରେ ପୂଜା ପାଉଥିବା ଚତୁର୍ଦ୍ଧା ମୂର୍ତ୍ତି, ଗଡ଼ମାଣିତ୍ରୀ ଭଳି ସ୍ଥାନରେ ବି ତାଙ୍କ କଳାକୃତିର ଝଲକ ଦେଖିବାକୁ ମିଳୁଛି। ସେ ଆହୁରି ମଧ୍ୟ କୁହନ୍ତି, ପୁରୀ ପରମ୍ପରା ହିସାବରେ ହିଁ ସେ ଏଠାରେ ମୂର୍ତ୍ତି ତିଆରି କରିଥାନ୍ତି। ବିଗ୍ରହ ସବୁ ନିମ୍ବ କାଠରେ ତିଆରି ହୋଇଥାଏ। ପୁରୁଣା ନିମ୍ବଗଛ ଚିହ୍ନଟ ପରେ ପୂଜାର୍ଚ୍ଚନା କରାଯାଇ ଛେଦନ ପରେ ଘରକୁ ଆଣି ଅନୁକୂଳ ପରେ ବିଗ୍ରହ ନିର୍ମାଣ ହୋଇଥାଏ। ନିର୍ମାଣ ବେଶ ନିଷ୍ଠାର ସହ କରିବାକୁ ପଡ଼େ। ସେ ବର୍ତ୍ତମାନ ଦ୍ୱାଦଶରେ ପଢୁଥିବାବେଳେ ନିର୍ମାଣ କାର୍ଯ୍ୟ ମଧ୍ୟ ଜାରି ରଖିଥିବା ସେ କହିଛନ୍ତି।

## ହରେକୃଷ୍ଣ ହାଇସ୍କୁଲର ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର,୮।୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ହରେକୃଷ୍ଣ ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ ଭୁବନେଶ୍ୱରସ୍ଥିତ ଗିରିଦୁର୍ଗା ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇ ଯାଇଛି। ୧୯୬୫ ରୁ ୨୦୨୫ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ଏହି ବୈଠକରେ ଦର୍ପନାରାୟଣ ମାହୁନ୍ତ ପୌରୋହିତ୍ୟ କରିଥିଲେ। ଅଧ୍ୟାପକ ଦୁର୍ଯ୍ୟୋଧନ ପରିଡ଼ା, ଗୌରହରି କୁଣ୍ଡ, ରବୀନ୍ଦ୍ର ପରିଡ଼ା, ସହଦେବ ମଲ୍ଲିକ, ମୁରଲୀଧର ସାମଲ, ନୃସିଂହ ତରାଇ, ଗଙ୍ଗାଧର ଦାସ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିବା ସହିତ ବିଦ୍ୟାଳୟର ଉନ୍ନତି, ପାଠାଗାର ଓ ଖେଳ ପଡ଼ିଆର ସୁବିଧା ସଂକ୍ରାନ୍ତରେ ମତାମତ ଦେଇଥିଲେ। ଆସନ୍ତା ଏପ୍ରିଲ ପ୍ରଥମ ସପ୍ତାହରେ ତିନିଦିନିଆ ଜୟନ୍ତୀ ସମାରୋହ ହରେକୃଷ୍ଣ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମ ସମ୍ପାଦନ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ତ୍ରିଲୋଚନ ସାହୁ, କମଳାକାନ୍ତ ବେହେରା, ନିତ୍ୟାନନ୍ଦ କର, କରୁଣାକର ସାଇଁ, ସୁମନ୍ତ ମାଝୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅଭୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ରୟାଲ ଆର୍କେଡ ଆସୋସିଏସନ୍ ଅଫ ଆଲଟିଜ୍‌ର ସାଧାରଣ ପରିଷଦ ବୈଠକ




**ଭୁବନେଶ୍ୱର,୮।୨(ସମିସ):** ରୟାଲ ଆର୍କେଡ ଆସୋସିଏସନ୍ ଅଫ ଆଲଟିଜ୍‌ର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ ଓଡ଼ିଶାରେ ବ୍ୟାବସାୟିକ କମ୍ପ୍ଲେକ୍ସର ସୁସଂଗଠିତ ପରିଚାଳନା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଛି। ରୟାଲ ଆର୍କେଡ ରାଜ୍ୟରେ ଅନ୍ୟତମ ପ୍ରଥମ ବ୍ୟାବସାୟିକ କମ୍ପ୍ଲେକ୍ସ ଭାବରେ ସାମୂହିକ ମାଲିକାନା, ଉତ୍ତରଦାୟିତ୍ୱ ଏବଂ ଗଣତାନ୍ତ୍ରିକ ଉପାୟରେ ପରିଚାଳନା ଲକ୍ଷ୍ୟରେ ଓଡିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଆଇନ, ୨୦୨୩ ଅଧୀନରେ କାର୍ଯ୍ୟ କରୁଛି। ୨୦୨୪ ଏପ୍ରିଲରେ ନିର୍ବାଚିତ ସଭାପତି ରଞ୍ଜନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏବଂ ତାଙ୍କ ସହିତ ଉପସଭାପତି ଅଶୋକ ସାହୁ, ସମ୍ପାଦକ ଅରୁଣ ପାତ୍ର, କୋଷାଧକ୍ଷ ସୀମା କୁମାରୀ ଏବଂ ତିନିଜଣ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟଙ୍କୁ ନେଇ ଗଠିତ କାର୍ଯ୍ୟନିର୍ବାହୀ କମିଟିଙ୍କ ସମର୍ଥନରେ ଏହି ପ୍ରୟାସ ହାତକୁ ନିଆଯାଇଥିଲା। ଏଜିବିଏମ୍ ଗତବର୍ଷ ତୁଳନାରେ ଘଟିଥିବା ପ୍ରଗତିର ସମୀକ୍ଷା କରିବା ସହିତ ପରିଚାଳନାଗତ ବିଷୟ ଓ ଅଗ୍ରାଧିକାରତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବହୁ ସଂଖ୍ୟାରେ ଆଲଟିମାନେ ଅଂଶଗ୍ରହଣ କରିଥିଲେ।

## ଓଡ଼ିଶା ଗୋଣ୍ଡ ସାଂସ୍କୃତିକ ସମାଜର ବନ୍ଧୁମିଳନ



**ଭୁବନେଶ୍ୱର,୮।୨(ସମିସ):** ଗୋଣ୍ଡ ସାଂସ୍କୃତିକ ସମାଜର ପଞ୍ଚମ ରାଜ୍ୟସ୍ତରୀୟ ବାର୍ଷିକ ସାଧାରଣ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ମଞ୍ଚେଶ୍ୱରସ୍ଥିତ ଶିଳ୍ପ ଉଦ୍ୟୋଗ ପ୍ରତିଷ୍ଠାନ ପରିସରରେ ଆୟୋଜିତ ହୋଇଛି। ଅବସରପ୍ରାପ୍ତ ପିସିସିଏଫ୍ ତଥା ସମାଜର ସଭାପତି ଡ. ଖଗେଶ୍ୱର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନତମ ଅତିଥି ଭାବେ ଯୋଗେନ୍ଦ୍ର ନାୟକ, ଜଗନ୍ନାଥ ନାୟକ, ଇଂ. କୈଳାସ ଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସଭାପତି ଡ. ଖଗେଶ୍ୱର ନାୟକ ସମାଜ ଗଠନର ରୂପ ରେଖ ଓ ଭୂମିକା ଉପରେ ବିସ୍ତୃତ ଉପସ୍ଥାପନ କରିଥିଲେ। କରଞ୍ଜିଆର ସମ୍ପାଦକ ଗୋକୁଳ ଚନ୍ଦ୍ର ନାୟକ ନିଜର ଅଭିଜ୍ଞତା କହିଥିଲେ।


## ସିପିଆଇ ପକ୍ଷରୁ ପଥରଗାଡ଼ିଆରେ ଗଣପାଣ୍ଠି ଅଭିଯାନ

**ଭୁବନେଶ୍ୱର,୮।୨(ସମିସ):** ରାଜ୍ୟ ବ୍ୟାପୀ ସିପିଆଇର ଗଣପାଣ୍ଠି ଅଭିଯାନ ଆରମ୍ଭ ହୋଇଛି। ଏହିକ୍ରମରେ ରବିବାର ଭୁବନେଶ୍ୱର ଜୋନ୍ ପକ୍ଷରୁ ପଥରଗାଡ଼ିଆ ମହିମା ନଗରଠାରେ ଗଣପାଣ୍ଠି ସଂଗ୍ରହ କରାଯାଇଛି। ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସାଥୀ ସୁର ଜେନା ଓ ମହିମାନଗର ପଥରଗାଡ଼ିଆ ଶାଖା ସମ୍ପାଦକ ଛେତମ୍ବର ଭୋଇଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଗଣପାଣ୍ଠି ସଂଗ୍ରହ କରିଥିଲେ। ପାର୍ଟିର ଶହେତମ ପ୍ରତିଷ୍ଠା ଦିବସ ପାଳନ ପରିପ୍ରେକ୍ଷୀରେ ଗଣପାଣ୍ଠି ଅଭିଯାନ ଆରମ୍ଭ ହୋଇ ଚାଉଳ, ଧାନ ଓ ଟଙ୍କା ସଂଗ୍ରହ କରାଯାଇଥିଲା। ଏହାକୁ ରାଜ୍ୟ ପାର୍ଟି କାର୍ଯ୍ୟାଳୟରେ ଜମା କରାଯାଇଛି। ପାର୍ଟିର ଏହି ଗଣ ପାଣ୍ଠି ସଂଗ୍ରହକୁ ସାଧାରଣ ଲୋକେ, ବ୍ୟବସାୟୀ ଓ ବୁଦ୍ଧିଜୀବୀ ସମର୍ଥନ ସହ ମୁକ୍ତ ହସ୍ତରେ ଦାନ କରିଥିଲେ। ଏହି ଗଣପାଣ୍ଠି ସଂଗ୍ରହ ଅଭିଯାନରେ ଅନ୍ୟମାନଙ୍କ ମଧ୍ୟରେ ଲୋକନାଥ ଭୋଇ, ନାରୀ ନେତ୍ରୀ ସୁଷମା ଭୋଇ, ସସ୍ମିତା ନାୟକ, ମୁରଲୀ ଭୋଳ, ପ୍ରମୋଦ ନାୟକ, ଶିବ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଲାବଣ୍ୟ ନାଟ୍ୟ ମହୋତ୍ସବରେ 'ଜାନୁଆରୀ ତିରିଶ'

**ଭୁବନେଶ୍ୱର,୮।୨(ସମିସ):** ଭାରତର ସାମ୍ପ୍ରତିକ, ସାମାଜିକ, ସାଂସ୍କୃତିକ ଓ ସର୍ବୋପରି ରାଜନୈତିକ କ୍ରମବର୍ଦ୍ଧିଷ୍ଣୁ ଅବକ୍ଷୟର ଏକ ଶାଣିତ ବ୍ୟଙ୍ଗ - ଏକ ଆଗ୍ନେୟ ବିସ୍ଫୋରଣର ନାଟକ "ଜାନୁଆରୀ ତିରିଶ'। ରାଜନୈତିକ ଆଦର୍ଶ, ଜୀବନ ଶୈଳୀର ପ୍ରତୀକ ଓ ପ୍ରତିଛବି ଗାନ୍ଧୀ ଏବଂ ଗାନ୍ଧୀବାଦ ଆଜି ସାମାଜିକ ପୂତିଗନ୍ଧମୟ ନର୍ଦ୍ଦମାରେ ପରିତ୍ୟକ୍ତ ସଂକୀର୍ଣ୍ଣ ସ୍ୱାର୍ଥ ଓ ଆମୂଳଚୂଳ ଭ୍ରଷ୍ଟାଚାରରେ ଲିପ୍ତ ମନ୍ତ୍ରୀ, ପୁଲିସ ପ୍ରଶାସନ ଗାନ୍ଧୀବାଦର ଢାଲ ତଳେ ନିର୍ଭୟରେ ନିତ୍ୟ ଖଟିଖିଆ ଜନତାଙ୍କୁ ଧର୍ଷଣ କରିଚାଲନ୍ତି। ଧର୍ଷିତା ହୋଇ ଆତ୍ମହତ୍ୟା କରେ ଆଗାମୀ ସ୍ୱପ୍ନର ପ୍ରତୀକ କୁମାରୀ କନ୍ୟା କୁମ। ସୁନେଲି ଆଗାମୀକୁ ଜନ୍ମଦେବା ପୂର୍ବରୁ ଧର୍ଷିତା ହୋଇ ମରିଯାଏ ସାତମାସ ଗର୍ଭବତୀ ଚମ୍ପା। ସର୍ବହରା ଖଟିଖିଆର ପୁଞ୍ଜିଭୂତ ଆକ୍ରୋଶ ଭୟାନକ ବିସ୍ଫୋରଣ ମନ୍ତ୍ରୀଙ୍କର ମିଥ୍ୟା ଆସ୍ଫାଳନକୁ ତବଦା କରିଦିଏ। ଅସହିଷ୍ଣୁ ମନ୍ତ୍ରୀ ଗାନ୍ଧୀଙ୍କୁ ଗୁଳି କରନ୍ତି। 'ହେ ରାମ, ହେ ରାମ' କହି ସନା ଟଳିପଡ଼େ। ପ୍ରତିବର୍ଷ ଜାନୁଆରୀ ତିରିଶରେ ଗୁଳିବିଦ୍ଧ ହୋଇ ମୃତ୍ୟୁବରଣ କରନ୍ତି ଅହିଂସାର ପୂଜାରୀ ଗାନ୍ଧୀ। ପୁନର୍ବାର ସେଇ ଔପଚାରିକ ଶବ ଶୋଭାଯାତ୍ରା, ନାଥୁରାମମାନେ 'ମହାତ୍ମା ଗାନ୍ଧୀ କି ଜୟ' ଚିତ୍କାର କରୁଥାନ୍ତି। ଏହି କାହାଣୀକୁ ନେଇ ମଞ୍ଚସ୍ଥ ହୋଇଛି ନାଟକ 'ଜାନୁଆରୀ ତିରିଶ'। ଯାହାର ନିର୍ଦ୍ଦେଶନା ଦେଇଛନ୍ତି ଡ. ନରେନ୍ଦ୍ର କୁମାର ମିଶ୍ର। ଏହି ସନ୍ଧ୍ୟାରେ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗ ଦେଇଥିଲେ।

## ଅରୋମିରା ପ୍ରି' ସ୍କୁଲର ବାର୍ଷିକ ଉତ୍ସବ



**ଭୁବନେଶ୍ୱର, ୮।୨ (ସମିସ):** ଡୁମୁଡୁମାସ୍ଥିତ ଅରୋମିରା ପ୍ରି' ସ୍କୁଲର ବାର୍ଷିକ ଉତ୍ସବ ସ୍ଥାନୀୟ ଦୁର୍ଗାମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାରତ ନର୍ସରୀ ଟିଚର୍ ଟ୍ରେନିଂ ସେଣ୍ଟର୍‌ର ଅଧ୍ୟକ୍ଷ ଲକ୍ଷ୍ମଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ପିଲାଙ୍କ ମାନସିକ ଓ ଶାରୀରିକ ବିକାଶ ନିମନ୍ତେ ପ୍ରି' ସ୍କୁଲ୍ ହିଁ ଏକମାତ୍ର ବିକଳ୍ପ। ୩ବର୍ଷରୁ ୬ବର୍ଷ ବୟସର ପିଲାଟିର ମାନସିକ ଦକ୍ଷତା ବୃଦ୍ଧି ନିମନ୍ତେ ଗୋଟିଏ ମାଆର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ, ଗୋଟିଏ ପ୍ରି' ସ୍କୁଲ ଶିକ୍ଷୟିତ୍ରୀଙ୍କ ଭୂମିକା ମଧ୍ୟ ସେତିକି ମହତ୍ତ୍ୱପୂର୍ଣ୍ଣ। ଅଭିଭାବକମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟବକ୍ତା ନାରାୟଣ ମହାପାତ୍ର କହିଥିଲେ ଯେ ପିଲାଙ୍କ ଉପରେ ପାଠ୍ୟକ୍ରମର ବୋଝ ଅଧିକ ନଦେଇ କିଭଳି ଖେଳ ମାଧ୍ୟମରେ ସେମାନଙ୍କର ବୌଦ୍ଧିକ ବିକାଶ ଘଟିପାରିବ, ତାହା ଉପରେ ଗୁରୁତ୍ୱ ଦେବା ଦରକାର। ସ୍କୁଲର ଅଧକ୍ଷା ଦୀପାଳି ପଲେଇ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସେକ୍ରେଟାରୀ ରୁଦ୍ରନାରାୟଣ ମହାପାତ୍ର ଓ ମ୍ୟାନେଜମେଣ୍ଟର ମୁଖ୍ୟ ପ୍ରତାପ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମନୋସ୍ମିତା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ସିଏଲ୍‌ଓରେ ପ୍ରତିନିଧିତ୍ୱ କରିବେ ଯଜ୍ଞାଶିଷ



**ଭୁବନେଶ୍ୱର, ୮।୨ (ସମିସ):** ସିଏଲଓରେ ପ୍ରତିନିଧିତ୍ୱ କରିବେ ଯଜ୍ଞାଶିଷ ମହାପାତ୍ର। ଭୁବନେଶ୍ୱର ରୋଟାରି ଆନ୍ତର୍ଜାତିକ ଅନୁଷ୍ଠାନକୁ କାଉନସିଲ ଅନ୍ ଲେଜିସଲେସନ୍ ଭାବେ ୩ ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି ଯଜ୍ଞାଶିଷ। ରୋଟାରି ଜିଲ୍ଲା ୩୨୬୨ର ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏବଂ ଅଧିକାରକୁ ଉପସ୍ଥାପନା କରିବା ପାଇଁ କାଉନସିଲ ଅଫ୍ ଲେଜିଲଲେସନ୍ ପଦ ପାଇଁ ସେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ ଶ୍ରୀ ମହାପାତ୍ର ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ବହୁ ଭୋଟ ବ୍ୟବଧାନରେ ପରାଜିତ କରି ସିଓଏଲ୍ ପଦ ପାଇଁ ବିଜୟର ମୁକୁଟ ପିନ୍ଧିଛନ୍ତି। ଏହି ନିର୍ବାଚନ ଫେବୃଆରୀ ୧ତାରିଖରେ ପୁରୀର ଏକ ତାରାକା ହୋଟେଲରେ ଆୟୋଜିତ ହୋଇଥିଲା। ଏହି ନିର୍ବାଚନକୁ ଅବଜର୍ଭର ଭାବେ ପରିଚାଳନା କରିଥିଲେ ସଂଜୀବ ରେସ୍ତୋଗୀ, ଜିଲ୍ଲା ୩୨୫ ଓ ପି ଡି ଜି ଅଶ୍ୱିନୀ କର, ଜିଲ୍ଲା ୩୨୬୨।

## ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ ଫାଉଣ୍ଡେସନ୍ ଟ୍ରଷ୍ଟର ଦ୍ୱାଦଶ ଅଧିବେଶନ

**ଭୁବନେଶ୍ୱର,୮।୨(ସମିସ):** ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେସନ୍ ଟ୍ରଷ୍ଟର ଦ୍ୱାଦଶ ଅଧିବେଶନ ରୋଟାରୀଭବନଠାରେ ଅନୁଷ୍ଠିତ ହୋଇଛି। ଏହି ଅଧିବେଶନର ବିଷୟବସ୍ତୁ 'ବିଶ୍ୱଜ୍ଞାନ-ବିଜ୍ଞାନ ପରମ୍ପରାରେ ପଞ୍ଚସଖା ଓ ସେକ୍ସପିୟର' ରହିଥିଲା। ପ୍ରମୁଖ ବକ୍ତାଭାବେ ପ୍ରଫେସର କ୍ଷୀରୋଧ ଚନ୍ଦ୍ର ବେହେରା ଏବଂ ପ୍ରଫେସର ଚିତ୍ତରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ଶ୍ରୀ ବେହେରା ପଞ୍ଚସଖା ସାହିତ୍ୟ ଉପରେ ଆଲୋଚନା କରିଥିଲେ। ପ୍ରଫେସର ମିଶ୍ର ସେହି କାଳର ଅନ୍ୟତମ ବିଖ୍ୟାତ ପାଶ୍ଚାତ୍ୟ କବି ଉଇଲିୟମ୍ ସେକ୍ସପିୟର ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଅଧିବେଶନରେ ଟ୍ରଷ୍ଟର ପ୍ରତିଷ୍ଠାତା ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଡ. ଇତି ସାମନ୍ତ ସଭାପତିତ୍ୱ କରିଥିଲେ। ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ନିବେଦିତା ପତି, ଟ୍ରଷ୍ଟର ସମ୍ପାଦିକା ପ୍ରତିଭା ପଣ୍ଡା ଟ୍ରଷ୍ଟର କାର୍ଯ୍ୟାବଳୀ ସମ୍ବନ୍ଧରେ ସମ୍ୟକ ସୂଚନା ସହିତ ଧନ୍ୟବାଦ ଦେଇଥିଲେ। ସହ ସମ୍ପାଦକ ବନଜ ତ୍ରିପାଠୀ ଉପସ୍ଥିତ ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ ସଭା ପରିଚାଳନା କରିଥିଲେ। ଅନ୍ୟ ସଭ୍ୟଙ୍କ ମଧ୍ୟରୁ ମନମୋହନ ପଣ୍ଡା, ଶିବବ୍ରତ ଘୋଷ, ଭାଗୀରଥ ପଣ୍ଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଜାଗର ପାଇଁ ଦୀପ ପ୍ରସ୍ତୁତିରେ ବ୍ୟସ୍ତ କୁମ୍ଭକାର ପରିବାର

# ବାଧୁଛି ମାଟି କିଣା; ମିଳୁନି ଉପଯୁକ୍ତ ମୂଲ୍ୟ



**ଭୁବନେଶ୍ୱର, ୮।୨(ସମିସ):**

ସପ୍ତାହ ପରେ ମହାଶିବରାତ୍ରୀ। ଏଥିପାଇଁ କୁମ୍ଭକାର ଘରେ ଚାଲିଛି ଦୀପ ପ୍ରସ୍ତୁତି। ଚାହିଦା ମୁତାବକ ଅର୍ଡର ରଖି ଠିକ୍ ସମୟରେ ଦୀପକୁ ଦୋକାନୀ ଅବା ଗରାଖଙ୍କୁ ଦେବାରେ ଯେପରି ହେଳା ନହୁଏ, ସେଥିପାଇଁ ସପରିବାର ଦିନରାତି କାମରେ ଲାଗିପଡ଼ିଛନ୍ତି। ମାତ୍ର ଏବେ ଦୀପ ତିଆରି ପାଇଁ ମାଟିକିଣା ବାଧୁଛି ଓ ପ୍ରସ୍ତୁତ ସାମଗ୍ରୀର ଉପଯୁକ୍ତ ମୂଲ୍ୟ ମିଳୁନି ବୋଲି କିଛି କୁମ୍ଭକାର କ୍ଷୋଭର ସହ କୁହନ୍ତି।

ପୁରୁଣା ଭୁବନେଶ୍ୱର ସମେତ ସହର ଉପକଣ୍ଠରେ ଥିବା ଧଉଳି ପାଖ ବସନ୍ତପୁର ପରି କିଛି ଗ୍ରାମରେ ମାସକ ଆଗରୁ ଦୀପ ତିଆରି କାମରେ ଲାଗିପଡ଼ିଛନ୍ତି। ଦୀପକୁ ତିଆରି କରିବା ସହ ଖରାରେ ଶୁଖାଇବା ସହ ଏହାକୁ ଭାଟିରେ ପୋଡ଼ିବା ଏବଂ ଯତ୍ନ ସହକାରେ ଭାଟିରୁ କାଢ଼ି ଦୋକାନୀଙ୍କୁ ଦେବା ପାଇଁ ବ୍ୟସ୍ତ। ବସନ୍ତପୁର ଗ୍ରାମରେ ପ୍ରାୟ ୧୦ଟି କୁମ୍ଭାର ପରିବାର ରହୁଛନ୍ତି। ଏହି ସମସ୍ତ ପରିବାର ଦୀପାବଳି ହେଉ ଅବା ଜାଗର ପାଇଁ ଦୀପ ପ୍ରସ୍ତୁତ କରିଥାନ୍ତି।

ଏଥିସହିତ ମାଟିହାଣ୍ଡି, ସୁରେଇ, ମାଠିଆ ପରି ଅନ୍ୟ ମାଟି ସାମଗ୍ରୀ ମଧ୍ୟ ତିଆରି କରିଥାନ୍ତି। ହେଲେ ଏବେ ଏହି ସବୁ ମାଟି ସାମଗ୍ରୀ ତିଆରି କରିବା ପାଇଁ ମାଟିର ଘୋର ଅଭାବ ପଡୁଛି। କାରିଗରମାନେ ପିପିଲି, ସାତଶଙ୍ଖର ଆଖପାଖରୁ ମାଟି କିଣିକରି ଆଣୁଛନ୍ତି। ଏଥିସହିତ ନିଜ ଜମିକୁ ଖୋଳି କିଛି ମାଟିୱିଧ ସଂଗ୍ରହ କରୁଛନ୍ତି। ତତ୍‌ସହିତ ମାଟି ସାମଗ୍ରୀକୁ ପୋଡ଼ିବା ପାଇଁ ଜାଳେଣିର ମଧ୍ୟ ଘୋର ଅଭାବ ରହୁଛି। ଯାହାଦ୍ୱାରା କାରିଗରମାନେ ମାଟି ସହିତ ଜାଳେଣୀ ମଧ୍ୟ କିଣୁଛନ୍ତି।



ମହାଶିବରାତ୍ରୀ ପାଇଁ ଏବେ ଛୋଟ ଦୀପ ସମେତ ୧୦୦ ରୁ ୫୦୦ ତେଲ ଧରିବା ଭଳି ଦୀପ ତିଆରି କରାଯାଉଛି। ଏହି ଦୀପ ସବୁ ୟୁନିଟ୍ ୧ ସମେତ ଅନ୍ୟ ଛୋଟ ବଡ଼ ହାଟ ବଜାରରୁ ଅର୍ଡର ରହିଛି। ଛୋଟ ଦୀପ ୧୦୦ ଗ୍ରାମକୁ ୧୦ ଟଙ୍କା ରହିଥିବା ବେଳେ ୧୦୦ ଗ୍ରାମରୁ ୫୦୦ ଗ୍ରାମର ତେଲ ଧରିବା ଭଳି ଦୀପ ଗୋଟାକୁ ୧୦ରୁ ୩୦ ଟଙ୍କା ଦର ରହିଛି। ଏହି ହାତ ତିଆରି ଦୀପ ବ୍ୟତୀତ କୋଲକାତାର ବ୍ରାଇଡାଲ୍ ଦୀପ ବଜାରରେ ଦେଖିବାକୁ ମିଳୁଛି। ଯାହାଦ୍ୱାରା ହାତତିଆରି ଦୀପର ଚାହିଦା ଏବେ କମି କମି ଆସୁଛି ବୋଲି ଜଣେ କୁମ୍ଭକାର କହିଛନ୍ତି।

ପୂର୍ବରୁ ଛୋଟ ଦୀପ, ବଡ଼ ଦୀପ ପାଇଁ ବହୁତ ଅର୍ଡର ଆସୁଥିବାରୁ ଦୁଇ ମାସ ଆଗରୁ ଦୀପ ତିଆରି କରିବାକୁ ପଡୁଥିଲା। ହେଲେ ଏବେ ଏତେ ଅର୍ଡର ଆସୁନାହିଁ। ଏଥିସହିତ ମାଟି କିଣିବାକୁ ପଡୁଛି। ଯାହା ଫଳରେ ମାଟି କିଣା ପାଇସା ଓ ସମୟକୁ ଦେଖିଲେ ଉପଯୁକ୍ତ ମୂଲ୍ୟ ମିଳୁନାହିଁ ବୋଲି କୁମ୍ଭକାର ଅକ୍ଷୟ ମୁଦୁଲି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହା ଆମ କୁଳବେଉସାକୁ ପ୍ରଭାବିତ କରୁଛି। ତଥାପି ପାଠ ଛାଡ଼ିବା ପରେ କୌଳିକ ବୃତ୍ତିକୁ ଛାଡ଼ି ନପାରି ଏହି କାମ କରିବାକୁ ପଡୁଛି। ତେବେ ଏହି କାମ ପାଇଁ ସରକାରୀସ୍ତରରେ କୌଣସି ପ୍ରୋତ୍ସାହନ ନାହିଁ। ଯାହାଫଳରେ ଏହି କୁଳବେଉସା ପ୍ରତି ଯୁବପିଢ଼ି ବିମୁଖ ହେଉଛନ୍ତି ବୋଲି ସେ କହିଛନ୍ତି।



# କଟକର ଇଂରାଜୀ ନାମ ସଂଶୋଧନ ପାଇଁ ପ୍ରସ୍ତାବ

## ରେଭେନ୍ସାରୁ ମିଳିଲା ମୂଳ ଇଂରାଜୀ ବନାନର ଦସ୍ତାବିଜ୍

କଟକ,୮ ।୨(ସମିସ): ରାଜ୍ୟରେ ୧୧ଟି ଜିଲ୍ଲାର ୨୪ଟି ସ୍ଥାନର ଇଂରାଜୀ ବନାନ ସଂଶୋଧନ କରିବାକୁ ସରକାର ବିଚାର କରୁଥିବା ବେଳେ କଟକ ସହରର ଇଂରାଜୀ ବନାନ ସଂଶୋଧନ କରିବାକୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ବିଭିନ୍ନ ରାଜନୈତିକ ମହଲରେ ଜୋରଦାର୍ ଦାବି ହେଉଛି । 'କଟକ'ର ମୂଳ ନାଁ ଯାହା ସଂସ୍କୃତ ଶବ୍ଦରୁ ଆସିଛି । ସଂସ୍କୃତରେ କଟକର ପ୍ରକୃତ ଅର୍ଥ ହେଉଛି, ଦୁର୍ଗ ବା ସେନା ଶିବିର । ବ୍ରିଟିସ୍ ଅମଳରେ ଇଂରାଜୀ ଉଚ୍ଚାରଣ ଅନୁସାରେ, କଟକ(ସିୟୁଟିଟିଏସିକେ) ବୋଲି ଲେଖାଯାଉଥିଲା । କିନ୍ତୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରୁ କଟକ'ର ମୂଳ ଇଂରାଜୀ ବନାନର ଦସ୍ତାବିଜ୍ ମିଳିଛି । କଟକ'ର ଇଂରାଜୀ ବନାନକୁ 'ସିୟୁଟିଟିଏସିକେ'ନଲେଖି କେଏଟିଏକେ ଲେଖିବାକୁ ଦାବି ଉଠିଛି । ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ଙ୍କ ମହଲରେ କଟକର ଇଂରାଜୀ ନାମ ସଂଶୋଧନ ପାଇଁ ପ୍ରସ୍ତାବ ଦିଆଯାଇଛି ।






### 'ସିୟୁଟିଟିଏସିକେ' ବଦଳରେ 'କେଏଟିଏକେ' ଲେଖାଯିବାକୁ ଦାବି

କଟକ'ର ନାମକରଣକୁ ନେଇ ଇତିହାସର ପୃଷ୍ଠା କୁହେ ଯେ, ଅଭିନବ ବାରଣାସୀ କଟକ ବୋଲି କୁହାଯାଉଥିଲା । ସମ୍ପ୍ରତି ବିତର୍କରେ କଟକର ଇଂରାଜୀ ନାମକୁ ସଂଶୋଧନ କରିବାକୁ ଚର୍ଚ୍ଚା ଜୋର ଧରିଛି ।

କଟକର ଇଂରାଜୀ ବନାନକୁ ନେଇ ବିତର୍କ ସୃଷ୍ଟି ହୋଇଛି । ଆଜି ରେଭେନ୍ସା ପରିସରରୁ ମିଳିଛି କଟକର ମୂଳ ଇଂରାଜୀ ବନାନ ସମ୍ପର୍କରେ ସ୍ପଷ୍ଟ ପ୍ରମାଣ । ରେଭେନ୍ସା ପୁରୁଣା ପାୱାର୍ ହାଉସ ବାରଣ୍ଡାରେ ପଡିଥିବା ଟ୍ରେଜେରୀର କିଛି ଆଇରନ ଚେଷ୍ଟରେ କଟକର ଇଂରାଜୀ ବନାନ 'କେଏଟିଏକେ' ବୋଲି ଖୋଦେଇ ହୋଇଛି । ଏହା ରେଭେନ୍ସା ଆରମ୍ଭ ସମୟର ଲୁହା ବାକ୍ସ ହୋଇଥାଇପାରେ ବୋଲି ବରିଷ୍ଠ ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି । ଏହି ଲୁହା ବାକ୍ସ ଉପରେ ରେଭେନ୍ସା କଲେଜ ଲେଖା ସହ କେଏଟିଏକେ ସ୍ପଷ୍ଟ ଉଲ୍ଲେଖ ରହିଛି । ତେଣୁ କଟକର ମୁଳ ଇଂରାଜୀ ବନାନ କେଏଟିଏକେ ଥିଲା ଓ ପରବର୍ତ୍ତି ସମୟରେ ଏହାକୁ ସିୟୁଟିଟିଏସିକେ କରିଦିଆଯାଇଥିବା ଅଧିକାଂଶ ବୁଦ୍ଧିଜୀବୀ ଅନୁମାନ କରୁଛନ୍ତି । ତେଣୁ ଏବେ ସ୍ପଷ୍ଟ ପ୍ରମାଣ ଲୋକଲୋଚନକୁ ଆସିବା ପରେ ସରକାର ଏ ଦିଗରେ ଚିନ୍ତା କରି କଟକର ଇଂରାଜୀ ବନାନକୁ ସଂଶୋଧନ କରିବା ପାଇଁ ଦାବି ହୋଇଛି ।

ରେଭେନ୍ସାର ପୁରୁଣା ଛାତ୍ରମାନଙ୍କର କହିବା ଅନୁସାରେ, ଏହି ଆଇରନ ଚେଷ୍ଟ ରେଭେନ୍ସାର ପ୍ରିନ୍ସିପାଲଙ୍କ ଅଫିସରେ ରହିଥିଲା । ସତୁରି ଦଶକରେ ରେଭେନ୍ସାରେ ପଢୁଥିବା ଛାତ୍ରମାନେ ସେ ସମୟରେ ଏହି ଲୁହା ବାକ୍ସ ଉପରେ କଟକର ଇଂରାଜୀ ବନାନ କେଏଟିଏକେ ଲେଖା ହୋଇଥିବା ଦେଖିଥିଲେ ବୋଲି କହିଛନ୍ତି । ଏବେ ଇଂରାଜୀ ବନାନକୁ ନେଇ ବିତର୍କ ସୃଷ୍ଟି ହେବା ପରେ କିଛି ଅନୁସନ୍ଧିତ୍ସୁ ଖୋଜାଖୋଜି କରି ଏହି ଐତିହାସିକ ସନ୍ତକଟିକୁ ଲୋକଲୋଚନକୁ ଆଣିଛନ୍ତି । ଏବେ ରାଜ୍ୟ ସରକାର ଏହି ଭଳି ସ୍ପଷ୍ଟ ପ୍ରମାଣ ଆଧାରରେ କଟକର ପୁରୁଣା ଇଂରାଜୀ ବନାନ ଯାହା ଥିଲା, ତାକୁ ଲାଗୁ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।

### ଓଡ଼ିଶା ମେଟ୍ରୋ ପ୍ରକଳ୍ପକୁ ଅଣଦେଖା

## କେନ୍ଦ୍ର ବିରୋଧରେ ବିଜେଡିର ଗର୍ଜନ




କଟକ,୮ ।୨(ସମିସ): କେନ୍ଦ୍ର ବଜେଟରେ ଓଡ଼ିଶାର ବହୁ ପ୍ରତୀକ୍ଷିତ ମେଟ୍ରୋ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିବା ଅଭିଯୋଗ କରି ବିଜୁ ଜନତା ଦଳ ପକ୍ଷରୁ ରବିବାର ପ୍ରତିବାଦ କରାଯାଇଛି । କଟକ ବାରବାଟୀ ଷ୍ଟାଡିଅମ ନିକଟସ୍ଥ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ତଳେ ଆୟୋଜିତ ଏହି ଧାରଣାରେ କଟକ ମେୟର ତଥା ବିଜେଡି କୋଷାଧ୍ୟକ୍ଷ ସୁବାସ ସିଂହ ନେତୃତ୍ୱ ନେଇ କେନ୍ଦ୍ର ଓ ରାଜ୍ୟର 'ଡବଲ ଇଞ୍ଜିନ' ସରକାର ଓଡ଼ିଶାବାସୀଙ୍କ ସହ ବିଶ୍ୱାସଘାତକତା କରିଛନ୍ତି ବୋଲି ସମାଲୋଚନା କରିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ଜାନୁଆରୀ ୧ ତାରିଖରେ ଭୁବନେଶ୍ୱର ବିମାନ ବନ୍ଦରରୁ କଟକ ତ୍ରିଶୂଳିଆ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ମେଟ୍ରୋ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏଥିପାଇଁ ରାଜ୍ୟ ନିଜସ୍ୱ ପାଣ୍ଠିରୁ ୬,୨୫୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା । ଏହି ପ୍ରକଳ୍ପରେ କଟକ ବସଷ୍ଟାଣ୍ଡ ଓ ଏସସିବି ମେଡିକାଲକୁ ମଧ୍ୟ ସାମିଲ କରାଯାଇଥିଲା । ବିଜେପି ସରକାର କ୍ଷମତାକୁ ଆସିବା ପରେ ଏହି ଜନହିତକର ପ୍ରକଳ୍ପକୁ ବନ୍ଦ କରିଦେବା ସହ କେନ୍ଦ୍ର ବଜେଟରେ ମଧ୍ୟ ଏଥିପାଇଁ କୌଣସି ଅନୁଦାନ ରଖିନାହାନ୍ତି ।

**କଟକରେ ବିଶାଳ ପ୍ରତିବାଦ**

ମେୟର ଶ୍ରୀ ସିଂହ ପ୍ରଶ୍ନ କରିଛନ୍ତି ଯେ ଯଦି ଦେଶର ୨୫ଟି ରାଜ୍ୟରେ ମେଟ୍ରୋ ସୁବିଧା ରହିଛି, ତେବେ ଓଡ଼ିଶାକୁ କାହିଁକି ବଞ୍ଚିତ କରାଯାଉଛି? ଓଡ଼ିଶାରୁ ୨୦ ଜଣ ଲୋକସଭା ସଦସ୍ୟ ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ମଧ୍ୟ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ସତ୍ତ୍ୱେ ରାଜ୍ୟ ପ୍ରତି ଏଭଳି ବୈମାତୃକ ମନୋଭାବ ଗ୍ରହଣୀୟ ନୁହେଁ । ଏହି ପ୍ରତିବାଦ ସଭାରେ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ, ପୂର୍ବତନ ମେୟର ଅନିତା ବେହେରା, ମଧୁ ସାହୁ, ପ୍ରକାଶ ସିଂହ, ପ୍ରଫୁଲ୍ଲ ବେହେରା ଏବଂ ବହୁ ସଂଖ୍ୟାରେ କର୍ପୋରେଟର ଓ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ । ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଆରମ୍ଭ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି ।

### ଦିଲ୍ଲୀପ ଶତପଥୀ ସ୍ମାରକୀ କୁଇଜ୍ ପ୍ରତିଯୋଗିତା

## ଯୁବପିଢ଼ି ଦେଶର ସମ୍ପଦ; ପ୍ରତିଭାଙ୍କୁ ଚିହ୍ନଟ କରିବା ଆବଶ୍ୟକ

ଭୁବନେଶ୍ୱର,୮ ।୨(ସମିସ): ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ଶତପଥୀଙ୍କ ସ୍ମୃତିରେ 'ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜ୍‌ମେଣ୍ଟ' ଓ 'ଦିଲ୍ଲୀପ ଶତପଥୀ ମେମୋରିଆଲ୍ ଟ୍ରଷ୍ଟ' ପକ୍ଷରୁ ଦିଲ୍ଲୀପ ଶତପଥୀ ମେମୋରିଆଲ୍ କୁଇଜ୍ ପ୍ରତିଯୋଗିତା-୨୦୨୬ ଅନୁଷ୍ଠିତ ହୋଇଛି । ବିଭିନ୍ନ ଜିଲ୍ଲାରୁ ପ୍ରଥମ ପର୍ଯ୍ୟାୟରେ କୃତୀ ଛାତ୍ରଛାତ୍ରୀ ଫାଇନାଲ୍‌ରେ ଅଂଶଗ୍ରହଣ କରିଥିବାବେଳେ କୁଇଜ୍‌ରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅମ୍ଳାନ ଦାସ ଓ ପୀୟୁଷ ଶର୍ମା ବିଜେତା ହୋଇଛନ୍ତି । ସେହିପରି ପ୍ରୋଜେକ୍ଟ ପ୍ରତିଯୋଗିତାରେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଚିନ୍ମୟୀ



ରାଉତ ଚାମ୍ପିଅନ୍ ହୋଇଥିବାବେଳେ ଉଭୟ ବର୍ଗରେ ଉପବିଜେତା ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି ।

ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ସଚିବ ତଥା ଓଇଆର୍‌ସି ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ଯୋଗଦେଇ କହିଛନ୍ତି ଯେ ଯୁବପିଢ଼ି ହେଉଛନ୍ତି ଦେଶର ସମ୍ପଦ । ସମାଜର ପ୍ରଗତି ପାଇଁ ଯୁବପ୍ରତିଭାଙ୍କୁ ଚିହ୍ନଟ କରିବା ଆବଶ୍ୟକ । ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସାମ୍ବାଦିକ ସ୍ୱର୍ଗତ ଦିଲ୍ଲୀପଙ୍କ ସ୍ମୃତିରେ ଏପରି କାର୍ଯ୍ୟକ୍ରମ ପ୍ରେରଣା ସୃଷ୍ଟି କରିବ ବୋଲି ଶ୍ରୀ ଜେନା ମତବ୍ୟକ୍ତ କରିଛନ୍ତି । ସମ୍ମାନିତ ଅତିଥି ଭାବେ ଦିଲ୍ଲୀପ ଶତପଥି ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଦୀନବନ୍ଧୁ ଶତପଥୀ ଯୋଗଦେଇ ଦିଲ୍ଲୀପଙ୍କ ସାମ୍ବାଦିକତା ଓ ସମାଜ ପ୍ରତି ଥିବା ଉତ୍ସର୍ଗୀକୃତ ମନୋଭାବର ସ୍ମୃତିଚାରଣ କରିବା ସହ ସଂଘର୍ଷରୁ ସଫଳତା ପାଇବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଦୈନିକ 'ସକାଳ'ର ସାମ୍ବାଦିକ ବିଶ୍ୱଜିତ ଗାଇଗରିଆ ଓ 'ନନ୍ଦିଘୋଷ' ଟିଭିର ବରିଷ୍ଠ ସାମ୍ବାଦିକ ପ୍ରିୟପ୍ରୀତମ୍ ମହାନ୍ତିଙ୍କ ସମେତ ମୋଟ୍ ଚାରି ଜଣଙ୍କୁ ସମ୍ମାନିତ କରାଯାଇଛି । ସୃଷ୍ଟି ଏକାଡେମୀର ପ୍ରତିଷ୍ଠାତା ଇଂ ସରୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏକାଡେମୀର ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ଡିନ୍ (ପ୍ଲେସମେଣ୍ଟ) ପ୍ରଫେସର ଗଙ୍ଗାଧର ମିଶ୍ର ଧନ୍ୟବାଦ ଜ୍ଞାପନ କରିଛନ୍ତି ।

### ସୁଧା ସର୍ଜନା ମହୋତ୍ସବ

## ଉଛୁଳିଲା ବାଲିଯାତ୍ରା ପଡ଼ିଆ; ଯୋଗଦେଲେ ଲକ୍ଷାଧିକ ଶ୍ରଦ୍ଧାଳୁ



ନନ୍ଦନକାନନ, ୮ ।୨(ସମିସ): ଉତ୍ତର ଭୁବନେଶ୍ୱର କୁଆଖାଇ ନଦୀପଠା ବାଲିଯାତ୍ରା ପଡ଼ିଆ(ବରିମୁଣ୍ଡ)ରେ ରବିବାର ସୁଧା ସର୍ଜନା ମହାମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ ତମ ଜନ୍ମ ମହୋତ୍ସବ ଏବଂ ଭୁବନେଶ୍ୱର ସତ୍‌ସଙ୍ଗ ଶ୍ରୀମନ୍ଦିର ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏହି ଉତ୍ସବରେ ପ୍ରତ୍ୟୁଷରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ତଥା ରାଜ୍ୟ ବାହାରୁ ସତ୍‌ସଙ୍ଗୀ ତଥା ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଭୁବନେଶ୍ୱର ବାଲିଯାତ୍ରା ପଡ଼ିଆରେ ନିର୍ମିତ ବାଣୀବିହାର ସତସଙ୍ଗ ଶ୍ରୀମନ୍ଦିର ପ୍ରତିକୃତି ସଦୃଶ୍ୟ ମନ୍ଦିରରେ ଉଷା କୀର୍ତ୍ତନ, ପ୍ରାତଃ ବିନତୀ, ସମବେତ ନାମଜପ, ସଦ୍‌ଗ୍ରନ୍ଥ ପାଠ କରାଯାଇଥିଲା । ଏହି ଅବସରରେ ସ୍ମରଣିକା 'ତର୍ପଣ' ଉନ୍ମୋଚିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ପୂର୍ତ୍ତ, ଅବକାରୀ ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜେପି ନେତା ଗୋଲଖ ମହାପାତ୍ର, ଚିତ୍ତରଞ୍ଜନ କଂସଙ୍କ ପ୍ରମୁଖ ଯୋଗ ଦେଇଥିଲେ ।

ଏହି ଅବସରରେ ଚିତ୍ତାକର୍ଷକ "ଦଶାବତାରମ୍" ସହ ମାତୃମଞ୍ଚରେ ଅନୁଷ୍ଠିତ ନାଟକ "ପରଶମଣି" ଦର୍ଶକଙ୍କୁ ଅଭିଭୂତ କରିଥିଲା । ଶେଷରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ସହ-ପ୍ରତି ଋତ୍ୱିକ ଡ. ଅଭୟ କୁମାର ପରିଡ଼ା, ଇଂ କଳିଙ୍ଗ କେଶରୀ ରଥ, ଶାଶ୍ୱତ ପରିଡ଼ା, ରଜନୀକାନ୍ତ ପାଣି, କୃପାନିଧି ବିଶ୍ୱାଳ, ରଘୁନାଥ ପାଣି, କମଳାକ୍ଷ ପରିଡ଼ାଙ୍କ ସମେତ ବହୁ ଯୁବ କର୍ମୀ, ପୁଲିସ ପ୍ରଶାସନ ପ୍ରମୁଖ ସହଯୋଗ କରିଥିଲେ ।

## ସ୍ୱଦେଶୀ ମେଳାରେ 'ଜୁଟ୍ ମାର୍କ ଇଣ୍ଡିଆ'ର ଚମକ

କଟକ,୮ ।୨(ସମିସ): କଟକର ତଳ ବାଲିଯାତ୍ରା ପଡ଼ିଆରେ ଚାଲିଥିବା 'ସ୍ୱଦେଶୀ ମେଳା ୨୦୨୬'ରେ ଜୁଟ୍ ବା ଝୋଟ ନିର୍ମିତ ସାମଗ୍ରୀ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି । ବିଶେଷ କରି ଜାତୀୟ ପ୍ରମାଣିକରଣ ଯୋଜନା 'ଜୁଟ୍ ମାର୍କ ଇଣ୍ଡିଆ' ଅଧୀନରେ ପ୍ରସ୍ତୁତ ୧୦୦ ପ୍ରତିଶତ ପ୍ରାକୃତିକ ଓ ପରିବେଶ-ଅନୁକୂଳ ସାମଗ୍ରୀଗୁଡ଼ିକର ଚାହିଦା ବୃଦ୍ଧି ପାଇଛି । ଏହି ଯୋଜନା ଉପଭୋକ୍ତାମାନଙ୍କୁ ଶୁଦ୍ଧ ଜୁଟ୍ ସାମଗ୍ରୀର ଗୁଣବତ୍ତା ପ୍ରତି ବିଶ୍ୱାସ ଦେବା ସହ ଗ୍ରାମୀଣ କାରିଗରଙ୍କ ଜୀବିକାକୁ ସୁଦୃଢ଼ କରୁଛି । କଣ୍ଟାପଡ଼ା ବ୍ଲକ ବ୍ରାହ୍ମଣସାଇଲୋ ଗ୍ରାମର 'ରୋଜା ଜୁଟ୍ କ୍ରାଫ୍ଟସ୍' ଜୁଟ୍ ମାର୍କ ଇଣ୍ଡିଆ ପ୍ରମାଣପତ୍ର ପାଇବାରେ ଓଡ଼ିଶାର ପ୍ରଥମ ଅନୁଷ୍ଠାନ ଭାବେ ଗୌରବ ହାସଲ କରିଛି । ଓଡ଼ିଶା ରୁରାଲ୍ ଡିଭେଲପମେଣ୍ଟ ଏଣ୍ଡ ମାର୍କେଟିଂ ସୋସାଇଟିର ସହଯୋଗରେ ଏହି ସଂସ୍ଥା ନିଜର ଉତ୍ପାଦନ, ପ୍ୟାକେଜିଂ ଓ ବ୍ରାଣ୍ଡିଂରେ ବ୍ୟାପକ ସଂସ୍କାର ଆଣିପାରିଛି । ବର୍ତ୍ତମାନ ସ୍ୱଦେଶୀ ମେଳାରେ ସଂସ୍ଥା ପକ୍ଷରୁ ପ୍ରାୟ ୧୦ ଲକ୍ଷ ଟଙ୍କାର ଝୋଟ ସାମଗ୍ରୀ




ପ୍ରଦର୍ଶନ କରାଯାଉଥିବା ବେଳେ ପ୍ରଥମ ଦୁଇ ଦିନରେ ହିଁ ୨୨,୦୦୦ ଟଙ୍କାରୁ ଅଧିକ ସାମଗ୍ରୀ ବିକ୍ରୟ ହୋଇସାରିଛି । ମେଳାରେ ସଂସ୍ଥାର ଷ୍ଟଲ୍‌ରେ ଜୁଟ୍ ହ୍ୟାଣ୍ଡବ୍ୟାଗ୍, ଅଫିସ୍ ଓ ଲ୍ୟାପଟପ୍ ବ୍ୟାଗ୍, ଫାଇଲ୍ ଫୋଲ୍ଡର୍, ଟେବୁଲ୍ ମ୍ୟାଟ୍, ଷ୍ଟୋରେଜ୍ ବାସ୍କେଟ୍, ଲ୍ୟାମ୍ପ୍ ଶେଡ୍ ଏବଂ ପରିବେଶ-ଅନୁକୂଳ ଜୁତା ଆଦି ପ୍ରଦର୍ଶିତ ହେଉଛି । ଝୋଟର ବହୁବିଧ ବ୍ୟବହାର ଓ ଏହାର କାରୁକାର୍ଯ୍ୟ ଦେଖିବା ପାଇଁ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମୁଛି । ଓରମାସର ମାର୍ଗଦର୍ଶନରେ କାରିଗରମାନେ ପାରମ୍ପରିକ ପଦ୍ଧତିରୁ ବାହାରି ଏବେ ବଜାରମୁଖୀ ଉଦ୍ୟୋଗୀ ହୋଇପାରିଛନ୍ତି ।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ବୈଠକ

କଟକ,୮ ।୨(ସମିସ): ଫ୍ରେଣ୍ଡସ୍ କଲୋନୀ ବରିଷ୍ଠ ନାଗରିକ ମଞ୍ଚର ୪ର୍ଥ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ଆଇଏଏସ୍ ପ୍ରସନ୍ନ କୁମାର ଜେନା ମୁଖ୍ୟ ଅତିଥି, ଏସ୍‌ସିବିର ପୂର୍ବତନ ଅଧ୍ୟକ୍ଷ ଡାକ୍ତର ସୁଧାଂଶୁଶେଖର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ୩ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାପତି ଡଃ ପ୍ରେମାନନ୍ଦ ମିଶ୍ର ଏବଂ ସମ୍ପାଦକ ହିମାଂଶୁ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




## ନାଟକ 'ପୁରୁଥିନୁଁ ସରଗ' ମଞ୍ଚସ୍ଥ



ଭୁବନେଶ୍ୱର,୮ ।୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟ ଧାରା ପକ୍ଷରୁ ଆୟୋଜିତ ନାଟକ 'ପୁରୁଥିନୁଁ ସରଗ' ରବିବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି । ବରଗଡ଼ କେଶାଇପାଲି, ମୁନ୍ ଲାଇଟ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ନାଟକକୁ ପରିବେଷଣ କରିଥିଲେ । ପ୍ରାଧ୍ୟାପକ ଚୂଡ଼ାମଣି ରଥ ଏହି ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିବା ବେଳେ ସୁରେନ୍ଦ୍ର ପାଣିଗ୍ରାହୀ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଏବଂ ଓଡିଶା ନାଟ୍ୟ ସଂଘ, ପଶ୍ଚିମ ମଣ୍ଡଳ ପ୍ରଦୀପ କୁମାର ପଣ୍ଡା ଯୋଗ ଦେଇଥିଲେ । ମିହିର କୁମାର ମେହେର ସଭାପତିତ୍ୱ କରିଥିଲେ । ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ସଭା ପରିଚାଳନା କରିଥିଲେ ।

### ସରକାରଙ୍କ ବିରୋଧରେ ବିଜେଡିର ହୁଙ୍କାର

## 'ବିଜୁଳି ନାଁରେ ଲୁଟ୍ ଚଳାଇଛନ୍ତି ବିଜେପି ସରକାର'

### ୧୩ରେ କଟକ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରିବ ଦଳ

### ରାଜ୍ୟରେ ଚାଷୀ ମାରଣ ନୀତି ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା: ପ୍ରତାପ

କଟକ,୮ ।୨(ସମିସ): ରାଜ୍ୟର ବିଜେପି ସରକାରଙ୍କ ଜନବିରୋଧୀ ନୀତି, ଚାଷୀ ମାରଣ ନୀତି ଏବଂ ଦିନକୁ ଦିନ ବିପର୍ଯ୍ୟସ୍ତ ହେଉଥିବା ଆଇନ-ଶୃଙ୍ଖଳା ବିରୁଦ୍ଧରେ ବିଜୁ ଜନତା ଦଳ ପକ୍ଷରୁ ଏକ ବଡ଼ ଧରଣର ଆନ୍ଦୋଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଫେବ୍ରୁଆରୀ ୧୩ ତାରିଖ (ଶୁକ୍ରବାର) ୧୦ଟା ସମୟରେ କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ । ରବିବାର ସନ୍ଧ୍ୟାରେ ଦୋଳମୁଣ୍ଡାଇସ୍ଥିତ ଜିଲ୍ଲା କାର୍ଯ୍ୟାଳୟଠାରେ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଜେଡି ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ରାଜ୍ୟ ସରକାରଙ୍କ




ଉପରେ ଶାଣିତ ଆକ୍ରମଣ କରିଛନ୍ତି । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବା ବେଳେ ବର୍ତ୍ତମାନର ବିଜେପି ସରକାର କୃଷକଙ୍କୁ ଶୋଷଣ କରୁଛନ୍ତି । ଧାନ ଅଭାବୀ ବିକ୍ରି ସାଙ୍ଗକୁ ମିଲ୍ ମାଲିକଙ୍କ ସହ ମଧୁଚନ୍ଦ୍ରିକା କରି କଟନୀ-ଛଟନୀ ନାଁରେ ଚାଷୀଙ୍କ ମେରୁଦଣ୍ଡ ଭଙ୍ଗାଯାଉଛି । ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ଦିନ ଦୁଇପ୍ରହରରେ ହତ୍ୟା ଓ ସାମ୍ପ୍ରଦାୟିକ ହିଂସା ସାଧାରଣ ଘଟଣା ପାଲଟିଛି । ଆମେରିକା ଭଳି ରାଷ୍ଟ୍ର ଓଡ଼ିଶାକୁ ମହିଳାଙ୍କ ପାଇଁ ଅସୁରକ୍ଷିତ ଘୋଷଣା କରିବା ଆମ ରାଜ୍ୟ ପାଇଁ ଏକ ଅତ୍ୟନ୍ତ ଲଜ୍ଜାଜନକ ବିଷୟ ବୋଲି ଶ୍ରୀ ଜେନା କହିଛନ୍ତି । ସରକାରଙ୍କ ବିଫଳତା ଉପରେ ସେ ଆହୁରି ମଧ୍ୟ କହିଛନ୍ତି ଯେ ୩୦୦ ୟୁନିଟ୍ ମାଗଣା ବିଜୁଳି ଦେବା କଥା କହି ସରକାରକୁ ଆସିଥିବା ବିଜେପି ଏବେ ବିଦ୍ୟୁତ ଗ୍ରାହକଙ୍କଠାରୁ ଜୋରଜବରଦସ୍ତ ଅତିରିକ୍ତ ଦେୟ ଆଦାୟ କରି ଲୁଟ୍ ଚଳାଇଛି । ଖାଉଟି ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ମଧ୍ୟବିତ୍ତ ଶ୍ରେଣୀର ପରିବାରକୁ ହନ୍ତସନ୍ତ କରୁଛି । ମଟର ଯାନ ଉପରେ ମାତ୍ରାଧିକ ଜରିମାନା ଆଦାୟ କରି ସାଧାରଣ ଜନତାଙ୍କୁ ଶୋଷଣ କରାଯାଉଛି । ଏସବୁନୀତି ବିରୁଦ୍ଧରେ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ । ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ଡାକ୍ତର ପ୍ରମୋଦ ମଲ୍ଲିକ, ମେୟର ସୁବାସ ସିଂହ, ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରଫୁଲ୍ଲ ବେହେରା, ଶିଶିର ପରିଜା ଓ ସୟଦ ଏକ୍ରାମ ହୁସେନଙ୍କ ସମେତ ଅନେକ ବରିଷ୍ଠ ନେତା, କର୍ପୋରେଟର ଓ ବ୍ଲକ ସଭାପତିମାନେ ଉପସ୍ଥିତ ଥିଲେ । ସମସ୍ତ ନେତୃମଣ୍ଡଳୀ ଆସନ୍ତା ୧୩ ତାରିଖର ବିକ୍ଷୋଭ ସମାବେଶକୁ ସଫଳ କରିବାକୁ ସାଧାରଣ ଜନତାଙ୍କୁ ନିବେଦନ କରିଛନ୍ତି । ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ ସିଂହ ଧନ୍ୟବାଦ ଦେଇଥିଲେ ।

## ଆଧୁନିକ ସମାଜରେ ବଡ଼ ପ୍ରଶ୍ନ

# କେବେ ମିଳିବ ମାନସିକ ଅନଗ୍ରସରଙ୍କୁ ଆଶ୍ରା

ନିଶ୍ଚିନ୍ତକୋଇଲି,୮।୨(ସମିସ)

ଆଧୁନିକତା ଓ ପ୍ରଗତିର ଦାୟିତ୍ୱ ମଧ୍ୟରେ ସଭ୍ୟ ସମାଜର ଏକ କରୁଣ ଚିତ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଦେଖାଯାଉଛି। ଦିନକୁ ଦିନ ମାନସିକ ଅନଗ୍ରସର ବ୍ୟକ୍ତିଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ପାଉଥିବା ବେଳେ ଅନେକ ବୃଦ୍ଧବୃଦ୍ଧା ଏବଂ ଯୁବକଯୁବତୀ ମାନସିକ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଅତି ଅସହାୟ ଅବସ୍ଥାରେ ପଡ଼ି ରହୁଛନ୍ତି। ଖରା, ବର୍ଷା ଓ କାକର ଶୀତରେ ସେମାନଙ୍କ ଜୀବନ ଅତି ଦୟନୀୟ ହୋଇପଡ଼ିଥିବା ବେଳେ କୌଣସି ସରକାରୀ ଆଶ୍ରୟସ୍ଥଳ ବା ଚିକିତ୍ସାର ବ୍ୟବସ୍ଥା ନ ହେବା ବିବେକୀ ସମାଜ ପାଇଁ ଲଜ୍ଜାର ବିଷୟ ପାଲଟିଛି। ପ୍ରତ୍ୟେକ ମଣିଷ ଦେହରେ ଭଗବାନ ବାସ କରନ୍ତି ବୋଲି ଆମ ସଂସ୍କୃତି କହୁଥିବା ବେଳେ ଏହି ନିରାଶ୍ରୟ ଜୀବନଗୁଡ଼ିକର ଦୁର୍ଦ୍ଦଶା ଆଜି ମାନବିକତା ଉପରେ ବଡ଼ ଧରଣର ପ୍ରଶ୍ନ ଚିହ୍ନ ଲଗାଇଛି।



ଏହି ଅସହାୟ ବ୍ୟକ୍ତିମାନେ ଦାରୁଣ ଦୁଃଖରେ ଜୀବନ ବିତାଉଛନ୍ତି। ଭୋକର ଜ୍ୱାଳାରେ ଅନେକ ସମୟରେ ସେମାନେ ଅଳିଆ ଆବର୍ଜନା କୁଣ୍ଡରୁ ଖାଦ୍ୟ ସଂଗ୍ରହ କରୁଛନ୍ତି କିମ୍ବା ଦୋକାନୀମାନେ ଫିଙ୍ଗି ଦେଇଥିବା ଖାଦ୍ୟ ଖାଇ ନିଜ ପେଟ ପୂରାଉଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ଉଲଗ୍ନ ଅବସ୍ଥାରେ ରହୁଥିବା ବେଳେ ଆଉ କେତେକ ଚିରାଫଟା ଅପରିଷ୍କାର ପୋଷାକ ପିନ୍ଧି ସମାଜର ମୁଖ୍ୟସ୍ରୋତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ରହିଛନ୍ତି। ପରିବାର ଲୋକେ ସେମାନଙ୍କୁ ପରିତ୍ୟାଗ କରିବା ପରେ ପ୍ରଶାସନ ମଧ୍ୟ ଏମାନଙ୍କ ଦାୟିତ୍ୱ ନେବାକୁ ପଛଘୁଞ୍ଚା ଦେଉଛି। କେତେକ ମାନସିକ ଅନଗ୍ରସର ବ୍ୟକ୍ତି ଉଗ୍ର ରୂପ ଧାରଣ କରି ପଥଚାରୀ ଓ ଛୋଟ ପିଲାଙ୍କୁ ଗୋଡ଼ାଇ ଭୟଭୀତ କରୁଥିବାର ନଜିର ରହିଛି, ଯାହାଫଳରେ ସ୍କୁଲ ପିଲା ଓ ବାଟୋଇମାନେ ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ମାନସିକ ବିକାରଗ୍ରସ୍ତ ରାସ୍ତାକଡ଼ରେ ଛଟପଟ ହୋଇ ମୃତ୍ୟୁବରଣ କରୁଛନ୍ତି ତ ଆଉ କେତେକ ଦ୍ରୁତଗାମୀ ଗାଡ଼ି ଚକା ତଳେ ପ୍ରାଣ ହରାଉଛନ୍ତି। ସେମାନଙ୍କୁ ଚିହ୍ନଟ କରି ସରକାରୀ ଆଶ୍ରୟସ୍ଥଳରେ ଥଇଥାନ କରିବା ସହ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇଦେବା ଜରୁରୀ ହୋଇପଡ଼ିଛି। ବ୍ଲକ କିମ୍ବା ଜିଲ୍ଲା ପ୍ରଶାସନ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ସହଯୋଗରେ ଏମାନଙ୍କୁ ଜରାଶ୍ରମ କିମ୍ବା ମାନସିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଲେ ସେମାନେ ସମ୍ମାନର ସହ ବଞ୍ଚିବାର ସୁଯୋଗ ପାଇପାରନ୍ତେ। ଏହି ନିରୀହ ଜୀବନଗୁଡ଼ିକ ଉପରେ ପ୍ରଶାସନର ଶୁଭଦୃଷ୍ଟି ପଡ଼ି ସମସ୍ୟାର ଏକ ସ୍ଥାୟୀ ସମାଧାନ ହେବା ନେଇ ବୁଦ୍ଧିଜୀବୀ ମହଲରେ ଦାବି ଜୋର ଧରିଛି।

## ଅଟଳ ସେନା ପକ୍ଷରୁ ମଧୁବାବୁଙ୍କ ଶ୍ରାଦ୍ଧଦିବସ

ସାଲେପୁର,୮।୨(ସମିସ): ଅଟଳ ସେନା ଓଡ଼ିଶା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୨ତମ ଶ୍ରାଦ୍ଧଦିବସ ସାଲେପୁର ଶାରଳା ମଣ୍ଡପରେ ଅଟଳ ସେନାର ଉପଦେଷ୍ଟା ପ୍ରଫେସର ଦୀନବନ୍ଧୁ ରାଉତଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମଧୁବାବୁ ଏକ ଉଚ୍ଚାଙ୍ଗ ବ୍ୟକ୍ତି ଶୀର୍ଷକ ଆଲୋଚନାଚକ୍ରକୁ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ଓଝା ଉଦ୍‌ଘାଟନ କରିଥିଲେ। ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ଉମେଶଚନ୍ଦ୍ର ପତି, ମୁଖ୍ୟବକ୍ତା ଭାବରେ ସେନା ଚିନ୍ତନ ପରିଷଦର ଉପାଧ୍ୟକ୍ଷ ପ୍ରଭାତ କିଶୋର ନାୟକ, ପ୍ରତାପ କିଶୋର ମିଶ୍ର, ଡଃ ଚିତ୍ତରଞ୍ଜନ ପଣ୍ଡା, ଶିକ୍ଷାବିତ୍ ମୀନକେତନ ଛାଟୋଇ, ଭିକାରୀ ଚରଣ ବେହେରା, ଅଧିବକ୍ତା ପୁଷ୍ପାଞ୍ଜଳି ପଣ୍ଡା, ମାନସ ରଞ୍ଜନ ଦାଶ, ହେମନ୍ତ ନନ୍ଦ ଅଂଶଗ୍ରହଣ କରିଥିଲେ। ସଂଗଠନ ସଂପାଦକ ରବିନ୍ଦ୍ର ବେହେରା, ଉପଦେଷ୍ଟା ବିପିନ ବିହାରୀ କର, ସଂପାଦିକା ବିଜୟିନୀ ନାୟକ, କୋଷାଧ୍ୟକ୍ଷ ପ୍ରଦୀପ୍ତ ବିଶ୍ୱାଳ, ପ୍ରଫୁଲ୍ଲ ଜେନା, ଜୟନ୍ତୀ ସେଠୀ, କୌଶଲ୍ୟା ରାଉଳ, ଅନନ୍ତ ଚରଣ ଦାଶ, ଅଶ୍ୱିନୀ ମହାପାତ୍ରଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ଚୌଧୁରୀ ଧ୍ରୁବାନନ୍ଦ ଶରଣ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷାବିତ୍ ଅଶୋକ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ବିଭିନ୍ନ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ

### ରାମକୃଷ୍ଣପୁର-ଓସ୍ତପୁର ଉଚ୍ଚ ବିଦ୍ୟାଳୟ



ନିଶ୍ଚିନ୍ତକୋଇଲି,୮।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର-ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ପ୍ରଧାନଶିକ୍ଷକ ନିମାଇଁ ଚରଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ. ତରୁଲତା ଦେବୀ, ମୁଖ୍ୟବକ୍ତା ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଲକ୍ଷ୍ମଣ ଲେଙ୍କା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାହୁ, ମନୋରଞ୍ଜନ ସ୍ୱାଇଁ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ରମେଶଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଚିତ୍ତରଞ୍ଜନ ପ୍ରଧାନଙ୍କ ସଂଯୋଜନାରେ ଶିକ୍ଷକ ମନୋଜ ଓଝା, ଚିତ୍ତରଞ୍ଜନ ଦଳାଇ, ସୋନୁରାଣୀ ସ୍ୱାଇଁ, ରୋମାଲିନ୍ ନାୟକ, ଶୁଭଶ୍ରୀ ନାୟକ, ତନୁଶ୍ରୀ ନାୟକ ସହଯୋଗ କରିଥିଲେ। ସ୍କୁଲ ଚାମ୍ପିଅନ ନିହାର ରଞ୍ଜନ ସ୍ୱାଇଁ ଓ କ୍ରୀଡ଼ା ଚାମ୍ପିଅନ ଭାବେ ରାହୁଲ ଦାସ, ଶୁଭଶ୍ରୀ ସେଠୀ ଏବଂ ଦଶମ ଶ୍ରେଣୀରେ ଏ-୧ ଗ୍ରେଡ୍ ପାଇଥିବା ଆକାଂକ୍ଷା ଭୂୟାଁଙ୍କ ସମେତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳ ଶିକ୍ଷୟିତ୍ରୀ କଳ୍ପନା ମହାନ୍ତି ଧନ୍ୟବାଦ ଦେଇଥିଲେ।

### କଲ୍ୟାଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ମାହାଙ୍ଗା: କୁହୁଣ୍ଡା ପଞ୍ଚାୟତ ଶତାୟୁ ଶିକ୍ଷାନୁଷ୍ଠାନ କଲ୍ୟାଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୌଦାମିନୀ ଶରଣଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୁରାତନ ଛାତ୍ର ସଂଘ ସଭାପତି ସାମ୍ବାଦିକ ଅଖିଳେଶପଦ ମହାନ୍ତି, ମୁଖ୍ୟବକ୍ତା ପୂର୍ବତନ ସରପଞ୍ଚ ହେମନ୍ତ ପ୍ରଧାନ, ସମ୍ମାନିତ ବକ୍ତା ସ୍କୁଲ ଶିକ୍ଷା କମିଟି ସଭାପତି ଶରତ ବେହେରା, ସମ୍ମାନିତ



ଅତିଥି ସାମ୍ବାଦିକ ବିଜୟ ଜେନା, ଶିକ୍ଷୟିତ୍ରୀ ସବିତା ଦାସ, ଶିକ୍ଷୟିତ୍ରୀ ନୀଳାଶ୍ରୀ ନିରୋଜା ନଳିନୀ, ଶିକ୍ଷୟିତ୍ରୀ ମମତା ସାମଲ, ଶିକ୍ଷୟିତ୍ରୀ ସୁବର୍ଣ୍ଣା ମଞ୍ଜରୀ ମଲ୍ଲିକ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ସିଂ, ଭାରତୀ ବେହେରା, ନିବେଦିତା ଶରଣ ପ୍ରମୁଖ ଉପସ୍ଥିତ ଥିଲେ। କନିଷ୍ଠ ବିଭାଗରେ ସ୍ୱାଧୀନ ପୃଷ୍ଟି ଏବଂ ବରିଷ୍ଠ ବିଭାଗରେ ଜୁନେଦ ଖାଁ ଚାମ୍ପିଅନ ହୋଇଥିଲେ। ପୁରାତନ ଛାତ୍ର ହେମନ୍ତ ବେହେରା, ଯୁବ ସଂଗଠକ ଗଣେଶଚନ୍ଦ୍ର ବିହାରୀ, ସତ୍ୟରଞ୍ଜନ ଦାସ ପରିଚାଳନା କରିଥିଲେ।

## ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବ

### କଳିଙ୍ଗ ବିଦ୍ୟାପୀଠ




ଚୌଦ୍ୱାର,୮।୨(ସମିସ): ପିଏମ୍‌ଶ୍ରୀ କଳିଙ୍ଗ ନୋଡ଼ାଲ ବିଦ୍ୟାପୀଠର ବାର୍ଷିକୋତ୍ସବ ଓ ଅଲମ୍ପିକବାଦ କାର୍ଯ୍ୟକାରିତା (ଓଭିଇପି) ଦିବସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଇମ୍ଫାର ବରିଷ୍ଠ ପ୍ରଶାସକ ସୁନୀଲ ଦାସ, ବିଇଓ ପ୍ରଭାତ ନାୟକ, ପରିଚାଳନା କମିଟି ଅଧ୍ୟକ୍ଷ ବିକାଶ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ଣରେ ଆୟୋଜିତ ଉତ୍ସବ ସଭାରେ ବିଧାୟକ ସୌଭିକ୍ ବିଶ୍ୱାଳ, ପ୍ରାଥମିକ ଶିକ୍ଷା ବିଭାଗ ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନାୟକ, ଟେଟ୍ରାହେଡ୍ରନ୍ କଲେଜର ମୁଖ୍ୟ ତ୍ରିଦେବ ବେହେରା, ପୌରଉପାଧ୍ୟକ୍ଷ ତଥା ବିଦ୍ୟାଳୟ ଆଲୁମନି କମିଟି ସଭାପତି ଶୁଭେନ୍ଦୁ ସାମଲ, କାଉନ୍‌ସିଲର ଆଶୁତୋଷ ଦାସ, ପ୍ରଶାନ୍ତ ବରାଳ, ଭାସ୍କରଚନ୍ଦ୍ର ପ୍ରଧାନ, ଗୋକୁଳି ସାହୁ, ଶିକ୍ଷାବିତ୍ ମେଘମାଳା ବିଶ୍ୱାଳ, ସୁଚିତ୍ରା ବେହେରା, ଉତ୍ତମ ସ୍ୱାଇଁ ପ୍ରମୁଖ ଅତିଥି ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସୋନାଲୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ପଞ୍ଚାନନ ମଲ୍ଲ, ପ୍ରଦୀପ୍ତ ପଣ୍ଡା, କଳ୍ପଲତା ସ୍ୱାଇଁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପିପି ମହାବିଦ୍ୟାଳୟ

ନିଶ୍ଚିନ୍ତକୋଇଲି: ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟର ୪୨ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ତରୁଲତା ଦେବୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ମୁଖ୍ୟବକ୍ତା ଉତ୍କଳ ସାହିତ୍ୟ ସମାଜର ସଂପାଦକ ରାଜୀବ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ରଶ୍ମିରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। କଲେଜ ପ୍ରଶାସନିକ ଅଧିକାରୀ ତଥା ଉପଦେଷ୍ଟା ଅଧ୍ୟାପକ ଡ.



ପଦ୍ମଲୋଚନ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ସହ ଉପଦେଷ୍ଟା ଅଧ୍ୟାପକ ଡ. ଅଲେଖଚନ୍ଦ୍ର ସାମଲ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କଲେଜ ପ୍ରତିଷ୍ଠା ପାଇଁ ଜମିଦାନ କରିଥିବା ସମାଜସେବୀ ପୀତାମ୍ବର ସାହୁଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରାଯାଇଥିଲା। ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସହଉପଦେଷ୍ଟା ପ୍ରଦୀପ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

## ୧୯୭୨ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମାବେଶ



ନିଶ୍ଚିନ୍ତକୋଇଲି,୮।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଖଣ୍ଡାୟତ ପଟକିରା ଉଚ୍ଚ ବିଦ୍ୟାଳୟ ୧୯୭୨ ମାଟ୍ରିକ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ଏକ ସମାବେଶ ଲୁଣାନଦୀ ତଟସ୍ଥ ମା' ହରଚଣ୍ଡୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଦିବଙ୍ଗତ ୨ ଜଣ ଛାତ୍ର ଭରତଚନ୍ଦ୍ର ରାଉତ ଓ ଦିବାକର ଭଞ୍ଜଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରାଯାଇଥିଲା। ମୁରଲୀଧର ବଳଙ୍କ ସଂଯୋଜନାରେ ପ୍ରତାପ କିଶୋର ମହାନ୍ତି, ଶରତଚନ୍ଦ୍ର ଦାସ, ମନୋରମା ନାୟକ, ମୀନଚନ୍ଦ୍ର ରାଉତରାୟ, ତିଲୋତ୍ତମା ପତି, ଗୋପୀନାଥ ସିଂ, ଗୋପାଳ ବିଶ୍ୱାଳ, ନାରାୟଣ ବେହେରା, ବଟ ଗୋଚ୍ଛାୟତ, କ୍ଷୀରୋଦବାଳା ନାୟକ, ରଙ୍ଗଲତା ନାୟକ, ବାସୁଦେବ ପରିଡା, ରମେଶଚନ୍ଦ୍ର ମହାପାତ୍ର ବିଭିନ୍ନ ସାମାଜିକ କାର୍ଯ୍ୟରେ ସମୂହ ସହଯୋଗ କରିବା ନିମନ୍ତେ ଆଲୋଚନା କରିଥିଲେ। ସହପାଠୀମାନେ ପରସ୍ପର ମଧ୍ୟରେ ବିଦ୍ୟାଳୟ ଜୀବନର ସ୍ମୃତି ଓ ଅନୁଭୂତିକୁ ମନେ ପକାଇଥିଲେ।

## ପ୍ରାଥମିକ ଶିକ୍ଷକ ତାଲିମ ଶିବିର

ଚୌଦ୍ୱାର,୮।୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ପ୍ରାଥମିକ ଶିକ୍ଷକଙ୍କ ପାଞ୍ଚଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ନୋଡ଼ାଲ ହାଇସ୍କୁଲରେ ଆୟୋଜିତ ଏହି ଶିବିରରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟ ପୁସ୍ତକ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ବାଲି ଚତୁରୀ, କଳିଙ୍ଗ ବିଦ୍ୟାପୀଠ, ମାଧପୁର, ହରିଅନ୍ତା, ଝୋଟେଶ୍ୱର, ଶଙ୍କରପୁରର ଗାନ୍ଧୀ ବିଦ୍ୟାପୀଠ, ମାତୃସେବା କ୍ଲଷ୍ଟର, ଦେବୀନଗର କ୍ଲଷ୍ଟରର ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ। ରାଜେଶ ନାୟକ, ହରିହର ମିଶ୍ର, ଦୁଃଶାସନ ସାହୁ, ପ୍ରକାଶ ନାୟକ ପ୍ରମୁଖ ସାଧନ କର୍ମୀ ଭାବେ କାର୍ଯ୍ୟ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଶିବିରାର୍ଥୀ ଓ ଶିବିରାର୍ଥିନୀଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ୧୦ରେ ଜାତୀୟ କୃମିନାଶକ ଦିବସ



ବଡମ୍ବା,୮।୨(ସମିସ): ବଡମ୍ବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆସନ୍ତା ଫେବୃଆରୀ ୧୦ ତାରିଖ ଜାତୀୟ କୃମିନାଶକ ଦିବସର ପ୍ରସ୍ତୁତି ବୈଠକ ବିଇଓ ତ୍ରିଲୋଚନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବର୍ଷର ଫେବୃଆରୀ ୧୦ ଓ ଅଗଷ୍ଟ ୧୦ରେ ଏହି କାର୍ଯ୍ୟକ୍ରମ ହେଉଥିବା ବେଳେ ବଡମ୍ବା ମଣ୍ଡଳ ଶିକ୍ଷାନୁଷ୍ଠାନରେ ୧୦ ତାରିଖ ଏବଂ ବଳକା ଛାତ୍ରଛାତ୍ରୀଙ୍କୁ ଫେବୃଆରୀ ୧୭ ତାରିଖରେ କୃମିନାଶକ ଦେବା ପାଇଁ ମାଣିଆବନ୍ଧ ଡାକ୍ତରଖାନାର ଜନମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶରତଚନ୍ଦ୍ର ଖୁଣ୍ଟିଆ ଆଲୋଚନା କରିଥିଲେ। ୧୪୩ଟି ବିଦ୍ୟାଳୟର ପ୍ରଧାନଶିକ୍ଷକଶିକ୍ଷୟିତ୍ରୀ ସହ ମଣ୍ଡଳ ସହ ଶିକ୍ଷାଧିକାରୀ ଶିବପ୍ରସାଦ ବ୍ରହ୍ମା ଓ କୈଳାସଚନ୍ଦ୍ର ବେହେରା, ବିଶ୍ୱଜିତା ଚୌଧୁରୀ, ସରୋଜ ମିଶ୍ର, ଚିତ୍ତରଞ୍ଜନ ପ୍ରଧାନ, ମନୋଜ ରଥ, ବିଜୟ ମଲିକ, ଶ୍ରୀକାନ୍ତ ମିଶ୍ର, ବିଘ୍ନେଶ୍ୱର ସୋରେନ, ମାନସୀ ମଞ୍ଜରୀ ସେଠୀ, ପ୍ରଦୀପ୍ତ ଚୌଧୁରୀ ଉପସ୍ଥିତ ଥିଲେ। ରମେଶଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ଶୈଳବାଳା ଦେବୀଙ୍କ ସ୍ମୃତିସଭା



ନିଶ୍ଚିନ୍ତକୋଇଲି,୮।୨(ସମିସ): ବଡ଼କ୍ଷୀର ପଞ୍ଚାୟତ ଗୋପପୁର ଗ୍ରାମର ସମାଜସେବୀ ସ୍ୱର୍ଗତ ବନମାଳି ପଣ୍ଡାଙ୍କ ଧର୍ମପତ୍ନୀ ଶୈଳବାଳା ଦେବୀଙ୍କ ଦ୍ୱାଦଶରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଅଧ୍ୟାପକ ପ୍ରଶାନ୍ତ ପଣ୍ଡାଙ୍କ ପୌରୋହିତ୍ୟରେ ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କାପ, ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ସମିତିସଭ୍ୟ ପ୍ରଦୋଷ ସାହୁ, ଚିକିତ୍ସକ ପ୍ରଦୀପ୍ତ ପଣ୍ଡା, ସାହିତ୍ୟିକ ତନ୍ମୟ କିଶୋର ଦାସ, ବଂଶୀଧର ପଣ୍ଡା, ପରମାନନ୍ଦ ପଣ୍ଡା, ରତ୍ନାକର ପଣ୍ଡା ଶୈଳବାଳା ଦେବୀଙ୍କ ଆଧ୍ୟାତ୍ମିକ ଓ ସାମାଜିକ ଚଳଣି ସଂକ୍ରାନ୍ତରେ ଆଲୋଚନା କରିଥିଲେ।

## ଅଗ୍ନିଷ୍ଟୋମ ନାରାୟଣୀ ଯଜ୍ଞର ପୂର୍ଣ୍ଣାହୁତି



ନିଶ୍ଚିନ୍ତକୋଇଲି,୮।୨(ସମିସ): ବରାଦୋ ପଞ୍ଚାୟତ ପାଟପୁର ଗ୍ରାମର ଆରାଧ୍ୟ ଶ୍ରୀ ଶ୍ରୀ ଶଙ୍କରେଶ୍ୱର ମହାଦେବଙ୍କ ୭୯ତମ ବାର୍ଷିକ ଅଗ୍ନିଷ୍ଟୋମ ନାରାୟଣୀ ଯଜ୍ଞ ୭ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ନିରଞ୍ଜନ ଶତପଥୀ ଏବଂ ତାଙ୍କ ସହଯୋଗୀଙ୍କ ଦ୍ୱାରା ଯଜ୍ଞ ଆହୁତିରେ କର୍ତ୍ତା ରହିଥିଲେ ଚୌଧୁରୀ ଦେବାଶିଷ ନନ୍ଦ ଏବଂ ହିରଣ୍ମୟୀ ନନ୍ଦ। ଯଜ୍ଞ ପରିଚାଳନା କମିଟିର ସଭାପତି ଚୌଧୁରୀ ଉମାକାନ୍ତ ନନ୍ଦଙ୍କ ସଭାପତିତ୍ୱରେ ସଂପାଦକ ବିଭୂତି ଭୂଷଣ ସାମଲ, କୋଷାଧ୍ୟକ୍ଷ ରସାନନ୍ଦ ସାମଲଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ। ଶଙ୍କରେଶ୍ୱର ଡ୍ରାମାଟିକ୍ କ୍ଲବ ପକ୍ଷରୁ ଭାଇଭଉଣୀର ନୂଆ କାହାଣୀ ଏବଂ ଭଦ୍ରକିଆ ଟୋକା ଦୁଇଟି ସାମାଜିକ ନାଟକ ପରିବେଷଣ କରାଯାଇଥିଲା। ପ୍ରତ୍ୟେହ ଅନ୍ନପ୍ରସାଦର ବ୍ୟବସ୍ଥା ସହ ଶ୍ରଦ୍ଧାଳୁମାନେ ପୂର୍ଣ୍ଣାହୁତିରେ ସାମିଲ ହୋଇଥିଲେ।

## ଶିକ୍ଷକ ତାଲିମ ଶିବିର



ଆଠଗଡ଼,୮।୨(ସମିସ): ଆଠଗଡ ବ୍ଲକ ଖୁଣ୍ଟକଟା ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ର ୮୦ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପାଞ୍ଚଦିନ ଧରି ଚାଲିଥିବା ଏହି ତାଲିମ ଶିବିରକୁ ବ୍ଲକ ଶିକ୍ଷାଧିକାରୀ କବିରାଜ ଜେନା ଓ ବିଆର୍‌ସିସି ରଞ୍ଜିତ ମହାନ୍ତି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଖୁଣ୍ଟକଟା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରସାନନ୍ଦ ଘଡେଇ ଯୋଗଦେଇଥିଲେ। ୨୦୨୬ ଶିକ୍ଷାବର୍ଷରୁ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ପୁସ୍ତକଗୁଡିକରେ କି ପ୍ରକାର ପରିବର୍ତ୍ତନ ଆସିଛି ସେ ସମ୍ବନ୍ଧରେ ରାଜ୍ୟସ୍ତରରେ ତାଲିମପ୍ରାପ୍ତ ପ୍ରଶିକ୍ଷକ ପ୍ରକାଶଚନ୍ଦ୍ର ମହାପାତ୍ର, ବିପିନ ବିହାରୀ ପୃଷ୍ଟି, ସୁଧୀର ସାହୁ ତାଲିମ ଦେଇଥିଲେ। ଉଦଯାପନୀ ଦିବସରେ ଏବିଇଓ ମୁରଲୀଧର ସାହୁ ଯୋଗଦେଇଥିବା ବେଳେ ଖୁଣ୍ଟକଟା ସିଆର୍‌ସିସି ବିଭୂତି ଭୂଷଣ ବେହେରା ସହଯୋଗ କରିଥିଲେ।

## ୪୪ ମଣ୍ଡଳ ରାଜଦୋଳ ସମିତିର ପ୍ରସ୍ତୁତି ବୈଠକ

ଚୌଦ୍ୱାର,୮।୨(ସମିସ): ୪୪ ମଣ୍ଡଳ ରାଜଦୋଳ ସମିତିର ପ୍ରସ୍ତୁତି ବୈଠକ ଚୌଦ୍ୱାରରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଦୀପକ ମଙ୍ଗରାଜଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଅଞ୍ଚଳରେ ଅନୁଷ୍ଠିତ ହେଉଥିବା ମୋଟ ୫ଟି ମେଲଣ ଯାତ୍ରାର ଦିନ ନିର୍ଘଣ୍ଟ ସ୍ଥିର କରାଯାଇଥିଲା। ଫେବୃୟାରୀ ୨୭ରେ ଆଗ୍ରାହାଟ ମେଲଣ, ୨୮ରେ ଜଗତପୁର ମେଲଣ, ମାର୍ଚ୍ଚ ୧ରେ ଗୋଡ଼ିପାଟଣା ମେଲଣ, ୩ରେ ଚୌଦ୍ୱାର ମେଲଣ ଓ ୪ରେ ଫକୀରପୁର ମେଲଣ ଆୟୋଜନ କରାଯିବା ବୈଠକରେ ସ୍ଥିର କରାଯାଇଥିଲା। ୪୪ ମଣ୍ଡଳ ସମିତି ଉପସଭାପତି ହରିହର ପଣ୍ଡା, ସମ୍ପାଦକ ଚୌଧୁରୀ, ରବୀନଚନ୍ଦ୍ର ସୁବୁଦ୍ଧିରାୟ, ଭାଗୀରଥି ବେଉରା, ହେମନ୍ତ ବିଶ୍ୱାଳଙ୍କ



ନବ ସାହୁ, ଶିବଶଙ୍କର ସାହୁ, ଭାବଗ୍ରାହୀ ପଣ୍ଡା, ପ୍ରକାଶ ପଣ୍ଡା, ଚନ୍ଦ୍ରମୋହନ ସମେତ ସମସ୍ତ ମାର୍ଫତଦାର ଉପସ୍ଥିତ ଥିଲେ।

## ମାହାଙ୍ଗା ମହିଳା କଲେଜ ବାର୍ଷିକ ଉତ୍ସବ

# ଶ୍ରେଣୀଗୃହର ଶିଳାନ୍ୟାସ

ଭଦ୍ରେଶ୍ୱର/ମାହାଙ୍ଗା,୮।୨(ସମିସ):

ପଲ୍ଲୀସାହିସ୍ଥିତ ମାହାଙ୍ଗା ମହିଳା ମହାବିଦ୍ୟାଳୟର ୪୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଭିତ୍ତିଭୂମି ବିକାଶ ଅନୁଦାନରେ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବେ ଶୁଭ ଶିଳାନ୍ୟାସ କରିଥିଲେ। ଉତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ଦେବେନ୍ଦ୍ରନାଥ ବାରିକ ମୁଖ୍ୟବକ୍ତା ଭାବେ ଏବଂ ପୂର୍ବତନ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ରଞ୍ଜିତ କୁମାର ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ମନସ୍ୱିନୀ କର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପିକା କବିତା ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ।



ଏହି ଅବସରରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ପ୍ରମିଳା ରାଉତ ଧନ୍ୟବାଦ ଦେଇଥିଲେ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୧୨ଜଣିଆ ମହିଳା ହ୍ୟାଣ୍ଡବଲ୍ ଦଳର ମେଘାଳୟ ଗସ୍ତ



ବ୍ରହ୍ମପୁର,୮।୨(ସମିସ): ଆସନ୍ତା ୧୧ରୁ ୧୪ ପର୍ଯ୍ୟନ୍ତ ମେଘାଳୟର ଠାରେ ଇଷ୍ଟ ଜୋନ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୧୨ଜଣିଆ ମହିଳା ଦଳ ମେଘାଳୟ ଅଭିମୁଖେ ଯାତ୍ରା କରିଛନ୍ତି। ଦଳରେ ଅଙ୍କିତା ପଟ୍ଟନାୟକ, ପି. ଐଶ୍ୱର୍ଯ୍ୟା ରାଓ, ଜି. ଜ୍ୟୋତି ପାତ୍ର, ଶୁଭଲକ୍ଷ୍ମୀ ବେହେରା, ସ୍ୱାଗତିକା ପାତ୍ର, ଜି. ତନୁଜା, ଡି. ପ୍ରଭା, ସ୍ପନ୍ଦନା ମହାନ୍ତି, ବିଜୟିନି ମହାପାତ୍ର, ସନ୍ତୋଷିନୀ ଦାଶ, ସ୍ୱପ୍ନା ମାନ୍ଦାଙ୍ଗି ଓ ସାବିତ୍ରୀ ନାୟକ ସ୍ଥାନ ପାଇଛନ୍ତି। ମ୍ୟାନେଜର ଭାବେ ସୁଧାଂଶୁ ଅଗସ୍ଥି ଓ କୋଚ ଭାବେ ମୈତ୍ରୀ ଦାଶ ଦଳ ସହିତ ଯାତ୍ରା କରିଛନ୍ତି। ଦଳରେ ସମସ୍ତ ଖେଳାଳିଙ୍କ ମଧ୍ୟରେ ସମନ୍ୱୟ ଓ ନିୟମିତ ଅଭ୍ୟାସ ଚାଲିଥିବାରୁ ପ୍ରତିଯୋଗିତାରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଆଶା ରଖାଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କ୍ରୀଡ଼ା ପରିଷଦର ସମ୍ପାଦକ ପ୍ରଫେସର ଧ୍ରୁବ ଚରଣ ପଣ୍ଡା, ଏନ୍ଆଇଏସ୍ କୋଚ ପ୍ରଶାନ୍ତ କୁମାର ରଥ, ଆନ୍ତର୍ଜାତୀୟ ଖେଳାଳି ବି. ସନ୍ଦୀପ ପାତ୍ର, ଜିଲ୍ଲା ହ୍ୟାଣ୍ଡବଲ ସଂଘର ସମ୍ପାଦକ ସୁରେଶ ଚନ୍ଦ୍ର ପାଢୀ ଓ ରାଜେଶ ମହାନ୍ତି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ଆଇନଜୀବୀଙ୍କୁ ମାଡ଼ ମାରି ଲୁଟ୍ ଘଟଣା

# ଅଭିଯୁକ୍ତକୁ କୋର୍ଟଚାଲାଣ; କାତି ଜବତ

ବ୍ରହ୍ମପୁର,୮।୨(ସମିସ): ଆଇନଜୀବୀ ବାଳକୃଷ୍ଣ ଚୌଧୁରୀଙ୍କୁ ଗତ ୧ତାରିଖ ରାତିରେ ତାଙ୍କ ଅଫିସ ଭିତରେ ମରଣାନ୍ତକ ଆକ୍ରମଣ ଅଭିଯାଗରେ ପୁଲିସ ଅଭିଯୁକ୍ତକୁ ବାନ୍ଧିଛି। ସେ ହେଲେ ଉକ୍ତ ଗ୍ରାମର ରବୀନ୍ଦ୍ରନାଥ ଭୂୟାଁ (୫୪)। ପୁଲିସ ଘଟଣାବେଳେ ବ୍ୟବହୃତ କାତି ଜବତ କରିଛି। ମାମଲା ନଂ.୪୫/୨୬ରେ ତାଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏଥିରେ



ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛି।

ସୂଚନାଯୋଗ୍ୟ ଯେ, ଗତ ୧ତାରିଖରେ ଜଣେ ଯୁବକ ଉକ୍ତ ଆଇନଜୀବୀ ବାଳକୃଷ୍ଣଙ୍କୁ ତାଙ୍କ ଅଫିସ ପାଖକୁ ଫୋନ କରି ଡାକିଥିଲା। ସେଠାରେ ସେ ପହଞ୍ଚିବା ପରେ ଯୁବକ ଜଣଙ୍କ ଗାଳିଗୁଲଜ କରିବା ସହ ବିଭିନ୍ନ ଧମକ ଦେଇଥିଲା। ଆଇନଜୀବୀଙ୍କ ଅଫିସରେ ଥିବା ନଗଦ ୨୦ହଜାର ଟଙ୍କା ଓ ସେ ପିନ୍ଧିଥିବା ସୁନାମୁଦି ଯୁବକ ଜଣକ ଛଡ଼ାଇ ନେଇ ତାଙ୍କ ମୋବାଇଲଟି ଭାଙ୍ଗି ଦେଇଥିଲେ। ଆଇନଜୀବୀ ଜଣଙ୍କ ୧୧୨କୁ ଫୋନ କରିଥିଲେ। ପୁଲିସ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ସଦର ଥାନାକୁ ନେଇଥିଲେ। ଆଇନଜୀବୀ ଜଣଙ୍କ ନିଜର ଜୀବନ ପ୍ରତି ବିପଦ ଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତ ରବୀନ୍ଦ୍ର ଭୂୟାଁଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି।

# ହତ୍ୟା ଉଦ୍ୟମ ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର,୮।୨(ସମିସ): ନିମଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗ୍ରାମର ବୃନ୍ଦାବନ ପ୍ରଧାନଙ୍କୁ ଗତ ୬ତାରିଖରେ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ କରାଯାଇଥିଲା। ଘଟଣାର ତଦନ୍ତ କରି ପୁଲିସ ଫୁଲଟା ଗ୍ରାମର ପାଣ୍ଡା ପ୍ରଧାନ(୨୮)କୁ ଗିରଫ କରିଛି। ଗିରଫ ପାଣ୍ଡାଠାରୁ ପୁଲିସ ଏକ ଖଣ୍ଡା



ଜବତ କରିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏହି ଆକ୍ରମଣ ହୋଇଥିବା ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ମାମଲା ନଂ.୩୨/୨୬ରେ ପାଣ୍ଡାକୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଥାନା ଅଧିକାରୀ କୃଷ୍ଣ ସାହା କହିଛନ୍ତି। ପ୍ରକାଶ ଯେ, ଫେବୃଆରୀ ୬ ସନ୍ଧ୍ୟାରେ ବୃନ୍ଦାବନ କାମ ସାରି ନିଜ ସାନଭାଇ ସୁରେନ୍ଦ୍ର ପ୍ରଧାନଙ୍କ ଘରକୁ ଯାଉଥିବା ବେଳେ ପାଣ୍ଡା ଓ ତାର ସହଯୋଗୀ ବୃନ୍ଦାବନଙ୍କୁ ଅଟକାଇ ଝଗଡା ଓ ପରେ ଖଣ୍ଡାରେ ଆକ୍ରମଣ କରିଥିଲେ। ତାଙ୍କ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଘଟଣାକୁ ନେଇ ଆହତ ବୃନ୍ଦାବନଙ୍କ ପତ୍ନୀ ସାଇଲ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ।

### ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ବିଜେପିର ସମୀକ୍ଷା

# ମନ୍ତ୍ରୀଙ୍କ ବିରୋଧରେ ଅସନ୍ତୋଷ ଓଗାଳିଲେ ବିଧାୟକ ଓ ନେତା

ବ୍ରହ୍ମପୁର,୮।୨(ସମିସ): ଗଞ୍ଜାମ ଜିଲ୍ଲା ବିଜେପିର ମନୋମାଳିନ୍ୟ କଥା କାହାକୁ ଅଛପା ନାହିଁ। ମନ୍ତ୍ରୀଙ୍କ ସହିତ ସାଂସଦ ଓ ବିଧାୟକଙ୍କ ନ ପଡ଼ିବା କଥା ସମସ୍ତେ ଜାଣିଛନ୍ତି। ଏପରିକି ମନଉଣା କରି ସଭିଁଏ ଗୋଟିଏ ମଞ୍ଚରେ ବି ବସୁନାହାନ୍ତି। ନିକଟରେ ବିତିଥିବା ଗୋପାଳପୁର ମହୋତ୍ସବରେ ସାଂସଦ ଓ କିଛି ବିଧାୟକ ନମିଳିବା ମନ୍ତ୍ରୀଙ୍କ ସହିତ ଜନପ୍ରତିନିଧିଙ୍କ ଦୂରତାକୁ ପଦାରେ ପକାଇଥିଲା। ଗୋଟିଏ ଦଳରେ ଥାଇ ସମସ୍ତେ ଏକ ସୂତାରେ ନଥିବା ସ୍ପଷ୍ଟ ହୋଇଯାଇଥିଲା। କେବଳ ଏହି ମହୋତ୍ସବ ନୁହେଁ ବଜେଟ ପରେ ବିଜେପି ଦଳ ପକ୍ଷରୁ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ବହୁ ବିଧାୟକ ଓ ଜିଲ୍ଲା ସଭାପତିଙ୍କ ଦେଖା ମିଳିନଥିଲା। ବହୁ କାର୍ଯ୍ୟକ୍ରମରେ ଏଭଳି ଭିତିରି ଅସନ୍ତୋଷ ଚାଲିଥିବା ଓ ସାଂସଦ ଓ ମନ୍ତ୍ରୀଙ୍କ ଭିତରେ ମନୋମାଳିନ୍ୟ ଓ ଅସନ୍ତୋଷ ସ୍ପଷ୍ଟ ବାରି ହେଉଥିଲା। ସୋସିଆଲ ମିଡ଼ିଆରେ ବି ବିଜେପି ଦଳର ଫାଟ କଥା ସବୁବେଳେ ପଦେଅଧେ ଦେଖିବାକୁ ମିଳୁଥିଲା।

ଏନେଇ ଗତକାଲି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ରାଜ୍ୟ ସଭାପତି ଓ ଦଳର ଉଚ୍ଚ ପଦାଧିକାରୀଙ୍କୁ ନେଇ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ନିର୍ବାଚିତ ସାଂସଦ, ବିଧାୟକଙ୍କ ସମେତ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିବା ନେତା ବି ସାମିଲ ଥିଲେ। ତେବେ ଏଠାରେ ନେତାମାନେ ମନର କୋହକୁ ଚାପି ପାରିନଥିଲେ। ବିଧାୟକ ଓ ନେତାମାନେ ମନ୍ତ୍ରୀଙ୍କ ବିରୋଧରେ ବିଷୋଦ୍‌ଗାର ଓ ଅସନ୍ତୋଷ ଓଗାଳିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଦୀର୍ଘଦିନ ହେବ ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଅଣଦେଖା ମନ୍ତ୍ରୀଙ୍କ ପରୋକ୍ଷରେ ସରକାରୀ କର୍ମଚାରୀମାନେ ବିଧାୟକଙ୍କ କଥା ନମାନିବା ଆଦି ବିଭିନ୍ନ ସମ୍ପର୍କରେ ଆଲୋଚନା ହୋଇଥିଲା।

> ‘ଫାଟରେ ପ୍ୟାଚ୍ ପଡ଼ିବ ନା ବଢ଼ିବ’ ଚର୍ଚ୍ଚା

ସେହିଭଳି ମୁଖ୍ୟମନ୍ତ୍ରୀଙ୍କ ଗୋପାଳପୁର ବେଳାଭୂମି ମହୋତ୍ସବ ଗସ୍ତ ସମୟରେ ବି ବ୍ରହ୍ମପୁର ସାଂସଦ ଓ ଦୁଇ ବିଧାୟକଙ୍କ ସମେତ ଜିଲ୍ଲା ସଭାପତି ଅନୁପସ୍ଥିତ ଥିବା ତର୍ଜମା ବି ହୋଇଥିଲା। ସେହିଭଳି ଗତ କିଛିଦିନ ପୂର୍ବେ ବଜେଟ ସମ୍ପର୍କିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଓ ଅନ୍ୟ ବିଧାୟକଙ୍କ ଦେଖା ମିଳିନଥିଲା। ଏଣୁ ବୈଠକରେ ବିଧାୟକ ଓ ସାଂସଦ ଓ ନେତାଏଁ ମନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟ ସମ୍ପର୍କରେ ରାଜ୍ୟ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳ ଓ ସଂଗଠନକୁ ସଜାଡ଼ିବାକୁ ରାଜ୍ୟ ସଭାପତି ମତ ଦେଇଥିବା ଜଣାପଡ଼ିଛି। ତେବେ ଆଗାମୀ ଦିନରେ ମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ମଧ୍ୟରେ ଥିବା ଫାଟରେ ‘ପ୍ୟାଚ୍ ପଡ଼ିବ ନା ବଢ଼ିବ’ ତାହା ଦେଖିବାକୁ ବାକି ରହିଲା।



ବ୍ରହ୍ମପୁର ଏମ୍‌କେସିଜିରୁ ବିଶାଖାପାଟଣା ରୋଗୀ ସ୍ଥାନାନ୍ତର ବେଳେ ଆନ୍ଧ୍ର ଶ୍ରୀକାକୁଳମ ଜିଲ୍ଲା ଟେକିଲି ନନ୍ଦିଗାଁ ନିକଟରେ ଦୁର୍ଘଟଣା ଘଟି ୨ ମୃତ

### କାହ୍ନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

# ୨୦ରେ ସାମୂହିକ ବିବାହ ନିଷ୍ପତ୍ତି

ବ୍ରହ୍ମପୁର,୮।୨(ସମିସ): ଷ୍ଟେସନ୍ ରୋଡ ସର୍କିଟ ହାଉସରେ କାହ୍ନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଚଳିତମାସ ୨୦ତାରିଖରେ ଟ୍ରଷ୍ଟ ପକ୍ଷରୁ ଉତ୍ସବ ଗୀତ ଭବନରେ ସାମୂହିକ ବିବାହ ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟ ସଭାନେତ୍ରୀ ରଞ୍ଜନା ମିଶ୍ର ସୂଚନା ଦେଇଛନ୍ତି। ସମାଜରେ ପ୍ରଚଳିତ କୁସଂସ୍କାର ଯୌତୁକ ପ୍ରଥା ଏବଂ ବାଲ୍ୟ ବିବାହ ପ୍ରଥା ଦୂର କରିବା ଏବଂ ବାହାଘର ଯେଉଁ ପରିବାରର ଝିଅ ଓ ପୁଅଙ୍କ ପାଇଁ ସ୍ୱପ୍ନ, ସେମାନଙ୍କ ମୁହଁରେ ହସ ଫୁଟାଇ ଏକ ନୂତନ ବୈବାହିକ ଜୀବନ ଆରମ୍ଭ କରିବା ପାଇଁ ପ୍ରେରଣା ଦେବା ପ୍ରତିବର୍ଷ ପରି ଏହି ସାମୂହିକ ବିବାହ ଉତ୍ସବ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟର ରବୀନ୍ଦ୍ର ନାଥ ମିଶ୍ର, ତରୁଣ କୁମାର ପାଢ଼ୀ ଏବଂ ସୁସ୍ମିତା ଶର୍ମା ଉପସ୍ଥିତ ଥିଲେ।




# ରେଳଯାତ୍ରୀଙ୍କୁ ମାଡ଼ମାରି ଲୁଟ୍; ଫେରାର୍ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୮।୨(ସମିସ): ଜଣେ ଟ୍ରେନ ଯାତ୍ରୀଙ୍କୁ ଗତ ନଭେମ୍ବର ମାସରେ ମାଡ଼ ମାରି ମୋବାଇଲ ଲୁଟ ଘଟଣାରେ ସରକାରୀ ରେଳବାଇ ପୁଲିସ (ଜିଆରପି) ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ବେଲପଡ଼ା ଗ୍ରାମର ରୁଦ୍ର ଦାସ ଓରଫ ତପୁ (୨୧)। ପୂର୍ବରୁ ଗିରଫ ହୋଇଥିବା ଉକ୍ତ ଥାନା ଅଞ୍ଚଳର ପ୍ରଶାନ୍ତ ଜାଲିଙ୍କ ବୟାନ ଆଧାରରେ ଆଜି ତାଙ୍କୁ ଗିରଫ କରାଯାଇଥିବା ପୁଲିସ କହିଛି। ଏହି ଲୁଟେରା ଗ୍ୟାଙ୍ଗର ଅନ୍ୟ ତିନି ସଦସ୍ୟ ଏବେବି ଫେରାର ଅଛନ୍ତି। ସେମାନଙ୍କୁ ଚିହ୍ନଟ କରାଯାଇଛି ଓ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି। ମାମଲା ନଂ.୧୪୫/୨୫ରେ ରୁଦ୍ରଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି।

ପ୍ରକାଶ ଯେ, ଜଟଣୀର ଏ.ଚିନ୍ମୟ କୌଣସି କାମରେ ବ୍ରହ୍ମପୁର ଆସି ଏସଏମଭିଟି ଭାଗଲପୁର ସ୍ୱତନ୍ତ୍ର ଟ୍ରେନରେ ବ୍ରହ୍ମପୁରରୁ ଜଟଣୀ ଫେରୁଥିବାବେଳେ କାଳିଯାଇ ଷ୍ଟେସନରେ ମାତ୍ର ଦୁଇ ମିନଟ ପାଇଁ ଟ୍ରେନ୍ ଅଟକି ଥିଲା। ଏହି ସମୟରେ ଅଭିଯୁକ୍ତ ସହଯୋଗୀଙ୍କ ସହି ମିଶି ଟ୍ରେନରେ ପଶି ତାଙ୍କୁ ମାରପିଟ୍ କରି ଛୁରୀ ଦେଖାଇ ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିଲେ। ଏନେଇ ସେ ଖୋର୍ଦ୍ଧା ଜିଆର୍‌ପି ମାଧ୍ୟମରେ ବ୍ରହ୍ମପୁର ଜିଆର୍‌ପିରେ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ ବେଳେ ୫ଜଣିଆ ଲୁଟେରା ଗ୍ୟାଙ୍ଗର ସମ୍ପୃକ୍ତି ନେଇ ଜାଣିବାକୁ ପାଇଥିଲା। ଗତ ବୁଧବାର ଅଭିଯୁକ୍ତ ତପୁଙ୍କୁ ଗିରଫ କରିଥିଲା ପୋଲିସ।

# ଚେନ୍ନାଇରେ ଓଡ଼ିଆ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ



ଦିଗପହଣ୍ଡି,୮।୨(ସମିସ): ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ ବଜାପଲ୍ଲୀ ଗ୍ରାମର ଏସ୍ ସନ୍ତୋଷ ରେଡ୍ଡୀ(୩୨) ନାମକ ଜଣେ ଦାଦନ ଶ୍ରମିକଙ୍କ ଚେନ୍ନାଇରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ରବିବାର ଅପରାହ୍ନରେ ଗାଁରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସେ କିଛିବର୍ଷ ହେଲା ଚେନ୍ନାଇର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଶନିବାର ସକାଳେ କୌଣସି କାରଣରୁ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସେଠାକାର ରେଳ ଷ୍ଟେସନ ନିକଟ ରାଜୀବ ଗାନ୍ଧୀ ସେଣ୍ଟ୍ରାଲ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ମାତ୍ର ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ କରାଯାଇନଥିବା କାରଣରୁ ତାଙ୍କ ଆକସ୍ମିକ ମୃତ୍ୟୁକୁ ନେଇ ପରିବାର ଲୋକେ ଏବଂ ଗ୍ରାମବାସୀ ସନ୍ଦେହ ପ୍ରକଟ କରିଛନ୍ତି।

# ସର୍ବଭାରତୀୟ ସାଧାରଣ ଧର୍ମଘଟ ସଫଳ ପାଇଁ ବୈଠକ

ବ୍ରହ୍ମପୁର,୮।୨(ସମିସ): ସ୍ଥାନୀୟ ଗିରି ମାର୍କେଟ ସ୍ଥିତ ପ୍ରକାଶମ୍ ହଲରେ ଅଖିଳ ଭାରତ ଟ୍ରେଡ୍ ୟୁନିଅନ କଂଗ୍ରେସ(ଏଆଇଟିୟୁସି) ପକ୍ଷରୁ ଏକ ଜିଲ୍ଲାସ୍ତରୀୟ କନଭେନସନ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ୪ଟି ଶ୍ରମ କୋର୍ଡ ବାତିଲ ସହିତ ବିଭିନ୍ନ ନୀତି ବିରୁଦ୍ଧରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏବଂ ଅନ୍ୟାନ୍ୟ ସ୍ୱାଧୀନ ଶ୍ରମିକ ସଂଗଠନ ମାନଙ୍କ ଆହ୍ୱାନ କ୍ରମେ ଚଳିତ ମାସ ୧୨ ତାରିଖରେ ହେବାକୁ ଥିବା ସର୍ବ ଭାରତୀୟ ସାଧାରଣ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ପାଟଶାଣୀଙ୍କ




ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଯୋଗଦେଇ ଶ୍ରମିକ ସଂଗଠନ ପକ୍ଷରୁ ଶତାଧିକ ବର୍ଷ ଧରି ଆନ୍ଦୋଳନ କରି ହାସଲ କରିଥିବା ମୌଳିକ ଅଧିକାରକୁ କେନ୍ଦ୍ର ସରକାର ଛଡ଼ାଇ ନେଉଥିବା କହିଛନ୍ତି। ଏହାକୁ ବାତିଲ କରିବା ସହିତ କାମ କରିବା ଅଧିକାରକୁ ମୌଳିକ ଅଧିକାର କରିବା, ଏମଜିଏନ୍ଆରଜିର ପୁନଃ ପ୍ରଚଳନ, ସର୍ବନିମ୍ନ ମାସିକ ଦରମା ୨୬ହଜାର କରିବା, ପୁରୁଣା ପେନସନ ଲାଗୁ କରିବା, ବୀମା କ୍ଷେତ୍ରରେ ୧୦୦ ଶତକଡ଼ା ବିଦେଶୀ ପୁଞ୍ଜିନିବେଶ ବନ୍ଦ କରିବା ପ୍ରଭୃତି ଦାବିରେ ଆସନ୍ତା ୧୨ ତାରିଖ ଦିନ ସମଗ୍ର ଗଞ୍ଜାମ ଜିଲ୍ଲାରେ ସାଧାରଣ ଧର୍ମଘଟକୁ ସଫଳ କରିବା ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ଏଆଇଟିୟୁସିର ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରବୀଣ ଦାସ, ବ୍ୟାଙ୍କ କର୍ମଚାରୀ ନେତା ଏ. ସୁଧିର, ଅଙ୍ଗନବାଡି ନେତ୍ରୀ ମମତା ଖୁଣ୍ଟିଆ, ନିର୍ମାଣ ଶ୍ରମିକ ନେତା ଦଣ୍ଡପାଣି ସାମଲ, ପାଚିକା ସଂଘ ନେତା ରାଜେନ୍ଦ୍ର ଦାସ, ସୁବାସିନୀ ବେହେରା, ବୈଦ୍ୟୁତିକ ବୈଷୟିକ କର୍ମଚାରୀ ନେତା ବିଭୂତି ମହାନ୍ତି, ଆସିକା ଚିନି କଳ ଶ୍ରମିକ ନେତା ପ୍ରଦୀପ ସେଠୀ, ଆଶା କର୍ମୀ ନେତ୍ରୀ ସୁବାସିନୀ ବେହେରା ଏବଂ ଅଖିଳ ଭାରତ ଯୁବକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ କାମଦେବ ନାହାକ ଓ ଜିଲ୍ଲା ସଭାପତି ସୁଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଋଷିକୁଲ୍ୟା ନଦୀ ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର ସମ୍ମିଳନୀ

# ପିପଲପଙ୍କା ଜଳଭଣ୍ଡାର ନିର୍ମାଣକୁ ବିରୋଧ

ବ୍ରହ୍ମପୁର,୮।୨(ସମିସ): ଏନ୍‌ଜିଓ ହଲରେ ଋଷିକୁଲ୍ୟା ନଦୀ ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମର ଜୀବନରେଖା ଋଷିକୁଲ୍ୟା ନଦୀର ଉପର ମୁଣ୍ଡରେ ସୋରଡ଼ା ବ୍ଲକର ପିପଲପଙ୍କାଠାରେ ଏକ ଜଳଭଣ୍ଡାର ନିର୍ମାଣ କରିବାକୁ ବର୍ତ୍ତମାନର ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ନଦୀବନ୍ଧ ଜରିଆରେ ଋଷିକୁଲ୍ୟାର ପାଣିକୁ ଶହେ କିମି ଲମ୍ବା ପାଇପ୍ ଲାଇନ୍ ଯୋଗେ ନିଆଯାଇ ଛତ୍ରପୁର ଓ ଗୋପାଳପୁର ଶିଳ୍ପ କରିଡ଼ରରେ ଥିବା ଶିଳ୍ପସଂସ୍ଥାମାନଙ୍କୁ ଦିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଉପର ମୁଣ୍ଡରୁ ପାଣିକୁ କମ୍ପାନୀମାନଙ୍କ ପାଇଁ ନେଇଗଲେ ଋଷିକୁଲ୍ୟା ନଦୀ ଜଳଶୂନ୍ୟ ହୋଇଯିବ ଏବଂ ତା’ ଉପରେ ନିର୍ଭରଶୀଳ ଜିଲ୍ଲାର ଲକ୍ଷାଧିକ ଲୋକଙ୍କ ଚାଷ ପ୍ରଭାବିତ ହେବା ସହ ପିଇବା ପାଣି ସମସ୍ୟା ଦେଖାଦେବ ବୋଲି ଅନୁଷ୍ଠିତ ସମ୍ମିଳନୀରେ କୁହାଯାଇଥିଲା। ନଦୀର ପାଣି ଶୁଖିଗଲେ ଦୁଇପାଶ୍ୱର୍ରେ ଥିବା ଶତାଧିକ ଗ୍ରାମର ଭୂତଳ ଜଳ ହ୍ରାସ ପାଇ ଗ୍ରାମବାସୀଙ୍କ ପାଇଁ ସଙ୍କଟ ସୃଷ୍ଟି ହେବ। ନଦୀର ଜଳ ଉପରେ ନିର୍ଭର କରୁଥିବା ବ୍ରହ୍ମପୁର, ଆସିକା, ପୁରୁଷୋତ୍ତମପୁର, ଛତ୍ରପୁର, ଗଞ୍ଜାମ, ଗୋପାଳପୁର ଆଦି ସହରର ଲକ୍ଷାଧିକ ବାସିନ୍ଦାଙ୍କ ପିଇବା ପାଣି ବ୍ୟବସ୍ଥା ପ୍ରଭାବିତ ହେବ ବୋଲି କମିଟି ଦାବି କରିଛି। ଏହାକୁ ଦୃଷ୍ଟି ରଖି ଋଷିକୁଲ୍ୟାର ସୁରକ୍ଷା ପାଇଁ ଲଗାତାର ଅଭିଯାନ ଜାରି ରହିଛି। ସେହିପରି ଋଷିକୁଲ୍ୟା ନଦୀର ବର୍ତ୍ତମାନର ସ୍ଥିତି ଏବଂ ଅବାଧ ବାଲି ଖନନ ଓ ପ୍ରସ୍ତାବିତ ପିପଲପଙ୍କା ଡ୍ୟାମ୍ ଦ୍ୱାରା କିଭଳି ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି ସେ ନେଇ ଆଲୋଚନା କରାଯାଇଥିଲା।



### ପ୍ରଭାବିତ ହେବ ଚାଷ ଓ ଉତ୍କଟ ହେବ ପାନୀୟ ଜଳ ସମସ୍ୟା

ତେଣୁ ଦଳମତ ନିର୍ବିଶେଷରେ ରାଜନୈତିକ ନେତା, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ସଚେତନ ନାଗରିକ ସମସ୍ତେ ଋଷିକୁଲ୍ୟା ନଦୀର ସୁରକ୍ଷା ପାଇଁ ଆଗେଇ ଆସିବାକୁ ନିବେଦନ କରିଥିଲେ। କମିଟିର ଆବାହକ ସୁଧୀର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, କମିଟିର ସଂଯୋଜକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ବ୍ରହ୍ମପୁର ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, କଂଗ୍ରେସର ଗଞ୍ଜାମ ସଭାପତି(ପୂର୍ବ) ରଶ୍ମୀ ରଞ୍ଜନ ପଟ୍ଟନାୟକ, ସିପିଏମ୍‌ର ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ସିପିଆଇ ନେତା ତଥା ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ଆମ୍ ଆଦମୀ ପାର୍ଟିର ଜିଲ୍ଲା ସମ୍ପାଦକ ଆଦିତ୍ୟ ରଥ, ସିପିଆଇ(ଏମ୍‌ଏଲ୍) ଜିଲ୍ଲା ସମ୍ପାଦକ ଶଙ୍କର ଇନ୍‌କିଲାବ୍, ସିପିଆଇ(ଏମ୍‌ଏଲ୍) ନିଉ ଡ଼େମୋକ୍ରାସୀର ଜିଲ୍ଲା ସମ୍ପାଦକ ପ୍ରତାପ ନାୟକ, ଏସ୍‌ୟୁସିଆଇ(ସି)ର ଜିଲ୍ଲା ସମ୍ପାଦକ ସୋମନାଥ ବେହେରା, ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ମାନବବାଦୀ ହେତୁବାଦୀ ସଂଗଠନର ଜିଲ୍ଲା ସମ୍ପାଦକ କେ. ନନ୍ଦେଶୁ ସେନାପତି, ଗଞ୍ଜାମ ବ୍ଲକର ମତ୍ସ୍ୟଜୀବୀ ନେତା ମାଗତା ବେହେରା, କାଳୀଚରଣ ନାୟକ, ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ ପକ୍ଷରୁ ରାଜେନ୍ଦ୍ର ପଣ୍ଡା, ଗଗନ ଚନ୍ଦ୍ର ମଳିକ, ଡ଼. ବିଧୁପ୍ରଭା ରଥ, କୃଷକ ନେତା ବୃନ୍ଦାବନ ଖଟେଇ, ଶିକ୍ଷାବିତ୍ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ସାମ୍ବାଦିକ ରବି ରଥ ଓ ପୂର୍ବତନ ମନ୍ତ୍ରୀ ରାଘବ ପରିଡ଼ା ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟରେ ଋଷିକୁଲ୍ୟା ନଦୀର ସୁରକ୍ଷା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ।

# ଜରଉ ଘାଟିରେ ଓଲଟିଲା ଭ୍ୟାନ୍; ୧୭ ଆହତ

ମୋହନା,୮।୨(ସମିସ)



ମୋହନା ଥାନା ଜରଉ ଘାଟିରେ ପୁଣି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟାଟା ମ୍ୟାଜିକ ଭ୍ୟାନ୍ ଓଲଟି ୯ ଜଣ ଗୁରୁତର ହୋଇଥିବା ବେଳେ ୮ ଜଣ

## ୯ ଗୁରୁତରଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର

ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବଡ଼ଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ୯ ଜଣଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ସେମାନେ ସମସ୍ତେ ସୋରଡ଼ା ମଧୁରବନ୍ଧ ଗାଁର ବୋଲି ଜଣାପଡ଼ିଛି। ମୋହନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

ପୁଲିସ ସୂଚନା ପ୍ରକାରେ, ଏକ ଟାଟା ମ୍ୟାଜିକ୍ ଭ୍ୟାନରେ ଗଞ୍ଜାମ ଜିଲ୍ଲା ସୋରଡ଼ା ମଧୁରବନ୍ଧ ଗାଁରୁ ଏକ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ମୋହନା ବ୍ଲକ ଜରଉ ନିକଟସ୍ଥ ଖାରିଗୁମ୍ମା ଗାଁକୁ ଯାଉଥିଲେ ୨୫ ରୁ ଅଧିକ ଯାତ୍ରୀ। ଜରଉ ଘାଟିରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ପ୍ରାୟ ୧୦ ଫୁଟ ତଳକୁ ଭ୍ୟାନ ଓଲଟି ପଡ଼ିଥିଲା। ଭ୍ୟାନରେ ଥିବା ୧୭ ଜଣ ଆହତ ହୋଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବଡ଼ଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଖବର ପାଇ ମୋହନା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଏସ୍ଆଇ ନୀଳମାଧବ ରେଢ୍ଡୀ କହିଛନ୍ତି।

**ଶ୍ରୀକଳା ଘାଟିରେ ଦୁର୍ଘଟଣା**

## ବାଇକ୍‌କୁ ଧକ୍କା ଦେଲା ବୋଲେରୋ; ୨ ଗୁରୁତର

ଜି.ଉଦୟଗିରି,୮।୨(ସମିସ): ଜି.ଉଦୟଗିରି ନିକଟ ଶ୍ରୀକଳା ଘାଟି ପାଖରେ ବୋଲେରୋ ଧକ୍କାରେ ୨ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଯୋଗ୍ୟ ଯେ, ଆହତ ଦୁଇ ଜଣ ବାଇକ୍‌ରେ ଯାଉଥିବା ବେଳେ ପଛପଟୁ ଏକ ବୋଲେରୋ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଦମକଳ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀ ମହେଶ୍ୱର ପ୍ରଧାନ ଓ ତାଙ୍କ ଟିମ୍ ପହଞ୍ଚି ଆତହଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। କିନ୍ତୁ ଦୁର୍ଘଟଣା ଘଟାଇଥିବା ବୋଲେରୋ ଘଟଣା ସ୍ଥଳରୁ ଚମ୍ପଟ ମାରିଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଆହତଙ୍କ ପରିଚୟ ମିଳିନାହିଁ।

**• ନବମ ଶ୍ରେଣୀ ଛାତ୍ର ମୃତ୍ୟୁ ଘଟଣା**

## କାର୍ଯ୍ୟାନୁଷ୍ଠାନ ଶୂନ; ଜିଲ୍ଲାମଙ୍ଗଳ ବିଭାଗ ନିରବଦ୍ରଷ୍ଟା

ତୁମୁଡିବନ୍ଧ,୮।୨(ସମିସ): ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ନବମ ଶ୍ରେଣୀରେ ପଢୁଥିବା ପୁଅର ମୃତ୍ୟୁ ହୋଇଥିବା ବାପ ମା' ଅଭିଯୋଗ କରିଥିଲେ। ଏସମ୍ପର୍କରେ ତଦନ୍ତ ଆଳରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି। ତୁମୁଡିବନ୍ଧ ବ୍ଲକ ମୁଣ୍ଡିଗଡ଼ ପଞ୍ଚାୟତ ଗୁଟଖାପଦର ଗାଁର ହେମନ୍ତ ପାତ୍ରଙ୍କ ପୁଅ କୁବେର ପାତ୍ର ବେଲଘର ସରକାରୀ ଉଚ୍ଚ ବିଦ୍ୟାଳୟ ତଥା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ହଷ୍ଟେଲରେ ରହି ନବମ ଶ୍ରେଣୀରେ ପଢୁଥିଲା। ଗତମାସ କୁବେରର ସ୍ୱାସ୍ଥ୍ୟବସ୍ଥା ଖରାପ ହେବା ସତ୍ତ୍ୱେ କୌଣସି ଚିକିତ୍ସା ନ କରି ହଷ୍ଟେଲରେ ରଖିଥିଲେ କର୍ତ୍ତୃପକ୍ଷ। ଏମିତିକି ପରିବାର ଲୋକଙ୍କୁ ମଧ୍ୟ ଖବର ଦେଇନଥିଲେ। ପରେ ଚିକିତ୍ସା ବେଳେ ଛାତ୍ରର ମୃତ୍ୟୁ ହୋଇଥିଲା। ଏହି ଘଟଣାର ୩୨ ଦିନ ବିତିଯାଇଥିଲେ ମଧ୍ୟ ଖାଲି ତଦନ୍ତ ପରେ ତଦନ୍ତ ଚାଲୁଛି କିନ୍ତୁ ପ୍ରକୃତ ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ହାତବାନ୍ଧି ବସିଛି ଜିଲ୍ଲା ମଙ୍ଗଳ ବିଭାଗ ବୋଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବିଧାୟକ ପ୍ରତିନିଧି ପ୍ରକାଶ ପାତ୍ର ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତୁମୁଡିବନ୍ଧ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦୀପକ କୁମାର ସିଂ ତଦନ୍ତ ଚାଲିଛି, ରିପୋର୍ଟ ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟକୁ ପଠାଇଦେଉଛୁ ବୋଲି କହିଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ବେଲଘର ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

**ଫାଇନାନ୍ସ କମ୍ପାନୀ ଅର୍ଥ ହେରଫେର ଅଭିଯୋଗ**

## ଫୁଲବାଣୀ ଶ୍ରୀରାମ ଫାଇନାନ୍ସ ପୂର୍ବତନ ଜିଏମ୍ ଗିରଫ



ଫିରିଙ୍ଗିଆ,୮।(ସମିସ): ଗ୍ରାହକଙ୍କ ଠାରୁ ଫାଇନାନ୍ସ ଟଙ୍କା ଆଦାୟ କରି ଆତ୍ମସାତ ଅଭିଯୋଗରେ ଫୁଲବାଣୀସ୍ଥିତ ଶ୍ରୀରାମ ଫାଇନାନ୍ସ ପୂର୍ବତନ ଜିଏମ ଦେବାଶିଷ ମହାନ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଫିରିଙ୍ଗିଆ ପୁଲିସ। ତାଙ୍କ ଘର କଟକ ସିଡିଏ ଅଞ୍ଚଳରେ ଓ ସେ ଭୁବନେଶ୍ୱର ତମାଣ୍ଡୋ ଅଞ୍ଚଳରେ ଘରଭଡ଼ା ନେଇ ରହୁଥିବା ଜଣାପଡିଛି। ଦେବାଶିଷ ୨୦୧୮ ରେ ଫୁଲବାଣୀରେ ଥିବା ଶ୍ରୀରାମ ଫାଇନାନ୍ସରେ ଜିଏମ୍ ଭାବେ କାର୍ଯ୍ୟରତ ଥିବାବେଳେ ଫିରିଙ୍ଗିଆ ଥାନା କାଶିନିପଦର ଗାଁର ଭାସ୍କର ଚନ୍ଦ୍ର ପୃଷ୍ଟି ନାମକ ଜଣେ ବ୍ୟକ୍ତିଙ୍କ ବୋଲେରୋ ଗାଡିର ଫାଇନାନ୍ସ ଅର୍ଥ ସେଟଲମେଣ୍ଟ ପାଇଁ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ନେଇ ଖାତାରେ ଜମା ନକରି ଆତ୍ମସାତ କରି ଫେରାର ହୋଇଯାଇଥିଲେ। କିଛିଦିନ ପରେ ସମ୍ପୃକ୍ତ ଫାଇନାନ୍ସ କମ୍ପାନୀ ତରଫରୁ କୋର୍ଟରୁ ଗାଡି ମାଲିକ ଭାସ୍କର ଚନ୍ଦ୍ର ପୃଷ୍ଟିଙ୍କ ପାଖକୁ ଏକ ନୋଟିସ ଆସିବାରୁ ଭାସ୍କର ତାଙ୍କର ଦେଢ଼ଲକ୍ଷ ଟଙ୍କା ଜିଏମ ଆତ୍ମସାତ କରିଥିବା ଜାଣିବାକୁ ପାଇଥିଲେ। ପରେ ଥାନାରେ ସମ୍ପୃକ୍ତ ଜିଏମ୍‌ଙ୍କ ନାମରେ ଲିଖିତ ଏତଲା ଦେଇଥିଲେ। ଏତଲା ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଜିଏମ୍ ଫେରାର ଥିବାବେଳେ ଗତ ଶନିବାର କନ୍ଧମାଳ ଏଏପି ହରିଶ ବିଶିଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏକ ଟିମ ଖୋର୍ଦ୍ଧା ଜିଲ୍ଲା ତମାଣ୍ଡୋ ପୁଲିସ ସହଯୋଗରେ ପାତ୍ରପଡ଼ାରୁ ଭଡ଼ାଘରେ ଆତ୍ମଗୋପନ କରିଥିବାବେଳେ ଗିରଫ କରିଥିଲା। ଅଭିଯୁକ୍ତଙ୍କ ନାଁରେ ରାଜ୍ୟର ବିଭିନ୍ନ ଥାନା ସହ ଫୁଲବାଣୀ ଆଦର୍ଶ ଥାନାରେ ମଧ୍ୟ ଏଭଳି ଅର୍ଥ ଆତ୍ମସାତ ଅଭିଯୋଗ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ରବିବାର ତାଙ୍କୁ ଫିରିଙ୍ଗିଆ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ମୁରଲିଧର ସାହୁ ସୂଚନା ଦେଇଛନ୍ତି।

## ଦିଆଭଞ୍ଜି ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



ଫିରିଙ୍ଗିଆ,୮।୨(ସମିସ): ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ସ୍ଥିତ ଦିଆଭଞ୍ଜି ଉଚ୍ଚ ବିଦ୍ୟାଳୟ ଆମ୍ରକାନନରେ ୧୯୯୧ରୁ ୨୦୨୫ ପର୍ଯ୍ୟନ୍ତ ପଢ଼ିଥିବା ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ ସହ ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଅଶୋକ ଦେହୁରୀ, ଯୁଗଳ କହଁର, ହିମାଂଶୁ ବେହେରା ଓ ୟୁଥ୍ କ୍ଲବ ସଭାପତି କହ୍ନେଇ କହଁରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପ୍ରଧାନ ଶିକ୍ଷକ ନାରାୟଣ ପ୍ରଧାନ ଯୋଗ ଦେଇଥିଲେ। ତାଳଦଣ୍ଡିକିଆ ସମିତିସଭ୍ୟା ତଥା ବିଦ୍ୟାଳୟ କମିଟି ସଦସ୍ୟ ଲାଳନନ୍ଦ ପ୍ରଧାନ, ହିନ୍ଦୀ ଶିକ୍ଷକ ବସନ୍ତ କୁମାର, ଡମ୍ବରୁ ଧର ସାହୁ, ଅବସରପ୍ରାପ୍ତ କିରାଣି ଗୋପବନ୍ଧୁ ବିଶୋଇ, କ୍ରୀଡ଼ା ଶିକ୍ଷକ ପ୍ରଦୀପ କୁମାର ସାହୁ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଦୀନବନ୍ଧୁ ହୋତା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଦମୟନ୍ତୀ ପାଢ଼ି, ଅବସରପ୍ରାପ୍ତ ପିଅନ ଜଳନ୍ଧର ଦିଗାଲ, ସଦାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବନ୍ଧୁମିଳନରେ ୪ ଶହରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପୁରାତନ ଛାତ୍ର ପ୍ରକାଶ ରଣା ଓ ଅଶୋକ ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୋଷାଣି ବ୍ଲକ ଜନପ୍ରତିନିଧିଙ୍କ ବନ୍ଧୁମିଳନ



ଗୋଷାଣି,୮।୨(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକର ସମସ୍ତ ଜନପ୍ରତିନିଧିଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷ ଏନ.ବୀରରାଜୁ, ଜିଲ୍ଲାପରିଷଦ ସଭ୍ୟ ଏସ. ବାଲାରାଜୁଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ସେମାନଙ୍କ ପରିବାର ସଦସ୍ୟ ଯୋଗ ଦେଇଥିଲେ। ସମସ୍ତେ ଦଳଗତ ମତଭେଦ ଭୁଲି ବ୍ଲକ ତଥା ନିଜ ପଞ୍ଚାୟତର ବିକାଶ ପାଇଁ ଆଲୋଚନା କରିଥିଲେ।

**• ଟିକାବାଲିରେ ହିନ୍ଦୁ ସମ୍ମିଳନୀ**

## ହନୁମାନ ଚାଲିଶା ପାଠରେ କମ୍ପିଲା ପୁରୁଣା ବସ୍‌ଷ୍ଟାଣ୍ଡ

ଟିକାବାଲି,୮।୨(ସମିସ): ସ୍ଥାନୀୟ ପୁରୁଣା ବସ୍‌ଷ୍ଟାଣ୍ଡ ପରିସରରେ ହିନ୍ଦୁ ସମ୍ମିଳନୀ ପରିଚାଳନା କମିଟ ପକ୍ଷରୁ ଏକ ଭବ୍ୟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଟିକାବାଲି ବ୍ଲକର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାମୂହିକ ହନୁମାନ ଚାଲିଶା ପାଠ ଓ ସଂକୀର୍ତ୍ତନ କରାଯାଇଥିଲା। ଏହାପରେ ହିନ୍ଦୁତ୍ୱର ପରିଭାଷା ଏବଂ ସମାଜରେ ଏହାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ବୌଦ୍ଧିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଚକାପାଦ ସଂସ୍କୃତ ଆଶ୍ରମର ପୂର୍ବତନ ପ୍ରଧାନଆଚାର୍ଯ୍ୟ ଜଗବନ୍ଧୁ ଦାଶ ଯୋଗଦେଇ ହିନ୍ଦୁ ଧର୍ମର ମୂଲ୍ୟବୋଧ ଓ ସଂସ୍କୃତି ରକ୍ଷା ଉପରେ ମାର୍ଗଦର୍ଶନ କରିଥିଲେ। ବିଶ୍ୱହିନ୍ଦୁ ପରିଷଦର କନ୍ଧମାଳ ଜିଲ୍ଲା ସଭାପତି ପ୍ରମୋଦ ପାଣିଗ୍ରାହୀ, ଟିକାବାଲି ସମିତି ଅଧ୍ୟକ୍ଷ ଦିଲୀପ କହଁର, ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀ ନାରାୟଣ ନନ୍ଦ ଓ ସମାଜସେବୀ ପ୍ରଶାନ୍ତ ପଣ୍ଡା ଯୋଗ ଦେଇ ହିନ୍ଦୁ ସଭାର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ପରିଚାଳନା କମିଟି ସଭାପତି ମୁକ୍ତେଶ୍ୱର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ




କାର୍ଯ୍ୟକ୍ରମରେ ଉପସଭାପତି ଅରବିନ୍ଦ ମହାପାତ୍ର, ସମ୍ପାଦକ ଜ୍ୟୋତିରାଜ ମହାପାତ୍ର, କୋଷାଧ୍ୟକ୍ଷ ସିଦ୍ଧାନ୍ତ ଭୋଇ ଏବଂ ମଞ୍ଚ ପରିଚାଳକ ସନ୍ତୋଷ କୁମାର ବିଷୋୟୀ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପାଳ ପଣ୍ଡା, ଜିତେନ୍ଦ୍ର ଡାକୁଆ, ରାଜକିଶୋର ପ୍ରଧାନ, ଏବିବିପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରୁଦ୍ର ପ୍ରସାଦ ସେଠୀ ଓ ଚରଣ ବାରିକ ଉପସ୍ଥିତ ଥିଲେ।

## ଉଦ୍‌ଯୋଗ ସମିତି ସମ୍ମିଳନୀର ବାର୍ଷିକ ଅଧିବେଶନ



ନୂଆଗଡ,୮।୨(ସମିସ): ଗଜପତି ଜିଲ୍ଲା ଉତ୍କଳ ବାପ୍‌ଟିଷ୍ଟ ମଣ୍ଡଳୀ ସମ୍ମିଳନୀ ଅନ୍ତର୍ଗତ ଉଦ୍‌ଯୋଗ ସମିତି ସମ୍ମିଳନୀର ୭୦ତମ ୩ଦିନିଆ ବାର୍ଷିକ ଅଧିବେଶନ ନୂଆଗଡ଼ ବାପ୍‌ଟିଷ୍ଟ ମଣ୍ଡଳୀ ପଡ଼ିଆରେ ଶୁଭାରମ୍ଭ ହୋଇଛି। ପ୍ରଥମ ଦିନରେ ଉପଦେଷ୍ଟା ପାଳକ ଆଚାର୍ଯ୍ୟ ଇସ୍ରାଏଲ ପାଣି ପତାକା ଉତ୍ତୋଳନ, ସଭାପତି ପାଳକ ଆଚାର୍ଯ୍ୟ ଆମୋଦ କୁମାର ପାଣି ଏବଂ ସ୍ୱାଧୀନ ପ୍ରଚାରକ ପ୍ରସାଦ ପାଣି ପ୍ରବେଶ ଦ୍ୱାର ଉଦଘାଟନ, ସହସମ୍ପାଦକ ପାଳକ ଆଚାର୍ଯ୍ୟ ଯୁଗଳ କିଶୋର ଲିମା ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିବା ବେଳେ ସ୍ଥାନୀୟ ଉଦଯୋଗ ସମିତି ସମ୍ପାଦକ ଜିତେନ୍ଦ୍ର ପାସ୍ସୁ ରେଡି ଓ ସଭା କମିଟି ସମ୍ପାଦକ ପ୍ରତ୍ୟୁଷ ରଞ୍ଜନ ପାଣି ଅଭ୍ୟର୍ଥନା କରିଥିଲେ। ଅଧିବେଶନରେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ବହୁ ସଂଖ୍ୟକ ଖ୍ରୀଷ୍ଟ ବିଶ୍ୱାସୀ ଯୋଗ ଦେଇଥିଲେ। ପ୍ରଥମ ଦିନ ଅଧିବେଶନରରେ ମୁଖ୍ୟ ବକ୍ତା ଭାବେ ପାଳକ ଆଚାର୍ଯ୍ୟ ବିକାଶ କୁମାର ବର୍ଦ୍ଧନ, ପ୍ରଫେସର ରାଜପତି ପାଣି, ସ୍ୱାଧୀନ ପ୍ରଚାରକ ଆଚାର୍ଯ୍ୟ ଉପେନ୍ଦ୍ର ପରିଚ୍ଛା ଯୋଗଦାନ କରି ବାକ୍ୟ ପରିବେଷଣ କରିଥାଏ। କାର୍ଯ୍ୟକ୍ରମକୁ ଉତ୍କଳ ବାପଟିଷ୍ଟ ଖ୍ରୀଷ୍ଟୀୟ ଉଦଯୋଗ ସମିତି ସମ୍ମିଳନୀର ସଭାପତି ବସନ୍ତ କୁମାର ସିଂ ପରିଚାଳନା କରିଥିବା ବେଳେ ଉପସଭାପତି ଜ୍ୟୋତିଷ କୁମାର କରାଡ଼, ସମ୍ପାଦକ ଦେବାନନ୍ଦ ଲିମା, ସହ ସମ୍ପାଦକ ପ୍ରିୟଦାସ ଗୁରୁ, କୋଷାଧ୍ୟକ୍ଷ ଡାନିଏଲ କରାଡ଼, ସହ କୋଷାଧ୍ୟକ୍ଷ ପବିତ୍ର ବୀର ଓ ପରୀକ୍ଷା ସମ୍ପାଦକ ପ୍ରକାଶ ଚନ୍ଦ୍ର ଲିମ୍ମା ସହଯୋଗ କରିଥିଲେ।

## ଲୁର୍ଦ୍ଦୁମେରୀ ମାତାଙ୍କ ପର୍ବରେ ବିଧାୟକ



ପାରଳାଖେମୁଣ୍ଡି,୮।୨(ସମିସ): ଗୁମ୍ମା ବ୍ଲକ ପରିଡ଼ା ପଞ୍ଚାୟତ ମେରୀନଗରରେ ଆଜି ଲୁର୍ଦ୍ଦୁମେରୀ ମାତାଙ୍କ ପର୍ବ ଅନୁଷ୍ଠିତ ହୋଇଛି। ନିକଟସ୍ଥ ଗ୍ରାମରୁ ପ୍ରାୟ ଶହ ଶହ ଜନସାଧାରଣ ଉପସ୍ଥିତ ଥିଲେ। ପ୍ରତ୍ୟେକ ବର୍ଷ ଫେବୃଆରୀ ମାସରେ ତିନି ଦିନ ଧରି ଏଥିପାଇଁ ସଭା ହୋଇଥାଏ। ଆଜି ଏହି ସଭାରେ ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇଥିବା ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବାରା ତିରୁପତି ରାଓ ଓ କାଟିକା ରାମା ରାଓ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଯୁବକ-ଯୁବତୀଙ୍କୁ ଶିକ୍ଷା ବିଷୟରେ ପରାମର୍ଶ ଦେଇ ଶିକ୍ଷା ନିଜ ପରିବାରକୁ ଓ ନିଜ ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିଥାଏ ବୋଲି କହିଥିଲେ। ଏହାସହ ବିଧାୟକ ପାଣ୍ଠିରୁ ସୋଲାର ଲାଇଟ ଦେବା ପାଇଁ ଘୋଷଣା କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ରାଓ ସଭାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏହି ସଭାରେ ୭ପଞ୍ଚାୟତର ଜନସାଧାରଣ ଉପସ୍ଥିତ ଥିଲେ। ବୃଷବ ପଞ୍ଚାୟତ ପୂର୍ବତନ ସରପଞ୍ଚ ସିମିୟ ଭୂୟାଁ ଏବଂ ପରିଡ଼ା ପୂର୍ବତନ ସରପଞ୍ଚ ସିମନ ମଣ୍ଡଳ ଓ ମହେନ୍ଦ୍ର ପ୍ରଧାନ ଓ ପାଉଲ ପାଣି ଉପସ୍ଥିତ ଥିଲେ।

## ଘରୋଣିରେ ଜଳ ଅର୍ପଣ ଦିବସ



ପାରଳାଖେମୁଣ୍ଡି, ୭।୨(ସମିସ): ଗୋଷାଣି ବ୍ଲକ ଅନ୍ତର୍ଗତ ଘରୋଣି ଗ୍ରାମରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ ପାରଳାଖେମୁଣ୍ଡି ଗଜପତି ପକ୍ଷରୁ ଜଳ ଅର୍ପଣ ଦିବସ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେ ଜଳ ଅର୍ପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ହରଘର୍ ଜଳ ପଞ୍ଚାୟତ ଭାବେ ଘରୋଣି ମାନ୍ୟତା ପାଇଥିବାରୁ ବିଭାଗୀୟ ଯନ୍ତ୍ରୀ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଗ୍ରାମରେ ୩୬ ଲକ୍ଷ ୧୫ ହଜାର ଟଙ୍କାରେ ନିର୍ମିତ ୪୦ ହଜାର ଲିଟର କ୍ଷମତା ବିଶିଷ୍ଟ ପାଣି ଟ୍ୟାଙ୍କର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ. ବୀରରାଜୁ, ଜିଲ୍ଲା ପରିଷଦ ସଦସ୍ୟ ଏସ. ବାଲାରାଜୁ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡର ଅଧୀକ୍ଷଣ ଯନ୍ତ୍ରୀ ଟି. ବେହେରା, ଯନ୍ତ୍ରୀ ପ୍ରିୟଙ୍କା କାନୁନ୍‌ଗୋ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ପଞ୍ଚାୟତବାସୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀଙ୍କ ସମେତ ୱାଇ.ରାମଚନ୍ଦ୍ର ରାଓ ଓ ଏସ୍.ଗଜପତି ରାଓ ଉପସ୍ଥିତଥିଲେ। ଶେଷରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ବିଭାଗୀୟ ସହକାରୀ ଯନ୍ତ୍ରୀ ଶିବ ପ୍ରସାଦ ପାଳ ମଞ୍ଚ ସଂଯୋଜନା କରିଥିଲେ। ବିଭାଗୀୟ ଅଧିକାରୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

**ଭଲିବଲ୍ ପ୍ରତିଯୋଗିତା**

## ମାଶ୍ରୀପଡ଼ାକୁ ହରାଇ ଦଣ୍ଡିକିଆ ଚାମ୍ପିଅନ



ଫିରିଙ୍ଗିଆ,୮।୨(ସମିସ): ଏମସିଏସ କ୍ଲବ ଦ୍ୱାରା ଆୟୋଜିତ ଦିନିକିଆ ଦ୍ୱିତୀୟ ବାର୍ଷିକ ସବ୍ଜ ଭଲିବଲ ପ୍ରତିଯୋଗିତାରେ ମାଶ୍ରୀପଡ଼ାକୁ ହରାଇ ଦଣ୍ଡିକିଆ ଚାମ୍ପିଅନ୍ ହୋଇଛି। ଚଳିତ ବର୍ଷ ଦ୍ୱିତୀୟ ବାର୍ଷିକ ଭଲିବଲ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବରେ ଡ଼ିମିରିଗୁଡା ସରପଞ୍ଚ ମନୋଜ କହଁର ଯୋଗ ଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଫିରିଙ୍ଗିଆ ସରପଞ୍ଚ ଜଳନ୍ଧର କହଁର, ଗାଁ ସାଥୀ ମାଧବ କହଁର ଓ ପରମେଶ୍ୱର କହଁର ଯୋଗ ଦେଇଥିଲେ। ଫିରିଙ୍ଗିଆ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୮ ଦଳ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ବେଳେ ଫିରିଙ୍ଗିଆ ବ୍ଲକ ଦଣ୍ଡିକିଆ ପଞ୍ଚାୟତର ଦଣ୍ଡିକିଆ ଦଳ ଏବଂ ରତଙ୍ଗ ପଞ୍ଚାୟତର ମାଶ୍ରୀପଡା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଦଣ୍ଡିକିଆ ଦଳ ୪୯ ପଏଣ୍ଟ ପାଇଥିବା ବେଳେ ମାଶ୍ରୀପଡା ୨୬ ପଏଣ୍ଟ ପାଇଥିଲା। ଦଣ୍ଡିକିଆ ଦଳ ୨୩ ପଏଣ୍ଟ ଅଧିକ ପାଇ ବିଜୟୀ ହୋଇଥିଲା। ରେଫରୀ ଭାବେ ବିଜୟ କହଁର ପରିଚାଳନା କରିଥିଲେ। ଶେଷରେ ଅତିଥଙ୍କ ଦ୍ୱାରା ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ଏମସିଏସ କ୍ଲବ ସଭାପତି ବିଜୟ କହଁର, ସମ୍ପାଦକ ଦିବ୍ୟ ରଞ୍ଜନ କହଁର, ଶୁଭରଞ୍ଜନ କହଁର,ଅନିଲ କହଁର, ସୁବ୍ରତ କହଁର, ଜଗନ୍ନାଥ କହଁର, ବଳିଆ କହଁର, ରୁପେଶ କହଁରଙ୍କ ସହ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ଇଞ୍ଜିନିୟରିଂ ଗଣିତରେ ଗଜପତିକୁ ଉତ୍କର୍ଷ ପୁରସ୍କାର

ପାରଳାଖେମୁଣ୍ଡି,୮।୨(ସମିସ)



ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ଇଞ୍ଜିନିୟରିଂ ଗଣିତ (ଏସଟିଇଏମ)ରେ ଉଦାହରଣୀୟ କାର୍ଯ୍ୟାନ୍ୱୟନ ପାଇଁ ଭୁବନେଶ୍ୱରରେ ଖାନ ଏକାଡେମୀ ଇଣ୍ଡିଆ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ଇଞ୍ଜିନିୟରିଂ ଗଣିତ ଉତ୍କର୍ଷତା ସମ୍ବର୍ଦ୍ଧନା ସମାରୋହରେ ଗଜପତି ଜିଲ୍ଲାକୁ ଓଡ଼ିଶାର ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ମଧ୍ୟରୁ ଗୋଟିଏ ଭାବରେ ସ୍ୱୀକୃତି ମିଳିଛି। ଜିଲ୍ଲା ପ୍ରଶାସନ, ଶିକ୍ଷକ ଏବଂ ଶୈକ୍ଷିକ ସହାୟତା ଦଳଗୁଡ଼ିକର ସାମୂହିକ ପ୍ରୟାସକୁ ସ୍ୱୀକୃତି ଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁ ପୁରସ୍କାର ଗ୍ରହଣ କରିଛନ୍ତି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏସ. ଗିରିଧର ଏବଂ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଆମ୍ପୋଲୁ ରବି କୁମାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିରନ୍ତର ତଦାରଖ ଏବଂ ଶୈକ୍ଷିକ ସହାୟତା ମାଧ୍ୟମରେ ଏହି ସଫଳତା ସମ୍ଭବ ହୋଇପାରିଛି। ଏସ୍‌ଟିଇଏମ୍ ଉତ୍କର୍ଷତା କାର୍ଯ୍ୟକ୍ରମ ଅଧୀନରେ, ଦୁଇ ରାଜ୍ୟ ସମ୍ବଳ ଗୋଷ୍ଠୀ ସଦସ୍ୟ ମୋହନ କୁମାର ନାୟକ ଏବଂ ଈଶ୍ୱର ରାଓ ଗମ୍ମୁ ସାତଟି ବ୍ଲକ୍ କାସ୍କେଡ୍ ତାଲିମ ସଫଳତାର ସହିତ ସମାପ୍ତ କରିଛନ୍ତି। ଏହି ଉତ୍କର୍ଷତା ସମ୍ମାନ ପାଇଁ ଜିଲ୍ଲାର ୧୪୫ ସ୍କୁଲକୁ ସାମିଲ କରାଯାଇଥିଲା। ଯେଉଁଥିରେ ୨୫,୨୬୯ ଜଣ ଛାତ୍ର ଖାନ ଏକାଡେମୀ ପ୍ଲାଟଫର୍ମରେ ପଞ୍ଜୀକୃତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୪୮ ପ୍ରତିଶତ ଛାତ୍ରଛାତ୍ରୀ ସକ୍ରିୟ ଶିକ୍ଷାର୍ଥୀ ହୋଇଥିଲେ। ୧୮ ପ୍ରତିଶତ ଦକ୍ଷତା ବୃଦ୍ଧି ହାସଲ କରି ଓଡ଼ିଶାର ସମସ୍ତ ୩୦ ଜିଲ୍ଲା ମଧ୍ୟରୁ ଶ୍ରେଷ୍ଠ ଜିଲ୍ଲା ମଧ୍ୟରେ ଗଜପତିକୁ ଚୟନ କରଯାଇଥିଲା। ସ୍କୁଲ ବର୍ଗରେ ଖାରଡା ସ୍ଥିତ ପିଏମ୍ ଶ୍ରୀବି.ଏମ୍. ହାଇସ୍କୁଲ ଉତ୍କୃଷ୍ଟ ଛାତ୍ର ସକ୍ରିୟତା ଏବଂ ଶିକ୍ଷଣ ଫଳାଫଳ ପାଇଁ ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର ପାଇଥିଲା। ଶିକ୍ଷକ ମୋହନ ରାଓ ଓଡ଼ିଶୀଙ୍କୁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବା ଏବଂ ଡିଜିଟାଲ୍ ଶିକ୍ଷଣ ପ୍ଲାଟଫର୍ମର ପ୍ରଭାବଶାଳୀ ବ୍ୟବହାର ସୁନିଶ୍ଚିତ କରିବାରେ ତାଙ୍କର ଅନୁକରଣୀୟ ଅବଦାନ ପାଇଁ ବ୍ୟକ୍ତିଗତ ଭାବରେ ସମ୍ମାନିତ କରାଯାଇଥିଲା। ଜିଲ୍ଲା ନେତୃତ୍ୱ ଖାନ ଏକାଡେମୀ ଇଣ୍ଡିଆର ଗାୟତ୍ରୀ ପଟ୍ଟନାୟକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଶୈକ୍ଷିକ ମାର୍ଗଦର୍ଶନକୁ ସ୍ୱୀକାର କରିଥିଲେ।

### ଐତିହାସିକ କାଳିମେଘା ମେଳଣ ନିମନ୍ତେ ପ୍ରସ୍ତୁତି ବୈଠକ

# ବିମାନ ଶୋଭାଯାତ୍ରାରେ ଡିଜେକୁ ବାରଣ



ଭଦ୍ରକ,୮।୨(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ିର ଐତିହାସିକ କାଳିମେଘା ମେଳଣ ପାଳନ ଲାଗି ୨ୟ ପ୍ରାକ୍ ପ୍ରସ୍ତୁତି ବୈଠକ ରବିବାର ଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ତେବେ ଶିଶୁ, ବୃଦ୍ଧବୃଦ୍ଧା ଓ ରୋଗଗ୍ରସ୍ତ ବ୍ୟକ୍ତି ସର୍ବୋପରି ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷା, ଡିଜେ ଦୁର୍ଘଟଣା ଯୋଗୁଁ ହେଉଥିବା ଧନଜୀବନ ହାନୀରୁ ବର୍ତ୍ତିବା ତଥା ବିଭିନ୍ନ ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ବିମାନ ଶୋଭାଯାତ୍ରାରେ ଡିଜେ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ କାଳିମେଘା ଓ ମୁକୁନ୍ଦପୁର ଗ୍ରାମ୍ୟ କମିଟି ପକ୍ଷରୁ ମେଳଣ କମିଟି, ଜିଲ୍ଲା ଓ ସ୍ଥାନୀୟ ପୁଲିସ ପ୍ରଶାସନ ନିକଟରେ ଆଗତ ଅଭିଯୋଗ ଉପରେ ଆଲୋଚନା ହୋଇଥିଲା। ମେଳଣ କମିଟିର ସ୍ଥାୟୀ ସଭାପତି ବାଣୀକଲ୍ୟାଣ ମହାପାତ୍ରଙ୍କ ଅସୁସ୍ଥତା କାରଣରୁ ତାଙ୍କ ପ୍ରତିନିଧି ଭାବେ ଉପସ୍ଥିତ ଥିବା ଉମାକଲ୍ୟାଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତିହିଡ଼ି ଥାନାଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଯୋଗଦେଇ ଉଭୟ ଗ୍ରାମ୍ୟ କମିଟିର ପ୍ରସ୍ତାବ ଗ୍ରହଣୀୟ ଓ ସ୍ୱାଗତଯୋଗ୍ୟ ବୋଲି କହିବା ସହ ପୁଲିସ ପ୍ରଶାସନ ପକ୍ଷରୁ ମେଳଣରେ ଡିଜେ ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ ନେଇ ସବୁପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୁଲିସ ପ୍ରଶାସନର ଏହି ନିଷ୍ପତ୍ତିକୁ ମେଳଣ କମିଟି ପକ୍ଷରୁ ଗ୍ରହଣ କରାଯିବା ସହିତ ମେଳଣର ସ୍ଥାୟିତ୍ୱ ଓ ସୌନ୍ଦର୍ଯ୍ୟକୁ ଦୃଷ୍ଟିରେ ରଖି ଠାକୁରବାଡ଼ିଆମାନେ ମେଳଣକୁ ଡିଜେ ବାଜା ନ ଆଣି ବରଂ ପାରମ୍ପରିକ ବାଦ୍ୟ ଆଣିବାକୁ ପରାମର୍ଶ ଦିଆଯାଇଥିଲା।

### ପାରମ୍ପରିକ ବାଦ୍ୟ ଆଣିବାକୁ ପରାମର୍ଶ

ସେହିପରି ଐତିହାସିକ କାଳିମେଘା ମେଳଣ ଚଳିତ ବର୍ଷ ଯେପରି ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ହେବ ଏବଂ ସାଧାରଣ ଲୋକେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ଠାକୁରବାଡ଼ିଆମାନେ ସଚେତନ ରହିବାକୁ କମିଟି ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ଗଣେଶ ପ୍ରସାଦ ନାୟକ, ପ୍ରଜ୍ଞା ପ୍ରଜ୍ୱଳିତ ମହାପାତ୍ର(ପାନୁ), ଅପୂର୍ବ ରଞ୍ଜନ ଦାସ, କୀର୍ତ୍ତନ ନାରାୟଣ ରାଉତ, ସୁରେଶ ଚନ୍ଦ୍ର ମହାପାତ୍ର, ରତିକାନ୍ତ ଦାସ, ଅଜୟ ରାଉତ, ନିର୍ମଳ ଚନ୍ଦ୍ର ନାୟକ, ରବି ନାରାୟଣ ପଣ୍ଡା, ଲକ୍ଷ୍ମୀଧର ତ୍ରିପାଠୀ, ବେଣୁଧର ନାୟକ, ଶ୍ରୀକାନ୍ତ ପଣ୍ଡା, ଧର୍ମପଦ ଗ୍ରହାଚାର୍ଯ୍ୟ, ପ୍ରଫୁଲ୍ଲ କୁମାର ରାଉତ, ହରିଶ୍ଚନ୍ଦ୍ର ମିଶ୍ର, ପ୍ରଦୀପ ମହାପାତ୍ର, ନୃସିଂହ ସେନାପତି, ଅଭୟ ନାୟକ ଓ ରତ୍ନାକର ପଣ୍ଡା ପ୍ରମୁଖଙ୍କ ସମେତ ଠାକୁରବାଡ଼ିଆ ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଭୁବନେଶ୍ୱର ଚାମ୍ପିଅନ

ଦୋବଲ,୮।୨(ସମିସ): ଧାମନଗର ବ୍ଲକ୍ ଦିହୁଡ଼ି ଆନନ୍ଦପୁର ପଞ୍ଚାୟତ ଅଧୀନ ଜଗନ୍ନାଥ ସ୍କୁଲ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଭବ୍ୟ ଓ ରୋମାଞ୍ଚକ ଭାବେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ୍ ମୁକାବିଲାରେ ସାଇ ଇଲେଭେନ ଭୁବନେଶ୍ୱର ଓ ଇଲେଭେନ୍ ଷ୍ଟାର୍ ଯାଜପୁର ଟିମ୍ ମୁହାଁମୁହିଁ ହୋଇଥିଲେ। ଏଥିରେ ଭୁବନେଶ୍ୱର ଟିମ୍ ଚାମ୍ପିଅନ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର




ଟିମ୍ ୨୫ ଓଭରରେ ୯ ୱିକେଟ୍ ହରାଇ ୧୮୪ ରନ୍ ସଂଗ୍ରହ କରିଥିଲା। ଲକ୍ଷ୍ୟ ପିଛାକରି ଯାଜପୁର ଟିମ୍ ୨୫ ଓଭରରେ ୭ ୱିକେଟ୍ ହରାଇ ୧୫୧ ରନ୍ କରି ପରାସ୍ତ ହୋଇଥିଲା। ଭୁବନେଶ୍ୱର ଟିମ୍‌ର ବିପ୍ଳବ ସାମନ୍ତରାୟ ୫୬ ବଲ୍‌ରେ ଦମ୍‌ଦାର ୭୭ ରନ୍ କରି ଦଳ ବିଜୟର ମୁଖ୍ୟ ନାୟକ ହୋଇଥିଲେ। ଏଥିସହ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଓ ବେଷ୍ଟ ଫିଲ୍‌ଡର ସମ୍ମାନ ପାଇଥିଲେ। ଯାଜପୁର ଦଳ ପକ୍ଷରୁ ଅଭିଳାଷ ରାଉତରାୟ ୫୧ ବଲ୍‌ରେ ୫୧ ରନ୍ କରି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ଏଥିରେ ମ୍ୟାନ୍ ଅଫ୍ ଦ ସିରିଜ୍ ଓ ବେଷ୍ଟ ବୋଲର ଯାଜପୁରର ଚନ୍ଦନ ନାୟକ ହୋଇଥିଲେ। ଅମ୍ପାୟାର ଭାବେ ଦୀପ୍ତିରଞ୍ଜନ ମହାନ୍ତି ଓ ବିଶ୍ୱଜିତ୍ ପତି ଦାୟିତ୍ୱ ନିଭାଇଥିଲେ। ଶେଖ୍ ଇମ୍ରାନ, ଜ୍ଞାନରଞ୍ଜନ ଘଡ଼େଇ ଓ ରସିଦ ଉଲ୍ ମ୍ୟାଚ୍‌ରେ ଧାରାବିବରଣୀ ଦେଇଥିଲେ। ସ୍କୋରିଂରେ ଜଗବନ୍ଧୁ ସାହୁ, ବଳରାମ ସାହୁ ଓ ଧର୍ମେନ୍ଦ୍ର ସାହୁ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହି କ୍ରୀଡ଼ାର ଗୁରୁତ୍ୱ, ଯୁବ ପ୍ରତିଭା ବିକାଶ ଓ ରାମଚନ୍ଦ୍ର ଦାଶ ଅଞ୍ଚଳର ବିକାଶ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ। ମନ୍ତ୍ରୀଙ୍କ ସହିତ ଅରବିନ୍ଦ ପତି, କୈଳାଶ ମହାପାତ୍ର, ପ୍ରମୋଦ ସୂତାର, ରମାକାନ୍ତ ପତି, ଶରତ ମାଝୀ, ସନ୍ତୋଷ ଦାଶ ଅଧିକାରୀଙ୍କ ସମେତ ଅନେକ କ୍ରୀଡ଼ାପ୍ରେମୀ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ରାଘବପୁର ଏଫ୍‌ସି ଚାମ୍ପିଅନ

ଭଦ୍ରକ,୮।୨(ସମିସ): ଚରମ୍ପା ରେଲ୍‌ୱେ ପଡ଼ିଆଠାରେ ଭଦ୍ରକ ଜିଲ୍ଲା ଯୁବ ଯାଦବ ମହାସଭା ଓ ଚରମ୍ପା ମର୍ଣ୍ଣିଂ ଷ୍ଟାର୍ ଫୁଟ୍‌ବଲ କ୍ଲବ୍ ପକ୍ଷରୁ ଅଲ୍ ଓଡ଼ିଶା ଏମ୍.ଆର୍. ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ମୟୂରଭଞ୍ଜର ରାଘବପୁର ଏଫ୍‌ସି ସହିତ କେନ୍ଦୁଝର ଜିଲ୍ଲାର ଯୋଡ଼ା ଏକ୍ସ ୱାରିୟର ମଧ୍ୟରେ ହୋଇଥିଲା। ଏଥିରେ ରାଘବପୁର ଏଫ୍‌ସି ଚାମ୍ପିଅନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ରେଫରୀ ଭାବେ ନିକନ ମହାନ୍ତି, ପିଣ୍ଟୁ ବେହେରା ଓ ସୁବାସ ସିଂ ଖେଳ ପରିଚାଳନା କରୁଥିଲେ। ଏହି ଦୁଇ ଖେଳାଳିଙ୍କ ସ୍ମୃତିରେ ସକାଳେ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ମୋଟ ୩୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲ୍ଲା ଯୁବ ଯାଦବ ମହାସଭା ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ଫାଇନାଲ୍ ମ୍ୟାଚ୍‌ର ବିଜେତା ଦଳ ରାଘବପୁର ଏଫ୍‌ସିକୁ ଚାମ୍ପିଅନ ଟ୍ରଫି ସହିତ ୨୦ ହଜାର ଟଙ୍କା ଏବଂ ପରାଜିତ ଦଳକୁ ରନର୍ସ ଅପ୍ ଟ୍ରଫି ସହିତ ୧୫ ହଜାର



ଟଙ୍କା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ କାଉନ୍‌ସିଲର ଗୋପୀନାଥ ନାୟକ, କାମେଶ ପରିଡ଼ା, କୋଚ୍ କେଭି ପ୍ରସାଦ, କର୍ମକର୍ତ୍ତା କମଳାକାନ୍ତ ବାରିକ, ମନୋଜ ଚୌଧୁରୀ, ରବୀନ୍ଦ୍ର ପ୍ରଧାନ, ଚନ୍ଦନ ରାଉତ, ଗିରିଜା ନନ୍ଦନ ସିଂ, ଦେବରାଜ କିସ୍କୋ, ଗିରିଶ ଚନ୍ଦ୍ର ରାଓ, ଗଙ୍ଗା ମୁଣ୍ଡା ପ୍ରମୁଖ ଆୟୋଜକ ଭାବେ ଉପସ୍ଥିତ ଥିଲେ।

## ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବାର୍ଷିକ କ୍ରୀଡ଼ା

ଆରଡ଼ି,୮।୨(ସମିସ): ଆରଡ଼ି ପୀଠରେ ଥିବା ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ନିକଟରୁ କ୍ରୀଡ଼ା ଜ୍ୟୋତି ବାହର କରି ଆରଡ଼ି ପୀଠ ପରିକ୍ରମା କରିବା ପରେ ଖେଳ ପଡ଼ିଆରେ ପହଞ୍ଚିଥିଲେ। ଏହି ଅବସରରେ କ୍ରୀଡ଼ା ପତାକା ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ତୋଳନ କରିବା ପରେ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଆରଡ଼ି ଶାଖା ଏସ୍‌ବିଆଇ ପରିଚାଳକ ଦୀପକ ପାତ୍ର, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ପହଣା ଓ ମଠଡିହ କ୍ଲଷ୍ଟର ସିଆର୍‌ସିସି ଦିଲ୍ଲୀପ ଶେଖର ନାୟକ, ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ରେଣୁବାଳା ସାମଲ, ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତି, ସ୍ଥାୟୀ ସଭାପତି ତ୍ରିଲୋଚନ ପଣ୍ଡା, ମାର୍ଗଦର୍ଶକ ବିଜୟ କୁମାର ଦାଶ, ସଭ୍ୟ ସଞ୍ଜୟ ଦାଶ, ବାବାଜୀ ଶଙ୍କର ପାଢ଼ୀ, ପ୍ରଶାନ୍ତ ପାଢ଼ୀ, ଗୋପବନ୍ଧୁ ପଣ୍ଡା ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିବାବେଳେ କ୍ରୀଡ଼ା ଶିକ୍ଷକ ଶୁଶାନ୍ତ ବିଶ୍ୱାଳ, ଜଗବନ୍ଧୁ ବାରିକ, ଉମାକାନ୍ତ ମଲିକ, ସୁନିତା ବାରିକ, ସ୍ୱପ୍ନାରାଣୀ ଖଟୁଆ, ସ୍ୱାଗତିକା, ବିଜୟଲକ୍ଷ୍ମୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଶିଶୁ ବାଟିକାଠାରୁ ୭ମ ଶ୍ରେଣୀ ଯାଏଁ ୧୫୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ା ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ। ଅଭିଭାବକଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା କରାଯାଇ କ୍ରୀଡ଼ା ପତାକା ଅବତରଣ କରାଯାଇଥିଲା।

## ଓଣ୍ଡରଲ୍ୟାଣ୍ଡ ଇଂରାଜୀ ମାଧ୍ୟମ ପ୍ଲେ ସ୍କୁଲ୍ ଉଦ୍‌ଘାଟିତ




ଭଦ୍ରକ,୮।୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବାଲିଗାଁ ପାଟୁଳିଠାରେ ଓଣ୍ଡରଲ୍ୟାଣ୍ଡ ଇଂଲିଶ ମିଡିଅମ୍ ପ୍ଲେ ସ୍କୁଲ୍ ଉଦ୍‌ଘାଟିତ ହୋଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ମହାଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ମୁଖ୍ୟବକ୍ତା ଚାନ୍ଦବାଲି ଓକିଲ ସଙ୍ଘ ସଭାପତି ଉପେନ୍ଦ୍ର କୁମାର ରାଉଲ, ବିଶିଷ୍ଟ ଅତିଥି ଶିକ୍ଷାବିତ୍ ଅମୂଲ୍ୟ ରାଉତ, ବରଣ୍ୟ ଅତିଥି ପ୍ରାକ୍ତନ ସରପଞ୍ଚ ବୃନ୍ଦାବନ ମହାଲିକ, ସମ୍ମାନିତ ଅତିଥି ଓଣ୍ଡରଲ୍ୟାଣ୍ଡର ଭୁବନେଶ୍ୱର ମୁଖ୍ୟ ନଳିନୀ ବାନାର୍ଜୀ ପ୍ରମୁଖ ଯୋଗଦେଇ ଇଂରାଜୀ ମାଧ୍ୟମ ପ୍ଲେ ସ୍କୁଲର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ କହିବା ସଙ୍ଗେ ସଙ୍ଗେ ନାଚଗୀତ ଓ ହସମଜାରେ ଛୋଟ ଛୋଟ ପିଲାମାନଙ୍କୁ ପାଠ ପଢ଼ାଇଲେ ସେମାନେ ପାଠପଢ଼ା ପ୍ରତି ଆଗ୍ରହ ଦେଖାଇବେ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଉଦ୍ୟୋକ୍ତା ସ୍ୱାଗତିକା ମହାଲିକ ଅତିଥି ପରିଚୟ ଓ ଅଧ୍ୟକ୍ଷ ଶିକ୍ଷାବିତ୍ ଶ୍ରୀମନ୍ତ କୁମାର ମହାଲିକ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଣ୍ଡରଲ୍ୟାଣ୍ଡ ଭବାନୀପାଟଣାର ଦେବପ୍ରସାଦ ରଥ, ମାଣିଆବନ୍ଧର ଡ. ଜିତେନ୍ଦ୍ର ଦାସ, ଭୁବନେଶ୍ୱରର ଜେ.ଏନ୍ ଆଲୋକ ଏବଂ ସାମ୍ବାଦିକ ସୁକାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସାମାଜିକ କର୍ମୀ ଅନୁପ ଜେନା ବିଦ୍ୟାଳୟ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ନୂତନ ସଭାପତିଙ୍କ ସାଂଗଠନିକ ବୈଠକ

## ଚାଷୀ ଶୋଷଣକୁ ବିରୋଧ; ୧୬ରେ ବିଶାଳ ଆନ୍ଦୋଳନ




ଭଦ୍ରକ, ୮।୨ (ସମିସ): ଧାନରେ କଟ୍‌ନୀଛଟ୍‌ନୀ, ଚାଷୀଙ୍କୁ ଶୋଷଣ ପ୍ରତିବାଦରେ ଆସନ୍ତା ୧୬ ତାରିଖରେ ଭଦ୍ରକରେ ବିଶାଳ ଚାଷୀ ଆନ୍ଦୋଳନର ଡକରା ଦେଇଛି ଭଦ୍ରକ ଜିଲ୍ଲା ବିଜେଡି। ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ନୂତନ ବିଜେଡି ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ରବିବାର ଜିଲ୍ଲା ବିଜେଡି କାର୍ଯ୍ୟାଳୟ 'ବିଜୁ ଭବନ'ଠାରେ ଆୟୋଜିତ ସାଂଗଠନିକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ, ଭଦ୍ରକ ପୌରାଧ୍ୟକ୍ଷ ଗୁଲ୍‌ମକୀ ଦଲାୱାଜି ହବିବି, ଧାମନଗର ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ତିହିଡ଼ି ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ଧାମନଗର ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସ ପ୍ରମୁଖଙ୍କ ସହ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ସମସ୍ତ ନେତୃବୃନ୍ଦ ସାମିଲ୍ ହୋଇଥିଲେ। ଏହି ଅବସରରେ ନୂତନ ଜିଲ୍ଲା ସଭାପତି ବିଧାୟକ ଡ. ରାୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲ୍ଲା ସଭାପତି ପରି ଗୁରୁଦାୟିତ୍ୱ ଦେଇଥିବାରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ବ୍ୟୋମକେଶ। ଅନ୍ୟପଟେ ଜିଲ୍ଲାରେ ଚାଲିଥିବା ଚାଷୀ ଶୋଷଣ, ମିଲରଙ୍କ ମନମାନୀ ଓ ପ୍ରଶାସନର ନିରବତାକୁ ନେଇ ଆଗାମୀ ୧୬ ତାରିଖରେ ଭଦ୍ରକ ବିଜେଡି ପକ୍ଷରୁ ୧୦ ହଜାର ଚାଷୀଙ୍କୁ ନେଇ ବିଶାଳ ସମାବେଶ କରାଯିବ ବୋଲି ଜିଲ୍ଲା ସଭାପତି ସୂଚନା ଦେଇଛନ୍ତି।

# ୮ ଜଣଙ୍କୁ 'ସାଳନ୍ଦୀ ସାହିତ୍ୟ ସଙ୍ଗମ' ସୃଜନ ପୁରସ୍କାର




ଭଦ୍ରକ,୮।୨(ସମିସ): ପୂର୍ବୋତ୍ତର ଓଡ଼ିଶାର ସର୍ବବୃହତ୍ ତଥା ଏକମାତ୍ର ଦ୍ୱିଦିବସୀୟ ସାହିତ୍ୟ ଉତ୍ସବ 'ସାଳନ୍ଦୀ ସାହିତ୍ୟ ସଙ୍ଗମ'ର ସୃଜନ ପୁରସ୍କାର ଚଳିତ ବର୍ଷ ପାଇଁ ଘୋଷିତ ହୋଇଛି। ଭୁବନେଶ୍ୱରରେ ଅବସ୍ଥାପିତ ଓଡ଼ିଶାର ସ୍ୱନାମଧନ୍ୟ ପ୍ରକାଶନ ସଂସ୍ଥା 'ଟାଇମ୍‌ପାସ' ପକ୍ଷରୁ ଭଦ୍ରକଠାରେ ବିଗତ ୩ ବର୍ଷ ଧରି ଆୟୋଜିତ ହୋଇ ଆସୁଥିବା ଏହି ନିଆରା ସାହିତ୍ୟ ଉତ୍ସବର ଚଳିତ ସଂସ୍କରଣରେ ଭଦ୍ରକର ବରପୁତ୍ରମାନଙ୍କ ନାମରେ ନାମିତ ୮ ଜଣ ବିଶିଷ୍ଟ ପ୍ରତିଭାଙ୍କୁ ସୃଜନ ପୁରସ୍କାର ଓ ୬ ଜଣ ବ୍ୟକ୍ତିବିଶେଷଙ୍କୁ 'ସାହିତ୍ୟସଖା' ସମ୍ମାନ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି କ୍ରମରେ 'ଯାଜ୍ଞସେନୀ'ର ଲେଖିକା ତଥା ଜ୍ଞାନପୀଠ ବିଜୟିନୀ ସୁଖ୍ୟାତ କଥାଶିଳ୍ପୀ ଡ. ପ୍ରତିଭା ରାୟଙ୍କୁ 'ନିତ୍ୟାନନ୍ଦ ମହାପାତ୍ର ଉପନ୍ୟାସ ପୁରସ୍କାର', 'ଯୋଗିନୀଗୀତ'ର ବିଶିଷ୍ଟ କବି ଡ. ଅପର୍ଣ୍ଣା ମହାନ୍ତିଙ୍କୁ 'କବିଶେଖର ଚିନ୍ତାମଣି ମହାନ୍ତି କବିତା ପୁରସ୍କାର', ବରିଷ୍ଠ କଥାଶିଳ୍ପୀ ଦାଶ୍ ବେନହୁରଙ୍କୁ 'କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଗଳ୍ପ ପୁରସ୍କାର', ସମାଲୋଚକ ପ୍ରଫେସର କଇଳାଶ ପଟ୍ଟନାୟକଙ୍କୁ 'ହରେକୃଷ୍ଣ ମହତାବ ପ୍ରବନ୍ଧ ପୁରସ୍କାର', ଅନୁବାଦକ ପ୍ରଦୀପ କୁମାର ରାୟଙ୍କୁ 'ଲକ୍ଷ୍ମୀନାରାୟଣ ମହାନ୍ତି ଅନୁବାଦ ପୁରସ୍କାର', 'ଆହେ ନୀଳ ଶଇଳ'ର ନିର୍ଦ୍ଦେଶକ ଲାଲା ବୀରେନ ରାୟଙ୍କୁ 'ବଂଶୀବଲ୍ଲଭ ଗୋସ୍ୱାମୀ ନାଟକ ପୁରସ୍କାର', 'ହୃଦୟର ଏଇ ଶୂନ୍ୟତାକୁ' ଗୀତର ପ୍ରସିଦ୍ଧ କଣ୍ଠଶିଳ୍ପୀ ଶେଖର ଘୋଷଙ୍କୁ 'ମନମୋହନ ସାବତ ସଙ୍ଗୀତ ପୁରସ୍କାର' ଏବଂ 'ରାଣ୍ଡୀପୁଅ ଅନନ୍ତା'ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କୁ 'ନୀରଦ ମହାପାତ୍ର ଚଳଚ୍ଚିତ୍ର ପୁରସ୍କାର' ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି। ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କାର ଅର୍ଥରାଶି ସହିତ ସମ୍ମାନପତ୍ର ଓ ଫଳକ ପ୍ରଦାନ କରାଯିବ।

### ୬ ଜଣ ପାଇବେ 'ସାହିତ୍ୟସଖା' ସମ୍ମାନ

ଏଥିସହିତ 'ସାହିତ୍ୟସଖା' ସମ୍ମାନରେ ସମ୍ବର୍ଦ୍ଧିତ ହେବେ ପ୍ରସିଦ୍ଧ ସାହିତ୍ୟ ପତ୍ରିକା 'ଝଙ୍କାର'ର ବରିଷ୍ଠ ସମ୍ପାଦକ ସରୋଜ ରଞ୍ଜନ ମହାନ୍ତି, ଭଦ୍ରକର ବିଶିଷ୍ଟ ସାହିତ୍ୟାନୁରାଗୀ ଅଜୟ ନାୟକ, ବାଲେଶ୍ୱରର ସୁଦକ୍ଷ ସାହିତ୍ୟ ସଂଗଠକ ପ୍ରଶାନ୍ତ କୁମାର ଦାସ, 'ପକ୍ଷୀଘର'ର ପ୍ରକାଶକ ବନୋଜ ତ୍ରିପାଠୀ, ସାହିତ୍ୟର ପ୍ରବାସୀ ପ୍ରୋତ୍ସାହକ ତଥା 'ଆକାଂକ୍ଷା'ର ସମ୍ପାଦକ ସୁରେଶ ନାୟକ ଏବଂ ବିଶିଷ୍ଟ ପ୍ରଚ୍ଛଦଶିଳ୍ପୀ ଚୂଡ଼ାମଣି ଦାସ। ଆସନ୍ତା ୧୪ ଓ ୧୫ ତାରିଖ ଦୁଇଦିନ ଧରି ସାଳନ୍ଦୀ ବାଇପାସ୍‌ସ୍ଥିତ ସଙ୍ଗମ କନ୍‌ଭେନ୍‌ସନଠାରେ ମହାସମାରୋହରେ ଆୟୋଜିତ ହେବାକୁ ଥିବା ଏହି ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ବିଶିଷ୍ଟ ଲେଖକ, କଳାକାର, ଅଭିନେତା, ନିର୍ଦ୍ଦେଶକ, ସଙ୍ଗୀତଜ୍ଞଙ୍କ ସମାବେଶରେ ସାହିତ୍ୟର ବିଭିନ୍ନ ସମ୍ମାନ ଓ ଆବୃତି ସହିତ ଏକ ନୂତନ ଓଡ଼ିଆ ଚଳଚ୍ଚିତ୍ର 'କାନ୍ଦମାଷ୍ଟ୍ରେ'ର ପ୍ରିମିୟର ଶୋ' ଅନୁଷ୍ଠିତ ହେବ ବୋଲି ଉତ୍ସବର ନିର୍ଦ୍ଦେଶକ ଯୁବ ଲେଖକ ସରୋଜ ବଳ ଓ ସଭାପତି କଥାକାର ପବିତ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## 'ଶିଶୁ ପାଇଁ ଦିନଟିଏ' ଅବସରରେ ବ୍ଲକ୍‌ସ୍ତରୀୟ ଟାସ୍କଫୋର୍ସ ବୈଠକ

ଧାମନଗର,୮।୨(ସମିସ): ଧାମନଗର ବ୍ଲକ୍ ଅଧୀନ ମିଶନ ଶକ୍ତି ସଭାଗୃହରେ ତ୍ରୈମାସିକ ବ୍ଲକ୍‌ସ୍ତରୀୟ ଟାସ୍କଫୋର୍ସ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ବୈଠକରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଦମୟନ୍ତୀ ଦେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ବନବିହାରୀ ଦିନ୍ଦା, ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ଶିଶୁ ସୁରକ୍ଷା ଆଇନ ଅଧିକାରୀ ସୁବ୍ରତ ଦାସ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଅନନ୍ତ ମୁଣ୍ଡା, ପ୍ରଗତି ଜେନା, ଥାନା ଏସ୍‌ଆଇ ରଶ୍ମିତା ମଲ୍ଲିକ ଓ ଶିକ୍ଷା ବିଭାଗର ବିଆର୍‌ପି ପ୍ରଦିପ୍ତ ରାଉତ ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ପାଇଁ ସରକାର ବିଭିନ୍ନ ଆଇନ ଓ ନିୟମ ଜାରି କରିଛନ୍ତି। ୧୮ ବର୍ଷ ତଳେ ସମସ୍ତେ ଶିଶୁ ଭାବେ ଗଣ୍ୟ। ଶିଶୁଙ୍କ ସହିତ ହେଉଥିବା ଯେକୌଣସି ପ୍ରକାର ଅନ୍ୟାୟ, ଅବହେଳା, ଶୋଷଣ ଓ ହିଂସା ଆଇନତଃ ଅପରାଧ। ବାଲ୍ୟବିବାହ, ଶିଶୁ ଶ୍ରମ, ନାବାଳିକାଙ୍କ ଉପରେ ଅପରାଧକୁ ରୋକିବା ପାଇଁ ବାଲ୍ୟବିବାହ ନିଷେଧ ଆଇନ, ଶିଶୁ ଶ୍ରମ ଆଇନ ଓ ପୋକ୍ସୋ ଆଇନ ଲାଗୁ ହେଉଛି। ଆଇନରେ ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡାଦେଶର ବ୍ୟବସ୍ଥା ରହିଛି। ଶିଶୁମାନଙ୍କ ସୁରକ୍ଷା ଓ ସହାୟତା ପାଇଁ ୧୦୯୮ ଶିଶୁ ସହାୟତା ହେଲ୍ପଲାଇନ୍ କାର୍ଯ୍ୟରତ ଅଛି। ଶିଶୁଙ୍କ ଅଧିକାର ରକ୍ଷା ପାଇଁ ପ୍ରଶାସନ ସହିତ ସମାଜର ସମସ୍ତଙ୍କ ସହଯୋଗ ଅତ୍ୟାବଶ୍ୟକ ଓ ପାରିବାରିକସ୍ତରରେ ସଚେତନତା ବୃଦ୍ଧିହେଲେ ଶିଶୁ ସମସ୍ୟାକୁ ପ୍ରାଥମିକ ପର୍ଯ୍ୟାୟରେ ହିଁ ପ୍ରତିହତ କରାଯାଇପାରିବ ବୋଲି ଶିଶୁ ସୁରକ୍ଷା ଆଇନ ଅଧିକାରୀ ସୁବ୍ରତ ଦାସ ଓ ଅନ୍ୟ ଅଧିକାରୀ ମତବ୍ୟକ୍ତ କରିଥିଲେ। ଧାମନଗର ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ କାର୍ଯ୍ୟରତ ମହିଳା ପାରିଦର୍ଶିକା ମମତା ରାଉତ, ସରୋଜିନୀ ମୁଦୁଲି, ଦିବ୍ୟା ମଲ୍ଲିକ, ସତ୍ୱସେନା ସାବତ ସହ ସମସ୍ତ ସୁପରଭାଇଜର ଓ ଅଙ୍ଗନବାଡ଼ି କର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ। ଶେଷରେ ସରୋଜିନୀ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।



### ୧୦ମ ତିହିଡ଼ି ମହୋତ୍ସବ ଉଦ୍‌ଘାଟିତ

# ଅଞ୍ଚଳର ୫ ଧର୍ମପୀଠରୁ ଆସିଲା ଜ୍ୟୋତି



ତିହିଡ଼ି,୮।୨(ସମିସ): ଐତିହ୍ୟ, ସଂସ୍କୃତି ଓ ସାମାଜିକ ସେବାର ଅପୂର୍ବ ସମନ୍ୱୟ ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି ପ୍ରସିଦ୍ଧ 'ତିହିଡ଼ି ମହୋତ୍ସବ'। ଚଳିତ ବର୍ଷ ଏହି ମହୋତ୍ସବ

### ବାଇକ୍ ଶୋଭାଯାତ୍ରା ଓ ରକ୍ତଦାନ ଶିବିର ମୁଖ୍ୟ ଆକର୍ଷଣ

୧୦ ବର୍ଷରେ ପଦାର୍ପଣ କରିଥିବାରୁ ଏହାକୁ ଅଧିକ ଆକର୍ଷଣୀୟ ଓ ସ୍ମରଣୀୟ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ମହୋତ୍ସବର ପ୍ରଥମ ଦିବସରେ ତିହିଡ଼ି ବ୍ଲକ୍‌ର ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ତିହିଡ଼ି ଅଞ୍ଚଳର ୫ଟି ପ୍ରମୁଖ ଧର୍ମପୀଠ ଯଥା- ମା' ଦପା ନାୟକାଣୀ, ପାଟଣ ମଙ୍ଗଳା, ଐତିହାସିକ ବିରଞ୍ଚି ନାରାୟଣ ପୀଠ, ବାବା ବୁଢ଼ା ମହାଦେବ ଏବଂ ମୁକ୍ତେଶ୍ୱର ମନ୍ଦିରରୁ ପବିତ୍ର ଜ୍ୟୋତି ଅଣାଯାଇଥିଲା। ଏହି ଜ୍ୟୋତିକୁ ଶୋଭାଯାତ୍ରା ମାଧ୍ୟମରେ ଆଣି କାଳିପଡ଼ିଆସ୍ଥିତ ମହୋତ୍ସବ ମଣ୍ଡପରେ ସ୍ଥାପନ କରାଯାଇଛି। ୧୦ମ ବର୍ଷ ପୂର୍ତ୍ତି ଅବସରରେ ମହୋତ୍ସବ କମିଟି ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଓ ସ୍ୱେଚ୍ଛାକୃତ ରକ୍ତଦାତାମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ମୋଟ୍ ୮୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ସୂଚନା ମିଳିଛି।

ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବେ ତିହିଡ଼ି ତହସିଲ୍‌ଦାର ଜୟଦ୍ରଥ ଆଚାର୍ଯ୍ୟ, ତିହିଡ଼ି ଆଇଆଇସି ସତ୍ୟବ୍ରତ ଗ୍ରହାଚର୍ଯ୍ୟ, ତିହିଡ଼ି ବିଡିଓ ନିରଞ୍ଜନ ବାରିକ, ସି ଆର ଏସ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମେନ୍ଦ୍ର ନାଥ ମିଶ୍ର, ଭାଟପଡ଼ା ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ବ୍ଲକ୍ କଂଗ୍ରେସ ସଭାପତି ସରୋଜ ଦାସ, ତିହିଡ଼ି ବ୍ଲକ୍ ସାଂସଦ ପ୍ରତିନିଧି ସୀତାକାନ୍ତ ନାୟକ, ବ୍ଲକ୍ ବିଜେଡି ସଭାପତି ସୁରେନ୍ଦ୍ର ନାୟକ, ବିଜେପି ଜିଲ୍ଲା ଉପସଭାପତି ରଘୁନାଥ ପାତ୍ର ଏବଂ ଫତେପୁର ସରପଞ୍ଚ ପ୍ରଦୀପ ବଳ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବ କମିଟି ସଭାପତି ସୋମନାଥ ପାଢ଼ୀ, ସମ୍ପାଦକ ଚନ୍ଦ୍ରକାନ୍ତ ନାୟକ, ଡ. ଲକ୍ଷ୍ମୀଧର ତ୍ରିପାଠୀ, ଧୀରେନ୍ଦ୍ର ସାହୁ, ମନୋଜ ସେନାପତି, ମନୋଜ ପାଣିଗ୍ରାହୀ, ଗିରିଜା ରମଣ ଜେନା, ପ୍ରଭାତ ଜେନା, ସୁଶାନ୍ତ ଯତି, ସଞ୍ଜୟ ଦାସ, ପ୍ରିୟବ୍ରତ ପାଢ଼ୀ, ମୃତ୍ୟୁଞ୍ଜୟ ଦାସ, ସୁଭମ୍ ସାର୍ଥକ ଜେନା, କୈଳାସ ବେହେରା, ବିସ୍ମୟ ବିହାରୀ ସାହୁ, ନିରଞ୍ଜନ ବାରିକ୍ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଞ୍ଚାଳନ କରିଥିଲେ। ଏହି ମହୋତ୍ସବ ଆଗାମୀ ୬ ଦିନ ଧରି ଚାଲିବାକୁ ଥିବାବେଳେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ବ୍ୟବସ୍ଥା ରହିଛି।

ବ୍ୟାସସରୋବର ମହୋତ୍ସବ ଉଦ୍‌ଯାପିତ

# ‘ସମସ୍ତଙ୍କୁ ନେଇ ମହୋତ୍ସବ ପାଳନ କରାଯାଏ’

ବ୍ୟାସନଗର, ୮ ।୨(ସମିସ)




ବ୍ୟାସସରୋବର ମହୋତ୍ସବ ଆଜି ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ବ୍ୟାସନଗର ପୌରାଧକ୍ଷ ସୁବାସ ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ଯାଜପୁର ଜିଲ୍ଲାପରିଷଦ ସଭାପତି ନଳିନୀ ପ୍ରଭା ଜେନା, ବିଜେପି କାଉନସିଲର ଅରୁନ୍ଧତି ପରିଡ଼ା, ରଶ୍ମିତା ରାଉତ, ଭାରତ ଓଝା, ଅଶୋକ କୁମାର ରାଉତ, ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟପକ୍ଷେ ଏହି ମହୋତ୍ସବର ଶନିବାର ଥିଲା ଦଶମ ସନ୍ଧ୍ୟା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ସୁଲତା ଦେଓ ଯୋଗଦେଇ ସମସ୍ତଙ୍କୁ ନେଇ ମହୋତ୍ସବ ପାଳନ କରାଯାଏ। ରାତି ପାହିଲେ ସହରବାସୀ ଧୂଳିଧୂଆଁ ଖାଇ ବିଭିନ୍ନ ରୋଗରେ ଶିକାର ହେଉଥିବା ବେଳେ ଖଣିଜ ନ୍ୟାସ ପାଣ୍ଠି ସହରରେ ଖର୍ଚ୍ଚ ନ ହୋଇ ଧର୍ମଶାଳାରେ ଖର୍ଚ୍ଚ ହେବାକୁ ଦୃଢ଼ ବିରୋଧ କରିଥିଲେ। ମୁଖ୍ୟବକ୍ତା ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରୀର ଯୁବ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ଅନ୍ୟତମ ଅତିଥି ଭାବେ ପୂର୍ବତନ ଭଦ୍ରକ ବିଧାୟକ ତଥା ବର୍ତ୍ତମାନର ଭଣ୍ଡାରିପୋଖରି ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ଅଧକ୍ଷା ସବିତା ରାଉତ ଯୋଗଦେଇ ପୀଠର ସଂସ୍କୃତି ଓ ପରମ୍ପରା ଉପରେ ନିଜ ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ। ଶେଷରେ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କାଉନସିଲର ବିଜୟ ଜେନା, କୁନି ହାଁସଦା, ସରୋଜିନୀ ନାୟକ, ରଶ୍ମିତା ଖୁଣ୍ଟିଆ, ମୋନାଲିସା ସାହୁ, ସୁଜାତା ପ୍ରିୟଦର୍ଶିନୀ ପରିଡ଼ା, ଅଶୋକ ଦାସ, ସରିତା ଜେନା, ସନ୍ତୋଷ ବରାଳ, ବୁଦୁନି ଦରାଇ, ସିଦ୍ଧାର୍ଥ ଶଙ୍କର ସାମଲ, ଶିବାନନ୍ଦ ନାୟକ, ଅନ୍ନପୂର୍ଣ୍ଣା ତରାଇ, ଅରୁନ୍ଧତୀ ପରିଡ଼ା, ଉର୍ମିଳା ପରିଡ଼ା, କୁମୁଦିନୀ ରାଉତ, ପାର୍ଥ ସାରଥି ନାୟକ, ଦିଲ୍ଲୀପ ସେଠୀ, ରବୀନ୍ଦ୍ର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟାସ ନଗର ବିଜେଡି ସଭାପତି ଅମୂଲ୍ୟ କୁମାର ନାୟକ, ଯୁବନେତା ଅନୁପ ନାୟକ, ପ୍ରଭାତ ସାହୁ, ବିକାଶ ଆଏଚ, ମନୋଜ ପରିଡ଼ା, ପ୍ରକାଶ ପରିଡ଼ା, ମନୋଜ ରାଉତ, ପ୍ରକାଶ ପରିଡ଼ା, ରଶ୍ମିତା ପଣ୍ଡା, ତପସ୍ୱିନୀ ଶତପଥୀ, ନିରଞ୍ଜନ ରାଉତଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ଥିଲେ। ବ୍ୟଙ୍ଗ କବି ବାଇଧର ମାଝୀ ଓ ଆଦ୍ୟାଶ୍ରୀ ମଞ୍ଚ ପରିଚାଳନା କରିଥିଲେ। ଜେଇ ନୀଳମାଧବ ନନ୍ଦ, ମାନସ ରଞ୍ଜନ ସାହୁ, ପୌର କର୍ମଚାରୀ ବୃନ୍ଦାବନ ପଳାର, ସୁଶାନ୍ତ ରାଉତ, ରତ୍ନାକର ରାଉତ, ସତ୍ୟପ୍ରିୟ ବାଇ, ଲକ୍ଷ୍ମୀ କାନ୍ତ ଜେନା, ଗଗନ ବିହାରୀ କର, ଅର୍ଜୁନ ସିଂ, ଉଦୟ ବାରିକ, ଦୁଷ୍ମନ୍ତ ପରିଡ଼ା, ରମାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## କୃପାସିନ୍ଧୁ ଉଚ୍ଚ ବିଦ୍ୟାପୀଠରେ ଗୁରୁପୂଜନ




**ସିଂହପୁର, ୮।୨(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟର ୨୦୧୨ ବ୍ୟାଚର ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରଛାତ୍ରୀ ଶିକ୍ଷକଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଧିରେନ୍ଦ୍ର ନାରାୟଣ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ବନବିହାରୀ ଧଳ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଆଦର୍ଶ ଶିକ୍ଷୟତ୍ରୀ ବିଳାସିନୀ ସାମଲ, ସମ୍ମାନିତ ଅତିଥି ଅକ୍ଷୟ କୁମାର ନାୟକ, ଦିଲ୍ଲୀପ କୁମାର ଦାଶ, ବିଷ୍ଣୁ ମହାପାତ୍ର, ପ୍ରତିଭାବାଳ ସାମଲ, ମୁକ୍ତେଶ୍ୱର ଜେନା, ଗଣେଷ ସାହୁ, ପରମାନନ୍ଦ ବାରିକ, ଅନିଲ କୁମାର ବିଶ୍ୱାଳ, ହେମନ୍ତ କୁମାର ସାମଲ, ପ୍ରଭାସ ସ୍ୱାଇଁ, ସୁରେଶ ଚନ୍ଦ୍ର ମଲ୍ଲିକ, କମଳାକାନ୍ତ ସିଂ, ସ୍ୱପ୍ନା କୁମାରୀ ନାୟକ, ସାଗ୍ନିକା ଧଳ, ପୂର୍ଣ୍ଣମାସି ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ଅରୁପମା ନାୟକ, ସୁବଳ ଥାଟୋଇ, ଅମର କୁମାର ଆରୁଖ, କୈଳାସ ଚନ୍ଦ୍ର ପାଗଳ, ମଧୁସ୍ମିତା ମିଶ୍ର, ସ୍ୱପ୍ନା ବିଶ୍ୱାଳ, ସୁଚିସ୍ମିତା ରାଉତ, ରଶ୍ମିପ୍ରଭା ଧଳ, ପ୍ରେମଲତା ବାରିକ, ଦେବିକା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଦିଲ୍ଲୀପ କୁମାର ଦାଶ ସଂଯୋଜନା କରିଥିଲେ।

## ନୀଳମଣିଦେଇପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଯଖପୁରା, ୮।୨(ସମିସ):** ଆଜି ପଙ୍କପାଳ ପଞ୍ଚାୟତ ନୀଳମଣିଦେଇପୁର ଗ୍ରାମର ଖଟୁଆ ସାହିରେ ଟେନିସ୍ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଗୋଟି ଦଳ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଦୁଇଟି ଦଳ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଆଜିର ଫାଇନାଲ ମ୍ୟାଚରେ ଦୁଇ ପ୍ରତିଦ୍ୱନ୍ଦୀ ଗୋଲାଗାଁ ଓ ମନୋହରପୁର ବରଡାହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଗୋଲାଗାଁ ଟିମ୍‌କୁ ପରାସ୍ତ କରି ବରଡାହି ଚାମ୍ପିଅନ ହୋଇଛି। ଆୟୋଜିତ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଚମ୍ପିୟାନ ବରଡାହି ଦଳକୁ ଓ ରାନସ୍‌ର୍ ଅପ ଟିମ ଗୋଲାଗାଁକୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଫାଇନାଲ ମ୍ୟାଚରେ ମନ୍ମଥ ଶତପଥୀ, ଦିଲ୍ଲୀପ ସାମଲ, ରବୀନ୍ଦ୍ର ଜେନା, ଚିନ୍ତୁ ପାଳ, ବୈକୁଣ୍ଠ ସ୍ୱାଇଁ, ପରମାନନ୍ଦ ନାୟକ, କୈଳାଶ ଦଳେଇ, ଭାସ୍କର ଶତପଥୀ, ପ୍ରସନ୍ନ ଥାଟେଇ, ହିମାଂଶୁ ପୃଷ୍ଟି, ପଙ୍କଜ ଜେନା, ବ୍ରହ୍ମାନନ୍ଦ ରାୟ, ମନୋରଞ୍ଜନ ଭୂତିଆ, ଆଲୋକ ରାଉତ, ଚକ୍ରଧର ଦଳେଇ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବିଜେଡି ଜିଲ୍ଲା ଉପସଭାପତି ହେଲେ ଜ୍ଞାନ



**ବଡ଼ଚଣା, ୮।୨(ସମିସ):** ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ଅନୁମୋଦନ କ୍ରମେ ଜିଲ୍ଲାର ସାଂଗଠନିକ କମିଟି ଘୋଷଣା କରାଯାଇଛି। ଏଥିରେ ବଡ଼ଚଣାରୁ ୭ ଜଣ ମନୋନୀତ ହୋଇଛନ୍ତି। ଜିଲ୍ଲା ଉପସଭାପତି ଭାବେ କୋଲଣଗିରି ସରପଞ୍ଚ ଜ୍ଞାନରଞ୍ଜନ ସାହୁଙ୍କୁ ଘୋଷଣା କରାଯାଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ନେଳିଆ ସମିତିସଭ୍ୟ ଧନେଶ୍ୱର ବେହେରା ଓ ପ୍ରବୀର କୁମାର ସାମଲଙ୍କ ନାଁ ଘୋଷଣା କରାଯାଇଛି। ସେହିପରି ସମ୍ପାଦକ ଭାବେ ସଞ୍ଜୟ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ସାମଲ, ଯୁଗଳ କିଶୋର ଖିଲାର ଓ ନିରଞ୍ଜନ ବିଶ୍ୱାଳଙ୍କ ନାଁ ଘୋଷଣା କରାଯାଇଛି। ବଡ଼ଚଣାରୁ ବହୁ କର୍ମକର୍ତ୍ତା ମାନଙ୍କୁ ଜିଲ୍ଲା କମିଟିରେ ସ୍ଥାନ ମିଳିଥିବାରୁ ବଡ଼ଚଣାର ବହୁ ବିଜେଡି କର୍ମକର୍ତ୍ତା ଉତ୍ସାହିତ ହେବା ସହିତ ସଭାପତ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ସାଂସଦଙ୍କ ପତ୍ନୀଙ୍କ ପରଲୋକ



**ଦଶରଥପୁର, ୮।୨(ସମିସ):** ଯାଜପୁର ଲୋକସଭା ସଂସଦୀୟ କ୍ଷେତ୍ରର ପୂର୍ବତନ ସାଂସଦ ଦିବଂଗତ ଅନାଦି ଚରଣ ଦାସଙ୍କ ଧର୍ମପତ୍ନୀ ନେତ୍ରମଣୀ ଦାସଙ୍କ ୮୬ବର୍ଷ ବୟସରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ ଜନିତ କାରଣରୁ କିଛି ଦିନ ହେବ ସେ ଅସୁସ୍ଥ ଥିଲେ। ୨ଦିନ ପୂର୍ବେ ସେ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗତ ଶନିବାର ରାତିରେ ସେଠାରେ ତାଙ୍କର ପରଲୋକ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପରିବାର ଲୋକ ଏବଂ ବନ୍ଧୁପରିଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ବିଧାୟିକା ସୁଜାତା ସାହୁ, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ଗୌତମ ରାୟ, ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତି ସଂଗ୍ରାମ ପାତ୍ର, ମୃତ୍ୟୁଞ୍ଜୟ ମିଶ୍ର, ପୂର୍ବତନ ଦଶରଥପୁର ବ୍ଲକ ଅଧକ୍ଷ ରମେଶ ସାମଲ, ଶ୍ରୀନିବାସ ପରିଡ଼ା, ତପନ ଯେନା, ଆଶୁତୋଷ ସାହୁ, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ପଣ୍ଡା, ସନ୍ତୋଷ ନନ୍ଦ, ଚନ୍ଦ୍ରଶେଖର ସାହୁ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଥିଲେ। ସ୍ଥାନୀୟ ସରପଞ୍ଚ କୁଞ୍ଜବିହାରୀ ଦାସ, ସମିତିସଭ୍ୟ ରମାକାନ୍ତ ସେଠୀ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ସାହୁ, ମାଧବୀ ଯେନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ ଶରୀରକୁ ଶୋଭାଯାତ୍ରାରେ ଗ୍ରାମଶ୍ମଶାନ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ହେମନ୍ତ ଦାସ ମୁଖାଗ୍ନି ଦେଇଥିଲେ।

## ବୀଣାପାଣି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ଯାଜପୁର, ୮।୨(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ କବିରପୁର ଦଶହରା ପଡ଼ିଆରେ ବୀଣାପାଣି କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ୩ୟ ବର୍ଷ ରାଜ୍ୟସ୍ତରୀୟ କ୍ରିକେଟ୍ ମ୍ୟାଚ୍ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କମାଣ୍ଡୋ ଇଲେଭେନ୍ ଭୁବନେଶ୍ୱର ଓ ଇମେଜ୍ ଇଲେଭେନ୍ ମଧ୍ୟରେ ଉଦଯାପନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି କମାଣ୍ଡୋ ଇଲେଭେନ୍ ୬ ୱିକେଟ୍ ହରାଇ ୧୦୧ ରନ୍ ସଂଗ୍ରହ କରିଥିବା ବେଳେ ଇମେଜ ଇଲେଭେନ୍ ୭ ୱିକେଟ୍ ହରାଇ ମାତ୍ର ୭୮ ରନ୍ କରି ପରାଜିତ ହୋଇଥିଲେଫ ଦିତୀୟ ମ୍ୟାଚ୍ କମାଣ୍ଡୋ ଇଲେଭେନ୍ ୫ ୱିକେଟ୍ ହରାଇ ୧୦୪ ରନ୍ କରିଥିବାବେଳେ ଇମେଜ ଇଲେଭେନ୍ ୮ ୱିକେଟ୍ ହରାଇ ୬୬ ରନ୍ କରି ୩୮ ରନ୍ ବ୍ୟବଧାନରେ ପରାଜଶତ ହୋଇଥିଲେଫ ଚିନ୍ମୟ ପରିଡ଼ାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଓ ଚୁଇଁ କାଳିଆଙ୍କୁ ମ୍ୟାନ ଅଫ ସିରିଜ୍ ଭାବେ ପୁରସ୍କୃତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ବିଜେଡି ନେତା ବ୍ରଜକିଶୋର ପାଢ଼ୀ ଓ ମହେଶ୍ୱର ପୁର ପଞ୍ଚାୟତର ସମିତି ସଭ୍ୟା ସ୍ମୃତିରେଖା ସାମଲ ଅନ୍ୟତମ ଅତିଥି ଭାବେ ମହେଶ୍ୱରପୁର ସରପଞ୍ଚ ସୁଜିତ୍ କୁମାର ରାୟ, ଜମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ଯୁବନେତା ପ୍ରଦୀପ୍ତ କୁମାର ନାୟକ ଓ ଗୌରାଙ୍ଗ ସାମଲ, ରସୁଲ ବକ୍ସ, କାଳନ୍ଦି ପତି, ଦୀନବନ୍ଧୁ ମଲ୍ଲିକ, ଅଭିମନ୍ୟୁ ନାୟକ, ଦିଲ୍ଲିପ ଜେନା, ଦିଲ୍ଲିପ ପୁଷ୍ଟି, ସମରଜିତ ପୁଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ ଗୁଡିକୁ ପିଣ୍ଟୁ ନାଥ ଓ ଜ୍ଞାନରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ବୁଦ୍ଧଦେବ ମହାରଣା ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ।

## ମା’ ଥାନପତି କ୍ରିକେଟ୍; ଅଲିଆବାଦ ଚାମ୍ପିଅନ



**ବରୀ, ୮।୨(ସମିସ):** ବରୀ ବ୍ଲକ ଅନ୍ତର୍ଗତ ଧାରପୁର ପଞ୍ଚାୟତର ନାଥପୁରଠାରେ ମା’ ଥାନପତି କ୍ରିକେଟ୍ କ୍ଲବ୍ ପକ୍ଷରୁ ଅନୁଷ୍ଠିତ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ରତ୍ନଗିରିକୁ ୬ ୱିକେଟ୍ ହରାଇ ଅଲିଆବାଦ କ୍ରିକେଟ ଦଳ ଚଳିତ ବର୍ଷର ଚାମ୍ପିଅନ ହୋଇଛି। ପ୍ରିୟବ୍ରତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟିକ ଡ. ଅଜୟ କୁମାର ଜେନା, ସମ୍ମାନିତ ଅତିଥି ଭାବେ ପୂର୍ବତନ କ୍ରିକେଟ୍ ଖେଳାଳି ବାସୁଦେବ ଜେନା ଓ ସମାଜସେବୀ ବନୋଜ କୁମାର ଜେନା ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। କ୍ରିକେଟ ମ୍ୟାଚ ପରିଚାଳନା ସିଦ୍ଧାନ୍ତ କୁମାର ଜେନା ଓ ଶୁଭପଦ ଜେନା କରିଥିବା ବେଳେ ବିଶ୍ୱଜିତ୍ ଜେନା ଧାରାବିବରଣୀ ପ୍ରଦାନ ଓ ମନୀଷ କୁମାର ଜେନା ସ୍କୋରର ଭାବେ କାର୍ଯ୍ୟ କରିଥିଲେ। କ୍ଲବ୍‌ର ସଦସ୍ୟ ସନ୍ତୋଷ କୁମାର ରାଉତ, ହିମାଂଶୁ ଶେଖର ଜେନା, ସତ୍ୟଜିତ୍ ଜେନା, ସତ୍ୟବ୍ରତ ଜେନା, ଶୁଭ୍ରାଂଶୁ ଶେଖର ଜେନା, ତୁଷାର ଜେନା, ଓମ୍ ପ୍ରକାଶ ଜେନା, ହିମାଂଶୁ ଜେନା, ସନିଆ, ଅରଜିତ୍ ଜେନା, କାହ୍ନା, ରୋହନ, ଚାଇନା, ଅମିତ, ଗୁଡୁ, ନିଖିଲେଶ ପ୍ରମୁଖ କ୍ରିକେଟ୍ ମ୍ୟାଚ୍ ସଫଳ ଆୟୋଜନରେ ପ୍ରମୁଖ ସହଯୋଗ କରିଥିଲେ।

## ଦେଉଳକଣ ପଞ୍ଚାୟତରେ ବିଜେଡିର ସାଂଗଠନିକ ବୈଠକ

**ଦାନଗଦି, ୮।୨(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ଦେଉଳକଣ ପଞ୍ଚାୟତର ବିଜୁ ଜନତା ଦଳର ଯୁବ ନେତୃତ୍ୱ ଓ ସାଂଗଠନିକ ବାବଦରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମା’ ଖଣ୍ଡୁରାଇ କଲ୍ୟାଣ ମଣ୍ଡପଠାରେ ପଞ୍ଚାୟତ ବିଜେଡି ସଭାପତି ପଞ୍ଚାନନ ଜେନାଙ୍କ ଅନୁମତି କ୍ରମେ ପୂର୍ବତନ ସରପଞ୍ଚ ନରୋତ୍ତମ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ସାଧାରଣ ସମ୍ପାଦକ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇଥିଲେ। ଏହି ଅବସରରେ ଦାନଗଦୀ ବ୍ଲକର ଯୁବ ବିଜେଡି ସଭାପତି ଭାବେ ଜୟପ୍ରକାଶ ସାହୁଙ୍କ ନାମ ଘୋଷଣା କରିଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ଗୋପାଳଚନ୍ଦ୍ର ବାରିକ୍, ବରିଷ୍ଠ ନେତା ଲୋକନାଥ ଧିର, ପୂର୍ଣ୍ଣ ଚନ୍ଦ୍ର ବିଶ୍?ାଳ ସମେତ ବ୍ଲକର ନେତୃମଣ୍ଡଳୀ ଯୋଗଦେଇଥିଲେ ଏହି ସଭାକୁ ପଞ୍ଚାୟତର ସାଧାରଣ ସମ୍ପାଦକ, ବିପିନ୍ ପାତ୍ର, ବରିଷ୍ଠ ନେତା ଲକ୍ଷ୍ମୀଧର ବେହେରା, ବିଦ୍ୟାଧର ନାୟକ, ପ୍ରଭାକର ମହାନ୍ତ, ଯୁବ ସଭାପତି ଶୁକଦେବ ପାତ୍ର, ସମ୍ପାଦକ ବିଭୂତି ଭୂଷଣ ମହାନ୍ତ, ଯୁବନେତା ଅବିନାଶ ନାୟକ, କୀର୍ତ୍ତନ ମହାନ୍ତ, କିଶୋର ମହାନ୍ତ, ରଶ୍ମି ମହାନ୍ତ, ରଞ୍ଜନ ଜେନା, ଲମ୍ବୋଧର ମହାନ୍ତ, ସିକୁନ ଜେନା, ସଞ୍ଜୟ ଦେହୁରୀ, ପୁତୁଲୁ ପାତ୍ର, ନବସାହୁ, ସମେତ ସମସ୍ତ ଯୁବକମାନେ ସହଯୋଗ କରିଥିଲେ।

ପ୍ରୟାସ ବିଦ୍ୟାମନ୍ଦିର ପ୍ରବେଶିକା ପରୀକ୍ଷା

## ଭାଗ ନେଲେ ୧୩୦୧ ଛାତ୍ରଛାତ୍ରୀ



ବ୍ୟାସନଗର, ୮।୨(ସମିସ)

ପ୍ରୟାସ ବିଦ୍ୟାମନ୍ଦିରର ଚଳିତ ବର୍ଷ ପାଇଁ ୬ଷ୍ଠ, ୭ମ ଏବଂ ୮ମ ଶ୍ରେଣୀ ପାଇଁ ରବିବାର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା କୋରେଇ ବ୍ଲକ ତଣ୍ଡରାଠାରେ ରହିଥିବା ପ୍ରୟାସ କ୍ୟାମ୍ପସରେ ଅଫ୍‌ଲାଇନ ମାଧ୍ୟମରେ ଆଡ୍‌ମିଶନ ଟେଷ୍ଟରେ ଭାଗନେବା ପାଇଁ ଶତାଧିକ ଛାତ୍ରଛାତ୍ରୀ ଆବେଦନ କରିଥିଲେ। ତେବେ ରବିବାର ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାରେ ୧୩୦୧ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୬ଷ୍ଠ ଶ୍ରେଣୀ ପାଇଁ ସର୍ବାଧିକ ୫୨୭ ଜଣ, ୭ମ ଶ୍ରେଣୀ ପାଇଁ ୩୪୩ ଜଣ ଏବଂ ୮ମ ଶ୍ରେଣୀ ପାଇଁ ୪୩୧ଜଣ ପରୀକ୍ଷାର୍ଥୀ ପ୍ରବେଶିକାରେ ଭାଗ ନେଇଛନ୍ତି। ଏନେଇ ରବିବାର ତଣ୍ଡରାସ୍ଥିତ ପ୍ରୟାସ କ୍ୟାମ୍ପସ ବାହାରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ତେବେ ଆସନ୍ତା ଫେବୃଆରୀ ମାସ ୧୪ ତାରିଖରେ ରବିବାର ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାର ଫଳାଫଳ ପ୍ରକାଶ ପାଇବ ବୋଲି ସ୍କୁଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

**୧୪ରେ ପ୍ରକାଶ ପାଇବ ଫଳାଫଳ**

## ଡଙ୍କାରୀ ତୈଳ ସଂରକ୍ଷଣ ପ୍ରକଳ୍ପ ପାଇଁ ମାର୍ଚ୍ଚରେ ହେବ ଟେଣ୍ଡର

**ଧର୍ମଶାଳା, ୮।୨(ସମିସ):** ଧର୍ମଶାଳା ବ୍ଲକ ଡଙ୍କାରୀ ଠାରେ ହେବାକୁ ଥିବା ତୈଳ ସଂରକ୍ଷଣ ପ୍ରକଳ୍ପ ପାଇଁ ଆସନ୍ତା ମାର୍ଚ୍ଚ ମାସରେ ଟେଣ୍ଡର ହେବ ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଇଣ୍ଡିଆନ ଷ୍ଟ୍ରାଟେଜିକ ପ୍ରେଟ୍ରୋଲିୟମ ରିଜର୍ଭ ଲିମିଟେଡ୍ (ଆଇଏସପିଆରଏଲ୍) ପକ୍ଷରୁ ଚିଠି ସଂଖ୍ୟା ୨୫-୨୬/୦୩୩ରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଅବଗତ କରାଯାଇଛି। ସୂଚନା ମୁତାବକ ଏହି ତୈଳ ସଂରକ୍ଷଣ ପ୍ରକଳ୍ପ ପାଇଁ ଗତ ବର୍ଷ ଜାନୁଆରି ମାସ ୨୮ ତାରିଖରେ ଇପିକଲ ସହିତ ଏମ୍‌ଓୟୁ ସ୍ୱାକ୍ଷର ହେବା ସହିତ ରାଜ୍ୟ ସରକାରଙ୍କ ସହିତ ୨୦୨୫ ଏପ୍ରିଲ ମାସ ୮ ତାରିଖରେ ମଧ୍ୟ ଏମଓୟୁ ସ୍ୱାକ୍ଷର କରାଯାଇଥିଲା। ଏହା ପରେ ପ୍ରକଳ୍ପର ମାପଚୁପ ଏବଂ ସର୍ଭେ କାର୍ଯ୍ୟ ଶେଷ ହୋଇଥିବା ଜଣାପଡ଼ିଛି। ମୋଟ ପ୍ରକଳ୍ପ ପାଇଁ ଅଧିଗ୍ରହଣ ଜମି ବାବଦକୁ ୨୧ କୋଟି ଟଙ୍କା ଇଡ୍‌କୋକୁ ମଧ୍ୟ ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପ ପାଇଁ ଆସନ୍ତା ମାର୍ଚ୍ଚ ମାସରେ ଟେଣ୍ଡର ଆହ୍ୱାନ କରାଯାଇ ପିପିପି ମୋଡରେ କରାଯିବା ପାଇଁ ଅନୁମୋଦନ ଲାଭ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି।

## କଲ୍ୟାଣ ମଣ୍ଡପରୁ ଲୁହାଛଡ଼ କାଟି ନେଲେ ଦୁର୍ବୃତ୍ତ

**ବିଞ୍ଝାରପୁର, ୮।୨(ସମିସ):** ରାଜ୍ୟରେ ସରକାର ବଦଳିଛି ହେଲେ ଆଇନଶୃଙ୍ଖଳା ପରିସ୍ଥିତି ସୁଧୁରିବା ବଦଳରେ ବିଞ୍ଝାରପୁର ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଦେଖା ଦେଇଛି। ବିଞ୍ଝାରପୁର ବ୍ଲକରେ ଆଇନଶୃଙ୍ଖଳା ପରିସ୍ଥିତି ଦେଖିବା ପାଇଁ ବିଞ୍ଝାରପୁର, ଅଳକୁଣ୍ଡ ଥାନା ଓ ଜରି ଫାଣ୍ଡି ରହିଥିବା ବେଳେ ଏହି ଅଞ୍ଚଳରେ ଦୈନନ୍ଦିନ ଚୋରି, ଡକାୟତି ଘଟଣାମାନ ଘଟୁଛି। ଏହାର ଜ୍ୱଳନ୍ତ ଉଦାହରଣ ଅଳକୁଣ୍ଡ ଥାନା ଅଧୀନସ୍ଥ କପିଳା ପଞ୍ଚାୟତରେ ଦେଖିବାକୁ ମିଳିଛି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କପିଳା ଛକରେ ରାଜ୍ୟ ସରକାରଙ୍କ ୫ମ ଅର୍ଥ କମିଶନଙ୍କ ଅନୁଦାନରେ କଲ୍ୟାଣ ମଣ୍ଡପ ନିର୍ମାଣଧୀନ ରହିଛି। କିନ୍ତୁ ଏପର୍ଯ୍ୟନ୍ତ କଲ୍ୟାଣ ମଣ୍ଡପଟି ନିର୍ମାଣ ସରି ନ ଥିଲା ବେଳେ ଏବେ ଦୁର୍ବୃତ୍ତମାନେ ନିର୍ମାଣଧୀନ କଲ୍ୟାଣ ମଣ୍ଡପ କୋଠାର କାନ୍ଥ ଭାଙ୍ଗିବା ସହିତ କୋଠାରେ ବ୍ୟବହୃତ ହୋଇଥିବା ଲୁହାଛଡ଼ କାଟି ନେଇଥିବା ଜଣାପଡ଼ିଛି। ଏହା ଜଣାପଡ଼ିବା ପରେ ଏହି ଘଟଣାକୁ ନେଇ ଅଳକୁଣ୍ଡ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା ବେଳେ ଏହା ନିଶାଡ଼ି ମାନଙ୍କ କାର୍ଯ୍ୟ ବୋଲି ସନ୍ଦେହ କରାଯାଉଛି। ଏହି ଘଟଣା ପାଇଁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

## ମାତୃପିତୃ ପୂଜନ ଦିବସ

**କୟାଁଗୋଲା, ୮।୨(ସମିସ):** ଦଶରଥପୁର ବ୍ଲକ ବିହାରୀ ପଞ୍ଚାୟତସ୍ଥିତ ସାଉଁଣ୍ଡି ଗ୍ରାମର ମେଳଣ ପଡ଼ିଆଠାରେ ମାତୃପିତୃ ପୂଜନ ଦିବସ ପାଳନ କରାଯାଇଛି। ସୁଧାଂଶୁ ଶେଖର ଦାସଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ କରାଯାଇଥିଲା। ଯାଜପୁର ଯୋଗ ବେଦାନ୍ତ ସେବା ସମିତି ମୁଖ୍ୟ ଆବାହକ ବିନୋଦ ମେନା ଉପସ୍ଥିତ ଥିବା ବେଳେ ପ୍ରବଚକ ଭାବେ ସୁଧୀର ପଣ୍ଡା, କ୍ଷୀରୋଦ ଯେନା, ବିରଜା ଦାସ, ଡ. ଚିନ୍ମୟ ଦାସ ଯୋଗଦାନ କରିଥିଲେ। ଅଶ୍ୱିନୀ ଯେନା, ଦାମୋଦର ମଲ୍ଲିକ, ମଙ୍ଗୁଳି ମଲିକ ସହଯୋଗ କରିଥିଲେ। ବଳ ମଲ୍ଲିକ ଆୟୋଜକ ଭାବରେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ମହିଳା ଯୋଗଦାନ କରିଥିଲେ। ଉପସ୍ଥିତ ପିଲାମାନେ ତାଙ୍କ ପିତା ମାତାଙ୍କୁ ଦୀପ ଜାଳି ବନ୍ଦାପନା କରି ମାତୃପିତୃ ପୂଜନ ଦିବସ କୁ ପାଳନ କରିଥିଲେ।

## ବରିଷ୍ଠ ନାଗରିକ ମିଳିତ ମଞ୍ଚର ବୈଠକ

**ଯାଜପୁର, ୮।୨(ସମିସ):** ଯାଜପୁର ବରିଷ୍ଠ ନାଗରିକ ମିଳିତ ମଞ୍ଚର ତ୍ରୟମାସିକ ବୈଠକ ରବିବାର ବରିଷ୍ଠ ଭବନ ଯାଜପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ନାଗରିକ ମଞ୍ଚର ସଭାପତି ଗୟାଧର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ତ୍ରୟମାସିକ ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୋଧ କୁମାର ନାୟକ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ। ଉପସଭାପତି ଗଦାଧର ରାଉତଙ୍କ ସମେତ ଚଣ୍ଡିଖୋଲରୁ ଅଭିମନ୍ୟୁ ଧଳ, ନୃସିଂହ ଚରଣ ମହାପାତ୍ର, ସନାତନ ମଲ୍ଲିକ, ଚନ୍ଦ୍ରମଣି ସାମଲ, ବଟକୃଷ୍ଣ ସାହୁ, ଆନନ୍ଦ ଚନ୍ଦ୍ର ସାହୁ, ନୃସିଂହ ଚରଣ ଦଳାଇ, କୃଷ୍ଣଚନ୍ଦ୍ର ସାହୁ, ନଟବର ସେଠୀ, ଅଦ୍ୱୈତ ପ୍ରସାଦ ସାହୁ, ସୁବାସ ଚନ୍ଦ୍ର ସ୍ୱାଇଁ, ନିରଞ୍ଜନ ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ସଦସ୍ୟ ସୁଶାନ୍ତ କୁମାର ନାୟକ ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଡା. ସୁରେଖା ଓଝାଙ୍କ ସ୍ମୃତିସଭା

**ବରୀ, ୮।୨(ସମିସ):** ବରୀ ଅଞ୍ଚଳର ସୁନାମଧନ୍ୟା ଡାକ୍ତର ସୁରେଖା ଓଝା କେବଳ ଡାକ୍ତର ହିସାବରେ ବରୀ ଅଞ୍ଚଳରେ ଯେତିକି ପରିଚିତ ନଥିଲେ ତାଙ୍କର ଚିକିତ୍ସା କ୍ଷେତ୍ରରେ ସମର୍ପଣ ଭାବ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ବିଗତ ଦିନରେ ବରୀ ଭଳି ଏକ ଦୁର୍ଗମ ଅଞ୍ଚଳରେ ସରକାରୀ ଚାକିରି ଛାଡ଼ି ଏକ ସେବାକେନ୍ଦ୍ର ପ୍ରତିଷ୍ଠାକରି ଦୀର୍ଘ ୫୬ ବର୍ଷ ଧରି ଚିକିତ୍ସା ସେବା ଯୋଗାଇ ଦେବା ଓ ଦଶ ହଜାରରୁ ଊର୍ଦ୍ଧ୍ୱ ପ୍ରସବ କରାଇ କେବଳ ଜଣେ ଚିକିତ୍ସିକା ଭାବେ ନୁହେଁ ଜଣେ ମା’ ହିସାବରେ ଜନ୍ମିତ ଶିଶୁଟିର କିଭଳି ଯତ୍ନ ନିଆଯିବ ସେ କ୍ଷେତ୍ରରେ ପରାମର୍ଶ ଦେବା ତାଙ୍କ ସେବାର ଅନ୍ୟାନ୍ୟ ଉଦାହରଣ ବୋଲି ଅତିଥିମାନେ କହିଛନ୍ତି। ଡାକ୍ତର ଓଝାଙ୍କ ସ୍ମୃତିରେ ନବ ନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଂଯୋଜକ ନିମାଇଁ ରାୟ ସଭାପତିତ୍ୱ କରିଥିବା ବେଳେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ପୂର୍ବତନ ଅଧକ୍ଷ ସୁବାସ ବିଶ୍ୱାଳ, ଡ. ବିଶ୍ୱନାଥ ତ୍ରିପାଠୀ, ପ୍ରଭାସ ଚନ୍ଦ୍ର ଦାସ, ରମାକାନ୍ତ ମଣ୍ଡଳ, ଡ. ଓଝାଙ୍କ ସାନ ଭଉଣୀ ସ୍ୱର୍ଣ୍ଣରେଖା ମହାପାତ୍ର, ସୀତାରାଣୀ ଦେଓ, ପୂର୍ବତନ ପ୍ରଧାନ ଶିକ୍ଷକ ମକରଧ୍ୱଜ ସାହୁ, ଦିଲ୍ଲୀପ କୁମାର ଦାସ, ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ସାମ୍ବାଦିକ ସଞ୍ଜୟ ବେହେରା, ପ୍ରଶାନ୍ତ ଦ୍ୱିବେଦୀ, ସାଗର ବେଉରିଆ, ସୁରେଶ କର, ବିଶ୍ୱ ଭୂଷଣ ଜେନା, ପୁଷ୍ପଗିରି ସାହିତ୍ୟ ପରିଷଦର ସଭାପତି ଦୁଃଖିଶ୍ୟାମ ଜେନା ଉପସ୍ଥିତ ଥିଲେ।

## ଲଙ୍ଗୁଳି ମଠ ମହନ୍ତଙ୍କ ପରଲୋକ


**ବାଲିଚନ୍ଦ୍ରପୁର, ୮।୨(ସମିସ):** ବଡ଼ଚଣା ବ୍ଲକ ତଥା ପଲେଇ ପଞ୍ଚାୟତ ଅନ୍ତର୍ଗତ ଶୁଖୁଆପଡ଼ା ପାହାଡ଼ ପାଦଦେଶରେ ପ୍ରତିଷ୍ଠା କରାଯାଇଥିବା ଲଙ୍ଗୁଳି ମଠର ମହନ୍ତ ବାବାଜୀ ପର୍ଶୁରାମ ଦାସ (୯୭)ଙ୍କର ଆଜି ପରଲୋକ ଘଟିଛି। ଆଜି ଦିନ ଗୋଟାଏରେ ମହନ୍ତ ମଠରେ ଥିବା ବେଳେ ହଠାତ ତାଙ୍କ ଦେହ ଅସୁସ୍ଥ ହୋଇ ପଡ଼ିଥିଲା। ମଠ ଅନ୍ତେବାସୀ ମାନେ ଚିକିତ୍ସା ପାଇଁ ତାଙ୍କୁ କେନ୍ଦ୍ରାପଡ଼ା ମେଡିକାଲ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କଟକରୁ ତାଙ୍କ ମରଶରୀର ଲଙ୍ଗୁଳି ମଠରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶତାଧିକ ଲୋକେ ମଠକୁ ଆସି ଶେଷ ଦର୍ଶନ କରିଥିଲେ। ପରେ ପରେ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ କେନ୍ଦ୍ରାପଡ଼ା ଜିଲ୍ଲା ତଥା ଛୋଟୀ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ତାଙ୍କ ନୁରୁଖାପାଟଣା ଗ୍ରାମକୁ ନିଆଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ମର ଶରୀରକୁ ମଙ୍ଗୁଳି ମଠକୁ ଅଣାଯାଇ ଏଠାରେ ସମାଧିସ୍ଥ କରାଯାଇଥିଲା। ବାବାଙ୍କ ବଡ଼ପୁଅ ଅଧାପକ କିଶୋର ଚନ୍ଦ୍ର ସ୍ୱାଇଁ, ରାଇବ ଚରଣ ଦାସ, ହଗୁରି ମହାରଣା, ଅଶୋକ ମହାରଣା, ଅରିଲୋ ସ୍ଥିତ ବାବା ବଳିଆ ଆଶ୍ରମର ବାବାଜୀ ଆତ୍ମାରାମ ଦାସ, ସୁମନ୍ତ ସାମଲ, ଅର୍ଜୁନ ଚରଣ ନାୟକ ଓ ପ୍ରସନ୍ନ ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ ଅମର ଆତ୍ମାର ସଦଗତି କାମନା କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

**ଯାଜପୁର, ୭।୨(ସମିସ):** ଯାଜପୁର ନଗର ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ ଶନିବାର ଅପରାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ କହ୍ନେଇ ଚରଣ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡା. ସୀତାରାମ ମହାପାତ୍ର ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ଛାତ୍ରଛାତ୍ରୀଙ୍କୁ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପିକା ସୁଶ୍ରୀ ଇନ୍ଦୁମତୀ ଦାସ, ଜିନ୍ଦଲ ଷ୍ଟେନଲେସ୍ ର ମୁଖ୍ୟ ସିଏସ୍‌ଆର ସୁକାନ୍ତ କୁମାର ରଥ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ କୃତୀବାସ ରାଉତ ଓ ସମ୍ପାଦକ ଜଗଦେବ ସତ୍ୟଞ୍ଜୟ ଗଡ଼ନାୟକ ସଭା ପରିଚାଳନା କରିଥିଲେ। ଏହି ଅବସରରେ ମୁଖପତ୍ର ‘ଶଙ୍ଖନାଦ’ ଉନ୍ମୋଚନ ହୋଇଥିଲା। ଶେଷରେ ଶିଶୁ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

୮/୨/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୮୭,୦୬୫/- ସୁନା:୦୫.୧୦୦ ଗ୍ରାମ୍ ରୁପା: ୧୩.୯୦୦ ଗ୍ରାମ୍





# ପୁରୀରେ ଯାଯାବରଙ୍କୁ ଯାଞ୍ଚ ନାହିଁ

ପୁରୀ,୮।୨(ସମିସ): ଅନ୍ତର୍ଜାତୀୟ ପର୍ଯ୍ୟଟନ ଏବଂ ଧାର୍ମିକ ସହର ପୁରୀ। ଏଠାକୁ ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ଭକ୍ତ ପର୍ଯ୍ୟଟକ ଆସିଥାନ୍ତି। କିନ୍ତୁ କିଏ କେଉଁ ଉଦ୍ଦେଶ୍ୟ ନେଇ ଆସୁଛନ୍ତି ତାହା ଜାଣିବା ସହଜ ନୁହେଁ। ବିଗତ ଦିନରେ ପୁରୀରୁ ବହୁ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଠାବ କରାଯାଇଛି। ଯେହେତୁ ଏଠାରେ ପ୍ରତିଦିନ ହଜାର ହଜାର ଯାତ୍ରୀ, ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ ତେଣୁ ପୁରୀର ସୁରକ୍ଷା ବ୍ୟବସ୍ଥା ସର୍ବଦା ପୁଲିସ ଏବଂ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ରହିଆସିଛି। ଏ ସବୁକୁ ଦେଖିଲେ ଏବେ ଚିନ୍ତାର ବିଷୟ ପାଲଟିଲେଣି ଯାଯାବର। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏମାନଙ୍କୁ ଯାଞ୍ଚ କରାଯାଉ ନାହିଁ। ଏହି ଯାଯାବରଙ୍କ ଠିକଣାରେ ଆସି କେହି ବି ଯଦି କିଛି ଅଘଟଣ ଘଟାନ୍ତି ତେବେ ଏଥିପାଇଁ ଦାୟୀ ରହିବ କିଏ? ଏଭଳି ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ।

ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀକୁ ପ୍ରତ୍ୟେକ ଦିନ ହଜାର ହଜାର ଶ୍ରଦ୍ଧାଳୁ ଆସୁଛନ୍ତି। ସେହିପରି ଏଠାରେ ପୂର୍ବ ଭାରତର ଅନ୍ୟତମ ମନୋରମ ବେଳାଭୂମି ରହିଛି। ତେଣୁ ବର୍ଷତମାମ୍ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ହେଉଛି। ଏପରିକି ଛୁଟିଦିନ ଏବଂ ପର୍ବପର୍ବାଣୀ ଦିନମାନଙ୍କରେ ସହରରେ ଭିଡ଼ ଅସମ୍ଭାଳ ହେଉଛି। ବିଭିନ୍ନ ପ୍ରକାର ଲୋକ ପୁରୀକୁ ଆସୁଛନ୍ତି। ଏହାରି ଭିତରେ ଏବେ ପୁରୀ ପାଇଁ ବିପଦ ବଢ଼ାଇଲେଣି ଯାଯାବର। ରାସ୍ତାଘାଟ, ଗଳିକନ୍ଦି ପୁରୀ ସହରରେ ବଢ଼ୁଛି ଏମାନଙ୍କ ସଂଖ୍ୟା। ସହରକୁ ଆସୁଥିବା ଯାଯାବର ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ, ତାଳବଣିଆ ସମେତ ବିଭିନ୍ନ ବସ୍ତି ଅଞ୍ଚଳରେ ରହୁଛନ୍ତି। ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଫୁଟ୍‌ପାଥରେ ଏମାନଙ୍କୁ ଅଧିକାଂଶ ସମୟ ଦେଖିବାକୁ ମିଳୁଛି। ପିଲାଛୁଆଙ୍କୁ ଧରି ରହୁଛନ୍ତି। ଏମାନଙ୍କ ମଧ୍ୟରୁ କିଛି ଜଣଙ୍କ ଉଦ୍ଦେଶ୍ୟ କିନ୍ତୁ ଭିନ୍ନ ରହୁଛି। ସ୍ଥାନୀୟ ଅସାମାଜିକ ବ୍ୟକ୍ତିଙ୍କ ସୁରକ୍ଷା ଆଢୁଆଳରେ ରହି ଚୋରି, ଛିନ୍‌ତାଇ ସମେତ ବିଭିନ୍ନ ଅପରାଧରେ ସାମିଲ୍ ହେଉଛନ୍ତି, ଯାହାକି ବେଶ୍ ଚିନ୍ତାର ବିଷୟ ପାଲଟିଛି। କେବଳ ଏତିକି ନୁହେଁ ଏମାନଙ୍କର ବି ବେଆଇନ ନିଶା କାରବାରରେ ସମ୍ପୃକ୍ତି ରହୁଛି ବୋଲି ଅନେକ ସମୟରେ ଚର୍ଚ୍ଚା ହେଉଛି। ନିକଟରେ କିଛି ଯାଯାବର ପିଲା ବିଭିନ୍ନ ସ୍ଥାନରେ ଜରି ଗୋଟାଉଥିବା ବେଳେ ସେମାନେ ନିଶାରେ ବୁଡ଼ି ରହୁଥିବା ଦେଖିବାକୁ ମିଳିଥିଲା। ନିଶା ପାଇଁ ସେମାନେ ଡେନ୍‌ଡ୍ରାଇଟ୍ ଅଠା ବ୍ୟବହାର କରୁଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ନଜରରେ ଆସିବା ପରେ ଦୁଇଜଣ ନାବାଳକ କିପରି ଡେନ୍‌ଡ୍ରାଇଟ୍ ଅଠାକୁ ନିଶା ଭାବେ ବ୍ୟବହାର କରିଥା'ନ୍ତି ତାହା ଦେଖାଇଥିଲେ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯାଯାବର ଆସୁଛନ୍ତି ଆସିବେ ମଧ୍ୟ। କିନ୍ତୁ ସୁରକ୍ଷା ଦୃଷ୍ଟିକୋଣରୁ ଏମାନଙ୍କ ବିଷୟରେ ସବୁ ତଥ୍ୟ ପୁଲିସ କିମ୍ବା ପ୍ରଶାସନ ଅବଗତ ଥିବା ଦରକାର। ନଚେତ୍ କେତେବେଳେ ଯେ କୌଣସି ଅଘଟଣ ନ ଘଟାଇବେ ତାହା କେହି କହିପାରିବେ ନାହିଁ। କିନ୍ତୁ ଏହା କରାଯାଉ ନାହିଁ। ରଥଯାତ୍ରା ପୂର୍ବରୁ ପୁରୀ ସହର ସମେତ ସମଗ୍ର ଜିଲ୍ଲାରେ ସନ୍ଦିଗ୍ଧ ବ୍ୟକ୍ତି ଏବଂ ଯାଯାବରଙ୍କୁ ପୁଲିସ ଉଦ୍ଧାର କରି ଯାଞ୍ଚ କରିଥିଲା। ଅନେକ ସଠିକ୍ ତଥ୍ୟ ଦେଇ ନ ପାରିବାରୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ତେବେ ରଥଯାତ୍ରା ପରେ ଏ ସବୁ ବନ୍ଦ ହୋଇଯାଇଛି, ଯାହାକି ପୁରୀ ସୁରକ୍ଷା ପାଇଁ ବଡ଼ ଚିନ୍ତାର ବିଷୟ ପାଲଟିଛି। ବୁଦ୍ଧିଜୀବୀଙ୍କ ମତରେ ଶ୍ରୀମନ୍ଦିର ପ୍ରତି ଆତଙ୍କବାଦୀ ପଟୁ ବିପଦ ଥିବା ପୂର୍ବରୁ ଗୁଇନ୍ଦା ବିଭାଗ ସୂଚନା ଦେଇଆସିଛି। ତେଣୁ ଆମକୁ ଅଧିକ ସଜାଗ ଏବଂ ସତର୍କ ରହିବାକୁ ହେବ। ପୁରୀକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଆସୁଛନ୍ତି। ତେଣୁ ସୁରକ୍ଷା ହେଉଛି ବଡ଼ ପ୍ରସଙ୍ଗ। ପୂର୍ବରୁ ପୁଲିସ ପୁରୀରେ ଥିବା ଯାଯାବରଙ୍କ ପରିଚୟ ଯାଞ୍ଚ କରିଥିଲା। କିନ୍ତୁ ଏହି ଯାଞ୍ଚ ପ୍ରକ୍ରିୟା ନିୟମିତ ହେବା ଦରକାର। ଏହାଦ୍ୱାରା ପୁରୀକୁ ଆସୁଥିବା ଅଜଣା ବ୍ୟକ୍ତିଙ୍କ ସମ୍ପର୍କରେ ପୁଲିସ ପାଖରେ ତଥ୍ୟ ରହିପାରିବ।



## ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଦ୍‌ବେଗ

### ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବର ସ୍ୱନକ୍ଷତ୍ର ଉତ୍ସବ

# ମୁଖପତ୍ର 'ନାକଚଣା' ଲୋକାର୍ପିତ ଓ ପ୍ରତିଭା ସମ୍ମାନିତ

ପୁରୀ,୮।୨(ସମିସ): ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ ପୁରୀର ଚତୁର୍ଥ ରାଜ୍ୟସ୍ତରୀୟ କବି ଲେଖକ ସମ୍ମେଳନ, ସମ୍ମାନ ପ୍ରଦାନ ଓ ମୁଖପତ୍ର 'ନାକଚଣା'ର ଶୁଭ ଲୋକାର୍ପଣ ଉତ୍ସବ ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ କବିତାପାଠ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ କୃଷ୍ଣଚନ୍ଦ୍ର ରଥ ସଭାପତି ଭାବରେ ଯୋଗଦେଇଥିଲେ। ଏହି ଅବସରରେ କବି ମନୋରମା ଆଚାର୍ଯ୍ୟ ମଙ୍ଗଳ ଗୀତ ଗାନ କରିଥିଲେ। କବି ମହେନ୍ଦ୍ର କୁମାର ଦାଶ, ଭାରତୀ ଭୂଷଣ ଦାସ, କମଳ କୁମାର ଦାଶ ଓ ପ୍ରଲିପ୍ତା ଛୋଟରାୟଙ୍କ ସଂଯୋଜନାରେ ୪୦ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କଳ୍ପନା ମିଶ୍ର। ଦ୍ୱିତୀୟ ପର୍ଯ୍ୟାୟରେ ସଂଯୋଜକ ପୁରୁଷୋତ୍ତମ ନନ୍ଦ ଅତିଥିମାନଙ୍କୁ ଆମନ୍ତ୍ରଣ କରିବା ଅବସରରେ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ କରିଥିଲେ ବରିଷ୍ଠ ସେବାୟତ ଭଗବାନ ସୁଆର। ମୁଖ୍ୟଅତିଥି ଭାବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡ. ଦିଲ୍ଲୀପ କୁମାର ସେନାପତି, ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ଲକ୍ଷ୍ମୀଧର ଖୁଣ୍ଟିଆ ଓ ଉପାଧ୍ୟକ୍ଷ ବିଜୟଲକ୍ଷ୍ମୀ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ।

ଏହି ଭବ୍ୟ ସମାରୋହରେ ଶ୍ରୀକ୍ଷେତ୍ରର ସୁନାମଧନ୍ୟ ଲେଖକ ଡ. ସିଦ୍ଧେଶ୍ୱର ମହାପାତ୍ର, କବି ସୂର୍ଯ୍ୟ ମିଶ୍ର ଓ ବାବାଜୀ ଚରଣ ଜେନାଙ୍କୁ 'ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହିତ କବି ଦାମୋଦର ମହାନ୍ତି, ଉମାକାନ୍ତ ମହାପାତ୍ର, ଶ୍ୟାମ ପ୍ରକାଶ ସେନାପତି, ପୂର୍ଣ୍ଣଚନ୍ଦ୍ର ଦାସ, ସନ୍ତୋଷ ସେଠୀ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସାରଙ୍ଗଧର ଷଡ଼ଙ୍ଗୀ, ଅଶୋକ ମିଶ୍ର, ଅନ୍ନପୂର୍ଣ୍ଣା ଦେବୀ, ପ୍ରବାସିନୀ ମିଶ୍ର, ପ୍ରତିଭା ତ୍ରିପାଠୀ, ସରୋଜିନୀ ମିଶ୍ର, କ୍ରିଷ୍ଣା ମହାପାତ୍ର, ପୌର୍ଣ୍ଣମାସୀ ଦେବୀ ଓ ପଦ୍ମାଳୟା ମିଶ୍ରଙ୍କୁ 'ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ ସାରସ୍ୱତ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଆଭିମୁଖ୍ୟ ଉପରେ ବକ୍ତବ୍ୟ ଦେଇଥିଲେ ଅନୁଷ୍ଠାନର ପ୍ରତିଷ୍ଠାତା ସଦାଶିବ ମିଶ୍ର। ଅଧ୍ୟକ୍ଷତା କରିଥିଲେ ସଭାପତି ରବୀନ୍ଦ୍ରନାଥ ପଟ୍ଟନାୟକ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ନାକଚଣା'ର ଶୁଭ ଲୋକାର୍ପଣ କରାଯିବା ସହିତ ବ୍ରଜକିଶୋର ତ୍ରିପାଠୀଙ୍କ ଭାଷା ସାହିତ୍ୟ, ସଂସ୍କୃତି ଓ ସମନ୍ୱିତ ମୁଖପତ୍ର 'ଅନୁରାଗ' ପତ୍ରିକା ଲୋକାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଆବାହକ ସୁରେଶ କୁମାର ପଟ୍ଟନାୟକ, ମନସ୍ୱିନୀ ବେହେରା, ସନ୍ତୋଷିନୀ ବେହେରା, ରୋଜାଲିନ୍ ପଣ୍ଡା, କମଳିନୀ ପାଣିଗ୍ରାହୀ ଓ ଯୋଗେନ୍ଦ୍ର ନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଅନାମ ଚନ୍ଦ୍ର ସାହୁ।

# କ୍ରୀଡ଼ା ଢାଞ୍ଚା ବିକାଶ ପାଇଁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀଙ୍କୁ ସ୍ମାରକପତ୍ର

ପୁରୀ,୮।୨(ସମିସ): ପୁରୀ ଜିଲ୍ଲାରେ କ୍ରୀଡ଼ା ଓ ଯୁବ ବିକାଶର ଅପାର ସମ୍ଭାବନାକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀ ସଂଗଠନ ସମ୍ପର୍କ ତରଫରୁ ଜିଲ୍ଲାର କ୍ରୀଡ଼ା ଢାଞ୍ଚା ବିକାଶ ପାଇଁ ଅନୁଷ୍ଠାନର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସଙ୍କ ନେତୃତ୍ୱରେ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ମନସୁଖ ମାଣ୍ଡଭିୟଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମନ୍ତ୍ରୀ ଶ୍ରୀ ମାଣ୍ଡଭିୟ କହିଛନ୍ତି, ସରକାର ଯୁବମାନଙ୍କୁ ଉତ୍ତମ ସୁଯୋଗ ପ୍ରଦାନ କରିବାକୁ ପ୍ରତିବଦ୍ଧ ଓ ଏହି ବିଷୟଗୁଡ଼ିକୁ ସମ୍ପୃକ୍ତ ବିଭାଗ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଦିଆଯାଇଥିବା ବିଭିନ୍ନ ଦାବି ମଧ୍ୟରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସମୁଦ୍ରତଟୀୟ ଜିଲ୍ଲା ପୁରୀର ଦୀର୍ଘ ସମୁଦ୍ରତଟରେ ବିଚ୍ ଭଲିବଲ, ବିଚ୍ କବାଡ଼ି, ବିଚ୍ କୁସ୍ତି, ସର୍ଫିଂ ଓ ଅନ୍ୟାନ୍ୟ ଜଳକ୍ରୀଡ଼ା ପ୍ରଚାର ପାଇଁ ବିଶେଷ ସୁଯୋଗ ରହିଛି। ଯଥୋଚିତ ପରିକଳ୍ପନା ଓ ଆବଶ୍ୟକ ଢାଞ୍ଚାର ବିକାଶ କରାଗଲେ ପୁରୀକୁ ଦେଶର ଏକ ପ୍ରମୁଖ ବିଚ୍ କ୍ରୀଡ଼ା କେନ୍ଦ୍ର ଭାବେ ଉନ୍ନତ କରାଯାଇପାରିବ, ଯାହା ଯୁବମାନଙ୍କ ଅଂଶଗ୍ରହଣ ବୃଦ୍ଧି ସହ କ୍ରୀଡ଼ା ପର୍ଯ୍ୟଟନକୁ ମଧ୍ୟ ପ୍ରୋତ୍ସାହନ ଦେବ।

ଓଡ଼ିଶା ବିଶେଷକରି ପୁରୀ ପାରମ୍ପରିକ କୁସ୍ତି ପାଇଁ ପରିଚିତ। ପୁରୀରେ ଆଜି ମଧ୍ୟ 'ଜଗା ଘର' ପରମ୍ପରା ଜୀବନ୍ତ ଅଛି ଓ ଅନେକ ପ୍ରତିଭାଶାଳୀ ଯୁବକ ଏହି କ୍ରୀଡ଼ା ପ୍ରତି ଆଗ୍ରହୀ। ଏହାକୁ ଦୃଷ୍ଟିରେ ରଖି ପୁରୀରେ ଆଧୁନିକ ସୁବିଧାସମ୍ପନ୍ନ ଏକ କୁସ୍ତି ଏକାଡେମୀ ପ୍ରତିଷ୍ଠା, ଯେଉଁଠାରେ ପ୍ରଶିକ୍ଷିତ କୋଚ୍, ଟ୍ରେନର, ଆଧୁନିକ ସାମଗ୍ରୀ ଓ ଆବାସିକ ବ୍ୟବସ୍ଥା ରହିବ ବୋଲି ଦାବି କରାଯାଇଛି। ସେହିପରି କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ ପୁରୀର ବର୍ତ୍ତମାନ ଯୁବ ଛାତ୍ରାବାସର ପୁନରୁଦ୍ଧାର, ବିସ୍ତାର ଏବଂ ଜାତୀୟ ଅନ୍ତର୍ଜାତୀୟସ୍ତରର କାର୍ଯ୍ୟକ୍ରମ ଆୟୋଜନ ପାଇଁ ୧ହଜାର ଆସନ ବିଶିଷ୍ଟ କନ୍‌ଭେନ୍‌ସନ୍ ହଲ୍ ନିର୍ମାଣର ଆବଶ୍ୟକତା ମଧ୍ୟ ଉଠାଯାଇଛି।

### ବିଏମ୍‌ଏସ୍‌ର ତ୍ରୟବାର୍ଷିକ ଅଧିବେଶନ ଉଦ୍‌ଯାପିତ

# ନୂତନ କମିଟି ଗଠନ, ଶ୍ରମିକ ସ୍ୱାର୍ଥରେ ୪ ପ୍ରସ୍ତାବ ପାରିତ



ପୁରୀ,୮।୨(ସମିସ): ବଗଲା ଧର୍ମଶାଳା ପରିସରରେ ଅନୁଷ୍ଠିତ ଭାରତୀୟ ମଜ୍‌ଦୂର ସଂଘ(ବିଏମ୍‌ଏସ୍)ର ତ୍ରିଦିବସୀୟ ତ୍ରୟବାର୍ଷିକ ଅଧିବେଶନ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୦୨୬ରୁ ୨୦୨୯ ମସିହା ପାଇଁ ନୂତନ କେନ୍ଦ୍ରୀୟ କମିଟି ଗଠନ କରାଯାଇଛି। ନିର୍ବାଚନ ଅଧିକାରୀ ଏସ୍.କେ. ରାଠୋରଙ୍କ ନିରୀକ୍ଷଣରେ ଏହି ନିର୍ବାଚନ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ନୂତନ କମିଟିରେ ଏସ୍. ମଲେଶମ (ତେଲେଙ୍ଗାନା)ଙ୍କୁ ଅଧ୍ୟକ୍ଷ ଭାବେ ଚୟନ କରାଯାଇଥିବାବେଳେ ସୁରେନ୍ଦ୍ର କୁମାର ପାଣ୍ଡେୟ (ଛତିଶଗଡ଼)ଙ୍କୁ ମହାମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇଛି। ଉପାଧ୍ୟକ୍ଷ ଭାବେ ସୁଖବିନ୍ଦର ସିଂହ ଡିକ୍କି (ପଞ୍ଜାବ), ନୀତା ଚୌବେ (ବିଦର୍ଭ), ଅଶୋକ ଶୁକ୍ଲା (ଉତ୍ତର ପ୍ରଦେଶ), ଉନ୍ନୀକୃଷ୍ଣନ ଉନ୍ନୀନାଥନ (କେରଳ), ରାଜେନ୍ଦ୍ର ଶର୍ମା (ରାଜସ୍ଥାନ), ପବନ କୁମାର (ଦିଲ୍ଲୀ) ଓ ଜିଗ୍‌ନେଶ ମଜୁମ୍‌ଦାର (ଗୁଜରାଟ)ଙ୍କୁ ଚୟନ କରାଯାଇଛି। ଏଥିସହ ରାମନାଥ ଗଣେଶେ (ମଧ୍ୟପ୍ରଦେଶ), ଅଞ୍ଜଳି ପଟେଲ (ଓଡ଼ିଶା), ରାଧେଶ୍ୟାମ ଜୟସ୍ୱାଲ (ଛତିଶଗଡ଼), ଅରବିନ୍ଦ ମିଶ୍ର (ମଧ୍ୟପ୍ରଦେଶ), ଅଶୋକ କୁମାର (ହରିୟାଣା), ଅନିଲ ଡୁମନେ (ମହାରାଷ୍ଟ୍ର) ଓ ସଞ୍ଜୟ କୁମାର ସିହ୍ନା (ବିହାର)ଙ୍କୁ ମନ୍ତ୍ରୀ ଭାବେ ଦାୟିତ୍ୱ ଦିଆଯାଇଛି। ଅନୀଶ ମିଶ୍ର (ଦିଲ୍ଲୀ)ଙ୍କୁ ଅର୍ଥ ସଚିବ, ବି. ସୁରେନ୍ଦ୍ରନଙ୍କୁ ସଂଗଠନ ମନ୍ତ୍ରୀ, ଗଣେଶ ମିଶ୍ରଙ୍କୁ ସହ ସଂଗଠନ ମନ୍ତ୍ରୀ ଓ ପାଲଜିତ୍ ପରମାରଙ୍କୁ କାର୍ଯ୍ୟାଳୟ ସଚିବ ଭାବେ ନିଯୁକ୍ତି ଦିଆଯାଇଛି।

ଅଧିବେଶନରେ ଶ୍ରମିକ ସ୍ୱାର୍ଥ ସମ୍ପର୍କିତ ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ କରାଯାଇଛି। ପ୍ରସ୍ତାବଗୁଡ଼ିକୁ କେନ୍ଦ୍ର ସରକାରଙ୍କୁ ପଠାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପାରିତ ହୋଇଥିବା ପ୍ରସ୍ତାବ ମଧ୍ୟରେ କୌଣସି ଅପବାଦ ବିନା ସମସ୍ତ ଶ୍ରମିକଙ୍କ ଉପରେ ଶ୍ରମ ଆଇନ ସାର୍ବଜନୀନ ଭାବେ ଲାଗୁ କରିବା, ଠିକା ଶ୍ରମିକମାନଙ୍କ ଶୋଷଣ ରୋକିବା ପାଇଁ ଆଇନରେ ପରିବର୍ତ୍ତନ କରିବା, ଅଙ୍ଗନବାଡ଼ି କର୍ମୀମାନଙ୍କୁ କର୍ମଚାରୀ ମର୍ଯ୍ୟାଦା ଦେଇ ସେମାନଙ୍କୁ ବେତନ ଓ ସାମାଜିକ ସୁରକ୍ଷା ସୁବିଧା ଯୋଗାଇବା ଓ ତ୍ରିପକ୍ଷୀୟ ବ୍ୟବସ୍ଥାକୁ ପୁନରୁଜ୍ଜୀବିତ କରି ଏହାକୁ ପ୍ରଭାବଶାଳୀ ଓ ନିୟମିତ କରିବା ପାଇଁ ଦାବି କରାଯାଇଛି। ଏହି ଅଧିବେଶନରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଶ୍ରମିକ ପ୍ରତିନିଧିମାନେ ଯୋଗଦେଇ ଶ୍ରମିକ ଅଧିକାର ଓ ସୁରକ୍ଷା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ପରିଶେଷରେ ପତାକା ଅବତରଣ କରାଯାଇ ଅଧିବେଶନ ସାଙ୍ଗ କରାଯାଇଥିଲା।

## ଏସ୍. ମଲେଶମ ଅଧ୍ୟକ୍ଷ, ସୁରେନ୍ଦ୍ର ପାଣ୍ଡେୟ ମହାମନ୍ତ୍ରୀ

# ସ୍ୱାସ୍ଥ୍ୟ ସେବା ଶିବିର

ପୁରୀ,୮।୨(ସମିସ): ରୋଟାରୀ କ୍ଲବ୍ ପୁରୀ ଓ କରୁଣାଳୟ ଲେପର୍ସି କେୟାର ସେଣ୍ଟରର ମିଳିତ ଆନୁକୂଲ୍ୟରେ ବଳିଆପଣ୍ଡାସ୍ଥିତ ବେଟ୍ରିକ୍ସ ବିଦ୍ୟାଳୟ ପରିସରରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟିକୁ ରୋଟାରୀ କ୍ଲବ୍ ପୁରୀର ସଭାପତି ରୋଟାରିଆନ୍ ରତିକାନ୍ତ ନାୟକ, ସମ୍ପାଦକ ରୋଟାରିଆନ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କରୁଣାଳୟ ଲେପର୍ସି କେୟାର ସେଣ୍ଟରର ନିର୍ଦ୍ଦେଶକ ଫାଦର ବାପ୍‌ଟିଷ୍ଟ ଡିସୌଜା, ଚକ୍ଷୁ ସୁରକ୍ଷାର ଚେୟାରମ୍ୟାନ୍ ଜୟ ଦାସଗୁପ୍ତା ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଫାଦର ବୁଲୁ ବୀରେନ୍ଦ୍ର ଗୁଜୁର ପ୍ରମୁଖଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ଏଥିରେ ଚକ୍ଷୁ ପରୀକ୍ଷା, ମୋତିଆ ବିନ୍ଦୁ ଚିହ୍ନଟ, ହୋମିଓପାଥି ଚିକିତ୍ସା ଓ ଫିଜିଓଥେରାପି ଚିକିତ୍ସା କରାଯାଇଥିଲା। ଜେପିଏମ୍‌ର ଡ. ପରେଶ ଓ ତାଙ୍କର ଟିମ୍ ଚକ୍ଷୁ ପରୀକ୍ଷା କରିଥିଲେ। ହୋମିଓପାଥି ଡାକ୍ତର ସୁଜାତା ତ୍ରିପାଠୀ, ଫିଜିଓଥେରାପି ବିଶେଷଜ୍ଞ ରୋଟାରିଆନ୍ ଡାକ୍ତର ସିଦ୍ଧାର୍ଥ ଶେଖର ପ୍ରମୁଖ ୧୭୧ ଜଣ ରୋଗୀଙ୍କ ଚିକିତ୍ସା କରିଥିଲେ। ୧୫ ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇଥିବା ବେଳେ ୧୧ଜଣଙ୍କୁ ଅସ୍ତ୍ରୋପଚାର ପାଇଁ କଟକ ପଠାଯାଇଛି।

### ପୁରୀ ଜିଲ୍ଲା ବଡି ବିଲ୍‌ଡିଂ ଚାମ୍ପିଅନସିପ୍

# ବିଦୀପ୍ତ ପ୍ରସନ୍ନଙ୍କୁ 'ପୁରୀଶ୍ରୀ' ଟାଇଟଲ୍



ପୁରୀ, ୮।୨ (ସମିସ): ପୁରୀ ଜିଲ୍ଲା ଆମେଚର ବଡି ବିଲ୍‌ଡିଂ ସଂଘ ପକ୍ଷରୁ ଶନିବାର ଅନୁଷ୍ଠିତ ହୋଇଯାଇଛି ୬୪ତମ ପୁରୀ ଜିଲ୍ଲା ବଡି ବିଲ୍‌ଡିଂ ଚାମ୍ପିଅନସିପ୍। ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ ପୂର୍ବକ 'ପୁରୀଶ୍ରୀ-୨୦୨୬' ଟାଇଟଲ୍ ଜିତିଛନ୍ତି ବିଦୀପ୍ତ ପ୍ରସନ୍ନ ନାୟକ। ଦିଗବାରେଣୀ ଛକ ନିକଟ ବ୍ୟାୟାମ ଭବନ ପରିସରରେ ୭୦ ଜଣ ପ୍ରତିଯୋଗୀଙ୍କୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଓଜନ ବର୍ଗରେ ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ବିଜେତା ଚୟନ କରାଯାଇଛି। ୫୫ କେଜି ବର୍ଗରେ ଦେବାଶିଷ ମହାପାତ୍ର, ୬୦ କେଜିରେ ଧୀରେନ୍ଦ୍ର ବାରିକ, ୬୫ କେଜିରେ ବିଶ୍ୱରଞ୍ଜନ ଭୋଇ, ୭୦ କେଜିରେ ଇନ୍ଦ୍ରସେନ ପରିଡ଼ା, ୭୫ କେଜିରେ ଦିଲ୍ଲୀପ କୁମାର ବରାଳ, ୮୫ କେଜିରେ କେ.ଟି. ଉମେଶ, ୯୦ କେଜିରେ ବିଶ୍ୱନାଥ ନାୟକ, ୯୫ କେଜି ବର୍ଗରେ ବିଦୀପ୍ତ ପ୍ରସନ୍ନ ନାୟକ ବିଜେତା ହୋଇଛନ୍ତି। ଏଥିସହ ଗୌରବ ପ୍ରଧାନ ଓ ହେମନ୍ତ କୁମାର ଭୋଇ ମେନ୍ସ ଫିଜିକ ବିଜେତା ହୋଇଛନ୍ତି। ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସଂଘର ଉପଦେଷ୍ଟା ମନୋଜ ରଥ, ସଭାପତି ସତ୍ୟନାରାୟଣ ମହାନ୍ତି, ଉପସଭାପତି ବାସୁଦେବ ପ୍ରତିହାରୀ, ସାଧାରଣ ସମ୍ପାଦକ ଡ. ଭାରତୀକୃଷ୍ଣ ବ୍ରହ୍ମା, କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ସାହୁ, କୋଷାଧ୍ୟକ୍ଷ ପଙ୍କଜ ଲୋଚନ ପ୍ରତିହାରୀ, ବିଜୟକୃଷ୍ଣ ବ୍ରହ୍ମା, ଶାନ୍ତିରଞ୍ଜନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅଜୟ ମହାପାତ୍ର, ଅଶୋକ ମହାପାତ୍ର, ପ୍ରମୋଦ ସାହୁ, ପଙ୍କଜ ଲୋଚନ ପ୍ରତିହାରୀ, ଲକ୍ଷ୍ମୀ ନାରାୟଣ ପ୍ରତିହାରୀ ବିଚାରକ ଭାବେ ଯୋଗଦେଇଥିଲେ। ଷ୍ଟେଜ ମାର୍ଶାଲ କଂଗ୍ରେସ ଜାଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଇକ୍ ଧକ୍କାରେ ବୃଦ୍ଧ ମୃତ

ପୁରୀ,୮।୨(ସମିସ): ନବକଳେବର ରୋଡ୍‌ରେ ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଦ୍ମନାଭ ରଥ (୭୩)। ଶନିବାର ରାତି ୮:୨୦ରେ ପଦ୍ମନାଭ ନବକଳେବର ରୋଡ୍‌ସ୍ଥ ନିଜ ଘରୁ ରାସ୍ତାରେ ଯାଉଥିବାବେଳେ ଦ୍ରୁତଗତିରେ ଆସୁଥିବା ନିଞ୍ଜା ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଚିତ୍କାର କରି ରାସ୍ତାରେ ଛିଟିକି ପଡ଼ିଥିଲେ ପଦ୍ମନାଭ। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ତୁରନ୍ତ ପୁରୀ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏବେ ନବକଳେବର ରୋଡ୍ ମରଣଯନ୍ତା ପାଲଟିଯାଇଛି। ପ୍ରତିଦିନ ପ୍ରାୟ ଗାଡ଼ି ଦୁର୍ଘଟଣା ଘଟୁଛି। ଦ୍ରୁତଗତି ଓ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଲୋକେ ମୃତାହତ ହେଉଛନ୍ତି। ନିକଟରେ ଜଗନ୍ନାଥ ବସ୍ ଧକ୍କାରେ ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଥିବାବେଳେ ଏବେ ପୁଣି ଜଣଙ୍କ ଜୀବନ ଯାଇଛି।

# ପୁରାତନ ଛାତ୍ର ସମ୍ମିଳନୀ

ପୁରୀ,୮।୨(ସମିସ): ବିଶ୍ୱମ୍ଭର ବିଦ୍ୟାପୀଠରେ ୧୯୯୯ ମସିହା ପୁରାତନ ଛାତ୍ର ସମ୍ମିଳନୀ ବାଲିହରଚଣ୍ଡୀସ୍ଥିତ ମହାପାତ୍ର ବାଗିଚାଠାରେ ସଫଳତାର ସହ ଆୟୋଜିତ ହୋଇଥିଲା। ୧୯୯୯ ବର୍ଷର ପୁରାତନ ଛାତ୍ରମାନେ ଏହି ସମ୍ମିଳନୀରେ ଯୋଗଦେଇ ନିଜ ଛାତ୍ରଜୀବନର ମଧୁର ସ୍ମୃତିକୁ ମନେ ପକାଇଥିଲେ। ଶିକ୍ଷକମାନଙ୍କର ଅମୂଲ୍ୟ ଅବଦାନ ଓ ଶିକ୍ଷା ଜୀବନର ମୂଲ୍ୟବୋଧକୁ ସ୍ମରଣ କରିଥିଲେ। ବିଦ୍ୟାଳୟର ଉନ୍ନତି, ସଫଳତା ଓ ଭବିଷ୍ୟତ ଦୃଷ୍ଟିକୋଣ ସମ୍ପର୍କରେ ଆଲୋକପାତ କରିଥିଲେ। ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ଓ ମାର୍ଗଦର୍ଶକ ଭାବେ ଅବଦାନ ରଖିବାକୁ ଆହ୍ୱାନ ଜଣାଇଥିଲେ। ସମ୍ମିଳନୀରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍ଗୀତ ଓ ଆଲୋଚନା କାର୍ଯ୍ୟକ୍ରମକୁ ଅଧିକ ରଙ୍ଗିନ କରିଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ପୁରାତନ ଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା। ଆୟୋଜକ ନିର୍ମାଲ୍ୟ ବରାଳ, ଚନ୍ଦନା ପଡ଼ିଆରୀ, ବିଜୟ କୁମାର ସ୍ୱାଇଁ, ହରେକୃଷ୍ଣ ସିଂହାରୀ, ବାସୁ ତିଆଡ଼ି, ଭଗବାନ ଗୋଛିକାର, ରାମକୃଷ୍ଣ ଘଟୁଆରୀ, ଗଣେଶ ପୃଷ୍ଟି ଓ ରୁପେଶ ଦାସଙ୍କ ପରିଚାଳନାରେ ଏହା ବେଶ୍ ସ୍ମରଣୀୟ ହୋଇପାରିଥିଲା।

### ସରିଲା ଓଡ଼ିଶା-ଜାପାନ ଫେଷ୍ଟିଭାଲ

# ସାଂସ୍କୃତିକ ପ୍ରତିଭା ପ୍ରଦର୍ଶନରେ ଭାଷା ବାଧକ ନୁହେଁ





ପୁରୀ,୮।୨(ସମିସ): ଭାଷା କୌଣସି ସାଂସ୍କୃତିକ ପ୍ରତିଭା ପ୍ରଦର୍ଶନରେ ବାଧକ ନୁହେଁ। ଏହା ପରସ୍ପରକୁ ଯୋଡ଼େ ଓ ଭାଇଚାରାକୁ ମଜଭୁତ କରେ। ଦୀର୍ଘବର୍ଷ ଧରି ପୁରୀରେ ଆୟୋଜିତ ହେଉଥିବା ଓଡ଼ିଶା-ଜାପାନ ମହୋତ୍ସବ ତାହାର ବଡ଼ ଉଦାହରଣ ବୋଲି କହିଛନ୍ତି ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ। ତାଳବଣିଆ ପଡ଼ିଆରେ ଇଣ୍ଡୋ-ଜାପାନ ଫ୍ରେଣ୍ଡସିପ୍ ସେଣ୍ଟର ଓ ଚନ୍ଦ୍ରଶେଖର ଏକାଡେମୀ ପକ୍ଷରୁ ଆୟୋଜିତ ଦୁଇଦିନିଆ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପନିର୍ଦ୍ଦେଶକ ଶ୍ରୀ ସେଠୀ ଜାପାନୀମାନେ ଏକ ସାହସୀ, ସଂଗ୍ରାମୀ, ପରିଶ୍ରମୀ ଓ ଶିକ୍ଷିତ ଜାତିର ପରିଚୟ ନେଇ ବିଶ୍ୱରେ ପରିଚିତ। ସେମାନଙ୍କ ସଂସ୍କୃତି ଓ ଶ୍ରେଷ୍ଠ ବୈଷୟିକ ଜ୍ଞାନ ପାଇଁ ସୁଖ୍ୟାତି ରହିଛି। ଭାରତୀୟ ବିଶେଷ କରି ଓଡ଼ିଶା ସହ ସେମାନଙ୍କ ସାଂସ୍କୃତିକ ବିନିମୟ ଏକ ସୁନ୍ଦର ଓ ସମ୍ପ୍ରସାରିତ ପଦକ୍ଷେପ। ଯାହା ଦୁଇ ଦେଶର ଭାଇଚାରା ଓ ପର୍ଯ୍ୟଟନ ଶିଳ୍ପକୁ ସଶକ୍ତ କରିବ ବୋଲି ସେ କହିବା ସହ ସମସ୍ତ କଳାକାରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟତମ ଅତିଥି ତାଳବଣିଆ ଥାନା ଆଇଆଇସି ଅଭିନବ ମିଶ୍ର ଓଡ଼ିଶା ଓ ଜାପାନ ସଂସ୍କୃତିର ମିଳନ ଓ ଉପସ୍ଥାପନ ପ୍ରୟାସ ଏକ ଚମତ୍କାର ଉଦ୍ୟମ। ଏହାଦ୍ୱାରା ଉଭୟ ଦେଶର ସାଂସ୍କୃତିକ ବିବିଧତା ସମ୍ପର୍କରେ ସାଧାରଣ ଲୋକ ଜାଣିବା ସହ ଭ୍ରାତୃତ୍ୱ ଭାବ ବୃଦ୍ଧିପାଇବ ବୋଲି କହିଥିଲେ।

ଇଣ୍ଡୋ-ଜାପାନ ଫ୍ରେଣ୍ଡସିପ୍ ସେଣ୍ଟର ସଭାପତି ଶ୍ରୀମନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମାନସ ଦାସ, ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ ପରିଚାଳନା କରିଥିଲେ। ପରେ ଓଡ଼ିଶା ଓ ଜାପାନ କଳାକାର ଶାଶ୍ୱତୀ ଦାଶ, ଶିବସୁନ୍ଦର ମିଶ୍ର, ସ୍କପକ୍ ଡ୍ୟାନ୍ସ ଗ୍ରୁପ୍, କାନନ ମିଜୁନୋ, ତୋଷୀ ନାକାମୋରା, ନାଚସ୍ୱ ମିହାରା, ଏରିକୋ ତୋଷିମା, ଆକିଏଦୋଇ ପ୍ରମୁଖ ଚମତ୍କାର ନୃତ୍ୟ, ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି ଅବସରରେ ଓଡ଼ିଶା ଓ ଜାପାନର ୨୩ଟି ଷ୍ଟଲ୍ ମାଧ୍ୟମରେ ବିଭିନ୍ନ ଖାଦ୍ୟ, ଶିକ୍ଷା, କୃଷି ବିଜ୍ଞାନ ଇତ୍ୟାଦି ପ୍ରଦର୍ଶନ କରାଯାଇଥିଲା। ଉଦ୍‌ଘୋଷକ ଲଲାଟେନ୍ଦୁ ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ।

## କୁନ୍ତଳା କୁମାରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# କୁନ୍ତଳା କୁମାରୀ ଭାରତୀୟ ସାହିତ୍ୟର ଆଗ୍ନେୟ ଆଭା




➤ ଗୀତାଞ୍ଜଳି ରାଉତଙ୍କୁ 'କୁନ୍ତଳା କୁମାରୀ ପ୍ରେରଣା ସମ୍ମାନ'

➤ ନୀଳିମା ନିଳୋତ୍ପଳାଙ୍କୁ 'କୁନ୍ତଳା କୁମାରୀ ନବ ସୃଜନ ସମ୍ମାନ'

ଖୋର୍ଦ୍ଧା,୮।୨(ସମିସ): ଓଡ଼ିଆ ଓ ହିନ୍ଦୀ ସାହିତ୍ୟର ଅମ୍ଳାନ ପ୍ରତିଭା ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ୧୨୫ ତମ ରାଜ୍ୟସ୍ତରୀୟ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଖୋର୍ଦ୍ଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଶ୍ୟାମମାଧବ ବାସନ୍ତୀଦେବୀ ପାଠାଗାର ସଭାଗୃହ ପରିସରରେ ପାଳିତ ହୋଇଯାଇଅଛି। ସଭାପତି ଡ. ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଡ଼ ପଦ୍ମଜ ପାଳ ଯୋଗଦେଇ କୁନ୍ତଳାଙ୍କ କବିତାରେ ଐଶୀ ଚେତନା, ପ୍ରକୃତି ପ୍ରୀତି, ସ୍ୱଦେଶ ପ୍ରେମ ଓ ବୈଶ୍ୱିକ ମାନବବାଦର ସଦୃଷ୍ଟାନ୍ତ ଉଦାହରଣ ଦେଇ ସେ କାଳଜୟୀ ବୋଲି ପ୍ରତିପାଦନ କରିଥିଲେ। ତାଙ୍କ ରଚିତ ୬ଟି ଉପନ୍ୟାସ ଓଡ଼ିଶାର ଅର୍ଦ୍ଧ ଶତ ଇତିହାସର ପ୍ରତିଛବି,ଏଥିରେ ସେ ସାମାଜିକ କୁସଂସ୍କାର ଅନ୍ଧବିଶ୍ୱାସ ଓ ଅନାଚାର ବିରୁଦ୍ଧରେ ଦୃଢ଼ ପ୍ରତିବାଦ ରହିଛି ବୋଲି କହିଥିଲେ।

ମୁଖ୍ୟବକ୍ତା ଭାବେ ଡ. ନାରାୟଣ ପଣ୍ଡା ଯୋଗଦେଇ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଓଡ଼ିଆ ସାହିତ୍ୟରେ ଜଣେ ଅନନ୍ୟ ସାଧିକ ଭାବେ ଅଞ୍ଜଳି, ଅର୍ଚ୍ଚନା, ସ୍ଫୁଲିଙ୍ଗ, ଆହ୍ୱାନ, ପ୍ରେମ ଚିନ୍ତାମଣି ଆଦି କବିତା, ଗ୍ରନ୍ଥ ଓ ପରଶମଣି, କାଳୀବୋହୂ, ରଘୁ ଅରକ୍ଷିତ, ଭ୍ରାନ୍ତି, ନଅତୁଣ୍ଡୀ ଆଦି ଉପନ୍ୟାସ ରଚନା କରି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଏଥିସହିତ କୁନ୍ତଳା କୁମାରୀଙ୍କ ସଂଘର୍ଷମୟ ଜୀବନାଦର୍ଶ ଏବଂ ତାଙ୍କର ଓଡ଼ିଆ ଉପନ୍ୟାସ ଜଗତରେ ବିରଳ ପ୍ରତିପାଦନ ଓ ଖୋର୍ଦ୍ଧା ସହ ଥିବା ସମ୍ପର୍କ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ବରେଣ୍ୟ ଅତିଥି ଡ. ନିର୍ମଳା କୁମାରୀ ମହାପାତ୍ର କୁନ୍ତଳା କୁମାରୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଡ. ଧୀରେନ୍ଦ୍ର ନନ୍ଦ ସ୍ୱାଗତ ଅଭିଭାଷଣ ଦେଇଥିଲେ। ପ୍ରତିଷ୍ଠିତ ସାହିତ୍ୟ ସାଧକମାନଙ୍କୁ ପ୍ରଚ୍ଛଦ ପଟରେ ପ୍ରେରଣା ପ୍ରଦାନ କରିଆସିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରତି ବର୍ଷ ଏହି ତିଥିରେ କୁନ୍ତଳା କୁମାରୀ ପ୍ରେରଣା ସମ୍ମାନ ପ୍ରଦାନ କରାଯିବ। ନୂଆକରି ସାହିତ୍ୟ ସାଧନାରେ ପାଦ ଥାପିଥିବା ଜଣେ ଜଣେ ନାରୀ ଲେଖିକାଙ୍କୁ କୁନ୍ତଳା କୁମାରୀ ନବ ସୃଜନ ସମ୍ମାନ ପ୍ରଦାନ କରାଯାଇ ଉତ୍ସାହିତ କରାଯିବ ବୋଲି ସଭାପତି ଡ. ମହାନ୍ତି ଘୋଷଣା କରିଥିଲେ। ଏହି ଅବସରରେ ଓଡ଼ିଶାର ବିଶିଷ୍ଟ ଗାଳ୍ପିକ ଓ "ମହଲ' ପତ୍ରିକାର ପ୍ରାକ୍ତନ ସମ୍ପାଦକ ଦିବଂଗତ ବଂଶୀଧର ରାଉତଙ୍କ ଧର୍ମପତ୍ନୀ ତଥା ସାହିତ୍ୟ ରଚନାର ପ୍ରେରଣାଦାତ୍ରୀ ଗୀତାଞ୍ଜଳି ରାଉତଙ୍କୁ ଚଳିତ ବର୍ଷର କୁନ୍ତଳା କୁମାରୀ ପ୍ରେରଣା ସମ୍ମାନ ପ୍ରଦାନ-୨୦୨୬ ସହିତ ୫ ହଜାର ଟଙ୍କା ଓ ଉପଢୌକନ ପ୍ରଦାନ କରାଯାଇଥିଲା। ସେହିପରି ଜଣେ ଯୁବ ନାରୀ କବି ନୀଳିମା ନିଳୋତ୍ପଳାଙ୍କୁ ମଧ କୁନ୍ତଳା କୁମାରୀ ନବ ସୃଜନ ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା, ପୁରୀ, ନୟାଗଡ଼ ଓ କଟକ ଜିଲ୍ଲାର ବହୁକବି ଓ କବୟତ୍ରୀ ଏହି ଉପଲକ୍ଷେ ହେଉଥିବା କବିତା ପାଠ ଉତ୍ସବରେ ଯୋଗ ଦେଇ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଯୋଗେଶ ଚନ୍ଦ୍ର ରଥ ଓ ଐତିହାସିକ ସତ୍ୟବାଦୀ ବଳିୟାରସିଂ ସଂଚାଳନ କରିଥିଲେ। କବି ଜୟଶ୍ରୀ ପଟ୍ଟନାୟକ, କବିତା ପଟ୍ଟନାୟକ, ଡ. ଚପଳା ପଣ୍ଡା ଓ ବଂଶୀଧର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଆଡ଼ିବନ୍ଧ ନିର୍ମାଣ କାମ ନିମ୍ନମାନର ଅଭିଯୋଗ



ବେଗୁନିଆ, ୮।୨(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମଲିପଦର୍ ଗ୍ରାମରେ କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟର ଆରମ୍ଭ ପୂର୍ବରୁ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ କେତେ ଟଙ୍କା ଅନୁଦାନ ରାଶି ଓ ବ୍ୟବହୃତ ସାମଗ୍ରୀ ବ୍ୟବହାର କରାଯିବ ଇତ୍ୟାଦି ତାହା ସମସ୍ତଙ୍କୁ ଜ୍ଞାତ୍ କରିବା ପାଇଁ ସୂଚନା ଫଳକ ଲଗାଇବାର ବ୍ୟବସ୍ଥା ରହିଥିଲେ ମଧ ତାହା କରାଯାଇ ନାହିଁ। ଏପରିକି ଢ଼ଳେଇ ପାଇଁ ବ୍ୟବହୃତ କଳଙ୍କି ଲଗା ରଡ, ସିମେଣ୍ଟ କମ୍ ଓ ବଡ ମେଟାଲ ସ୍ଥାନରେ ଛୋଟ ମେଟାଲ ବ୍ୟବହାର କରା ଯାଇଥିବାରୁ କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ନିମ୍ନ ମାନର କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଆଗକୁ କିଭଳି ଭାବରେ ହେବ ତାହା ସ୍ପଷ୍ଟ ରୂପେ ବାରି ହୋଇ ପଡୁଛି। ଯାହା ଫଳରେ ମଞ୍ଜୁର ହୋଇଥିବା ଅର୍ଥକୁ ଠିକାଦାର ସଠିକ୍ ଭାବରେ ବ୍ୟବହାର ନ କରି ଉପର ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ତଳସ୍ତର ସହ ସାଲିସ କରି ଲୋକଙ୍କ ସରକାରରେ ଲୁଟ ହେବାକୁ ଯୋଜନା ଚାଲିଥିବାର ଚାଷୀ ମହଲରୁ ଶୁଣିବାକୁ ମିଳୁଛି। ଏ ନେଇ କ୍ଷୁଦ୍ର ଜଳ ସେଚନ ବିଭାଗ ଏସଡିଓ ଏବଂ ସ୍ଥାନୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗରେ ଫୋନ୍ ଗ୍ରହଣ କରି ନ ଥିଲେ।

## ନୀଳାମ୍ବୁ ମହୋତ୍ସବର ତୃତୀୟ ସନ୍ଧ୍ୟା

ଟାଙ୍ଗୀ, ୮।୨(ସମିସ): ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଚାନ୍ଦପୁର ଦଶଦୋଳ ପଡିଆରେ ଚାଲିଥିବା ଚତୁର୍ଥ ବାର୍ଷିକ ନିଳାମ୍ବୁ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ପାଇଁ ଦର୍ଶକ ସଂଖ୍ୟା ଭରପୁର ଥିଲା। ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରା, ଚାନ୍ଦପୁର ସରପଞ୍ଚ ରଂଜିତା ସେନାପତି, କନ୍ଦନୟାଗଡ ସରପଞ୍ଚ ଗୁଲୁବାସ ସୁବୁଦ୍ଧି, ସଂଘ ସଂପାଦକ ମନୋଜ କୁମାର ପଟ୍ଟନାୟକ, ସଂଘ ମହିଳା ସାମ୍ବାଦିକା ମଂଜୁଲତା ଇନ୍ଦ୍ରଜିତ ପ୍ରମୁଖ ଯୋଗଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ସଭ୍ୟ ପ୍ରଦୀପ କୁମାର ସାହୁ। ଏହି ଅବସରରେ ଏ ଅଞ୍ଚଳରେ ପ୍ରତିଷ୍ଠା ଅର୍ଜନ କରିଥିବା ଶିଳ୍ପୋଦ୍ୟୋଗୀ ଭଗବାନ ପାତ୍ର, ସନ୍ତୋଷ କୁମାର ସାମନ୍ତରାୟଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର। ସାମ୍ବାଦିକ ପ୍ରଦୀପ ମହାପାତ୍ର, ରଜନୀକାନ୍ତ ମିଶ୍ର, ପ୍ରଶାନ୍ତ ବେହେରା ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

## ଚାନ୍ଦପୁରରେ ବାର୍ହା ଆତଙ୍କ



ଟାଙ୍ଗୀ, ୮।୨(ସମିସ): ଚାନ୍ଦପୁର ବଜାରର ଏକ ବସ୍ତ୍ରାଳୟରେ ଅତର୍କିତ ଭାବେ ଏକ ବାର୍ହା ଦୋକାନ ମଧ୍ୟକୁ ପ୍ରବେଶ କରିଥିଲା । ଲୋକମାନେ ଭୟରେ ଜୀବନ ବଞ୍ଚାଇବା ପାଇଁ ଏଣେ ତେଣେ ଦୌଡ଼ି ଥିଲେ । ଅଗ୍ନିଶମ ବାହିନୀ ପହଞ୍ଚି ବାର୍ହାକୁ ଆୟତ କରିବା ପାଇଁ ଚେଷ୍ଟା କରିଥିବାବେଳେ ଜଣେ କର୍ମଚାରୀଙ୍କୁ ଆହତ କରିଥିବା ଜଣାପଡିଛି । ସକାଳ ୧୦ ଟାରୁ ୪ ଟା ପର୍ଯ୍ୟନ୍ତ ଦୋକାନ ମଧ୍ୟରେ ବସି ରହିଥିଲା ବାରହା। ରଣପୁର ବନ ବିଭାଗ କର୍ମଚାରୀ ଓ ଚାନ୍ଦପୁର ଥାନା ପୁଲିସ୍ ପହଞ୍ଚି ଲୋକମାନଙ୍କୁ ସୁରକ୍ଷା ଦେବା ସହିତ ବାରହାକୁ ବାହାର କରିବାରେ ସଫଳ ହୋଇଥିଲେ । ପରେ ବାର୍ହାଟି ଏକ ଫଳ ଦୋକାନରେ ପଶିଯାଇଥିଲା। ସେଠାରୁ ତାକୁ କାବୁ କରାଯାଇଛି।

## ରାମଚନ୍ଦ୍ରପୁର ମୌଜାରେ ବେଆଇନ ଖଣି ଖନନ ପ୍ରସଙ୍ଗ

# ଖଣି ଉପନିର୍ଦ୍ଦେଶକଙ୍କୁ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଖୋର୍ଦ୍ଧା, ୮।୨(ସମିସ): ଖୋର୍ଦ୍ଧା ଜିଲା ରାମଚନ୍ଦ୍ରପୁରରେ ମାଙ୍କଡା ଖଣି-୨ରେ ବେଆଇନ ଭାବେ ମାଙ୍କଡା ଏବଂ ମୋରମ ଚାଲାଣ, ଗଛ କଟାଯିବା ସଂକ୍ରାନ୍ତୀୟ ଅଭିଯୋଗ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସଇଆଇଏଏ) ଓଡ଼ିଶା । ଏହି ଘଟଣାର ଉପଯୁକ୍ତ ତଦନ୍ତ ସହ ରିପୋର୍ଟ ଦାଖଲ କରିବାକୁ ଖଣି ଉପ ନିର୍ଦ୍ଦେଶକ, ଖୋର୍ଦ୍ଧାକୁ ନିର୍ଦ୍ଦେଶ ଦେଇଛି ଏସଇଆଇଏଏ। ଘଟଣାରୁ ପ୍ରକାଶ ଯେ, ଗତ ୧୪ ତାରିଖରେ ଉକ୍ତ ଗ୍ରାମର ଏକାଧିକ ଗ୍ରାମବାସୀ ରାମଚନ୍ଦ୍ରପୁରରେ ମାଙ୍କଡା ଖଣି-୨ରେ ବିନା ପରିବେଶ ମଞ୍ଜୁରୀ ରେ ବେଆଇନ ଭାବେ ଖଣି ଖନନ କରାଯିବା ନେଇ ଗ୍ରାମବାସୀ ଜାତୀୟ ସବୁଜ ପ୍ରାଧିକରଣ(ଏନଜିଟି) ନିକଟରେ ଅଭିଯୋଗ କରିଥିଲେ। ଏନଜିଟିଙ୍କ ନିର୍ଦ୍ଦେଶ କ୍ରମେ ଏସଇଆଇଏଏ ବେଆଇନ ଖଣି ଖନନ ସଂକ୍ରାନ୍ତୀୟ ଅଭିଯୋଗ ଯାଂଚ ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗତ ୨୦୨୫ ସେପ୍ଟେମ୍ବର ୧୨ ତାରିଖରେ ଖଣି ନିଲାମ ପାଇଁ ଉପଖଣି ନିର୍ଦ୍ଦେଶକ ଏକ ବିଜ୍ଞାପନ ଜାରି କରିଥିଲେ ଓ ସେଥିମଧ୍ୟରୁ ରାମଚନ୍ଦ୍ରପୁର ଖଣି-୨ ଅନ୍ୟତମ। ଖଣି ଉତ୍ତୋଳନ ପାଇଁ ପରିବେଶ କ୍ଲିଏରାନ୍ସ(ଇସି) ଏବଂ ରାଜ୍ୟ ପ୍ରଦୂଷଣ ବୋର୍ଡରୁ ପରିଚାଳନା ପାଇଁ ସମ୍ମତି ପତ୍ର(ସିଟିଓ) ନପାଇ ବେଆଇନ ଭାବେ ମାଙ୍କଡା ଏବଂ ମୋରମ ଉତୋଳନ କରାଯାଉଛି। ଖଣି ଉପ ନିର୍ଦ୍ଦେଶକଙ୍କ ପକ୍ଷରୁ ଉକ୍ତ ମୌଜାରେ କେବଳ ମୋରମ ଉତ୍ତୋଳନ ପାଇଁ ଅନୁମତି ମିଳିଥିବା ବେଳେ ସଂପୃକ୍ତ ସଂସ୍ଥା ଅବୈଧ ଭାବରେ ମୋରମ ଉତୋଳନ ଏବଂ ପରିବହନ କରୁଛନ୍ତି। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ଯାଂଚ କରିବାକୁ ଦାବି କରିଛନ୍ତି। ଆଇନଗତ କ୍ଲିୟରାନ୍ସ ବିନା ଖଣି ଖନନ ପାଇଁ ସଂସ୍ଥା ଉପରେ ବିଧିବଦ୍ଧ ଭାବେ କାର୍ଯ୍ୟାନୁଷ୍ଠାନ ସହ ଲିଜ୍ ରଦ୍ଦ ପାଇଁ ନିବେଦନ କରିଥିଲେ।

## ବାଣପୁରରେ ସାଧୁସନ୍ଥ ସମ୍ମିଳନୀ



ବାଣପୁର, ୮।୨(ସମିସ) : ବାଣପୁରର ଐତିହାସିକ ପଲଟନ ପଡ଼ିଆରେ ରବିବାର ଦିନ ସତ୍ୟଭଞ୍ଜ ଆଧ୍ୟାତ୍ମିକ ଚ୍ୟାନେଲ ଆନୁକୂଲ୍ୟରେ "ଦ୍ୱିତୀୟ ରାଷ୍ଟ୍ରୀୟ ସାଧୁ-ସନ୍ଥ ଓ ମାଳିକା ଭକ୍ତ ସମ୍ମିଳନୀ' ଆଡ଼ମ୍ବର ସହକାରେ ସମ୍ପନ୍ନ ହୋଇ ଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ପୃଷ୍ଠପୋଷକ ସତ୍ୟ ଭଞ୍ଜ, ସଭାପତି ବିରଞ୍ଚି ନାରାୟଣ ପ୍ରଧାନ ଓ ସମ୍ପାଦିକା ସାଲିନୀ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଭବ୍ୟ ଆଧ୍ୟାତ୍ମିକ ସମ୍ମିଳନୀ ସଫଳତାର ସହ ପରିଚାଳିତ ହୋଇଯାଇଛି। ଏହି ସମାବେଶରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। "ଭକ୍ତ ମୋହର ରୁଣ୍ଡ ହେବେ, ହାଜିର ଲୀଳା ପ୍ରଚାରିବେ" ମହାପୁରୁଷଙ୍କ ଏହି ବାଣୀକୁ ପାଥେୟ କରି ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁ-ସନ୍ଥମାନେ ସନାତନ ଏକତା ଉପରେ ଆଲୋକପାତ କରିଥିଲେ। ସନ୍ଧ୍ୟାରେ ପରିବ୍ରାଜକ ପ୍ରମୋଦ କୁମାର ପୃଷ୍ଟିଙ୍କ ଭକ୍ତିମୟ ମାଳିକା ପ୍ରବଚନ ଶ୍ରୋତାଙ୍କୁ ବେଶ ଆକୃଷ୍ଟ କରିଥିଲା। ସୁଧର୍ମା ମହାସଂଘ ଓ ପଞ୍ଚୁଦୋଳ କମିଟିକୁ "ସଂସ୍କୃତି ସଂରକ୍ଷକ ସମ୍ମାନ'ରେ ଭୂଷିତ କରାଯାଇଥିବା ବେଳେ ଦିବ୍ୟସିଂହ ହରିଚନ୍ଦନ, ପ୍ରହ୍ଲାଦ ନାୟକ, ପ୍ରଦୀପ ଦାସ ଓ ଅଭିରାମ ସରସ୍ୱତୀଙ୍କୁ "ଜୀବନବ୍ୟାପୀ ସାଧନା ସମ୍ମାନ' ପ୍ରଦାନ କରାଯାଇ ଥିଲା। ସେହିପରି ପୁଲିନ ବିହାରୀ ପଣ୍ଡା ଓ କାହ୍ନୁ ଚରଣ ପରିମାଣିକଙ୍କୁ "ମାଳିକା ରତ୍ନ', ଦିବାକର ଦାସ ମହାରାଜଙ୍କୁ "ମାଳିକା ପ୍ରବଚକ', ବାଦଲ ମିଶ୍ରଙ୍କୁ "ମାଳିକା ସଂଗ୍ରାହକ', ନନ୍ଦ କିଶୋର ମିଶ୍ରଙ୍କୁ "ସେବା ସମ୍ମାନ' ଏବଂ ତାଳଧ୍ୱଜ ଟିଭିର ପ୍ରତିଷ୍ଠାତା ସତ୍ୟବ୍ରତ ମିଶ୍ରଙ୍କୁ "ସଂସ୍କୃତି ରକ୍ଷକ' ଉପାଧିରେ ସମ୍ମାନିତ କରାଯାଇଥିଲା।

## ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ୟୁନିଅନର ସାଧାରଣ ପରିଷଦ ବୈଠକ



ନିରାକାରପୁର,୮।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ୟୁନିଅନର ସାଧାରଣ ପରିଷଦ ବୈଠକ ମା' ରାମଚଣ୍ଡୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ତପନ କୁମାର ନାୟକଙ୍କ ସଭାପତିତ୍ୱରେ ବୈଠକରେ ପୂର୍ବତନ ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ପାଇକରାୟ ଯୋଗଦେଇ ଜିଲ୍ଲା ସଂଗଠନର କାର୍ଯ୍ୟ ପନ୍ଥା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର ସଂପାଦକୀୟ ବିବରଣୀ ପାଠ କରିଥିବାବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ କୁମାର ବିଶ୍ୱାଳ, ଜିଲ୍ଲା ଉପସଭାପତି ଶୟଦ ଅନସର୍ ଅଲ୍ଲୀ, ବେଗୁନିଆ ବ୍ଲକ ସମ୍ପାଦକ ଚନ୍ଦନ କୁମାର ସୁନ୍ଦରାୟ, ଜଟଣୀ ବ୍ଲକ ସମ୍ପାଦକ ଶ୍ରୀକାନ୍ତ ପ୍ରଧାନ, ଟାଙ୍ଗୀ ବ୍ଲକ ସମ୍ପାଦକ ଶୁଭ୍ରାଂଶୁ ଭୂଷଣ ଚମ୍ପତିରାୟ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଖୋର୍ଦ୍ଧା ବ୍ଲକ ସମ୍ପାଦକ ରାଜେଶ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପରିଶେଷରେ ବେଗୁନିଆ ବ୍ଲକ ସମ୍ପାଦକ ଶ୍ରୀ ସୁନ୍ଦରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅଶୋକ ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ନାୟକ, ସତ୍ୟ ନାରାୟଣ ସାମନ୍ତରାୟ, ସନ୍ଦୀପ ବର୍ମନ୍, ରମେଶ ସାମନ୍ତରାୟ, ଅଜିତ ମିଶ୍ର, ସେକ୍ ଅନୱର୍ ଅଲ୍ଲୀ, ତ୍ରିଲୋଚନ ବାଘସିଙ୍ଗ, ସିଦ୍ଧାର୍ଥ ମହାନ୍ତି, ପ୍ରକାଶ ପଟ୍ଟନାୟକ, ସୁଭଲକ୍ଷ୍ମୀ ସାମନ୍ତରା, ମହମ୍ମଦ ଫଜଲୁର୍ ରହମନ୍ ଏବଂ ନୂତନ ସଦସ୍ୟ ରୂପେ ସଞ୍ଜୟ ଦାସ, ଶ୍ୟାମ ସୁନ୍ଦର ପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ହାତୀ ଉପଦ୍ରବ; ଅଞ୍ଚଳରେ କୋକୁଆ ଭୟ

ବେଗୁନିଆ, ୮।୨ (ସମିସ): ବେଗୁନିଆ ବ୍ଲକ ସିକୋ ପଞ୍ଚାୟତ ଅନ୍ତର୍ଗତ ଖଡ଼ିପଦର ଗ୍ରାମର ଶଙ୍କର ରାଉତରାୟ ଦନ୍ତା ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ବେଳେ ସନ୍ଧ୍ୟା ହେଲେ ହାତୀ ଉପଦ୍ରବ ଯୋଗୁଁ ସାଧାରଣରେ କୋକୁଆ ଭୟ ସୃଷ୍ଟି ହୋଇଛି। ତେବେ ବନ ବିଭାଗ ପକ୍ଷରୁ ନାରଗୋଦା ଓ ଗୌଡ଼ିଆପଡ଼ାରେ ୧୫ ଟିକିଆ ହାତୀ ପଲ ରହି ଥିବାରୁ ସନ୍ଧ୍ୟା ନଇଁଲେ ବାହାରକୁ ଆସିବା ପାଇଁ ସତର୍କ ସୂଚନା ଦିଆଯାଇଛି। ବେଳପଡ଼ା ମୌଜା ଦଳେଇସାହିର ହାଲୁ ରଣସିଂହଙ୍କର ବାରଣ୍ଡାରେ ଥୁଆ ହୋଇଥିବା ଧାନ ବସ୍ତାକୁ ଏକ ହାତୀ ରାତିରେ ନେଇ ଯାଉଥିବା ସମୟରେ ଲୋକେ ଚିତ୍କାର କରିବାରୁ ଧାନବସ୍ତାଟିକୁ ରାସ୍ତାରେ କଚାଡି ଦେଇଥିଲା। ଏକଡାଳିଆ ମୌଜାର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ କୁକୁଡ଼ା ଫାର୍ମର ପାଚେରୀ, ଭଗବାନ ସାମନ୍ତରାୟଙ୍କ ବାଡ଼ିରେ ପଶି ଦଳି ଚକଟି ପରିବା ଫସଲ ନଷ୍ଟ କରିଥିବାବେଳେ କଦଳୀ ବାଗନାରୁ କଦଳୀ କାନ୍ଧି ଓ ଏକଡାଳିଆ ମୌଜାର ରମେଶ ନାୟକଙ୍କର ଏକ ବସ୍ତା ଧାନ ନେଇ ଗହୀରକୁ ପଳାଇଯାଇଥିଲା।

## କାଚେରାକୁ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ପ୍ରଶାସନର ତତ୍ପରତା

'ସକାଳ' ପ୍ରଭାବ

ବେଗୁନିଆ,୮।୨(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ କାଚେରା ରାଜସ୍ୱ ଗ୍ରାମ ଭାବେ ମାନ୍ୟତା ପାଇବାରୁ ବଂଚିତ ହୋଇଥିବାରୁ ସ୍ଥାଣୁ ଅବସ୍ଥାରେ ପଡ଼ି ରହିଥିବାରୁ ଅସନ୍ତୋଷ ଦେଖା ଦେଇଥିଲା। । ଏଥିରେ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ ହୋଇ ନ ପାରିବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନ ଥିଲା। ପରେ ସରକାରୀ ସ୍ତରରେ ବିଧିବଦ୍ଧ ବିଜ୍ଞପ୍ତି ଘୋଷଣା କରିବା ପାଇଁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ରାଜସ୍ୱ ଶାସନ ସଚିବ, ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଏହି ଘଟଣା ସମ୍ପର୍କରେ ଗତ ୨ ତାରିଖ ଦିନ "ସକାଳ'ରେ ଖବର ପ୍ରକାଶ ପାଇବାରେ ପ୍ରଶାସନ ତତ୍ପର ହୋଇ ଗତ ୭ ତାରିଖରେ ଅତିରିକ୍ତ ସଚିବ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଜିଲ୍ଲାପାଳ ୨୫୦୨ରେ ଚିଠି ଲେଖି ଜଣାଇଛନ୍ତି।

## ଆଧ୍ୟାତ୍ମିକ ଚିନ୍ତନ ଓ ଲୋକକଳା ପରିଷଦର ବାର୍ଷିକ ଉତ୍ସବ



ବେଗୁନିଆ,୮।୨(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ଗ୍ରାମସ୍ଥିତ ଆଧ୍ୟାତ୍ମିକ ଚିନ୍ତନ ଓ ଲୋକକଳା ପରିଷଦର ପ୍ରତିଷ୍ଠାତା ସୁଶାନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ତ୍ରୟୋଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଶିବ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ଡ. ଦିଲ୍ଲୀପ କୁମାର ଶ୍ରୀଚନ୍ଦନ ମୁଖ୍ୟଅତିଥି, ଭାପୁର ବ୍ଲକ ଉପାଧ୍ୟକ୍ଷ ତଥା ଫତେଗଡ ରାମମନ୍ଦିରର ପ୍ରତିଷ୍ଠାତା ବେଣୁଧର ପ୍ରଧାନ ମୁଖ୍ୟବକ୍ତା ଓ ସମାଜସେବୀ ଏମଡି ମନୋହର ଅଲ୍ଲୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ବୃକ୍ଷ ରୋପଣ ନିହାତି ଆବଶ୍ୟକତା ରହିଛି ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ସତ୍ୟ ନାରାୟଣ କରଙ୍କ ରଚିତ "ଘରେ ଘରେ ମହାଭାରତ' ପୁସ୍ତକକୁ ଉନ୍ମୋଚନ କରିଥିବା ବେଳେ କବି/କବୟିତ୍ରୀ ମାନଙ୍କ ଦ୍?ାରା କବିତା ପାଠ, ସମ୍ବର୍ଦ୍ଧନା ଉତ୍ସବ, ବୃକ୍ଷ ରୋପଣ ଓ "ପରିବେଶ ପାଇଁ ବର୍ ଏବଂ ଓସ୍ତ ଗଛ"ର ଭୂମିକା ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।

## ପିଏମ୍‌ଶ୍ରୀ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗମ୍ଭାରୀମୁଣ୍ଡା, ୮।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ସ୍ଥିତ ଗମ୍ଭାରୀମୁଣ୍ଡା ସ୍ଥିତ ପିଏମଶ୍ରୀ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ବାର୍ଷିକ କ୍ରୀଡା ଉତ୍ସବ ୨ ଦିନ ବ୍ୟାପି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବାର୍ଷିକ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ସଚଳା ଗୁରୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ବିଶ୍ୱମୁକ୍ତି ପତ୍ରିକାର ସମ୍ପାଦକ ଡ଼ଃ ଶଶାଙ୍କ ଚୂଡ଼ାମଣି, ସମ୍ମାନିତ ଅତିଥିଭାବେ ଡ. ସୁରେନ୍ଦ୍ର ନାଥ ଦାସ, ଅବସରପ୍ରାପ୍ତ ଶିକ୍ଷକ ଦୁର୍ଗାପ୍ରସାଦ ମହାରଣା, ପ୍ରଦୀପ କୁମାର ହୋତା, ଦୁଷ୍ମନ୍ତ ହରିଚନ୍ଦନ, ଚିନ୍ମୟ ପଟ୍ଟନାୟକ, ଅନିତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ତ୍ରିନାଥ ହୋତା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ସ୍ୱର୍ଣ୍ଣଲତା ରାଉତ, ପ୍ରଜ୍ଞାଶ୍ରୀ ମହାରଣା, ଜ୍ୟୋତି ପ୍ରଭା ସାହୁ, ବିଶ୍ୱଂଜିତା ପ୍ରଧାନ, ଜୟଶ୍ରୀ ପ୍ରଧାନ, ବିଦ୍ୟୁତ ପ୍ରଭା ସେଠି, ସସ୍ମିତା ବାଗସିଂ,ସ୍ମୃତିରେଖା ମନ୍ତ୍ରୀ, ଶିକ୍ଷକ କୈଳାଶ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ଜେନା, କୁମାର ଆଭାମାୟା ରଥ ସହଯୋଗ କରିଥିଲେ। ସେହିପରି ଶନିବାର ଅନୁଷ୍ଠିତ ବାର୍ଷିକ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଡ. ବିଭୁତି ଭୂଷଣ ହରିଚନ୍ଦନ ମୁଖ୍ୟ ବକ୍ତା ଅବସର ପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବାଧିକାରୀ ଅତୁଲ୍ୟ ଚମ୍ପତିରାୟ, ସମ୍ମାନିତ ଅତିଥିଭାବେ ବାଣପୁର ତହସିଲଦାର ଟି ପଦ୍ମନାଭ ଦୋରା,ବାଣପୁର ବିଆରସିସି ପ୍ରଭାତ କୁମାର ସେଠି, ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷକ ଗୌରହରୀ ଦଳବେହେରା, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ପ୍ରମୁଖ ଯୋଗଦେଇଥିଲେ।

## ୭୦ ବର୍ଷ ପରେ ୬ଟି କଲୋନୀର ଶରଣାର୍ଥୀ ପାଇଲେ ସ୍ଥାୟୀପଟ୍ଟା

ଟାଙ୍ଗୀ,୮।୨(ସମିସ): ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ତରଫରୁ ଟାଙ୍ଗୀ ବ୍ଲକ ଅଧୀନ ୬ ଟି କଲୋନୀରେ ଦୀର୍ଘ ୭୦ ବର୍ଷ ରୁ ଅଧିକ ବର୍ଷ ଧରି ବସବାସ କରୁଥିବା ୯୩୧ ଟି ବଙ୍ଗଳା ଭାଷାଭାଷୀ ପରିବାରକୁ ସ୍ଥାୟୀ ପଟ୍ଟା ପାଇବାକୁ ଯୋଗ୍ୟ ବିବେଚିତ ହେବା ସହ ପ୍ରଥମ ପର୍ଯ୍ୟାୟରେ ୨୭୦ ଜଣଙ୍କୁ ସ୍ଥାୟୀ ପଟ୍ଟା ପାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ୧୯୫୫ ମସିହାରେ ପୂର୍ବ ପାକିସ୍ଥାନ ବାଂଲାଦେଶର ନାଗରିକ ଯୁଦ୍ଧ ରୁ ରକ୍ଷା ପାଇବା ହଜାର ହଜାର ପରିବାର ଭାରତର ବିଭିନ୍ନ ରାଜ୍ୟକୁ ପଳାଇ ଆସିଥିଲେ । ଏଥି ମଧ୍ୟରୁ ୯୩୧ଟି ପରିବାର ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକକୁ ପଳାଇ ଆସିଥିଲେ। ତେବେ ତତ୍କାଳୀନ ରାଜ୍ୟ ସରକାର ଏହି ଶରଣାର୍ଥୀ ମାନଙ୍କୁ ଏହି ବ୍ଲକ ଅଧିନସ୍ଥ କନ୍ତଳବାଇ କଲୋନୀ, ବାଲିପାଟପୁର କଲୋନୀ, ଝଟିନୂଆଗାଁ କଲୋନୀ, କାଟିଲାଗୋଠ କଲୋନୀ ଗୋବର୍ଧନପୁର କଲୋନୀ ଓ ସୁନ୍ଦରପୁର କଲୋନୀରେ ଥଇଥାନ କରାଇଥିଲେ ମଧ୍ୟ ସେମାନଙ୍କର ଆରଓଆର ସଂଶୋଧନ ହୋଇପାରିନଥିଲା। ବିଭିନ୍ନ ସମୟରେ ସରକାରଙ୍କ ଦୃଷ୍ଟିକୁ ଅଣାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ସାଂସଦ ଅପରାଜିତା ଷଡ଼ଙ୍ଗୀ ଏହି ପରିବାର ଗୁଡିକୁ ସେମାନଙ୍କର ହକ୍ ଯୋଗାଇ ଦେବାକୁ କରିଥିବା ଉଦ୍ୟମ ଏବେ ବିଳମ୍ବରେ ହେଲେ ମଧ୍ୟ ସଫଳ ହୋଇଛି। ଗତକାଲି ଜିଲ୍ଲା ପ୍ରଶାସନ ଉଦ୍ୟମରେ ଆୟୋଜିତ ସ୍ଥାୟୀ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଶ୍ରୀମତି ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ରିତୁରାଜ, ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ରଙ୍କ ସମେତ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପ୍ରଥମ ପର୍ଯ୍ୟାୟରେ ୨୭୦ ପରିବାରକୁ ପଟ୍ଟା ଯୋଗାଇ ଦିଆଯାଇଛି। ପଟ୍ଟାରେ ଜାତି ସଂପର୍କରେ ଥିବା ତ୍ରୁଟି ସଂଶୋଧନ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶୃତି ଦେଇଥିବା ଜଣାପଡିଛି।

## ଗୋଦାବରୀଶ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ପାଠଚକ୍ର

ବାଣପୁର, ୮।୨(ସମିସ) : ଗୋଦାବରୀଶ ମହାବିଦ୍ୟାଳୟ ଇଂରାଜୀ ଭାଷା ସାହିତ୍ୟ ପକ୍ଷରୁ ଏକ ରାଜ୍ୟସ୍ତରୀୟ ପାଠଚକ୍ର ଅଧ୍ୟକ୍ଷ ଡ. ସୁରପ୍ରତାପ ନରେନ୍ଦ୍ରସିଂ ବର୍ମାଙ୍କ ପୌରାହିତ୍ୟରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଆୟୋଜିତ ପାଠଚକ୍ରରେ ମହାବିଦ୍ୟାଳୟର ଇଂରାଜୀ ବିଭାଗୀୟ ମୁଖ୍ୟ ବିଭୁତି ଭୂଷଣ ହୋତା ସ୍ୱାଗତ ଭାଷଣ ଦେବା ସହ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ଅଧ୍ୟକ୍ଷ ଇଂରାଜୀ ଭାଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଭଦ୍ରକ ଜିଲ୍ଲା ଅଟଳବିହାରୀ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧ୍ୟାପକ ଡ. ଜ୍ୟୋତି ପ୍ରକାଶ ନାୟକ ଏବଂ ପ୍ରଶାସନିକ ଅଧିକାରୀ ଆଦିତ୍ୟ ସାରଥୀ ଛାତ୍ରଛାତ୍ରୀମାନଙ୍କୁ ଇଂରାଜୀ ଭାଷା ଶିଖିବା ପାଇଁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଡ. ସତ୍ୟାନନ୍ଦ ମହାରଣା ଆଲୋଚନା ଚକ୍ରକୁ ସଂଯୋଜନା କରିଥିବା ସ୍ଥଳେ ଅଧ୍ୟାପିକା କୁମାରୀ ପୟୋସମୀ ମିଶ୍ର ଇକୋ କ୍ରିଟିସିଜମ ସାହିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ରମଣୀ ରଞ୍ଜନ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଖିଳ ଉତ୍କଳ ମନ୍ଦିରାଧୀଶ ପୂଜକ ମହାସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ଦାବିପତ୍ର

# ପୂଜକ ଓ ସେବାୟତଙ୍କୁ ଭୂ-ସମ୍ପତ୍ତି ଅଧିକାର ପ୍ରଦାନ ଦାବି

ଖୋର୍ଦ୍ଧା, ୮।୨(ସମିସ): ନିଖିଳ ଉତ୍କଳ ମନ୍ଦିରାଧୀଶ ପୂଜକ ମହାସଂଘ ଖୋର୍ଦ୍ଧା ପକ୍ଷରୁ ହିନ୍ଦୁ ଦେବୋତ୍ତର ଭୂ-ସମ୍ପତ୍ତି ଉପରେ ଅଧିକାର ଦାବି ନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭୁବନେଶ୍ୱରସ୍ଥିତ ବାସଭବନରେ ଭେଟି ଏ ସଂକ୍ରାନ୍ତରେ ଦାବିପତ୍ର ଦେଇଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଦେଶ ସ୍ୱାଧୀନ ହେବାର ଦୀର୍ଘ ବର୍ଷ ପରେ ବି ଓଡ଼ିଶାର ବିଭିନ୍ନ ମଠ ମନ୍ଦିରରେ କାର୍ଯ୍ୟ କରୁଥିବା ପୂଜକ, ସେବାୟତ ମାନେ ମୌଳିକ ସୁବିଧା ପାଇବାରୁ ବଂଚିତ ହେଉଛନ୍ତି। ସବୁ ବର୍ଗର ଲୋକଙ୍କ ପାଇଁ ସରକାର ସଂରକ୍ଷଣ ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେଉଥିବାବେଳେ ଦେବଭୂମି ଉତ୍କଳର ମଧିରାଧୀଶ ଏବଂ ପୂଜକ ବର୍ଗ ଅବହେଳିତ ଅବସ୍ଥାରେ ରହିଛନ୍ତି। ବଂଶ ପରମ୍ପରା ଅନୁସାରେ ଦେବଦେବୀ ମନ୍ଦିରର ପରିଚାଳନା, ପୂଜା ଦେବନୀତି କରି ଆସୁଥିବା ସେବାୟତ, ପୂଜକଙ୍କ ମାନଙ୍କ ଭୂ ସମ୍ପତ୍ତି ଉପରେ କୌଣସି ଅଧିକାର ନାହିଁ। ଠାକୁରଙ୍କ ସେବାରେ ନିୟୋଜିତ ରହିଥିବା ଏହି ବର୍ଗ ଆର୍ଥିକ ସ୍ଥିତି ଦେଇ ଗତି କରୁଥିବା ବେଳେ ଦୟନୀୟ ଅବସ୍ଥାରେ ପରିବାର ପୋଷଣ କରୁଛନ୍ତି। ଓଡ଼ିଶା ହିନ୍ଦୁ ଦେବୋତ୍ତର କମିଶନରଙ୍କ ତତ୍ତ୍ୱାବଧାନରେ ସାରା ଓଡ଼ିଶାରେ ପ୍ରାୟ ୧୨ହଜାରରୁ ଉଦ୍ଧ୍ୱର୍ ଦେବଦେବୀ ମନ୍ଦିର, ମଠ ଗ୍ରାମାଂଚଳ ଓ ସହରାଂଚଳରେ ରହିଛି। ଏହି ମନ୍ଦିରରେ ବଂଶ ପରମ୍ପରା ଅନୁସାରେ ପୂଜା କରି ଆସୁଥିବା ପୂଜକ ସେବାୟତମାନଙ୍କ ଦେବୋତ୍ତର ଭୂସମ୍ପତ୍ତି ଉପରେ କୌଣସି ମୌଳିକ ଅଧିକାର ନାହିଁ। କୌଣସି ସମୟରେ ଟଙ୍କା ଆବଶ୍ୟକ ପଡିଲେ ବ୍ୟାଙ୍କ ଋଣ ଦେଉନାହିଁ। ଘରବାଡି ଠାକୁରଙ୍କ ନାମରେ ଥିବାରୁ କୌଣସି ସୁବିଧା ପାଇବାରୁ ବଂଚିତ ହେଉଛନ୍ତି। ବହୁ ସ୍ଥାନରେ ରାଜସ୍ୱ ବିଭାଗ ଜବର ଦଖଲକାରୀଙ୍କ ନାମରେ ପଟ୍ଟା ପ୍ରଦାନ କରିଥିବା ନେଇ ୧୯୯୭ ଫେବୃୟାରୀ ୨୭ ତାରିଖରେ ତତ୍କାଳୀନ ବିଧାୟକ ଡ. ପ୍ରସନ୍ନ ପାଟଶାଣୀ ବିଧାନସଭାରେ ଏକ ବୈଧାନିକ ପ୍ରଶ୍ନ ଉଠାଇଥିଲେ ମଧ୍ୟ ଏଯାବତ ଏହାର ସମାଧାନ କରାଗଲା ନାହିଁ। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରାଜା ମହାରାଜାମାନେ ଶୈବପୀଠ ପ୍ରତିଷ୍ଠା କରିଥିଲେ। ତାହାର ଦୈନନ୍ଦୀନ ଦେବନୀତି ପାଇଁ ସେବାୟତ ସମ୍ପ୍ରଦାୟଙ୍କୁ ପରିଚାଳନାର ସମସ୍ତ ଦାୟିତ୍ୱ ଅର୍ପଣ କରିଥିଲେ। ରାଜତନ୍ତ୍ର ଓ ଇଂରେଜ ଶାସନ ସମୟରେ ସେବାୟତ ମାନଙ୍କ ମୌଳିକ ଅଧିକାର ଅକ୍ଷୁର୍ଣ୍ଣ ରହିଥିଲେ। ଗଣତନ୍ତ୍ର ରାଷ୍ଟ୍ରରେ ସରକାର ହିନ୍ଦୁ ଦେବୋତ୍ତର ଆଇନ ପ୍ରଣୟନ କରି ବହୁ ଧାର୍ମିକ ଅନୁଷ୍ଠାନକୁ ନିଜ ଅକ୍ତିକାରଙ୍କୁ ନେଇ ପୂଜକ, ସେବାୟତ, ନ୍ୟାସୀ ଟ୍ରଷ୍ଟି ମାନଙ୍କ ଅଧିକାରୀ ଛଡାଇ ନେଇ ନିଜ ଅଧିନରେ ରଖି ସେବାୟତ ମାନଙ୍କୁ ଅଣଦେଖା କରୁଛନ୍ତି। ଓଡ଼ିଶାରେ ଓଏଚଆରଇ ଆକ୍ଟ ଅନୁସାରେ ବହୁ ଧର୍ମାନୁଷ୍ଠାନର ୨୭ ଧାରା ଲାଗୁ କରାଯାଇ ସେବାୟତମାନଙ୍କୁ ଭୂ ସମ୍ପତିରୁ ଉଚ୍ଛେଦ କରାଯାଇଛି। ପୁଣି ଥରେ ପୂଜକ ଓ ସେବାୟତମାନଙ୍କୁ ଭୂସମ୍ପତ୍ତି ଅଧିକାର ସୁବିଧା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି। ମହାସଂଘ ପକ୍ଷରୁ ବୈକୁଣ୍ଠ ନାଥ ମହାପାତ୍ର, ଗୁଣନିଧି ମହାପାତ୍ର, ତ୍ରିଲୋଚନ ମହାପାତ୍ର, ବିଜୟ ମହାପାତ୍ର, ପଂଚାନନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ‘ସକାଳ’ ଉତ୍ତର ଓଡ଼ିଶା ସଂସ୍କରଣ ସମାବେଶ-୨୦୨୬



## ବାଲି ବୋଝେଇ ଟ୍ରାକ୍ଟରରୁ ଖସି ଯୁବକ ମୃତ

ନୀଳଗିରି, ୮।୨ (ସମିସ): ନୀଳଗିରି ସ୍ଥିତ ସୋନ ନଦୀରୁ ପୁରୁଣା ଗାଆଁ ଠାରେ ଦିବା ରାତ୍ର ଚୋରାରେ ଟ୍ରିପ ଟ୍ରିପ୍ ଟ୍ରାକ୍ଟର ବାଲି ଚୋରି କରୁଥିବା ବେଳେ ଖଣି ବିଭାଗ ନିରବଦ୍ରଷ୍ଟା ସାଜିଛନ୍ତି। ଶେଷରେ ଏହି ଚୋରା ବାଲି ଖାଦାନରେ ଟ୍ରାକ୍ଟର ଚକା ତଳେ ଜଣେ ଯୁବକର ମୃତ୍ୟୁ ହୋଇଛି। ସ୍ଥାନୀୟ ପ୍ରଶାସନର ଅପାରଗତା ଯୋଗୁଁ ଏହି ଅଘଟଣା ଘଟିଛି ବୋଲି ଅଞ୍ଚଳରେ ଚର୍ଚ୍ଚା ଚାଲିଛି। ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ବ୍ଲକର ନରସିଂହପୁର ପଞ୍ଚାୟତର ପୁରୁଣା ଗାଆଁର ସ୍ୱର୍ଗତ ସାହିବ ନାୟକଙ୍କ ପୁଅ ସଞ୍ଜୟ (୪୦) ରବିବାର ସକାଳ ପ୍ରାୟ ୮ଟା ସମୟରେ ଏକ ଟ୍ରାକ୍ଟର (ଓ ଡି ଜିରୋ ୱାନ ଏ ପି -୭୬୯୮) ରେ ସୋନ ନଦୀରୁ ବାଲି ଲୋଡ କରି ବାଲି ଘାଟ ଉପରକୁ ଉଠିଥିବା ବେଳେ ଡ୍ରାଇଭରର ବେପରୁଆ ଚାଳନା ଓ ଅଧିକ ଟ୍ରିପ୍ କରିବାର ନିଶା ଯୋଗୁଁ ସଞ୍ଜୟ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ତଳକୁ ଖସି ପଡ଼ିଥିଲେ। ଏଥିରେ ସଞ୍ଜୟ ଟ୍ରାକ୍ଟର ଡାଲାରେ ମୁଣ୍ଡ ବାଜି ଗୁରୁତର ଆହତ ହୋଇଥିଲା। ସ୍ଥାନୀୟ ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନୀଳଗିରି ମେଡିକାଲକୁ ୧୦୮ ଆମ୍ବୁଲାନ୍ସ ରେ ଆଣିଥିବା ବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଟ୍ରାକ୍ଟର ଜବତ କରିଛନ୍ତି। ଏ ନେଇ ମୃତକର କକା ହରି ମୋହନ ନାୟକ ନିଳଗିରି ଥାନାରେ ଅଭିଯୋଗ କରିଥିଲା ବେଳେ ଥାନାରେ ଦୁର୍ଘଟଣା ଜନିତ ମାମଲା ରୁଜୁ କରାଯାଇଛି।

## ନୂତନ ଟିଭିଏସ ‘ଓର୍ବିଟର’ ଇଭି ସ୍କୁଟରର ବଜାର ପ୍ରବେଶ

ବାଲେଶ୍ୱର, ୮।୨(ସମିସ): ଅଗ୍ରଣୀ ଦୁଇ ଚକିଆ ନିର୍ମାତା ଟିଭିଏସ୍ ମୋଟର୍ସ ପକ୍ଷରୁ ପ୍ରସ୍ତୁତ ନୂତନ “ଓର୍ବିଟର୍‘ ଇଭି ସ୍କୁଟର୍ ସାରା ଦେଶରେ ଗ୍ରାହକଙ୍କ ମଧ୍ୟରେ ଚହଳ ସୃଷ୍ଟି କରିଥିବା ବେଳେ ଅଧିକୃତ ବିକ୍ରେତା ସାଇ ଅନଙ୍ଗ ଅଟୋମୋବାଇଲସ୍ (ବାଲେଶ୍ୱର ଟିଭିଏସ) ପକ୍ଷରୁ ଆଜି ଏହାର ବଜାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସଦର୍ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ ଓ ଟିପିଏନ୍‌ଓଡିଏଲ୍‌ର ଏଚ୍.ଆର୍ ମ୍ୟାନେଜର ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଏହି ନୂତନ ସ୍କୁଟରକୁ ଅନାବରଣ କରିବା ସହ ଏହା ଗ୍ରାହକଙ୍କ ଅଧିକ ପସନ୍ଦଯୋଗ୍ୟ ହେବ ବୋଲି ଆଶା ପ୍ରକାଶ କରିଥିଲେ। “ବାଲେଶ୍ୱର ଟିଭିଏସ୍‘ର ପରିଚାଳନା ନିର୍ଦ୍ଦେଶକ ଡ. ଲକ୍ଷ୍ମୀନାରାୟଣ ମହାନ୍ତି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିବା ସହିତ ରାଜ୍ୟରେ




ପ୍ରଥମଥର ପାଇଁ ନୂତନ “ଓର୍ବିଟର୍‘ ଇଭି ସ୍କୁଟର୍ ବାଲେଶ୍ୱର ବଜାରରେ ପ୍ରବେଶ କରିଛି ବୋଲି କହିଥିଲେ। ଟିଭିଏସ୍ କମ୍ପାନୀର ସମସ୍ତ ବାଇକ୍ ସବୁଠାରୁ ଅଧିକ ପସନ୍ଦଯୋଗ୍ୟ ବ୍ରାଣ୍ଡ ହୋଇଥିବା ବେଳେ “ଓର୍ବିଟର୍‘ ଇଭି ସ୍କୁଟର୍ ମଧ୍ୟ ଅନୁରୂପ ଭାବେ ଗ୍ରାହକଙ୍କୁ ପସନ୍ଦ ହେବ ବୋଲି ଡ. ମହାନ୍ତି ପ୍ରକାଶ କରିଥିଲେ। ଇଭିର ଓଡ଼ିଶା ସେଲସ୍ ମୁଖ୍ୟ ଶଶି ରଞ୍ଜନ, ଏରିଆ ସେଲସ୍ ମୁଖ୍ୟ ଦୀପକ ମହାପାତ୍ର, ଟେରିଟୋରି ମ୍ୟାନେଜର ରବିକାନ୍ତ ଓ ରଶ୍ମିରଞ୍ଜନ ପ୍ରମୁଖ ଯୋଗ ଦେଇ ବାଲେଶ୍ୱରରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମକୁ ସ୍ୱାଗତ କରିବା ସହିତ ବ୍ୟବସାୟିକ ସଫଳତା କାମନା କରିଥିଲେ। “ବାଲେଶ୍ୱର ଟିଭିଏସ’ର ନିର୍ଦ୍ଦେଶିକା ରଶ୍ମିତା ମହାନ୍ତି ଓ ନିର୍ଦ୍ଦେଶକ ଜ୍ୟୋତିରାଦିତ୍ୟ ମହାନ୍ତି ନୂତନ ସ୍କୁଟରର ଏକାଧିକ ଫିଚର୍ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ନୂତନ ସ୍କୁଟରର ଶୋରୁମ୍ ପ୍ରାଇସ୍ ୧ ଲକ୍ଷ ୧୬ ହଜାର ୨୦୦ ଟଙ୍କା ଥିବା ବେଳେ ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ ହେଉଛି ବୋଲି ସୂଚନା ଦେଇଥିଲେ। ଟିଭିଏସ ଦ୍ୱାରା ନୂତନ ଭାବେ ପ୍ରସ୍ତୁତ କରାଯାଇଥିବା ଏହି ଇଭି ସ୍କୁଟର୍ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିପାରିବ ବୋଲି ଆଶା କରାଯାଉଛି। ଆଜି ସୁଦ୍ଧା ୨୦ ଟି ଗାଡ଼ି ବୁକିଂ ହୋଇଥିବା ବେଳେ ଦୁଇ ଜଣ ଗ୍ରାହକଙ୍କୁ ଅତିଥି ମାନେ ଗାଡ଼ି ଚାବି ହସ୍ତାନ୍ତର କରିଥିଲେ। ଶେଷରେ ‘ଆଜିକାଲି’ର ପ୍ରକାଶକ କିଶୋର ଦାସ ଧନ୍ୟବାଦ ଦେଇଥିଲେ। ବାଲେଶ୍ୱର ଟିଭିଏସ୍ ପରିବାରର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦୁଇଟି ଘରୁ ଚୋରି ଅଭିଯୋଗ

ସୋର, ୮।୨(ସମିସ): ସୋର ଥାନା ଅଧୀନ ଦୁଇଟି ଘରୁ ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ସୋର ଥାନା କୁଆମରା ବାରାପୁର ଗ୍ରାମର କେଦାର ପ୍ରସାଦ ରାଉତ ଗତ ୬ ତାରିଖରେ ତାଙ୍କ ଝିଅ ଘର ଭୁବନେଶ୍ୱର ଯାଇଥିଲେ। ମାତ୍ର ଆଜି ସକାଳେ ଘରେ ପହଞ୍ଚିବା ପରେ ଘର ତାଲା ଭଙ୍ଗା ଯାଇ ଗଡରେଜରେ ଥିବା ନଗଦ ୬୦ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ହୋଇଥିବା ଜାଣିବାକୁ ପାଇ ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ସେହିପରି ଅଞ୍ଚି ଗ୍ରାମରେ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଦୁର୍ବୃତ୍ତ ମାନେ ଗ୍ରାମର ଯଦୁନାଥ ନାୟକଙ୍କ ଘର ଚାବି ଭାଙ୍ଗି ଘରେ ଥିବା ଚାରି ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ସୁନା, ରୁପା ଗହଣା ଚୋରି କରି ନେଇଥିବା ନେଇ ସୋର ଥାନା ଅଧିନ ସାଉଡ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ସୋର ପୁଲିସ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ସକାଳ THE SAKALA



www.sakalaepaper.com

# କୁଷ୍ଠ ରୋଗୀଙ୍କ ନାମରେ ଟଙ୍କା ହଡ଼ପ

ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟରୁ ଫିଟିଲା ଗୁମର



ଆନନ୍ଦପୁର, ୮।୨ (ସମିସ)

କେନ୍ଦୁଝର ଜିଲ୍ଲାରେ କୁଷ୍ଠ ରୋଗ ଗୋଟିଏ ଦିନରେ ନେଇଛି ୨୦୫ ମୁଣ୍ଡ। କୁଷ୍ଠ ରୋଗରୁ ଏତେସଂଖ୍ୟକ ଲୋକଙ୍କର ହଠାତ୍ ଗୋଟିଏ ଦିନରେ ମୃତ୍ୟୁ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଘଷିପୁରା ବ୍ଲକ୍ ଅନ୍ତର୍ଗତ ତରିମୂଳ ପଞ୍ଚାୟତରେ ଏଭଳି ଘଟଣା ଏବେ ସାମ୍ନାକୁ ଆସିଛି। ଘଟଣା ପଛରେ ବ୍ୟାପକ ଦୁର୍ନୀତି ଓ ଆର୍ଥିକ ଅନିୟମିତତା ହୋଇଥିବା ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚ ଅଭିଯୋଗ କରିଛି। ଘଷିପୁରାସ୍ଥିତ ହୋଟେଲ ଗାୟତ୍ରୀଠାରେ ସାମ୍ବାଦିକ ସମ୍ମିଳନୀ କରି ମଞ୍ଚ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି।

ମଞ୍ଚର ଆବାହକ ଯଜ୍ଞପ୍ରସାଦ ସାହୁ କହିଛନ୍ତି, ତରିମୂଳ ପଞ୍ଚାୟତ ରେକୁଟିଆରେ ୪୯ ଜଣ, କଣ୍ଟାରୋହିରେ ୧୪, ତୁଳସୀପୁରରେ ୭ ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ତରିମୂଳ ଗ୍ରାମରେ ସର୍ବାଧିକ ୧୩୫ ଜଣ ଗୋଟିଏ ଦିନରେ ମୃତ୍ୟୁବରଣ କରିଥିବା ଶ୍ରୀ ସାହୁ କହିଛନ୍ତି। ଏହି ମୃତକମାନେ ପ୍ରଥମେ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଚିକିତ୍ସା ସୁବିଧା ପାଇବା ପରେ ସୁସ୍ଥ ହୋଇଥିଲେ। ଏ ସମସ୍ତଙ୍କୁ ସରକାରଙ୍କ ପକ୍ଷରୁ ମଧୁବାବୁ ପେନସନ ଯୋଜନାରେ ମାସିକ ଏକ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଥିଲା। ତେବେ ହଠାତ୍ ୨୦୨୫ ଡିସେମ୍ବର ୩୧ରେ ଏ ସମସ୍ତଙ୍କୁ ଉକ୍ତ ତାଲିକାରୁ ହଟାଇ ଦିଆଯାଇଥିବା ଯଜ୍ଞପ୍ରସାଦ ସାହୁ କହିଛନ୍ତି।

ଶ୍ରୀ ସାହୁ ଉଦାହରଣ ଦେଇ କହିଛନ୍ତି, ତରିମୂଳ ଗ୍ରାମର ମିତାରାଣୀ ନାହାକ (୩୦) ଏହି ଯୋଜନାରେ ମାସିକ ଏକ ହଜାର ଟଙ୍କା ସହାୟତା ପାଉଥିବା ସରକାରୀ ତଥ୍ୟ କହୁଛି। ତାଙ୍କ ଅନୁମୋଦନ ସଂଖ୍ୟା ଓଆର ଏସ-୦୬୬୨୩୯୫୧ ଥିବା ଦର୍ଶାଯାଇଛି। ସେହିପରି ଅନୁମୋଦନ ସଂଖ୍ୟା ଓଆର-ଏସ- ୦୬୬୧୪୯୮୨ରେ ୪୦ ବର୍ଷୀୟା ଅପର୍ଣ୍ଣା ବଳ ଏହି ଯୋଜନାର ହିତାଧିକାରୀ ଥିବା ତଥ୍ୟ କହୁଛି। ୪୫ ବର୍ଷୀୟ ତପନ ଦାସ, ୪୮ ବର୍ଷୀୟ ବିଷ୍ଣୁପ୍ରସାଦ ଦାସ, ୪୮ ବର୍ଷୀୟ ଅନିଲ କୁମାର ରାଉତଙ୍କ ଶତାଧିକ ଏହି ଯୋଜନାର ଲାଭାର୍ଥୀ ଥିଲେ। ହେଲେ ହଠାତ୍ ଏମାନଙ୍କୁ କାହିଁକି ଏ ତାଲିକା ତଥା ଯୋଜନାରୁ ବାଦ୍ ଦିଆଯାଇଛି ବୋଲି ଶ୍ରୀ ସାହୁ ପ୍ରଶ୍ନ କରିଛନ୍ତି। ସେହିପରି ଗୁଞ୍ଜର ମହାରଣା, ଦ୍ରୌପଦୀ ରାଉତ, ମାଗୁ ମଲ୍ଲିକ, ହୃଷୀକେଶ ନାହାକ ଦୀର୍ଘବର୍ଷ ଧରି ମୃତ୍ୟୁବରଣ କରିଥିଲେ ମଧ ଏହି ଯୋଜନାରେ ନାମ ଗଡି ଚାଲିଥିଲା। ଏ ସମସ୍ତେ ଗତ ଡିସେମ୍ବର ୩୧ରେ ଆଉ ଥରେ ମରିଥିବା ସରକାରୀ ତଥ୍ୟ କହୁଛି। ସାମ୍ବାଦିକ ସମ୍ମିଳନୀରେ ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ କିଛି ଭିନ୍ନ କଥା କହୁଛି। କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକରେ ଗତ ୧୦ ବର୍ଷ ମଧ୍ୟରେ ୧୪୧ ଜଣ କୁଷ୍ଠ ରୋଗୀ ସୁସ୍ଥ ହୋଇଥିଲେ। ହେଲେ ଗୋଟିଏ ପଞ୍ଚାୟତରେ ୨୦୫ ଜଣ ହିତାଧିକାରୀ କେଉଁଠୁ ଆସିଲେ? ଏଥିପାଇଁ ସେମାନେ ଭତ୍ତା ପାଇବାକୁ ଆବେଦନ କରିଥିଲେ କି? ଆବେଦନ ସମୟରେ କୁଷ୍ଠ ରୋଗରୁ ସୁସ୍ଥ ହୋଇଥିବାର ପ୍ରମାଣପତ୍ର ଦାଖଲ କରିଥିଲେ କି? ମାସିକ ୨ ଲକ୍ଷରୁ ଅଧିକ ଟଙ୍କା ଉକ୍ତ ପଞ୍ଚାୟତରେ ଏହି ଯୋଜନାରେ ପ୍ରଦାନ କରାଯାଉଥିବା ଦର୍ଶାଯାଇଛି। ବାର୍ଷିକ ୨୪ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ସଂପୃକ୍ତ ଥିବା ସରକାରୀ କର୍ମଚାରୀ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ସରକାରୀ ଅର୍ଥକୁ ଲୁଟିବା ପାଇଁ ଏକ ଗୋଷ୍ଠୀଗତ ଷଡ଼ଯନ୍ତ୍ର କରିଥିବା ହିମାଂଶୁ ନାୟକ କହିଛନ୍ତି। ଅଧିକାଂଶ ହିତାଧିକାରୀଙ୍କର ବୟସ ଜାଲିଆତି ହୋଇଥିବା ସେ କହିଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଆତ୍ମସାତ ହୋଇଥିବା ଅର୍ଥ ସରକାରୀ ତହବିଲକୁ ଫେରାଇ ଆଣିବା ସହ ସମସ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀ ନାୟକ ଦାବି କରିଛନ୍ତି।

## ଗ୍ୟାସରୁ ନିଆଁ ଲାଗି ପାଞ୍ଚ ଗୁରୁତର

ଆନନ୍ଦପୁର, ୮।୨(ସମିସ): ନିକଟସ୍ଥ ଟୁକୁଣା ଗାଁର ଅକ୍ଷୟ ଦାସଙ୍କ ପରିବାର ରାତ୍ରି ଭୋଜନ ପାଇଁ ରୋଷେଇ କରୁଥିବା ବେଳେ ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ପାଞ୍ଚ ଜଣ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ଆହତ ଅକ୍ଷୟ ଦାସ, ଜୀବନ ଦାସ, ସିପାଲି ଦାସ, ନିଧି ଦାସ, ଡଲି ଦାସ ପୋଡ଼ି ଯାଇ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି।

## ମୃତ୍ତିକା ସଂରକ୍ଷଣ ଅଣଗେଜେଟେଡ୍ କ୍ଷେତ୍ର କର୍ମଚାରୀ ସଙ୍ଘର ବୈଠକ



କେନ୍ଦୁଝର, ୮।୨(ସମିସ): ଅଶୋକ ବାଟିକାଠାରେ କେନ୍ଦୁଝର ଜିଲ୍ଲା ମୃତ୍ତିକା ସଂରକ୍ଷଣ ବିଭାଗ ଅଣଗେଜେଟେଡ଼ କ୍ଷେତ୍ର କର୍ମଚାରୀ ସଂଘର ଏକ ବୈଠକ ରବିବାର ଜିଲ୍ଲା ସଭାପତି ଶିବପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଙ୍ଘର ସାଧାରଣ ସମ୍ପାଦକ ଅମୂଲ୍ୟ ରଞ୍ଜନ ସ୍ୱାଇଁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଜିଲ୍ଲା ସଂଘର ରୋହିତ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ସଂଘର କୋଷାଧ୍ୟକ୍ଷ ରାଜେନ୍ଦ୍ର ଧଳ, ପରାମର୍ଶଦାତା ରାଧାଶ୍ୟାମ ବଳ ଏବଂ ରାଜ୍ୟ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଅରବିନ୍ଦ ନାୟକ ଓ ସମସ୍ତ ସଭ୍ୟ ସଭାରେ ଯୋଗ ଦେଇଥିଲେ। ଜିଲ୍ଲାରେ ନୂତନ ଭାବରେ ଯୋଗ ଦେଇଥିବା କର୍ମଚାରୀଙ୍କୁ ଜିଲ୍ଲା ସଂଘ ତରଫରରୁ ସ୍ୱାଗତ କରାଯାଇଥିଲା। ସଂଘର ଅନେକ ସଦସ୍ୟ ବିଭିନ୍ନ ସମସ୍ୟା ବିଷୟରେ ଜିଲ୍ଲା ସଂଘକୁ ଅବଗତ କରାଇଥିଲେ।

## ଝୁମ୍ପୁରା ବ୍ଲକ୍ ବିଜୁ ଜନତା ଦଳର ସାଙ୍ଗଠନିକ ଓ ସମ୍ବର୍ଦ୍ଧନା ବୈଠକ



ବାଲିବନ୍ଧ,୮।୨(ସମିସ): ସଦର ନିର୍ବାଚନମଣ୍ଡଳୀ ଝୁମ୍ପୁରା ବ୍ଲକର ୧୨ଟି ପଞ୍ଚାୟତର ବିଜୁ ଜନତା ଦଳର ନବନିଯୁକ୍ତ ପଞ୍ଚାୟତ ସଭାପତି ଏବଂ ବ୍ଲକ କମିଟି କର୍ମକର୍ତ୍ତାଙ୍କୁ ନେଇ ଏକ ସାଙ୍ଗଠନିକ ବୈଠକ ବ୍ଲକ ସଭାପତି ଡମ୍ବରୁଧର ଦାସଙ୍କ ସଭାପତିତ୍ୱରେ ନିଶ୍ଚିନ୍ତପୁର ପଞ୍ଚାୟତର ଅସୁରଖୋଲଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ବର୍ଦ୍ଧନା ସମାରୋହରେ ରାଜ୍ୟ ସାଧାରଣ ସଂପାଦକ ତଥା ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ଝୁମ୍ପୁରା ବ୍ଲକ ଅଧକ୍ଷା ମାଳତୀ ନାଏକ, ବରିଷ୍ଠ କାର୍ଯ୍ୟକର୍ତ୍ତା ବିପିନ ବିହାରୀ ଆପଟ୍ଟ ପ୍ରମୁଖ ଉପସ୍ଥିତ ଥିଲେ। ତୃଣମୂଳ ସ୍ତରରେ ପୁଣି ଥରେ ଦଳର ନବ ନିଯୁକ୍ତ କର୍ମକର୍ତ୍ତାମାନେ ଦଳକୁ ସୁସଂଗଠିତ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ନୂତନ ଭାବେ ବ୍ଲକ ଉପଦେଷ୍ଟା କମିଟିରେ ବିପିନ ବିହାରୀ ଆପଟ୍ଟ, ଲୋକନାଥ ପ୍ରଧାନ, ଚତୁର୍ଭୁଜ ଭଞ୍ଜଦେଓ, ପ୍ରଫୁଲ୍ଲ ପ୍ରଧାନ, ମହମ୍ମଦ ଫିରୋଜ ଆନସରି, ରବୀନ୍ଦ୍ର ମହାନ୍ତ, ସୁଶାନ୍ତ ବାରିକ, ଦାଶରଥୀ ବାରିକ, ଡମ୍ବରୁଧର ନାଏକ ରହିଥିବା ବେଳେ ଉପସଭାପତି ଅଖିଳଚନ୍ଦ୍ର ବାରିକ, ରମେଶଚନ୍ଦ୍ର ନାଏକ, ବସନ୍ତ କୁମାର ପ୍ରଧାନ ରହିଛନ୍ତି। ସାଧାରଣ ସମ୍ପାଦକ କାଳନ୍ଦୀ ଚରଣ ମହାନ୍ତ, ନବୀନ ମହାକୁଡ଼, ବାବାଜୀ ଚରଣ ବାରିକ, ଶିବନାଥ ସର୍ଦ୍ଦାର, କୁଞ୍ଜବିହାରୀ ନାଏକ, ରବି ମାଝୀ, ଜ୍ଞାନ ମୁଣ୍ଡା, ଦୁଷ୍ମନ୍ତ ବେହେରା, ନିତ୍ୟାନନ୍ଦ ଅପଟ୍ଟ, ମହମ୍ମଦ ନସୁଲ୍ଲା, ମହମ୍ମଦ ସାହିଦ ଆନସାରୀ, ରଞ୍ଜନ କୁମାର ପ୍ରଧାନ ଏବଂ ଜୋନାଲ ସଂଯୋଜକ ଭାବେ ଗୁମୁରା ସରପଞ୍ଚ ତପନ ନାଏକ, ଶରତ ମୁଣ୍ଡା (ଜୋନ ନଂ-୧୬), କୋଷାଧ୍ୟକ୍ଷ ଭାବେ ତିରୁପତି ବେହେରା ରହିଛନ୍ତି। ସେହିପରି ଝୁମ୍ପୁରା ପଞ୍ଚାୟତ ସଭାପତି ଭୋଳାନାଥ ନାଏକ, ଅର୍ଶଳା ପଞ୍ଚାୟତ ସଭାପତି ଯୋଗେଶ୍ୱର ମହାନ୍ତ, ରାଜୀବ ଲୋଚନ ମହାନ୍ତ (କାର୍ଯ୍ୟକାରୀ), ବାଲିବନ୍ଧ ପଞ୍ଚାୟତ ସଭାପତି ରମେଶ ମାଝୀ, ଖେଣ୍ଡରା ପଞ୍ଚାୟତ ସଭାପତି ଖଗେଶ୍ୱର ମହାନ୍ତ, ନହବେଡା ପଞ୍ଚାୟତ ସଭାପତି ବିଶ୍ୱନାଥ ନାଏକ, ଗୁମୁରା ପଞ୍ଚାୟତ ସଭାପତି ନିମାଇଁ ଚରଣ ମହାନ୍ତ, ନିଶ୍ଚିନ୍ତପୁର ସଭାପତି ଅମିତ କୁମାର ବାରିକ, ନାରଦପୁର ସଭାପତି ଅଯୋଧ୍ୟା ନାଏକ, କୁଟୁଗାଁ ପଞ୍ଚାୟତ ସଭାପତି ସୋରଜ କୁମାର ବେହେରା, ମଲଦା ପଞ୍ଚାୟତ ସଭାପତି ଦିବାକର ନାଏକ, ନୟାଗଡ଼ ପଞ୍ଚାୟତ ସଭାପତି ରବୀନ୍ଦ୍ର ପାତ୍ର ଏବଂ ବସନ୍ତପୁର ପଞ୍ଚାୟତ ସଭାପତି ମକରଧ୍ୱଜ ମହାନ୍ତ ରହିଛନ୍ତି।

## ଗୀତିକବି ମାଳତୀ ଶର୍ମା ସମ୍ମାନିତ



ଘଟଗାଁ, ୮।୨(ସମିସ): ଓଡ଼ିଆ ଗୀତିକବି ସମାଜର ୩୩ତମ ବାର୍ଷିକ ଉତ୍ସବରେ ଘଟଗାଁ ୟୁପିସ୍କୁଲ ଶିକ୍ଷୟିତ୍ରୀ ମାଳତୀ କୁମାରୀ ନାଥଶର୍ମା ଗୀତିକବି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସ୍ୱନାମଧନ୍ୟ ଗୀତିକାର ଗୌର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶତାବ୍ଦୀ ଭବନଠାରେ ଆୟୋଜିତ ଓଡ଼ିଆ ଗୀତିସାହିତ୍ୟ ସମ୍ମିଳନୀ ମଞ୍ଚରେ ପଦ୍ମଭୂଷଣ ଡକ୍ଟର ପ୍ରତିଭା ରାୟ, ଓଡିଶା ସାହିତ୍ୟ ଏକାଡେମୀ ସଚିବ ତଥା ପ୍ରାବନ୍ଧିକ ଡକ୍ଟର ଚନ୍ଦ୍ରଶେଖର ହୋତା ତାଙ୍କୁ ଗୀତିକବି ସମ୍ମାନ ସୂଚକଫଳକ ଓ ମାନପତ୍ର ଉତ୍ତରୀୟ ଉପଢୌକନ ପ୍ରଦାନ କରିଥିଲେ। ରାଜ୍ୟର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ସ୍ୱୀକୃତି, ଆକାଶବାଣୀର ସଫଳ କଥାକାର, ୟୁଟ୍ୟୁବ ଚ୍ୟାନେଲ୍‌ରେ ମନଛୁଆଁ ଭଜନ ଓ ଆଧୁନିକ କବିତା ଛାଡି ସାରା ଓଡିଶାରେ ଅନେକ ପ୍ରଶଂଶା ସାଉଁଟିବା ସହ ମାଳତୀ ନୈବେଦ୍ୟ, ଭାବନା, ସର୍ଜନା, ସମ୍ଭାବନା, ସାଧନା, କେତେ କଥା କେତେ ବ୍ୟଥା ଏବଂ ଏକ ଇଂରାଜୀ ପୁସ୍ତକ ରଚନା କରି ପୁରପଲ୍ଲୀରେ ସାହିତ୍ୟିକଙ୍କ ଦ୍ୱାରା ସୁଖ୍ୟାତି ପାଇ ରାଜ୍ୟପାଳଙ୍କ ଦ୍ୱାରା ମଧ ପୁରସ୍କୃତ ହୋଇଛନ୍ତି। ପ୍ରଶାସକ ଡ ଅଲେଖଚନ୍ଦ୍ର ପଢ଼ିଆରୀ, ଓଡ଼ିଆ ଗୀତିକବି ସମାଜର କାର୍ଯ୍ୟକାରୀ ସଭାପତି ପୀତାମ୍ବର ମିଶ୍ର, ଉପଦେଷ୍ଟା ମନୋଜ ପଟ୍ଟନାୟକ, ଉପସଭାପତି ମନୋଜ ମହାନ୍ତି, ଡକ୍ଟର କିଶୋର ମହାନ୍ତି, ଡକ୍ଟର ଲିଙ୍ଗରାଜ ରଥ, ସମ୍ପାଦକ ପ୍ରେମଚାନ୍ଦ ମହାନ୍ତି ପ୍ରମୁଖ ପ୍ରଶଂଶା କରିଛନ୍ତି।

## କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ବୁଦ୍ଧିଜୀବୀ ସମ୍ମିଳନୀ



କେନ୍ଦୁଝର,୮।୨(ସମିସ): କେନ୍ଦୁଝର ଜିଲ୍ଲା ବିଜେପି କାର୍ଯ୍ୟାଳୟଠାରେ ରବିବାର କେନ୍ଦ୍ରୀୟ ବଜେଟ ଉପସ୍ଥାପନ ୨୦୨୬-୨୭ ଉପରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କ ନେତୃତ୍ୱରେ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଓ ଶ୍ରମ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବଜେଟ ୨୦୨୬-୨୭ ସମ୍ପର୍କିତ ବିସ୍ତୃତ ଆଲୋଚନା କରିଥିଲେ। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀରମୋହନ ନାଏକ, ରାଜ୍ୟ ବିଜେପି ସମ୍ପାଦିକା ମମତା ସିଂ, ଚମ୍ପୁଆ ନେତା ମୁରଲୀ ମନୋହର ଶର୍ମା, ଘସିପୁରା ନେତା ତଥା କେନ୍ଦ୍ରୀୟ ବଜେଟ ୨୦୨୬-୨୭ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଡ. ଶମ୍ଭୁନାଥ ରାଉତ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ବଡ଼ବିଲ ପୌରାଧ୍ୟକ୍ଷ ଦିଲ୍ଲୀପ ମିଶ୍ର, ରାଜ୍ୟ ପାନେଲିଷ୍ଟ ବିରଜା ମିଶ୍ର, ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ ପ୍ରମୁଖ କେନ୍ଦ୍ରୀୟ ବଜେଟକୁ ସ୍ୱାଗତ କରିଥିଲେ। ଜିଲ୍ଲା ଉପସଭାପତି ତଥା କାର୍ଯ୍ୟକ୍ରମ ସହସଂଯୋଜକ ଦେବପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦିକା ଯଶସ୍ୱିନୀ ବଳ ଧନ୍ୟବାଦ ପ୍ରଦାନ କରିଥିଲେ।

## 'ଅନ୍ୱେଷା'ର ବାର୍ଷିକ ପୂଜ୍ୟପୂଜା ସମ୍ବର୍ଦ୍ଧନା ସମାରୋହ

ଆନନ୍ଦପୁର, ୮।୨(ସମିସ): ସାହିତ୍ୟ ଅନୁଷ୍ଠାନ ଅନ୍ୱେଷା ସାହିତ୍ୟ ସଂସଦର ୨୬ତମ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବ ସଂସଦର ସଭାପତି ଧରଣୀଧର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ସାଇଁକୁଳସ୍ଥିତ ପତିତପାବନ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ ବିଶ୍ୱାଳ ଏହାକୁ ଉଦଘାଟନ କରିଥିଲେ। ଦିବଂଗତ କବି ସାହିତ୍ୟିକ ନରହରି ରାଉତ, ସୋମନାଥ ମାଝୀ ଏବଂ ସୁରେନ୍ଦ୍ରନାଥ ସାହୁଙ୍କ ଆତ୍ମାର ସଦଗତି ପାଇଁ ଶ୍ରଦ୍ଧାସୁମନ ଅର୍ପଣ କରାଯିବା ପରେ ସଭାରେ ମୁଖ୍ୟଅତିଥି ସମାଜସେବୀ ତଥା ମୁମ୍ବାଇ ଓଡ଼ିଆ ସମାଜର ସଭାପତି ଡ ବିପିନ ବିହାରୀ ମିଶ୍ର, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଡଃ ରାମଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ କବି ସୁଧା ଦାଶ ଯୋଗ ଦେଇଥିଲେ। ସମାଜକୁ ସତ୍‌ମାର୍ଗ ଦେଖାଇବାରେ ସାହିତ୍ୟାନୁରାଗୀ ହେବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। ସଂସଦର ବାର୍ଷିକ ବିଶେଷାଙ୍କ "ଅନ୍ୱେଷଣ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଭିନ୍ନ ଜିଲ୍ଲାରୁ ଆସିଥିବା କବି ତଥା ସାହିତ୍ୟାନୁରାଗୀ କବିତା ପାଠ କରିଥିଲେ। ପରେ ପୂଜ୍ୟପୂଜା ସମ୍ବର୍ଦ୍ଧନା ସମାରୋହରେ ଚଳିତ ବର୍ଷ ଅନ୍ୱେଷା ସମ୍ମାନରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଡଃ ରାମଚନ୍ଦ୍ର ନାୟକ, ବନମାଳି ପଣ୍ଡା ସ୍ମୃତି ସମ୍ମାନରେ ମୁମ୍ବାଇ ଓଡ଼ିଆ ସମାଜ ତଥା ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ସଭାପତି ଡଃ ବିପିନ ବିହାରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପଣ୍ଡିତ ପ୍ରଭାକର ରଥ ସ୍ମୃତି ସମ୍ମାନରେ ଦଳଗତ ଭାବେ ସାଇଁକୁଳ ହିଙ୍ଗୁଳା ନାଟ୍ୟ ସଂସଦକୁ ପ୍ରଦାନ କରାଯାଇଛି। କବି ଉମାକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



## ଆନନ୍ଦଚନ୍ଦ୍ର ସାହୁଙ୍କ ପରଲୋକ



ଆନନ୍ଦପୁର, ୮।୨ (ସମିସ): ଘଷିପୁରା ବ୍ଲକ ବଳରାମପୁର ପଞ୍ଚାୟତ ସରେଇଁ ଗ୍ରାମର ବିଜେପି ନେତା ଆନନ୍ଦଚନ୍ଦ୍ର ସାହୁଙ୍କ ହୃଦଘାତରେ ପରଲୋକ ଘଟିଛି। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରୁଥିବା ବେଳେ ଆନନ୍ଦପୁର ଡାକ୍ତରଖାନାରେ ମୃତ୍ୟୁ ହୋଇଥିଲା। ଆଜି ସକାଳେ ସରେଇଁ ନଦୀକୂଳ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ସୁଶାନ୍ତ ସାହୁ ମୁଖାଗ୍ନି ଦେଇଥିଲେ। ସାନପୁଅ ଦେବବ୍ରତ ସାହୁ, ଝିଅ ସସ୍ମିତା ସାହୁ, ପୁତୁରା ସଞ୍ଜୟ ସାହୁ, କାଠି ସାହୁ, ସାନଭାଇ ବିନୋଦ ବିହାରୀ ସାହୁ ଏବଂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଏଥିସହ ବିଜେପି ନେତା ଶମ୍ଭୁନାଥ ରାଉତ, ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ର, ସମିଲ ମଲିକ ଶେଷ ଦର୍ଶନ କରିଥିଲେ।

## ମଦ ବିରୋଧରେ ତାତିଲେ ମହିଳା



ତେଲକୋଇ, ୮।୨(ସମିସ): ତେଲକୋଇ ଥାନା ଗାନ୍ଧୀନଗର ସାହି ଓ ଘୁଣ୍ଟୁପଶି ଗ୍ରାମ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବିଦେଶୀ ମଦ ଦୋକାନ ଓ ବେଆଇନ ଚାଖଣା ଦୋକାନ ଖୋଲାଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ମଦ୍ୟପଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବିଶୃଙ୍ଖଳିତ ପରିବେଶ ସୃଷ୍ଟି ହେଉଛି। ରାସ୍ତାରେ ମହିଳା ଓ ଛାତ୍ରୀମାନେ ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି। ଦୁର୍ଘଟଣା ମଧ ବୃଦ୍ଧି ପାଉଛି। ଏହିସବୁର ନିରାକରଣ ପାଇଁ ଅଞ୍ଚଳବାସୀ ତେଲକୋଇ ଥାନା ଓ ତହସିଲଦାରଙ୍କର ଦ୍ୱାରସ୍ଥ ହୋଇଛନ୍ତି। ବିଦ୍ୟାଳୟ ଓ ଜନବସତି ନିକଟରେ ଥିବା ବେଆଇନ ମଦ ଦୋକାନ ଏବଂ ଚାଖଣା ଦୋକାନକୁ ସ୍ଥାନାନ୍ତର କରିବା, ପୂର୍ତ୍ତ ରାସ୍ତା ମଧ୍ୟରେ ହମ୍ପସ ନିର୍ମାଣ କରିବା ଓ ଦୈନିକ ଯାନ ଚଳାଚଳରେ ଯାଞ୍ଚ କରି ମଦ୍ୟପଙ୍କୁ ଚିହ୍ନଟ କରିବା ଆଦି ଦାବି କରିଛନ୍ତି। ଉକ୍ତ ଦାବିଗୁଡ଼ିକ ତୁରନ୍ତ ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



ତୁରୁମୁଙ୍ଗା: ସ୍ୱେଚ୍ଛାସେବୀ ସଙ୍ଗଠନ ପିକକ୍ (ପିପୁଲସ୍ କଲଚରାଲ୍ ସେଣ୍ଟର) ପକ୍ଷରୁ ସାହାରପଡ଼ା ବ୍ଲକ କପୁଣ୍ଡିସ୍ଥିତ ଦକ୍ଷତା ତାଲିମ କେନ୍ଦ୍ରଠାରେ ଚାରିଦିନିଆ ଇକୋ ଭେଞ୍ଚର କ୍ୟାମ୍ପର ଶେଷ ଦିନ

## ମା' ମଙ୍ଗଳା କ୍ରିକେଟ: ସାଳଦେଇ ଚାମ୍ପିଅନ



ଆନନ୍ଦପୁର, ୮।୨(ସମିସ)

ଘସିପୁରା ବ୍ଲକ ସାଳଦେଇ ପଞ୍ଚାୟତ ଓଡପଡାର ମା' ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସାଳଦେଇ ଏକାଦଶ ୨୦ ରନ୍‌ରେ ତରୁଆଁ ଏକାଦଶକୁ ହରାଇ ଚାମ୍ପିଅନ ହୋଇଛି। ସୌମ୍ୟରଞ୍ଜନ ସ୍ୱାଇଁ ଓ ମାନସ ରଞ୍ଜନ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ସ୍କୋରର ପ୍ରଶାନ୍ତ ବାରିକ ଧାରା ବିବରଣୀ ଦେଇଥିଲା ବେଳେ ପୁପୁନ ଘଡ଼େଇ, ତୀର୍ଥବାସୀ ବେହେରା ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କୀର୍ତ୍ତନ ବିହାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସରୋଜ ସାମଲ, ଶିକ୍ଷାବିତ୍ ଶରତ ସାହୁ ଯୋଗ ଦେଇଥିଲେ। କ୍ଲବର ଜିତେନ୍ଦ୍ର ଖୁଣ୍ଟିଆ, ଶାଶ୍ୱତ ଖୁଣ୍ଟିଆ, ଅଶ୍ୱିନୀ ଖୁଣ୍ଟିଆ, ନିରାକାର ସାମଲ, ଅଜୟ ଖୁଣ୍ଟିଆ, ତାପସ କର, ଅକ୍ଷୟ ମହାରଣା, ଜୁଲୁ ସ୍ୱାଇଁ, ପ୍ରଶାନ୍ତ ନାୟକ, ପ୍ରଦେଶ ଭଞ୍ଜ, ଶ୍ରୀଧର ଖୁଣ୍ଟିଆ, ମହେନ୍ଦ୍ର ଘଡ଼େଇ, ସିପୁନ ଘଡ଼େଇ, ଚନ୍ଦୁ ପରିଡା ସହ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ‘ସାଥୀ’ ପାଳିଲା ଦ୍ୱିତୀୟ ପ୍ରତିଷ୍ଠା ଦିବସ ‘ସମର୍ପଣ’

ସମ୍ବଲପୁର, ୮।୨(ସମିସ)

କର୍କଟରୋଗୀଙ୍କ ପାଇଁ ଭଗବାନ ସାଜିଛି ସାଥୀ ଚାରିଟେବୁଲ ଟ୍ରଷ୍ଟ। ସବୁବେଳେ ସମସ୍ତଙ୍କୁ ସାହାଯ୍ୟ କରୁଛି। କେହି ବି ଅନୁଷ୍ଠାନକୁ ସାହାଯ୍ୟ ନିବେଦନ କଲେ ଯଥାସମ୍ଭବ ମିଳିଥାଏ। ସମ୍ବଲପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାଥୀ ସମସ୍ତଙ୍କୁ ବିଭିନ୍ନ ସହାୟତ କରୁଥିବାରୁ ହାତ ବଢ଼ାଇଥିବାରୁ ତାର ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, କୁନ୍ତରା ସ୍ଥିତ ବେଦ ଯୋଗ ଆଶ୍ରମ ବିଦ୍ୟାଳୟର ଜୀବନ ଚୈତନ୍ୟ ମହାରାଜ ଜୀ, ଡାକ୍ତର ବ୍ୟୋମକେଶ ଦୀକ୍ଷିତ, ଡାକ୍ତର କାଞ୍ଚନ ରାୟ, ବିପିନ ନନ୍ଦ, ଭଜନ ଝୁନଝୁନୱାଲା, ଗିରିଶ ପଟେଲ, ସାଥୀ ଚାରିଟେବୁଲ ଟ୍ରଷ୍ଟ ସଭାପତି ପ୍ରମୁଖ ଯୋଗଦେଇଥିଲେ। ରେଙ୍ଗାଲି






ସମସ୍ତେ ଆଜି ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶଂସା କରିଥିଲେ। ସ୍ଥାନୀୟ ଗଙ୍ଗାଧର ମେହେର ମଣ୍ଡପରେ ସାଥୀ ଚାରିଟେବୁଲ ଟ୍ରଷ୍ଟର ଦ୍ୱିତୀୟ ପ୍ରତିଷ୍ଠା ଦିବସ ‘ସମର୍ପଣ’ ରବିବାର ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସାଥୀ ଚାରିଟେବୁଲ ଟ୍ରଷ୍ଟ ସଭାପତି ଶତ୍ରୁଘନ ଲାଲ ସାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ ପୂଜାରୀ ସାଥୀ ଚାରିଟେବୁଲ ଟ୍ରଷ୍ଟ କର୍କଟ ପରି ରୋଗରେ ପୀଡ଼ିତଙ୍କୁ ସମସ୍ତ ପ୍ରକାର ସହାୟତାର ବିଧାୟକ ସେବା ପାଇଁ ଏହି ଟ୍ରଷ୍ଟ ଅନେକ କାର୍ଯ୍ୟ କରୁଥିବା କହିଥିଲେ। କ୍ୟାନସର ରୋଗର ମୂଳୋତ୍ପାଟନ ପାଇଁ ଆସନ୍ତା ମାସରୁ ସହରରେ ୫୦ଟି ଫ୍ରି କ୍ୟାନସର ଟୀକା ବଣ୍ଟନ କରାଯିବା ସହ ଏକ ଅତ୍ୟାଧୁନିକ ଶବ ବାହାକ ଗାଡି ମାତ୍ର ଏଗାର ଟଙ୍କା ମୂଲ୍ୟରେ ଜନସାଧାରଣଙ୍କ ବ୍ୟବହାର ପାଇଁ ନିୟୋଜିତ କରାଯିବ ବୋଲି ଟ୍ରଷ୍ଟ କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ସାହା ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ। ଏହା ସହ ପ୍ରତି ବର୍ଷା ୨୧ ଜଣ ଗରିବ ଝିଅଙ୍କ ବିବାହ କାର୍ଯ୍ୟ ଏ ଟ୍ରଷ୍ଟ କରିବ ବୋଲି ଆଜି ଘୋଷଣା କରିଥିଲେ।ଆଗାମୀ ଦିନରେ ସିନ୍ଦୁରପଙ୍କ ନିକଟରେ ୨୦ ଡିସିମିଲ ଜମିରେ ବୃଦ୍ଧା ଓ ଜରାଶ୍ରମ ନିର୍ମାଣର ଯୋଜନା ରହିଛି।

କାର୍ଯ୍ୟକ୍ରମରେ ଅସହାୟ ଗରିବ ମହିଳାଙ୍କୁ ୩୫ ଟି ସିଲେଇ ମେସିନ, ୧୫ ଜଣ କ୍ୟାନସର ପୀଡ଼ିତାଙ୍କୁ ଆର୍ଥିକ ସହଯୋଗ, ୧୫ ଜଣ ଶାରିରୀକ ଅକ୍ଷମମାନଙ୍କୁ ୱାକର୍ ଓ ହୁଇଲ ଚେୟାର, ୫୦ ଜଣ ଛାତ୍ରଛାତ୍ରୀଙ୍କୁ ସାଇକେଲ ଓ ମୋବାଇଲ୍ ପ୍ରଦାନ କରଯାଇଥିଲା। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୫ ଜଣଙ୍କୁ ସାଥୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମାଜସେବୀ ସୁଧୀର ପୁଝାରୀ, ଡା. କବୀର ଦାସ ପୁରୋହିତ, ଡା. ଉତ୍ତମ ପାଣି, ଡା. ଅରୁଣ ଡାଲମିଆ, ସାମ୍ବାଦିକ ଗୁଣମଣି ବିଶ୍ୱାଳ, ପ୍ରୟାସ ପରିବାର, ଇନ୍ଦ୍ରଜିତ ବାଗ୍, ନବ ବାଗ, ମନୋଜ ଶର୍ମା, ରାଜେଶ କୁମାର ମିଶ୍ର, ରାଜେଶ ଅଗ୍ରୱାଲ, ସଚିନ ଅଗ୍ରୱାଲ, ଆଦ୍ୱିକ ଇଣ୍ଟରନ୍ୟାସନାଲର ଅଧକ୍ଷ ଅଳକାନନ୍ଦା ରଥ, ଦୃଷ୍ଟିହୀନ ଶିକ୍ଷକ ସିଦ୍ଧାର୍ଥ ଦାସ, , ସନ୍ଦୀପ ଅଗ୍ରୱାଲ, ଜିଲ୍ଲା ମାଷ୍ଟର ଆଥଲେଟିକ ଆସୋସିଏସନର ଗୋକୁଳ ଦର୍ଜି, ହରିହର ପାଢ଼ୀ, ସୁରେନ୍ଦ୍ର ମୋହନ ପୁରୋହିତ, ପ୍ରଫୁଲ୍ଲ ପଣ୍ଡା, ନିର୍ମଳ ଚନ୍ଦ୍ର ବାଗ, ରାମଚନ୍ଦ୍ର କର, ସମ୍ବଲପୁରୀ ନୃତ୍ୟ ପ୍ରଶିକ୍ଷକ ତଥା ଗୋବିନ୍ଦତୁଲା ସରକାରୀ ବିଦ୍ୟାଳୟର ଶିକ୍ଷକ ଅସୀମ ପ୍ରଧାନ, ଲେଡୀ ଲୁଇସ ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ସଙ୍ଗୀତା ପଣ୍ଡା, ସହକାରୀ ଶିକ୍ଷୟିତ୍ରୀ ସୁନୀତା ପୁରୋହିତ, ସହକାରୀ ଶିକ୍ଷୟତ୍ରୀ ନିରୁପମା

### ମାସିକ ୫୦ ଜଣଙ୍କୁ ମିଳିବ କର୍କଟ ଟିକା

### ବାର୍ଷିକ ୨୧ ଗରିବ ଝିଅଙ୍କ ବିବାହ କରିବ ଟ୍ରଷ୍ଟ

ଅଦାବର୍, ବ୍ଲଗର ରାହୁଲ ମେହେର, ସୌରଭ ପାଣ୍ଡେ, ସୋମ୍ ସାହୁ, କୈଳାଶ ମେହେର, ରାଜ ବେହେରା, କୃପାସିନ୍ଧୁ ବାଗ, ଜଗବନ୍ଧୁ ସାହୁ, ସନ୍ଦୀପ ଟିବ୍ରେୱାଲ, ଚିନ୍ତା ବାଗ ପ୍ରମୁଖଙ୍କୁ ପ୍ରଦାନ କରଯାଇଥିଲା। ସାଥୀ ଚାରିଟେବୁଲ ଟ୍ରଷ୍ଟ କୋଷାଧକ୍ଷ ସମରଜିତ ପଟ୍ଟନାୟକ, ସଦସ୍ୟ ରାହୁଲ ଠାକୁର, ଶିବ ପ୍ରଧାନ, ଭଗତ ସିଂ, କମଳ ଅଗ୍ରୱାଲ, ଟିଙ୍କୁ ଯୋଶୀ, ରସିଦ ରାଜା, ଆଦି ନନ୍ଦ, ରାହୁଲ ନିଖଣ୍ଡିଆ, ବିନୟ ଶର୍ମା, ଦେବବ୍ରତ ସ୍ୱାଇଁ, ବାବଲୁ କାଦ୍ରୀ ପ୍ରମୁଖ ପରିଚାଳନା କରିଥିଲେ।

# ଗୋଡ଼ଭଗାରେ ‘ଚିକିତ୍ସାଳୟମ୍’ ଆରମ୍ଭ

**ସମ୍ବଲପୁର, ୮।୨(ସମିସ):** ବରଗଡ଼ ଜିଲ୍ଲା ଗୋଡ଼ଭଗା ଶ୍ରୀ ସତ୍ୟନାରାୟଣ ମେମୋରିଆଲ କମ୍ପ୍ଲେକ୍ସରେ ଆରମ୍ଭ ହୋଇଛି ଚିକିତ୍ସାଳୟମ୍। ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଏହି ଅନୁଷ୍ଠାନ ପ୍ରତିବଦ୍ଧ। ସମ୍ବଲପୁର



ଷ୍ଟେଟବ୍ୟାଙ୍କର ଆଞ୍ଚଳିକ ମ୍ୟାନେଜର ମାନସ ରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚିକିତ୍ସାଳୟମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ନରୋତ୍ତମ ଗୁରୁ ଓ ଡାକ୍ତର ଜେ କିରନ କୁମାରଙ୍କ ଏଭଳି ପ୍ରୟାସକୁ ମୁଖ୍ୟ ଅତିଥି ପ୍ରଶଂସା କରିଥିଲେ। ଅଞ୍ଚଳର ଆବଶ୍ୟକତାକୁ ଦେଖି ଏହି ସ୍ୱାସ୍ଥ୍ୟ ସେବା ଚିକିତ୍ସାଳୟମ ଆବଶ୍ୟକ ଥିବା ମୁଖ୍ୟ ଅତିଥି ମତ ବ୍ୟକ୍ତ କରିଥିଲେ। ମେଡିକାଲରେ ସାଧାରଣ ଔଷଧ, ଶିଶୁ ରୋଗ ବିଶେଷଜ୍ଞ, ସ୍ତ୍ରୀ ରୋଗ ଓ ପ୍ରସୂତି, ଚର୍ମ ଓ ଯୌନ ସଞ୍ଚାରିତ ରୋଗ, ଅସ୍ଥିଶଲ୍ୟ ବିଶେଷଜ୍ଞ, ସ୍ନାୟୁ ବିଶେଷଜ୍ଞ, ଶଲ୍ୟ ଚିକିତ୍ସା ବିଶେଷଜ୍ଞ, ଏଣ୍ଡୋକ୍ରିନୋଲୋଜି, ଗଣ୍ଠିବାତ ବିଶେଷଜ୍ଞ, ହୃଦ୍‌ରୋଗ ବିଶେଷଜ୍ଞ, ପାକସ୍ଥଳୀ ଅନ୍ତନଳୀ ବିଶେଷଜ୍ଞ ଓ ମନୋବିଜ୍ଞାନ ବିଶେଷଜ୍ଞ ଉପସ୍ଥିତ ରହିବେ। ରୋଗୀମାନେ ଔଷଧ ସହ ପାଥୋଲୋଜି, ଡାକ୍ତରଙ୍କ ପରାମର୍ଶ, ଏକ୍ସରେ ଇସିଜି ଓ ଏଣ୍ଡୋସ୍କୋପି ପରି ସେବା ପାଇ ପାରିବେ। ଏପରିକି ଘରୁକ ଯାଇ ରକ୍ତ ନମୁନା ସଂଗ୍ରହ, ଔଷଧ ଘରେ ପହଞ୍ଚାଇବା ଓ ଡ୍ରେସିଙ୍ଗ ପରି ସେବା ଚିକିତ୍ସାଳୟମ ଦେବ ବୋଲି ପ୍ରତିଷ୍ଠାତା ଶ୍ରୀ ଗୁରୁ ଓ ଡାକ୍ତର କରିନ କହିଛନ୍ତି। ଷ୍ଟେଟବ୍ୟାଙ୍କ ରିଲେସନସିପ୍ ମ୍ୟାନେଜର ଏସଏମଇ ବାଲାଜି ପାତ୍ର, କ୍ରେଡିଟ ସୋପର୍ଟ ଅଫିସର ଦର୍ଶନ ଗୁପ୍ତା, ଫିଲ୍ଡ ଅଫିସର ଅଭିଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କ୍ଷେତରାଜପୁର ଷ୍ଟେଟବ୍ୟାଙ୍କ ବ୍ରାଞ୍ଚ ମ୍ୟାନେଜର ଅଙ୍କୁର ସେଠ ମେସେଜ ମାଧ୍ୟମରେ ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। ଚିକିତ୍ସାଳୟମରେ ମୂର୍ତ୍ତି ପାଇଁ ଶିଳ୍ପି ମନୋଜ ସାହୁ ସହଯୋଗ କରିଥିଲେ।

## ■ ମାନେଶ୍ୱର ବ୍ଲକ୍ ଅଫିସରେ ଗୁଣ୍ଡାରାଜ

# ନେତାଙ୍କ ପୁଅ ବୋଲି ସବୁ ମାଫ୍, ଅସହାୟ ପୁଲିସ

**ସମ୍ବଲପୁର, ୮।୨(ସମିସ):** ଆଇନ ସମସ୍ତଙ୍କ ପାଇଁ ସମାନ। ଅପରାଧ କଲେ ଆଇନ ଅନୁସାରେ ଦଣ୍ଡିତ ହେବାକୁ ପଡ଼ିଥାଏ। କିନ୍ତୁ ସମ୍ବଲପୁରରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ମାନେଶ୍ୱର ବ୍ଲକ ଅଫିସରେ ଜଣେ ଆଗଧାଡ଼ିର ବିଜେପି ନେତାଙ୍କ ପୁଅ ଗୁଣ୍ଡାଗିରି କରିଥିଲେ ମଧ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସୂଚନା ଅନୁସାରେ ଗତ ଗୁରୁବାର ମାନେଶ୍ୱର ବ୍ଲକ କାର୍ଯ୍ୟାଳୟରେ ସମ୍ବଲପୁର ବିଜେପିର ଜଣେ ଆଗଧାଡ଼ିର ନେତାଙ୍କ ପୁଅ ଠିକା କାମକୁ ନେଇ ଗୁଣ୍ଡାଗର୍ଦ୍ଦି କରିଥିଲେ। କାମ ବଣ୍ଟନକୁ କେନ୍ଦ୍ର କରି ଗୁରୁବାର ଗଣ୍ଡଗୋଳ ହୋଇଥିଲା। ବିଡିଓଙ୍କ ପ୍ରକୋଷ୍ଠକୁ ପଶି ଉକ୍ତ ଯୁବ ଠିକାଦାର ପାଟିତୁଣ୍ଡ କରିଥିଲେ। ଯୁବକ ମହାନଗର ନିଗମ ଅଧୀନରେ ଥିବା ଖଣ୍ଡୁଆଲ ସ୍କୁଲରେ ଉନ୍ନୟନ କାମ କରୁଥିଲେ ଅନ୍ୟ ଜଣେ ପୂର୍ବତନ ବିଧାୟକ କୌଣସି କାରଣରୁ ତାଙ୍କ କାମ ଅଧାରୁ ବନ୍ଦ କରିଦେଇ ଥିଲେ। ଫଳରେ ଯୁବକ ଜଣକ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓଙ୍କ ପ୍ରକୋଷ୍ଠର ଗେଟ୍‌କୁ ଲାତ ମାରିଥିଲେ। କାହିଁକି କାମ ବନ୍ଦ କଲେ ବୋଲି ପ୍ରଶ୍ନ କରିବା ସହ ଆଉ ଏକ କାମ ଦିଅନ୍ତୁ ବୋଲି ଜିଦ୍ କରିଥିଲେ। ସେଠି ଉପସ୍ଥିତ ଥିବା ଜଣେ କନିଷ୍ଠ ଯନ୍ତ୍ରୀ ଆମେ କାମ କାହାକୁ ଦେଉନାହୁଁ, ଅମୁକ ବାବୁ ଯାହାକୁ କହିବେ ସେ ହିଁ କାମ କରିପାରିବ ବୋଲି କହିଥିଲେ। ବିଡିଓ ପୁଣି ସୁପାରିଶ ପତ୍ର ନେଇ ଆସିଲେ ଠିକା କାମ ଦିଆଯିବ ବୋଲି ପ୍ରକାଶ କରିଥିଲେ ଏହାକୁ ନେଇ ଯୁବକ ଜଣକ ରାଗିଯାଇ ସେଠାରେ ପ୍ରବଳ ପାଟିତୁଣ୍ଡ କରିଥିଲେ। ଏତେ ମାତ୍ରାରେ ଘଟଣା ଘଟିଥିଲେ ମଧ ପୁଲିସ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଧମା ଥାନା ପୁଲିସ କାହିଁକି ନିଜ ଆଡୁ ମାମଲା ରୁଜୁ କରୁନାହି ବୋଲି ପ୍ରଶ୍ନ ଉଠିଛି। ନେତାଙ୍କ ପୁଅ ବୋଲି ଆଇନକାନୁନ ତାଙ୍କ ପାଇଁ ଅଲଗା ବୋଲି ବିଭିନ୍ନ ମହଲରେ ପ୍ରକାଶ ପାଇଛି।

# ବରେଇପାଲିରେ ୪ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

**ସମ୍ବଲପୁର, ୮।୨(ସମିସ):** ବରେଇପାଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥ-୫୩ରେ ଦୁଇଟି ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଟ୍ରକ ଚାଳକ ଗୁରୁତର ହୋଇଥିବା ବେଳେ ଅନ୍ୟ ଚାଳକ ଓ ହେଲ୍ପର ଆହତ ହୋଇଛନ୍ତି। ସେମାନେ ହେଲେ ମଧ୍ୟପ୍ରଦେଶର ଦିଲୀପ କୁମର ଫକେତ(୪୦)(ଗୁରୁତର) ଓ ରାଜମାଡି ଯାଦବ(୨୦) ଏବଂ ଅନ୍ୟ ଜଣେ ଚାଳକ ମଧ୍ୟପ୍ରଦେଶର ରାଜବାହାର ସାହୁ(୪୦)। ସୂଚନା ଅନୁସାରେ ଗତ ବିଳମ୍ବିତ ରାତିରେ ବରେଇପାଲି ଓ ରେମେଡ୍ ଛକ ମଝି ଅଞ୍ଚଳରେ ଜାତୀୟ ଜାରପଥ-୫୩ରେ ଉଭୟ ଦୁର୍ଘଟଣା ଘଟିଛି। ଗୋପାଳପାଲି ନିକଟରେ ହେଇଥିବା ଦୁର୍ଘଟଣାରେ ଏକ ଟ୍ରଲର(ଆରଜେ-୦୨-ଜିସି-୯୮୯୪) ରେମେଡ୍ ପଟେ ଯାଉଥିଲା। ଏହି ସମୟରେ ଅଇଁଠାପାଲି ପଟୁ ଅସୁଥିବା ଅନ୍ୟଏକ ଟ୍ରକ୍(ସିଜି-୦୪-ପିଏଫ-୭୦୪୦) ଉକ୍ତ ଟ୍ରଲରକୁ ଦୃତଗତିରେ ଅତିକ୍ରମ କରୁଥିବା ବେଳେ ପଛପଟୁ ଧକ୍କା ଦେଇଥିଲା। ଫଳରେ ଟ୍ରକ୍ର ଚାଳକ ଦିଲୀପ ଓ ହେଲପର ରାଜକୁମାର ଗୁରୁତର ଆହତ ହୋଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଟ୍ରକ୍ ମଧ୍ୟରେ ଚାପି ହୋଇ ରହିଥିଲେ। ଖବର ପାଇ ପୋଲିସ ଅଗ୍ନିଶମ ବାହିନୀ ସହିତ ଘଟଣାସ୍ଥଳରେ ପହଞ୍ଚ ବହୁ କଷ୍ଟରେ ଚାଳକଙ୍କୁ ଉଦ୍ଧାର କରି ଭିମସାରରେ ଭର୍ତ୍ତି କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ ଚାଳକ ଦିଲୀପ ସାମାନ୍ୟ ଆହତ ହୋଇଥିବା ବେଳେ ହେଲପର ରାଜକୁମାରଙ୍କ ଅବସ୍ଥା ଗୁରୁତର ରହିଛି। ସେହିପରି ପ୍ରଥମ ଦୁର୍ଘଟଣାର ଅନତିଦୂରରେ ଅନ୍ୟ ଏକ ଦୁର୍ଘଟଣାରେ ଏକ ଟ୍ରକ୍ (ସିଜି-୦୪-ପିବି-୩୫୪୧) ଟାୟାର ମରାମତି ପାଇଁ ରାସ୍ତା ପାଶ୍ୱର୍ରେ ଛିଡ଼ା ହୋଇଥିବା ବେଳେ ଏହାକୁ ଅନ୍ୟଏକ ଟ୍ରକ୍(ସିଜି-୦୪-ଏଚ୍‌ଡ୍-୬୬୧୧) ପଛରୁ ଧକ୍କା ଦେଇଥିଲା। ଫଳରେ ଟ୍ରକ୍ର ଚାଳକ ରାଜବାହାର ଗୁରୁତର ଆହତ ହୋଇଛନ୍ତି। ପୋଲିସ ତାଙ୍କୁ ମଧ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭିମ୍ସାରରେ ଭର୍ତ୍ତି କରାଯାଇଛି।ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ପୁଲିସ ଜବତ କରିଛି।

# ମା’କାଳୀଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା

**ସମ୍ବଲପୁର, ୮।୨(ସମିସ):** ଝଡୁଆପଡ଼ା ସ୍ଥିତ ମା’ କାଳୀଙ୍କ ପ୍ରାଚୀନ ମନ୍ଦିରର ନବନିର୍ମାଣ ଓ ପ୍ରତିଷ୍ଠା ବିଧି ସମ୍ପନ୍ନ ହୋଇଛି। ଏହି ଅବସରରେ ହୋମ ଯଜ୍ଞ, ଚଣ୍ଡି ପାଠ, ମନ୍ଦିର ଚୁଡାରେ କଳସ ଓ ଧ୍ୱଜା ଲାଗି କର୍ମ ସମ୍ପାଦନ କରାଯାଇଥିଲା। ପ୍ରକାଶ ଚନ୍ଦ୍ର ପୂଜାରୀ ଓ ବୃନ୍ଦାବତି ପୂଜାରୀ ମୁଖ୍ୟ କର୍ତ୍ତା ଭୂମିକା ଗ୍ରହଣ କରିଥିବା ବେଳେ ପ୍ରାଣ ରଞ୍ଜନ ପଣ୍ଡା ଓ ରିତାରାଣୀ ପଣ୍ଡା, ସୁଜିତ କୁମାର ପୂଜାରୀ ଓ ବିନତା ପୂଜାରୀ ଏବଂ ସୀତାରାମ ସୁପକାର ଓ ମିନତୀ ସୂପକାର ସହକର୍ତ୍ତା ଦାୟିତ୍ୱ ତୁଲାଇଥିଲେ।ଶୁକ୍ରବାର କଳସ ଯାତ୍ରା ହୋଇଥିଲା। ପୂଜା କାର୍ଯ୍ୟ ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ପଣ୍ଡିତ ରବିନାରାୟଣ ପଣ୍ଡା, ପଣ୍ଡିତ ସରିତ୍ ପାଢ଼ୀ (ବୁଲୁ), ପଣ୍ଡିତ ନିଗମାନନ୍ଦ ପୂଜାରୀ, ପଣ୍ଡିତ ପ୍ରୀତମ ମିଶ୍ର ଓ ବ୍ରହ୍ମପୁରା ମନ୍ଦିର ପୂଜକ ସନ୍ତୋଷ ପଣ୍ଡା ସମ୍ପାଦନ କରିଥିଲେ। ମନ୍ଦିର ନିର୍ମାଣ କାର୍ଯ୍ୟ ପାଇଁ ସମାଜସେବୀ ତଥା ବିଶେଷଜ୍ଞ ଡାକ୍ତର ନାରାୟଣୀ ପଣ୍ଡା ଏବଂ ତାଙ୍କ ପରିବାର ୬ଲକ୍ଷ ଟଙ୍କାରୁ ଅଧିକ ରାଶି ପ୍ରଦାନ କରିଥିଲେ। ଅନେକ ଧାର୍ମିକ ବ୍ୟକ୍ତି



ଏବଂ ଝାଡୁଆପଡ଼ା ମନ୍ଦିର ଟ୍ରଷ୍ଟ ତରଫରୁ ଏହି ମନ୍ଦିର ଗଢାଯାଇଥିଲା। ମନ୍ଦିର ସଦସ୍ୟ ମନୋଜ କୁମାର ମିଶ୍ର, ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ଅଭିଷେକ ମିଶ୍ର, ସରୋଜ ସାହୁ, ମିଲୁ ପାଣିଗ୍ରାହୀ, ଧିନା ପ୍ରଧାନ, ବାବୁଲୁ ପୁରୋହିତ, ପ୍ରବୀଣ ଦୀକ୍ଷିତ, ହିମାଂଶୁ ପତି ପ୍ରମୁଖ ସହଯୋଗ କରିଥିଲେ।

# ବାଲି ଚାଲାଣ ବେଳେ ୪ ଟ୍ରାକ୍ଟର ଜବତ

**କୁଚିଣ୍ଡା, ୮ । ୨(ସମିସ):** ଶନିବାର କୁଚିଣ୍ଡା ଉପଜିଲ୍ଲାପାଳ ବେଆଇନ ବାଲି ଉତ୍ତୋଳନ ଏବଂ ଚାଲାଣ ହେଉଥିବା ବିଶ୍ୱସ୍ତସୂତ୍ରରୁ ଖବର ପାଇ ଲସା ନଦୀଘାଟରେ ଚଢ଼ଉ କରି ଚାରୋଟି ଟ୍ରାକ୍ଟରକୁ ଜବତ କରି କୁଚିଣ୍ଡା ପୁଲିସକୁ ଜିମା ଦେଇଥିଲେ। ସୂଚନା ପାଇ ପୁଲିସ ଟ୍ରାକ୍ଟର ଚରୋଟିକୁ କୁଚିଣ୍ଡା ଥାନାକୁ ଆଣିଥିଲେ। ଉପଜିଲ୍ଲାପାଳଙ୍କ ଏହି ଚଢ଼ଉ ପରେ ବାଲି ମାଫିଆଙ୍କ ଭିତରେ କୋକୁଆ ଭୟ ସୃଷ୍ଟି ହୋଇଛି। ତେବେ ଜବତ ଚାରୋଟି ଯାକ ଟ୍ରାକ୍ଟର ନୂଆ ହୋଇଥିବାବେଳେ ସେଥିରୁ ଗୋଟିଏ ଟ୍ରାକ୍ଟର ଓଡି ୧୫ ଡବ୍ଲୁ ୦୧୭୧ ହୋଇଥିବା ବେଳେ ଅନ୍ୟ ତିନୋଟି ଗାଡ଼ିରେ ନମ୍ବର ପ୍ଲେଟ ନାହିଁ। ଏହି ସମସ୍ତ ଟ୍ରାକ୍ଟରକୁ ସମ୍ବଲପୁରର ଖଣି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ଗୁରୁନାନକ ପବ୍ଲିକ ସ୍କୁଲରେ ସ୍ୱଚ୍ଛତା ଅଭିଯାନ




**ସମ୍ବଲପୁର, ୮।୨ (ସମିସ):** ସ୍ୱଚ୍ଛ ସର୍ବେକ୍ଷଣ ୨୦୨୬ ଅଧୀନରେ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ସଚେତନତା ଅଭିଯାନ ସମ୍ବଲପୁର ଗୁରୁନାନକ ପବ୍ଲିକ୍ ସ୍କୁଲରେ ସମ୍ବଲପୁର ମୁନିସିପାଲ କର୍ପୋରେସନ(ଏସଏମସି) ର ସହଯୋଗରେ ସଫଳତାର ସହିତ ଆୟୋଜିତ ହୋଇଥିଲା। ଏସ୍‌ଏମ୍‌ସି କମିଶନର ରେହାନ ଖେତ୍ରୀଙ୍କ ସହିତ ଡେପୁଟି କମିଶନର ହରିଓମ ଭୋଇ ଓ ସୁଶାନ୍ତ ସାହୁ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଆର.ଏନ୍. ଦାଶ୍ ଏବଂ ବିଦ୍ୟାଳୟ ସଚିବ ଏସ୍.ରଞ୍ଜିତ ସିଂହ ସାଲୁଜା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। କମିଶନର ପରିଷ୍କାର ଓ ସ୍ୱାସ୍ଥ୍ୟକର ପରିବେଶ ରକ୍ଷାର ଗୁରୁତ୍ୱ ବିଷୟରେ ପ୍ରେରଣାଦାୟକ ଭାଷଣ ଦେଇଥିଲେ। ପ୍ରାୟୋଗିକ କାର୍ଯ୍ୟକଳାପ ଭାବେ ଡୋର-ଟୁ-ଡୋର ଆବର୍ଜନା ପରିଚାଳନା ଯାନ ବ୍ୟବସ୍ଥା କରାଯାଇଥିଲା, ଯେଉଁଥିରେ ଛାତ୍ରଛାତ୍ରୀମାନେ ପ୍ଲାଷ୍ଟିକ ଆବର୍ଜନା ଓ ରାପର ସଂଗ୍ରହ କରି ସଠିକ ଭାବରେ ନିଷ୍କାଷଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟକୁ ସ୍ୱଚ୍ଛତା କାର୍ଯ୍ୟକଳାପ ପାଇଁ ସମ୍ବଲପୁର ମୁନିସିପାଲ କର୍ପୋରେସନ ଦ୍ୱାରା ‘ସ୍ୱଚ୍ଛ ବିଦ୍ୟାଳୟ ମାନ ପତ୍ର’ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

# ମହିଳା ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ଆଲୋଚନାଚକ୍ର

**ସମ୍ବଲପୁର, ୮।୨(ସମିସ):** ସମ୍ବଲପୁର ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ଅର୍ଥନୀତି ବିଭାଗ ଏବଂ ଅନ୍ତରୀଣ ଗୁଣବତ୍ତା ଆଶ୍ୱସନା ପ୍ରକୋଷ୍ଠର ମିଳିତ ସହଯୋଗରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ୨୦୪୭ ଆଡ଼କୁ ଯାତ୍ରା : ରଣନୀତିକ ଯୋଜନା ବିକଳ୍ପାବଳୀ ଏବଂ ବିକଶିତ ଭାରତ ପାଇଁ ବୈଶ୍ୱିକ ବାସ୍ତବତା ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମାନ ଉଦ୍‌ଯାପିତ ହୋଇଛି। ଅଧକ୍ଷା ପ୍ରଫେସର କଳ୍ପନା ମେହେର ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଫେସର ଉମାଶଙ୍କର ଦାଶ, ମୁଖ୍ୟବକ୍ତା ଭାବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗମୁଖ୍ୟ ପ୍ରଫେସର ଉମାଚରଣ ପତି ଯୋଗଦାନ କରିଥିଲେ। ପ୍ରଫେସର ମେହେର ବିକଶିତ ଭାରତ ପାଇଁ ବିଦ୍ୟାର୍ଥୀଙ୍କର ଯୋଗଦାନ ଉପରେ ଆଲୋକପାତ କରିଥିଲେ। ଅନ୍ତରୀଣ ଗୁଣବତ୍ତା ଆଶ୍ୱସନା ପ୍ରକୋଷ୍ଠର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର କୁମାର ପାଣିଗ୍ରାହୀ ଏହିଳି ଏକ ସମ୍ମାନର



ଆବଶ୍ୟକତା ସମ୍ବନ୍ଧରେ ଅବଗତ କରାଇଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ସୁଷମା ସୁଇ ସମ୍ମାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଡ. ସୁପ୍ରଭାରାଣୀ ଭୋଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ପ୍ରଫେସର ବଳବନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଆଲୋଚନା ଚକ୍ର ସଂଯୋଜନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଫେସର ନିଳେନ୍ଦ୍ରୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଜାତୀୟ ସମ୍ମାନ ସାମାଜିକ ଅଧ୍ୟୟନ କେନ୍ଦ୍ର ସୁରଟର ଡ. ଗଗନ ବିହାରୀ ସାହୁ, ଭାରତୀୟ ପ୍ରବନ୍ଧନ ପ୍ରତିଷ୍ଠାନ, ରାଞ୍ଚିର ପ୍ରଫେସର ଜନ୍ କୁଜୁର, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ରଥିକାନ୍ତ କୁମ୍ଭାର, ନେହୁ, ସିଲଂର ପ୍ରଫେସର ଚିତ୍ତରଞ୍ଜନ ନାୟକ ଆଭାସୀ ମାଧ୍ୟମରେ ଆଲୋଚନା ଚକ୍ରରେ ନିଜ ନିଜ ଗବେଷଣା ପତ୍ର ପାଠ କରିବା ସହ ବିଦ୍ୟାର୍ଥୀଙ୍କର ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ଏତଦ୍ ବ୍ୟତୀତ ଭାରତୀୟ ପ୍ରବନ୍ଧନ ପ୍ରତିଷ୍ଠାନ, ସମ୍ବଲପୁରର ପ୍ରଫେସର ହେମଚନ୍ଦ୍ର ପଧାନ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରଫେସର ସୁରଜ ବଡାଇକ୍ ଓ ପ୍ରଫେସର ଡି ପି ପ୍ରୟଦର୍ଶୀ ଯୋଷୀ ଆଲୋଚନାଚକ୍ରରେ ଭାଗ ନେଇଥିଲେ। ନେହୁ, ଭିସୁଟ୍, ଜି.ଏମ୍ ବିଶ୍ୱବିଦ୍ୟାଳୟ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ଗବେଷକ ତଥା ବିଦ୍ୟାର୍ଥୀମାନେ ସମ୍ମାନରେ ୬୨ଟି ପତ୍ର ପଠନ କରିଥିଲେ। ଅର୍ଥନୀତି ବିଭାଗର ଅଧାପିକା ପୁନମ୍ ବେହେରା ଓ ଅଧାପକ କୈଳାଶ ମେହେର ପରିଚାଳନାରେ ସହାୟତା କରିଥିଲେ।

# ଭୂ-ଅର୍ଜନ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସମ୍ବଲପୁର, ୮।୨(ସମିସ):** ଡ. ବି.ଆର୍. ଆମ୍ବେଦକର ସୋସିଆଲ ୱେଲଫେଆର ଫେଡେରେସନ ଏବଂ ମାତା ସାବିତ୍ରୀ ବାଇ ଫୁଲେ ମହିଳା ସଂଘ ସମ୍ବଲପୁର



ପକ୍ଷରୁ ମିଳିତ ଭାବେ ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଭୂଅର୍ଜନ ଅଧିକାରୀ ଡ. ଗୁଣମଣି ସୁନାନୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେ ଜଣେ ଦକ୍ଷ ଓ ନିଷ୍ଠାପର ପ୍ରଶାସନିକ ଅଧିକାରୀ ଥିଲେ। ଫେଡରେସନର ସଭାପତି ଇଂ ଦ୍ୱିତୀୟା ଗର୍ଡ଼ିଆଁକ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ରାଷ୍ଟ୍ରୀୟ ବୌଦ୍ଧ ମହାସଭା(ଓଡ଼ିଶା)ର ସଭାପତି ଜଗଦୀଶ ବୌଦ୍ଧ, ମହିଳା ସଂଘର ସଭାପତି ଅନୁପମା ନାଗ, ପ୍ରୀତି ପ୍ରଧାନ, ଇଂ ବୀରେନ୍ଦ୍ର ଜଗତ, କାର୍ଯ୍ୟକାରୀ ସଭାପତି ବରୁଣ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଫେଡରେସନର ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତଭାଷଣ ଏବଂ ମହିଳା ସଂଘର ଉପ-ସଭାପତି ରଞ୍ଜୁ ଭୋସାଗର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଯଦୁନାଥ ସୁନା, ରାଜେଶ କୁମ୍ଭାର, ବରୁଣ ସିଂ, ଅନୀଲ ନାଏକ, କୈଳାଶ ଲୁହା, ପଞ୍ଚମ ତାଣ୍ତି, ମଞ୍ଜୁ ଶିଖା, ସୁନୀତା ନାଗ, ପ୍ରତିଭା ନାଗ, ସୌକୁନି ଠାକୁର, ଟିକେଲାଲ କୁମ୍ଭାର ପ୍ରମୁଖ ଡ. ସୁନାନୀଙ୍କ ସମାଜସେବା କାର୍ଯ୍ୟ ବିଷୟରେ କରିଥିଲେ। ଠୁଳକାନ୍ତି ତାଜନ ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ଷ୍ମୀଡୁଙ୍ଗୁରୀରେ ଐତିହାସିକ ପ୍ରକୃତି ଉଦ୍ୟାନ ନିର୍ମାଣ ଦାବି

ସମ୍ବଲପୁର, ୮ ।୨(ସମିସ)

ଭାରତୀ ସମାଜ ପକ୍ଷରୁ ରବିବାର ଲକ୍ଷ୍ମୀଡୁଙ୍ଗୁରୀ ବିକାଶ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦୧୬ରୁ ସିଦ୍ଧାଚାର୍ଯ୍ୟ ମାନଙ୍କ ନାମରେ ପ୍ରତିବର୍ଷ ଭାରତୀ ସମାଜ ପକ୍ଷରୁ ସମର୍ପଣ ଉତ୍ସବ ଆୟୋଜନ କରାଯାଇ ଆସୁଛି। ଲକ୍ଷ୍ମୀଡୁଙ୍ଗୁରୀ ଠାରେ ଗୁରୁ ପଦ୍ମସମ୍ଭବ, ଗୁରୁ ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା, ସାତବହନୀ ଏବଂ ଅନ୍ୟ ସିଦ୍ଧାଚାର୍ଯ୍ୟଙ୍କ ସ୍ମୃତିରେ ବୃକ୍ଷ ଗୁଡିକୁ ସମର୍ପଣ କରାଯାଇଛି। ଆଜି ସେହି ସମର୍ପିତ ବୃକ୍ଷ ଗୁଡିକୁ ପରିଦର୍ଶନ କରିବା ସହ ତାର ସ୍ଥିତି ଆକଳନ କରାଯାଇଥିଲା। ଏହାସହ ସମ୍ବଲପୁରରେ ପର୍ଯ୍ୟଟନର ବିକାଶ ପାଇଁ ସରକାର ଗୁରୁତ୍ୱ ଦେଇ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବାରୁ ସେଥିରେ ଲକ୍ଷ୍ମୀ ଡୁଙ୍ଗୁରୀକୁ ସାମିଲ କରିବାକୁ ଭାରତୀ ସମାଜ ପକ୍ଷରୁ ଦାବି କରାଯାଇଥିଲା। ଲକ୍ଷ୍ମୀଡୁଙ୍ଗୁରୀ ଅସୁରକ୍ଷିତ ହୋଇ ପଡ଼ିଥିବାରୁ ଅନେକ ଦାମୀ ଗଛ ଗୁଡ଼ିକୁ ଲୋକେ କାଟି ନେଉଥିବାବେଳେ ବିଭିନ୍ନ ଲୋକଙ୍କ ଲୋପୁପ ଦୃଷ୍ଟି ପଡୁଛି। ଏହାର ସୁରକ୍ଷା ଏବଂ ବିକାଶ କରାନଗଲେ ଲକ୍ଷ୍ମୀଡୁଙ୍ଗୁରୀ କେତେବେଳେ କୌଣସି କମ୍ପାନୀ ଅଧିନରେ କାରଖାନା ନିର୍ମାଣରେ ବ୍ୟବହାର ହୋଇଯିବ। ତେଣୁ ୨୦୧୬ ରୁ ଦାବି ହୋଇ ଆସୁଥିବା ଲକ୍ଷ୍ମୀଡୁଙ୍ଗୁରୀରେ ଏତିହାସିକ ପ୍ରକୃତି ଉଦ୍ୟାନ ନିର୍ମାଣ କରାଯାଇ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରାଯିବା ସହ ଲକ୍ଷ୍ମୀ ଡୁଙ୍ଗୁରୀର ପ୍ରକୃତିକୁ ମଧ ସୁରକ୍ଷିତ କରାଯାଇ ପାରିବ ବୋଲି ଭାରତୀ ସମାଜ ପକ୍ଷରୁ କୁହାଯାଇଛି। ଲକ୍ଷ୍ମୀଡୁଙ୍ଗୁରୀରେ ଗଛ ଗୁଡିକୁ କଟା ନଯାଇ ସେଠାରେ ବ୍ୟବସ୍ଥିତ ଢଙ୍ଗରେ ନୂତନ ବୃକ୍ଷରୋପଣ କରାଯାଇ ଏହାକୁ ଆହୁରୀ ଆକର୍ଷଣୀୟ କରାଯାଇପାରିବ। ଲକ୍ଷ୍ମୀଡୁଙ୍ଗୁରୀ ମହାନ ସାଧିକା ଲକ୍ଷ୍ମୀଙ୍କରାଙ୍କ ନାମରେ ନାମିତ ହୋଇଥିବା ବିଶ୍ୱାସ ରହିଛି। ତେଣୁ ଏହା ଅଞ୍ଚଳର ଇତିହାସ ଏବଂ ସଂସ୍କୃତି ସହ ଲୋକଙ୍କ ଭାବନା ମଧ ଜଡ଼ିତ ରହିଛି। ତେଣୁ ଏହାର ସୁରକ୍ଷା ପ୍ରତି ବନ ବିଭାଗ ଅଧିକ ଦୃଷ୍ଟି ଦେଇ ୫୨ ନମ୍ବର ରାଜପଥରେ ସୁନ୍ଦର ଗେଟ ଲଗାଯିବା ସହ ପର୍ଯ୍ୟଟକଙ୍କ ପାଇଁ ସୁବିଧା କରିବାକୁ ଭାରତୀ ସମାଜ ପକ୍ଷରୁ ଦାବି କରାଯାଇଛି। ଲକ୍ଷ୍ମୀଡୁଙ୍ଗୁରୀ ଅଞ୍ଚଳର ସର୍ବବୃହତ ଶାଗୁଆନ ବଣ ରହିଛି। ପୁଣି ଲକ୍ଷ୍ମୀଡୁଙ୍ଗୁରୀ ଓଡ଼ିଶାର ସର୍ବ ପୁରାତନ ମାଟି ପରୀକ୍ଷା କେନ୍ଦ୍ର ରହିଥିଲା। ତେଣୁ ବିଭିନ୍ନ ଦୃଷ୍ଟିରୁ ଲକ୍ଷ୍ମୀଡୁଙ୍ଗୁରୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ସକ୍ଷମ ବୋଲି ଭାରତୀ ସମାଜ ପକ୍ଷରୁ ଦାବି କରାଯାଇଛି। ଏଥିରେ ଭାରତୀ ସମାଜର ଆବାହକ ଭବାନିଶ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀ ସମାଜର ମହାସଚିବ ଦେବୀ ପ୍ରସାଦ ଭୋଇ, କ୍ଷେତ୍ରୀୟ ସଂଯୋଜକ ଡ. ସ୍ୱର୍ଣ୍ଣ ପ୍ରକାଶ ପଣ୍ଡା, ସୁବ୍ରତ ପ୍ରଧାନଙ୍କ ସମେତ ସଦସ୍ୟ ମାନେ ସାମିଲ ହୋଇଥିଲେ।



## ୟୁଜିସି ବିଲ୍ ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

**ଗାଇସିଲେଟ୍, ୮।୨(ସମିସ):** ସାରା ଦେଶରେ ୟୁଜିସି ବିଲକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି । ସମାଜରୁ ଜାତିଭେଦ ଦୂରେଇଥିବା ବେଳେ ନିଜେ କେନ୍ଦ୍ର ସରକାର ଜାତି ଭେଦ ପ୍ରଥାକୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ବିଲ୍‌ର ବ୍ୟବସ୍ଥା ଅନୁସାରେ ଯେକୌଣସି ଆକ୍ଷେପମୂଳକ ଘଟଣାରେ କେବଳ ବ୍ରାହ୍ମଣମାନେ ହିଁ



ଦୋଷୀ ହେବେ ବୋଲି ସିଧାସଳଖ ସରକାର ବିଚାର କରିଛନ୍ତି । ଯାହାକି ସମ୍ପୂର୍ଣ୍ଣ ମିଥ୍ୟା ଓ ତ୍ରୁଟିପୂର୍ଣ୍ଣ ବୋଲି କହି ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ବ୍ରାହ୍ମଣ ସମାଜ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଗାଇସିଲେଟ ବ୍ଲକ ବ୍ରାହ୍ମଣ ସମାଜ ସଭାପତି ସଦାନନ୍ଦ ପାଢ଼ୀ, ପଞ୍ଚାୟତ ସଭାପତି ଡ.ସୁନିଲ ପଣ୍ଡା, ପର୍ଶୁରାମ ବାହିନୀ ବ୍ଲକ ସଭାପତି ରଞ୍ଜନ ପଣ୍ଡା, ଆଦିକନ୍ଦ ପୁରୋହିତ, ସଞ୍ଜୟ ପୁରୋହିତ, ରବୀନ୍ଦ୍ର ପଣ୍ଡା, ପ୍ରଦୀପ ଯୋଶୀ, ନରେଶ ପାଣିଗ୍ରାହୀ, ନନ୍ଦ କିଶୋର ଯୋଶୀ, ପ୍ରଶାନ୍ତ ପୁରୋହିତ, ନରେନ୍ଦ୍ର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ । ୟୁଜିସି ବିଲକୁ କେନ୍ଦ୍ର ସରକାର ତୁରନ୍ତ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାହାର ଦାବିରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ୟୁଜିସି କେବଳ ଭୋଟ ବ୍ୟାଙ୍କ ସୃଷ୍ଟି ପାଇଁ କରାଯାଇଛି । ବିଲରେ ଜାତିଗତ ବିଦ୍ୱେଶ ସୃଷ୍ଟି କରାଯାଇ ଦେଶକୁ ଭୁଲ ରାସ୍ତାରେ ନେବାକୁ ଉଦ୍ୟମ ହେଉଛି । ଆଜି ପର୍ଯ୍ୟନ୍ତ ଏସ୍‌ସି, ଏସ୍‌ଟି ଆଟ୍ରୋସିଟିର ବହୁଳ ମାତ୍ରାରେ ଅପବ୍ୟବହାର ହେଉଛି । ଏନେଇ ଦେଶରେ ବିଭିନ୍ନ କୋର୍ଟ ସମୟ ସମୟରେ କ୍ଷୋଭ ବ୍ୟକ୍ତ କରିଆସିଛନ୍ତି । ଏହି ବିଲ ଆସିଲେ ବିଶ୍ୱ ବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆହୁରି ବିଭେଦ ସୃଷ୍ଟି ହେବ । ବିଲରେ ଏସ୍‌ସି/ଏସ୍‌ଟି, ଓବିସି ବର୍ଗର ସଭ୍ୟଙ୍କୁ ଇକ୍ୟୁଟି କମିଟିରେ ରଖାଯାଇଥିବା ବେଳେ ସାଧାରଣ ବର୍ଗର ସଭ୍ୟ ରଖିବାରେ ବ୍ୟବସ୍ଥା ନାହିଁ । ସମ୍ବିଧାନରେ କୌଣସି ଜାତି, ବର୍ଣ୍ଣ ଓ ଧର୍ମକୁ ନେଇ ବିଭେଦ କରାଯାଇପାରିବ ନାହିଁ ବୋଲି ନିୟମ ରହିଥିବା ବେଳେ ୟୁଜିସି ବିଲ ଏହି ନିୟମକୁ ବିରୁଦ୍ଧା ଚରଣ କରୁଛି । ତେଣୁ ତୁରନ୍ତ ଏଭଳି ତ୍ରୁଟିପୂର୍ଣ୍ଣ ବିଲକୁ ପ୍ରତ୍ୟାହାର କରାଯାଉ ବୋଲି ବ୍ରାହ୍ମଣ ସମାଜ ଦାବି କରିଛି । ନଚେତ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛି ।

## ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ବାତିଲ ଦାବିରେ ସଂଯୁକ୍ତ କୃଷକ ସଂଗଠନର ଦାବିପତ୍ର

**ବରଗଡ଼, ୮।୨(ସମିସ)**

ଆମେରିକା ଓ ଭାରତ ମଧ୍ୟରେ କୃଷିଜାତ ପଦାର୍ଥ ସମ୍ବନ୍ଧୀୟ ବାଣିଜ୍ୟ ଚୁକ୍ତିକୁ ବାତିଲ କରିବା ପାଇଁ ଦାବି କରି ସଂଯୁକ୍ତ କିଷାନ ମୋର୍ଚ୍ଚା ଡାକରାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବରପାଲି ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଭାରତ ଏକ କୃଷିପ୍ରଧାନ ଦେଶ ହେବା ସତ୍ତ୍ୱେ କୃଷକମାନେ ଅନେକ ସମସ୍ୟାରେ ଘେରରେ ରହିଛନ୍ତି । ଫସଲର ନ୍ୟାୟ ସଂଗତ ମୂଲ୍ୟ ମିଳୁ ନଥିବା, ସୁଦୃଢ଼ ବଜାର ବ୍ୟବସ୍ଥାର ଅଭାବ, ପ୍ରାକୃତିକ ବିପର୍ଯ୍ୟୟରେ ସୁରକ୍ଷା ବ୍ୟବସ୍ଥା ନଥିବା ଓ ସରକାରୀ ସବସିଡି ବଣ୍ଟନରେ ଅନିୟମିତତା ଯୋଗୁଁ କୃଷକମାନେ ଆର୍ଥିକ ଦୃଷ୍ଟିରୁ ଅବହେଳିତ ଓ ଶୋଷିତ ହେଉଛନ୍ତି । ମୋର୍ଚ୍ଚା ପକ୍ଷରୁ କୁହାଯାଇଛି ଯେ, ଆମେରିକାର କୃଷିଜାତ ପଦାର୍ଥ ଯଥା ମକା, ସେଓ, ଗହମ, କପାସ, ସୋୟାବିନ ଓ ଦୁଗ୍ଧଜାତ ପଦାର୍ଥ ଭାରୀ ସବସିଡି ସହିତ ଉତ୍ପାଦିତ ହେଉଥିବାରୁ ସେଗୁଡିକ ଭାରତୀୟ ବଜାରକୁ କମ ଦାମରେ ପ୍ରବେଶ କଲେ



ଦେଶୀ କୃଷକମାନେ ପ୍ରତିଯୋଗିତା କରିପାରିବେ ନାହିଁ । ଏହାର ପରିଣାମରେ କୃଷକ ମାନେ ଋଣଗ୍ରସ୍ତ ହୋଇ ଚାଷ ଛାଡିବାକୁ ବାଧ ହେବାର ସମ୍ଭାବନା ରହିଛି । ସେମାନେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, କୃଷକ ମାନଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଫସଲର ନ୍ୟୁନତମ ସମର୍ଥନ ମୂଲ୍ୟକୁ ଆଇନଗତ ଗ୍ୟାରେଣ୍ଟି ଦେବା ସହିତ ସୁଦୃଢ଼ ବଜାର ବ୍ୟବସ୍ଥା ଗଠନ କରାଯିବା ଆବଶ୍ୟକ । ଏହି ବାଣିଜ୍ୟ ଚୁକ୍ତି କୃଷି ଓ କୃଷକ ବିରୋଧୀ ଥିବାରୁ ଏହାକୁ ତୁରନ୍ତ ବାତିଲ କରିବାକୁ ଦାବି କରାଯାଇଛି । ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ସୂଚନା ଦିଆଯାଇଛି ଯେ, ୪ରୁ ୧୧ ଫେବୃଆରୀ ପର୍ଯ୍ୟନ୍ତ ସାରା ଦେଶରେ ସଭା-ସମିତି ମାଧ୍ୟମରେ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ଚାଲିଛି । ଏହି ଅବସରରେ ରମେଶ ମହାପାତ୍ର, ତପନ ମିଶ୍ର, ରାଧେଶ୍ୟାମ ନାୟକ, ଆହ୍ଲାଦିନୀ ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ରାମପୁରରେ ବିଶାଳ ହିନ୍ଦୁ ସମ୍ମିଳନୀ

**ରେଢ଼ାଖୋଲ, ୮ ।୨(ସମିସ) :** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ କଦମ୍ବ ପଡ଼ିଆଠାରେ ରବିବାର ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମଗ୍ର ହିନ୍ଦୁ ସମାଜ ରାମପୁରର ସଭାପତି କରୁଣାକର ପ୍ରଧାନଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବରେ ବ୍ରହ୍ମ ଅବଧୂତ ବାବା ଆନନ୍ଦ ଚନ୍ଦ୍ର ଦାଶ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହ ପ୍ରାନ୍ତ କାର୍ଯ୍ୟବାହ ପଶ୍ଚିମ ପ୍ରାନ୍ତ ଓଡ଼ିଶାର ହରିଶ ପରିଡ଼ା ଯୋଗଦେଇ ଥିଲେ । ମୁଖ୍ୟ ଅତିଥି ବାବା ଆନନ୍ଦ ଚନ୍ଦ୍ର ଭୀମଭୋଇ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପୁଷ୍ପାଞ୍ଜଳି ସାମନ୍ତରାୟ, ସାଧୁ ବାବା ମଦନ ଦାଶ ମଞ୍ଚାସିନ ରହିଥିଲେ । ଏହି ଅବସରରେ ସମାଜସେବୀ ଅନୁଷ୍ଠାନ ଆରୟନ ଫାଉଣ୍ଡେସନ, ସମାଜସେବୀ ପ୍ରକାଶ ମୁଖୀ ଓ ରାଜୁ ପାରମାରଙ୍କୁ ସମ୍ମାନିତ କରାଯାଇଥିଲା । ଉପସଭାପତି ତ୍ରିଲୋଚନ ସାହୁ ସମ୍ପାଦକ ଈଶ୍ୱର ଚନ୍ଦ୍ର ପୃଷ୍ଟି, ସହ ସମ୍ପାଦକ ଦୁଃଖବନ୍ଧୁ ପ୍ରଧାନ, କୋଷାଧ୍ୟକ୍ଷ ପଞ୍ଚାନନ ଗଡ଼ନାୟକ, ଉପଦେଷ୍ଟା ତୁଷାରକାନ୍ତି ପ୍ରଧାନ, ଖଗେଶ୍ୱର ବେହେରା, ସନ୍ତୋଷ ରଥ, ମହାବୀର ସିଂ ଦେଓ, ହରିଶଙ୍କର ହୋତା, ସୁବାସ ପ୍ରଧାନ, ସୁରଥ ବିଶ୍ୱାଳ, ପ୍ରତାପ ପ୍ରଧାନ, ସଞ୍ଜୟ ବେହେରା ପ୍ରମୁଖଙ୍କ ସହ ହିନ୍ଦୁ ସମ୍ମୀଳନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

## ଓଏଭି ବଲିଢିପାରେ ଭିଏମ୍‌ଡିସି ବୈଠକ

**ଝାରବନ୍ଧ, ୮।୨(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଉପ-ଜିଲ୍ଲାପାଳ ସ୍ନେହା ଅରଗୁଲାଙ୍କ ସଭାପତିତ୍ୱରେ ଝାରବନ୍ଧ ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବଲିଢ଼ିପା ପରିସରରେ ବିଦ୍ୟାଳୟ ଉନ୍ନତି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଭିଏମଡିସି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକଟି ବିଦ୍ୟାଳୟ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଆୟୋଜିତ ହୋଇଥିଲା । ବୈଠକରେ ବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ବିଷୟରେ ଉପସ୍ଥାପନ କରିଥିଲେ । ବିଶେଷକରି ଛାତ୍ରୀ ନିବାସ ଓ ଛାତ୍ରାବାସକୁ ଯଥାଶୀଘ୍ର ଚାଲୁ କରିବା ନେଇ ଆଲୋଚନା ହୋଇଥିଲା । ଏହାପରେ ଉପଜିଲ୍ଲାପାଳ ଆଗାମୀ ଶିକ୍ଷାବର୍ଷକୁ ସୁସଂଗଠିତ ଓ ସୁଚାରୁ ଭାବେ ପରିଚାଳନା ପାଇଁ ଅଧ୍ୟକ୍ଷଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଆରଡି ଏସଡିଓ, ଏବିଇଓ ବିଶିକେଶନ ଶତପଥୀ, ଶିକ୍ଷକ ଦିବ୍ୟ କିଶୋର ପଣ୍ଡା, ଶିକ୍ଷୟିତ୍ରୀ ଅନୁପମା ପ୍ରଧାନ, ମେଡିକାଲ ଅଫିସର ଓ ଭିଏମଡିସିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଉପଜିଲ୍ଲାପାଳ ବିଦ୍ୟାଳୟର ବିଭିନ୍ନ ଭାଗ ସହ ଛାତ୍ରାବାସ ପରିଦର୍ଶନ କରି ଆବଶ୍ୟକ ରକ୍ଷଣାବେକ୍ଷଣ କାର୍ଯ୍ୟ ତୁରନ୍ତ ଗ୍ରହଣ କରିବାକୁ ଆରଡି ଏସଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶେଷରେ କ୍ଷୀର ସାଗର ମହାନନ୍ଦ ଧନ୍ୟବାଦ ଜ୍ଞାପନ କରିଥିଲେ ।

**ଛାତ୍ରୀ ନିବାସ ଓ ଛାତ୍ରାବାସ ଶୀଘ୍ର ଆରମ୍ଭ ପାଇଁ ନିର୍ଦ୍ଦେଶ**

## ବଡ଼ମାଁ ଥିଲେ ସେବା ଓ ସଂଗ୍ରାମର ପ୍ରତୀକ

**ବରଗଡ଼, ୮।୨(ସମିସ):** ବଡମାଁ ପାର୍ବତୀ ଗିରି ଥିଲେ ସେବା, ସଂଗ୍ରାମ ଓ ତ୍ୟାଗର ପ୍ରତିମୂର୍ତ୍ତି । ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରି ଜେଲ ବରଣ ଓ ସ୍ୱାଧୀନତା ପରେ ସେବାରେ ସମଗ୍ର ଜୀବନ ଉତ୍ସର୍ଗୀକୃତ କରି ଥିଲେ ବୋଲି ବରଗଡ଼ ମହିଳା ସମିତି ଦ୍ୱାରା ଆୟୋଜିତ ସଭାରେ ବକ୍ତାଗଣ ମତପ୍ରକାଶ କରିଛନ୍ତି । ସମିତିର ଅଧ୍ୟକ୍ଷା ଅଞ୍ଜନା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଲୋଚକ ଭାବେ ଅଧ୍ୟାପକ ମୋହନ ସାହୁ, ଅଧ୍ୟାପିକା ଡ.ସଂଘମିତ୍ରା ମିଶ୍ର ଓ ଅଧ୍ୟାପିକା ଡ.ସଂଘମିତ୍ରା ପୃଷ୍ଟି ଅଂଶଗ୍ରହଣ କରିଥିଲେ । ପାର୍ବତୀ ଗିରି ପ୍ରଗତିଶୀଳ ଚେତନାର ପ୍ରତୀକ ଥିଲେ ବୋଲି ଦର୍ଶାଇ ତାଙ୍କ ସମ୍ପର୍କରେ ଆହୁରି ଗବେଷଣା ଏବଂ ଏକ ସଠିକ୍ ପ୍ରାମାଣିକ ପୁସ୍ତକର ଆବଶ୍ୟକତା ଅଛି ବୋଲି ଅଧ୍ୟାପକ ମୋହନ ସାହୁ ପ୍ରକାଶ କରିଥିଲେ । ଡ.ପ୍ରଦୀପ ହୋତାଙ୍କ ଲିଖିତ ପୁସ୍ତକ 'ବଡମାଁ'ର ଆଲୋଚନା ଅବସରରେ ଅଧ୍ୟାପିକା ଡ.ସଂଘମିତ୍ରା ମିଶ୍ର ଅନେକ ଘଟଣାର ମାର୍ମିକ ଉପସ୍ଥାପନ କରିଥିଲେ । ଅଧ୍ୟାପିକା ଡ.ସଂଘମିତ୍ରା ପୃଷ୍ଟି ବଡମାଁ ଏକ ବ୍ୟକ୍ତି ନୁହେଁ, ଥିଲେ ଏକ ଚେତନା ଏବଂ ସେହି ଚେତନାକୁ ଆମେ ଆଗେଇ ନେବାରେ ହିଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି କହିଥିଲେ । ଏହି ଅବସରରେ ପୁସ୍ତକର ପ୍ରଚ୍ଛଦ ଶିଳ୍ପୀ ଦୁଃଖିସେବକ ସାହୁ ଏବଂ ବଡମାଁ ଚଳଚ୍ଚିତ୍ରର ନିର୍ଦ୍ଦେଶକ



ଲିଟୁ ମହାନ୍ତିଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ବଡମାଁ ପୁସ୍ତକର ଲେଖକ ଡ. ପ୍ରଦୀପ ହୋତା ପୁସ୍ତକ ସମ୍ପର୍କରେ ସୂଚନା ପ୍ରଦାନ, ସମିତିର ବରିଷ୍ଠ ସଦସ୍ୟା ମମତା ମିଶ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ, ସମ୍ପାଦିକା ସୁଧାଂଶୁବାଳା ଦାଶ ବିବରଣୀ ପ୍ରଦାନ, ପଦ୍ମିନୀ ସାହୁ ସଭାକାର୍ଯ୍ୟ ପରିଚାଳନା ଓ ଶେଷରେ ଇନ୍ଦ୍ରାଣୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକସ୍ତରୀୟ ସାମୂହିକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା

**ରେଢ଼ାଖୋଲ, ୮ ।୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ବ୍ଲକସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବରିଷ୍ଠ ଶିକ୍ଷକ ପ୍ରଭାକର ପରିଡ଼ାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ଗୋଷ୍ଠୀ ଶିକ୍ଷାଧିକାରୀ ରଞ୍ଜିତ କୁମାର ଭୋଇ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ବେହେରା ଏବଂ ସମ୍ମାନିତ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ସୁବୋଧ ମିଶ୍ର ଉପସ୍ଥିତ ଥିଲେ । ଏହି ସଭାରେ ମୋଟ ୧୪ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଭାକୁ ସିଆରସିସି ମନରଞ୍ଜନ ପାଣିଗ୍ରାହୀ ପରିଚାଳନା କରିଥିବାବେଳେ ଶିକ୍ଷକ ଖଗେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଅନୀଲ କୁମାର ମେହେର, ପ୍ରହଲ୍ଲାଦ ମୁଣ୍ଡା, ସୁଜିତ ଭୋଇ, ସନ୍ତୋଷ ମହାଲ୍ଲିକ, ମାମି ପ୍ରଧାନ, ପଦ୍ମିନୀ ସାହୁ, ମୋନିକା କୁମାରୀଙ୍କ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

## ଛ' ତୁନ୍ ନ' ଭଜା କରି ପାଳିତ ହେଲା ପୁଷ୍ ପୁନି ଭେଟ୍‌ଘାଟ

**ବରଗଡ଼, ୮।୨(ସମିସ):** ସମ୍ବିଧାନ ସୁରକ୍ଷା ମଞ୍ଚ ତରଫରୁ ରବିବାର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ଠାରେ ପୁଷପୁନି ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସଂଗଠନର କର୍ମକର୍ତ୍ତା ପ୍ରଥମେ ଶୋଭାଯାତ୍ରାରେ ବାହାରି କୋର୍ଟ ପାଖରେ ଥିବା ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକର, ସାବିତ୍ରୀ ବାଇ ଏବଂ ଜ୍ୟୋତି ରାଓଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପୁଷପୁନି ପରମ୍ପରା ଅନୁସାରେ ଛେରଛେରା ମଗାଗଲା । ପରେ ସଭାପତି ପବିତ୍ର ଦେହେରୀଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ଚନ୍ଦ୍ର ଶେଖର ବାଘ, ପୂର୍ବତନ ବିଧାୟକ ସାଧୁ ନେପାକ, ଶ୍ୟାମ ସୁନ୍ଦର ଅଗ୍ରୱାଲ, ଦିଲୀପ ପଣ୍ଡା, କିଶୋର ସାହୁ, ରମେଶ ମହାପାତ୍ର, ଲକ୍ଷ୍ମଣ ନାୟକ, ଦିନେଶ ଅଗ୍ରୱାଲ, ନରେନ୍ଦ୍ର ନାୟକ, ଲକ୍ଷ୍ମୀ ପାତ୍ର, ଆଲମ ଖାନ, ପ୍ରିତୀମ ସିଂ, ମୁକେଶ ମହାପାତ୍ର, ଦୟାନିଧି ପଧାନ, ମଧୁ ଜୈନ, ମହିଳା ସଂଘ ସଭାପତି ଅଞ୍ଜନା ଦାସ, ପ୍ରଦୀପ ଥପା, ଇନ୍ଦ୍ରମଣି ଶତପଥୀ, ଚାଷୀ ନେତା କିଶୋର ଦେବତା, ସୁନିତା ବାଗ, ଜରିନା ବେଗମ, ଅନୁ ଭୋଇ, ପୁରନ୍ଦର ଭୋସାଗର, ସଞ୍ଜୀବ ସୁନା, ଅବିନାଶ ବାଗ, ବିମଲ ନାଗ, ବସୁମତୀ ବନଛୋର, ରାଜ ବଞ୍ଛୋରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ପଶ୍ଚିମ ଓଡ଼ିଶାର ସିଘା ତିହାର ପ୍ରସଙ୍ଗରେ ବକ୍ତା ମାନେ ମତ ରଖିଥିଲେ । ପରେ ସ୍କୁଲର ଛାତ୍ରଛାତ୍ରୀ ଏବଂ ଅତିଥିମାନେ ଛ' ତୁନ କେ ନ' ଭଜା ଖାଦ୍ୟର ଭରପୁର ଆନନ୍ଦ ନେଇଥିଲେ ।

## ନଟବରପୁରରେ ୧୬ ପ୍ରହର ନାମଯଜ୍ଞ

**ଗାଇସିଲେଟ, ୮।୨(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅଧୀନ ଫିରିଙ୍ଗିମାଲ ପଞ୍ଚାୟତ ନଟବରପୁର ଗାଁରେ ୩ ଦିନ ଧରି ୧୬ ପ୍ରହର ନାମଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଛି । ଗାଁର ଆବାଳବୃଦ୍ଧବନିତା, ସମସ୍ତ ମହିଳା, ସଂକୀର୍ତ୍ତନ ଦଳ, ଗାଁ କମିଟିର ସଦସ୍ୟ ତଥା ପଡୋଶୀ ଗାଁ ବାବେବାହାଲର ମହିଳାମାନଙ୍କ ସହଯୋଗରେ ପୂର୍ଣ୍ଣ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଗାଁର ଗୌନ୍ତିଆ ପ୍ରଫୁଲ୍ଲ ଦଣ୍ଡସେନା ଓ ଧର୍ମପତ୍ନୀ ଜଳ ଦେବୀ ଡନସନା ଯଜ୍ଞ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଗାଁର ସମସ୍ତ ଭଦ୍ରବ୍ୟକ୍ତି, ଗ୍ରାମ୍ୟ କମିଟିର ସଦସ୍ୟ, ସଙ୍କୀର୍ତ୍ତନ ଦଳ, ଆବାଳବୃଦ୍ଧବନିତା, ମାତୃ ମଣ୍ଡଳୀଙ୍କର ସହଯୋଗ ରହିଥିଲା । ନାମଯଜ୍ଞରେ ମୋଟ ୮ଟି ସଙ୍କୀର୍ତ୍ତନ ଦଳ ଯଥା ପରମାନନ୍ଦପୁର, ସାନସାହାଜବାହାଲ, ଖୁଣ୍ଟପାଲି, ପଣ୍ଡୁରିପାଣି, ସର୍ଗିପାଲି, ରଢ଼ିଆପାଲି, ସାଲେପାଲି, କର୍ଲାଜୁରି ସଙ୍କୀର୍ତ୍ତନ ଦଳ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଯତୀନ୍ଦ୍ର ପଣ୍ଡା ମୁଖ୍ୟ ପୂଜକ, ପିଣ୍ଟୁ ମହାପାତ୍ର ସହ ପୂଜକ, ଖିରୋଦ୍ର ପୁରୋହିତ ଜପକ କାର୍ଯ୍ୟ ତୁଲାଇଥିଲେ ।

## ଖପୁରୀ ଡିହିରେ ଗୋଣ୍ଡ ସମାଜର ବାର୍ଷିକ ସମାବେଶ



**ପାଇକମାଲ, ୮।୨(ସମିସ):** ବର୍ତ୍ତମାନ ସାରା ଦୁନିଆରେ ମଦ ଏକ ବ୍ୟାଧିରୂପେ ପରିଗଣିତ ହୋଇଛି । ସାମାଜିକ ସ୍ତରରେ ପ୍ରତିବନ୍ଧକ ସୃଷ୍ଟି କରି ମଦ ବନ୍ଦ କରିବାର ଅଭିନବ ପ୍ରୟାସ ପାଇଁ ଗୌଣ୍ଡ ସମାଜ ଅଧିବାସୀ ଶପଥ ନେଇଛନ୍ତି । ଆଦିବାସୀ ଜନଜାତିରେ ମଦ ଏକ ବ୍ୟାଧି ରୂପେ ମୂଲ୍ୟବାନ ଜନଜୀବନକୁ ପ୍ରଭାବିତ କରୁଛି । ଆଜିକାର ଯୁବ ସମାଜ ମଦ ପ୍ରତି ଆକୃଷ୍ଟ ହୋଇ ବିପଥଗାମୀ ହୋଇ ପଡୁଛନ୍ତି । ଏପରି ସ୍ଥଳରେ ଗୌଣ୍ଡ ସମାଜ ପୁରେନା ସର୍କଲର ଖପୁରୀ ଡିହିରେ ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଥିଲା । ସର୍କଲ ସଭାପତି ଦୁର୍ଯୋଧନ ପୁଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବ୍ଲକ ସଭାପତି ଗଜରାଜ ସିଂ ପୁଟା, ସମ୍ମାନିତ ଅତିଥି ଶୁକଦେବ ମାଝୀ ଓ ବୋଡାସମ୍ବର ସଭାପତି ଅମର ସିଂ ଧରୁଆ, ବିଭିଷଣ ଦିୱାନ, ଗୌରସନ ଦାଉ, ଆନନ୍ଦ ପୁଟା, ରାମଦାଷ ଭୋଏ, ସୁବ୍ରତ ଦିୱାନ, ରୁକ୍ମଣ ଧରୁଆ, ଗୋବର୍ଦ୍ଧନ ପୁଟା, ଜୟଲାଲ ମରେଇ, ଟେଙ୍ଗନୁ ଧରୁଆ, ପ୍ରଭୁନନ୍ଦ ଧରୁଆ, ଦୁବଲ ମାଝୀ, ଶୁକଲାଲ ଦାଉ, ସମେତ ମହିଳା ନେତ୍ରୀ ସୂର୍ଯ୍ୟ ଧରୁଆ, କୌଶଲ୍ୟା ଧରୁଆ, ଝୁନିଆ ପୁଟା, ସାତମତି ପୁଟା, ହେମଲତା ଧରୁଆ, ଯମୁନା ଦାଉ କାଞ୍ଚନ ନେତାମ, ଶୁକମେତ ଧରୁଆ ପ୍ରମୁଖ ଯୋଗ ଦେଇଥିଲେ । ବାର୍ଷିକ ସମାବେଶରେ ଶିକ୍ଷା, ସ୍ୱାସ୍ଥ୍ୟ, ବିବାହ, ସାମାଜିକ ରୀତିନୀତି, ଆୟବ୍ୟୟ ଉପରେ ଆଲୋଚନା ହୋଇଥିଲା । ଏହାସହ ସାଧାରଣତଃ ସମାଜରେ ବର୍ତ୍ତମାନ ମଦ ଏକ ବ୍ୟାଧି ରୂପେ ପରିଗଣିତ ହୋଇଥିବା ହେତୁ ସମାଜ ପ୍ରତି ବିପଦ ଜନକ ପରିସ୍ଥିତି ପାଇଁ ଦେଖାଦେଇଛି । ଏପରି ସ୍ଥଳରେ ଏକ ନିଶା ମୁକ୍ତ ସମାଜ ଗଠନ ଦିଗରେ ପଦକ୍ଷେପ ନେବାକୁ ଆଦିବାସୀ ଗୌଣ୍ଡ ସମାଜ ନିଷ୍ପତ୍ତି ନେଇ ଶପଥ କରିଥିବା ସମ୍ପାଦକ ବିଜୟ ସିଂ ଭୁଏ କହିଛନ୍ତି ।

**ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ**

## ଡୁମାଲ ମହାସଭାର ରାଜ୍ୟସ୍ତରୀୟ ସମାବେଶ ପାଇଁ ପ୍ରସ୍ତୁତି ବୈଠକ

**ଅତାବିରା, ୮।୨(ସମିସ):** ବରଗଡ଼ ଜିଲ୍ଲା ପପଙ୍ଗା ଠାରେ ଆସନ୍ତା ମାର୍ଚ୍ଚ ୧୦ରେ ହେବାକୁ ଥିବା ରାଜ୍ୟସ୍ତରୀୟ ଡୁମାଲ ମହାସଭାର ରାଜ୍ୟସ୍ତରୀୟ ସମାବେଶ ପାଇଁ ରବିବାର ଘୁଟୁକାଟିକ୍ରା ପ୍ରଭୁ ଭକ୍ତି ଆଶ୍ରମରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ଦୟାସାଗର ମେଣ୍ଡଲୀଙ୍କର ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଉପସଭାପତି ସୁଦାମ ଚରଣ ଖମାରୀ, କାଯ୍ୟକାରୀ ସମ୍ପାଦକ ବିଭୁପ୍ରସାଦ କ୍ଷେତି, କୋଷାଧ୍ୟକ୍ଷ ବିପିନ ବିହାରୀ ପାତ୍ର, ପୂର୍ବତନ ରାଜ୍ୟ ସଭାପତି ସୁଧୀର କର୍ଣ୍ଣ, ରାଜ୍ୟ ମହିଳା ଡୁମାଲ ପରିଷଦ ସଭାନେତ୍ରୀ ହେମାବତୀ କରନ, ରାଜ୍ୟ ଯୁବ ଡୁମାଲ ପରିଷଦର ସମ୍ପାଦକ ବିଜୟ ରଞ୍ଜନ କର୍ମୀ, ରାଜ୍ୟ କାର୍ଯ୍ୟକାରିଣୀ ସମସ୍ତ ସଦସ୍ୟ ସଦସ୍ୟା, ସମସ୍ତ ଜିଲ୍ଲା ସଭାପତି ଓ ସମ୍ପାଦକ, ବରଗଡ଼ ଜିଲ୍ଲାର ସମସ୍ତ କେନ୍ଦ୍ରର ସଭାପତି, ସମ୍ପାଦକ ଏବଂ କର୍ମକର୍ତ୍ତା ଓ ମାଁ ମାହେଶ୍ୱରୀ ସେନାର ସଦସ୍ୟ ମାନେ ଉପସ୍ଥିତ ଥିଲେ । ରାଜ୍ୟ ସ୍ତରୀୟ ଡୁମାଲ ମହାସଭା ପରିପ୍ରେକ୍ଷୀରେ ଏକ ସ୍ମରଣିକା ପ୍ରକାଶିତ କରିବା ପ୍ରସ୍ତାବ ପାରିତ ହୋଇ ସ୍ମରଣିକା ପ୍ରକାଶନ ମଣ୍ଡଳୀ ଗଠିତ ହୋଇଥିଲା । ମହାସଭାର ସଫଳ ଆୟୋଜନ ପାଇଁ ବିଭିନ୍ନ ବିଭାଗ ମାନ ଗଠନ କରାଯାଇ ରାଜ୍ୟ କାର୍ଯ୍ୟକାରିଣୀ ତଥା ବରଗଡ଼ ଜିଲ୍ଲାର କର୍ମକର୍ତ୍ତାମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ଶେଷରେ ରାଜ୍ୟ କୋଷାଧ୍ୟକ୍ଷ ବିପିନ ବିହାରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁଜିତ ପୃଷ୍ଟିଙ୍କୁ ମଧ୍ୟପ୍ରଦେଶ ରାଷ୍ଟ୍ର ଭାଷା ପୁରସ୍କାର



**ବରଗଡ଼, ୮।୨(ସମିସ):** ମସିହାର ମର୍ଯ୍ୟାଦାବନ୍ତ ମଧ୍ୟପ୍ରଦେଶ ରାଷ୍ଟ୍ରଭାଷା ପୁରସ୍କାର ଲେଖକ ପ୍ରଫେସର ସୁଜିତ ପୃଷ୍ଟିଙ୍କୁ ପ୍ରଦାନ କରାଯାଇଛି । ଭୋପାଳସ୍ଥିତ ହିନ୍ଦୀ ଭବନଠାରେ ଆୟୋଜିତ ଭବ୍ୟ ସମାରୋହରେ ମଧ୍ୟପ୍ରଦେଶ ରାଷ୍ଟ୍ର ଭାଷା ପ୍ରଚାର ସମିତି ଦ୍ୱାରା ଏହି ପୁରସ୍କାର ଦିଆ ଯାଇଥିଲା । ଉତ୍ସବରେ ପଦ୍ମଶ୍ରୀ ହରି ନାରାୟଣ ଦୀକ୍ଷିତ, ସାହିତ୍ୟିକ ରଘୁନନ୍ଦନ ଶର୍ମା, ଲେଖିକା ରଞ୍ଜନା ଅର୍ଗଡ଼େ ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଲେଖକ ପ୍ର. ପୃଷ୍ଟିଙ୍କୁ ହିନ୍ଦୀ ଭାଷାରେ ସୃଜନଶୀଳ ଲେଖା ପାଇଁ ମାନପତ୍ର ସହ ୨୧ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରା ଯାଇଥିଲା । ପ୍ରତିବର୍ଷ ମଧ୍ୟ ପ୍ରଦେଶ ରାଷ୍ଟ୍ରଭାଷା ପ୍ରଚାର ସମିତି ଆନୁକୂଲ୍ୟରେ ସ୍ଥାପିତ ବୀରେନ୍ଦ୍ର ତିୱାରୀ ସୃଜନାତ୍ମକ ପୁରସ୍କାର ହିନ୍ଦୀ ଭାଷାରେ ଲିଖିତ ସୃଜନାତ୍ମକ ରଚନା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ପ୍ରଫେସର ଡ.ପୃଷ୍ଟି ଓଡ଼ିଆ, ସମ୍ବଲପୁରୀ, ହିନ୍ଦୀ ତଥା ଇଂରାଜୀ ଭାଷାରେ ଜଣେ ଉଚ୍ଚକୋଟୀର ଲେଖକ । ଡ.ପୃଷ୍ଟି ସମ୍ପ୍ରତି ସମ୍ବଲପୁର ଆଇଆଇଏମରେ ପ୍ରଫେସର ଭାବେ କାର୍ଯ୍ୟରତ ।

**ପ୍ରଥମ ଭିଜନ କୁଚିଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

## ଆମ୍ବିସନ କ୍ଲବ୍ ବ୍ରଜରାଜନଗର ଚାମ୍ପିଅନ

**କୁଚିଣ୍ଡା, ୮ ।୨(ସମିସ)**

କୁଚିଣ୍ଡା ମୁକୁନ୍ଦୀ ଷ୍ଟାଡିୟମଠାରେ ଚାଲିଥିବା ପ୍ରଥମ ଭିଜନ କୁଚିଣ୍ଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅନ୍ତିମ ଦିବସରେ ଆମ୍ବିସନ କ୍ଲବ ବ୍ରଜରାଜନଗର ଏବଂ ୟୁଥ କ୍ରିକେଟ ଆସୋସିଏସନ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଫାଇନାଲ ମ୍ୟାଚରେ ବ୍ରଜରାଜନଗର ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବା ନିଷ୍ପତ୍ତି ନେଇଥିଲେ । ରାଉରକେଲା ନିର୍ଦ୍ଧାରିତ ୨୫ ଓଭରରେ ୧୮୧/୬ ରନ କରିଥିଲେ ଜବାବରେ ବ୍ରଜରାଜନଗର ଦଳ ୨୩.୪ ଓଭରରେ ୧୮୫/୪ ରନ କରି ୬ ୱିକେଟରେ ବିଜୟୀ ହୋଇଥିଲେ । ରାଉରକେଲା ଦଳର ସୁମିତ ଶର୍ମା ୪୮ ବଲରେ ୮୫ ରନ, ଆଦିତ୍ୟ ସାଗର ୪୬ ବାଲରେ ୪୫ ରନ କରିଥିଲେ ଏବଂ ବ୍ରଜରାଜନଗର ଦଳ ଲକି ସିଂ ୫୬ ବଲରେ ୯୦ ରନ କରିଥିଲେ । ଫାଇନାଲ ମ୍ୟାଚରେ ଲକି ସିଂ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ । ଫାଇନାଲ ମ୍ୟାଚକୁ ଓସିଏ ସିକୃତି




ପ୍ରାପ୍ତ ଅମ୍ପାୟର ଏମଡି ଇଶାକ ଏବଂ ସଞ୍ଜୟ ନାୟକ ପରିଚାଳନା କରିଥିଲେ । ଉଦ୍‌ଯାପନୀ ସମାରୋହରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ତାଙ୍କ ସହିତ ବିସିସିଆଇ ଲେବେଲ ୨ ପେନାଲ କୋଚ ସଞ୍ଜୀବ ପ୍ରସାଦ, ଟେନିସ କ୍ରିକେଟ ଆସୋସିଏସନ ଅଫ୍ ଇଣ୍ଡିଆ ସାଧାରଣ ସମ୍ପାଦକ ସୈବାଲ ମିତ୍ର, ପୂର୍ବତନ କ୍ରିକେଟ ଖେଳାଳି ଖିତିଶ ଭୋଇ, ସୈଲେନ୍ଦ୍ର ନାଏକ, ପୋଲକେଶ ଦଶଭାୟା, କୁଚିଣ୍ଡା ଓୟୁଜେ ସଭାପତି ଦିନେଶ ନନ୍ଦ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ । ବିଜେତା ଦଳକୁ ନଗଦ ୨୦ହଜାର ଏବଂ ଉପ ବିଜେତା ଦଳକୁ ନଗଦ ୧୫ହଜାର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଅବସରରେ କୁଚିଣ୍ଡା ଭିଜନ କୁଚିଣ୍ଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସଭାପତି ନଳିନୀକାନ୍ତ ମହାନ୍ତି, ଉପସଭାପତି ଅମିତ ମିଶ୍ର, ସାଧାରଣ ସମ୍ପାଦକ ଉଦିତ ରଞ୍ଜନ ଦଶଭାୟା, ମହେଶ ରାୟ, ହିମାଂଶୁ ପଟ୍ଟନାୟକ, ରାଧେଶ୍ୟାମ କଉଡ଼ି, ଭକ୍ତ ଜେନା, ଦିବ୍ୟ ପ୍ରକାଶ ମହାପାତ୍ର, ଯତୀନ ପଟେଲ, ଦିଲୀପ ପ୍ରଧାନ, ରାଜେଶ ଶର୍ମା, ସଚିନ ଲାକ୍ରା, ବାପି ମିଶ୍ର, ଶ୍ରୀକାନ୍ତ ସେଠ, ଏମ୍‌ଡି ଆଫ୍ରୋଜ, ସଞ୍ଜୟ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଟୁର୍ଣ୍ଣାମେଣ୍ଟ ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଟ୍ରଫି ସ୍ୱର୍ଗତ ଅମୂଲ୍ୟ ମହାନ୍ତି ଏବଂ ସ୍ୱର୍ଗତ ଲିବୁ ପଟ୍ଟନାୟକଙ୍କ ସ୍ମୃତିରେ କୁଚିଣ୍ଡା ବଜରଙ୍ଗି ଗ୍ରୁପ ଚାମ୍ପିଅନ ଦଳର ନଗଦ ରାଶି ଏବଂ ଟ୍ରଫି ପ୍ରଦାନ କରିଥିଲେ ।

**ଲାଲବାହାଦୁର ଶାସ୍ତ୍ରୀ କ୍ରିକେଟ କପ୍**

## ବାଞ୍ଜିଗିରୋଲା ଚାମ୍ପିଅନ, ଧାମେନ ଘୁଟୁକୁରି ରନର୍ସଅପ



**ଝାରବନ୍ଧ, ୮।୨(ସମିସ):** ଝାରବନ୍ଧ ବ୍ଲକ ଶିକାରୀପାଲି ମାଟିରେ ପଞ୍ଚଦିବସୀୟ 'ଲାଲବାହାଦୁର ଶାସ୍ତ୍ରୀ କ୍ରିକେଟ କପ୨୦୨୬' ଧୁମଧାମରେ ଅନୁଷ୍ଠିତ ହୋଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରବନ୍ଧ ବ୍ଲକ କଂଗ୍ରେସ ସଭାପତି ନରେନ୍ଦ୍ର ପ୍ରଧାନ ଓ ସରପଞ୍ଚ ପ୍ରତିନିଧି ଗଣେଶ ରାମ ଶତନାମୀ ଯୋଗ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ପଦ୍ମପୁରର ଆଇନଜୀବୀ ଯୋଗେନ୍ଦ୍ର ଭୋଇ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ ନନ୍ଦଲାଲ ମହାପାତ୍ର ବିଜେଡି ଜିଲ୍ଲା ଉପସଭାପତି, ପୂର୍ବତନ ସମିତି ସଭ୍ୟ ଗୋପବନ୍ଧୁ ସାହୁ, ଶିକ୍ଷାବିତ ଶରତ ସାହୁ, ଗୌନ୍ତିଆ ଜୟଦେବ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଟୁର୍ଣ୍ଣାମେଣ୍ଟରେ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ଧାମେନ ଘୁଟୁକୁରି ଓ ବାଞ୍ଜିଗିରୋଲା ମଧ୍ୟରେ ହୋଇଥିଲା । ଏଥିରେ ବାଞ୍ଜିଗିରୋଲା ଦଳ ଚାମ୍ପିଅନ ଓ ଧାମେନ ଘୁଟୁକୁରି ରନର୍ସଅପ ହୋଇଥିଲା । ଚାମ୍ପିଅନ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ସଭାପତି ବ୍ୟାସଦେବ ପ୍ରଧାନ ଓ ସମ୍ପାଦକ ରୂପାନନ୍ଦ ହେରନାଙ୍କ ତତ୍ତ୍ୱାବଧାନରେ ଶିବଲାଲ ମାଝୀ, ମୋହନ ସେଠ, ମହେନ୍ଦ୍ର ସିକିଆ, ଭୁବନେଶ୍ୱର ସିକିଆ ପ୍ରମୁଖ ସାମିଲ ଥିଲେ । ବନମାଳୀ ରାଉତିଆ ମଞ୍ଚ ସଞ୍ଚାଳନ କରିଥିବା ବେଳେ କ୍ୟାପଟେନ ଅମର ଗହୀର ଦାୟିତ୍ୱ ତୁଲାଇଥିଲେ । ଅମ୍ପାୟାର ଭାବେ ତାପସ ସିଂ, ଅଜୟ ବାବୁ ଓ ବସନ୍ତ ପଟେଲ କାର୍ଯ୍ୟ କରିଥିଲେ ।

## ଚା' ଦୋକାନ କର୍ମଚାରୀଙ୍କୁ ହତ୍ୟା ଘଟଣା

# ନାବାଳକ ସମେତ ୫ ଗିରଫ

ରାଉରକେଲା, ୮।୨(ସମିସ)

ପ୍ଲାଣ୍ଟସାଇଟ୍ ଥାନା ଷ୍ଟେସନ୍‌ରୋଡ ସ୍ଥିତ ଅମର ଭବନ ନିକଟ ଶୌଚାଳୟଠାରେ ଚା' ଦୋକାନ କର୍ମଚାରୀ ଅଭିନାଶ ଯାଦବ (୩୪)ଙ୍କୁ ସଂଘବଦ୍ଧ ହତ୍ୟା ଘଟଣାରେ ପୁଲିସ ନାବାଳକ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋପବନ୍ଧୁପାଲି କୁଲି ଖଟାଲ ବସ୍ତିର ମୋହିତ ବାକ୍ସା (୧୯), ଟିମ୍ବର କଲୋନୀ ବୈଷ୍ଣୋଦେବୀ ମନ୍ଦିର ନିକଟର ରାଜଭିର ରାମ (୨୪), ବନ୍ଧମୁଣ୍ଡା ସେକ୍ଟର ସି/୯ର ସିଧୁ ତନ୍ତୀ ଓରଫ ବିଟୁ (୨୪) ଓ ଗୋପବନ୍ଧୁପାଲିର ଶୁଭମ୍ ପାସୱାନ (୧୯)। ସେମାନଙ୍କ ଠାରୁ ଗୋଟିଏ ଛୁରୀ, ୨ଟି କାର ଓ ୫ଟି ମୋବାଇଲ ଜବତ କରାଯାଇଛି। ରବିବାର ପୁଲିସ୍ ମୁଖ୍ୟାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନୀତେଶ ୱାଧୱାନୀ ଏନେଇ ସୂଚନା ଦେଇଛନ୍ତି। ମୃତକ ଅଭିନାଶ ଗୋପବନ୍ଧୁପାଲି ବସ୍ତିରେ ରହୁଥିବା ବେଳେ



ଷ୍ଟେସନ ନିକଟସ୍ଥ ଏକ ଚା ଦୋକାନରେ କାମ କରୁଥିଲେ। ଗତ ୬ ତାରିଖ ରାତି ପ୍ରାୟ ୯ଟା ୧୫ ମିନିଟ ସମୟରେ ଶୌଚ ହେବାକୁ ଶୌଚାଳୟକୁ ଯାଇଥିଲେ। ସେଠାରୁ ବାହାରିବା ବେଳେ ହଠାତ୍ ଅଭିଯୁକ୍ତମାନେ ଶୌଚାଳୟ ମୁଖ୍ୟ କବାଟ ନିକଟରେ ତାଙ୍କୁ ଅତର୍କିତ ଭାବେ ଛୁରୀରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ତାଙ୍କର ଛାତିରେ ଗଭୀର ଆଘାତ ଲାଗିଥିଲା। ଚିକିତ୍ସା ପାଇଁ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ଜୋନ୍-୨ ଡିଏସପି ଜିତେନ କୁମାର ସେଠୀ, ଇନ୍ସପେକ୍ଟର ବିବସ୍ତ୍ର ପ୍ରଧାନଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଟିମ୍ ଗଠନ କରାଯାଇଥିଲା। ତଦନ୍ତ ଆରମ୍ଭ ହେବାର ୨୪ ଘଣ୍ଟା ମଧ୍ୟରେ ଏସ୍‌ପି ଶ୍ରୀ ୱାଧୱାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ଧରିବାରେ ସକ୍ଷମ ହୋଇଥିଲା। ହତ୍ୟାକାଣ୍ଡର କାରଣ ସମ୍ପର୍କରେ ସୂଚନା ଦେଇ ଏସପି ଶ୍ରୀ ୱାଧୱାନୀ କହିଛନ୍ତି, ଗତ ଗଣେଶ ପୂଜା ଭସାଣୀ ବେଳେ ମୃତକ ଅଭିନାଶ ସହ ଅଭିଯୁକ୍ତମାନଙ୍କର ବଚସା ହୋଇଥିଲା। ଏହାର ପ୍ରତିଶୋଧ ନେବାକୁ ଯାଇ ଅବିନାଶକୁ ହତ୍ୟା କରିଥିବା ଅଭିଯୁକ୍ତମାନେ ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ଗିରଫ ବିଟୁ ନାଁରେ ପୂର୍ବରୁ ବ୍ରାହ୍ମଣୀ ତରଙ୍ଗ, ବନ୍ଧମୁଣ୍ଡା, ଲାଠିକଟା, ଝିରପାଣି, ସେକ୍ଟର -୩ ଥାନାରେ

- ପୂର୍ବ ଶତ୍ରୁତାରୁ ହୋଇଥିଲା ହତ୍ୟା
- କାର, ଛୁରୀ ଓ ମୋବାଇଲ ଜବତ

୩୬ଟି, ରାଜବିର ନାଁରେ ପ୍ଲାଣ୍ଟସାଇଟ୍, ସେକ୍ଟର -୩ ଥାନାରେ ୪ଟି ଓ ପ୍ଲାଣ୍ଟସାଇଟ୍ ଥାନାରେ ଶୁଭମ୍ ନାଁରେ ଗୋଟିଏ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି। ଆଗାମୀ ଦିନରେ ଅଧିକ ତଦନ୍ତ ପାଇଁ ଅଭିଯୁକ୍ତମାନଙ୍କ ଉପସ୍ଥିତି ଜରୁରୀ ହେଲେ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ପି ଶ୍ରୀ ୱାଧୱାନୀ କହିଛନ୍ତି।

## ସୃଜନୀ ସାହିତ୍ୟ ସଂସଦର ବସନ୍ତ ମିଳନ



**ରାଉରକେଲା, ୮।୨(ସମିସ):** ସୃଜନୀ ସାହିତ୍ୟ ସଂସଦର ସାରସ୍ୱତ ସମାରୋହ ଓ ବସନ୍ତ ମିଳନ ସାରନଗରୀ ସୋନା ଉଦ୍ୟାନଠାରେ ପାଳିତ ହୋଇଯାଇଛି। ସଭାପତି ସଚିନ୍ଦ୍ର କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ କବି ପଦ୍ମଲୋଚନ ମିଶ୍ର, ସରୋଜ କୁମାର ବେହେରା, ହରପ୍ରିୟା ସାମଲ, ସୁଧୀର କୁମାର ନାଥ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ଦେହୁରୀଆ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ସ୍ତମ୍ଭକାର ସ୍ୱର୍ଗତ ରବି କାନୁନଗୋଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଋତୁଭାବ ବସନ୍ତର ଆଗମନ, କୋଇଲିର କୁହୁତାନ, ଆମ୍ବ ବଉଳର ବାସ୍ନା ପୂର୍ବ ପରି ଆଉ ମଣିଷ ମନକୁ ବିମୋହିତ କରି ପାରୁ ନାହିଁ। ଗ୍ରୀଷ୍ମର ରୌଦ୍ର ତାପରେ ବସନ୍ତ ଲୁଚି ଯାଉଛି। ଋତୁ ଚକ୍ରର ପରିବର୍ତ୍ତନ ପାଇଁ ଅନେକାଂଶରେ ଆମେ ମାନେ ଦାୟୀ ବୋଲି ମତ ପ୍ରକାଶ ପାଇଛି। ଏହି ଅବସରରେ ଲକ୍ଷ୍ମୀଧର ସ୍ୱାଇଁ, ତ୍ରିଲୋଚନ ସ୍ୱାଇଁ, ଜଗବନ୍ଧୁ ମହାନ୍ତି, ଅଶୋକ କୁମାର ସାମଲ, ବ୍ରଜ କିଶୋର ରାଉତ, ଏନ୍ ଏସ୍‌ପି ରାୟ, ରାମଚନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତା ଓ ହରପ୍ରିୟା ସାମଲଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ଆସର ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀ ପଣ୍ଡା, ନାଗମଣି ମହାନ୍ତି, ଅନିତା ସ୍ୱାଇଁ, ଅନ୍ନପୂର୍ଣ୍ଣା ମହାନ୍ତି ସ୍ୱରଚିତ କବିତା ପାଠ କରିଥିଲେ। ବସନ୍ତ କୁମାର ଜେନା, ନାରଣ ରଣସିଂ, ରବୀନ୍ଦ୍ର ଜେନା, ବେଣୁଧର ମଲ୍ଲ, ଗୋପାଳ ଚନ୍ଦ୍ର ଦାସ ପରିଚାଳନା କରିଥିଲେ। ଧ୍ରୁବ ଚରଣ ବିଶ୍ୱାଳ ସହଯୋଗ କରିଥିବା ବେଳେ ରାଜକିଶୋର ଜେନା ଧନ୍ୟବାଦ ଦେଇଥିଲେ।

## ଜାମବେର୍ଣ୍ଣା ନାବାଳିକା ମୃତ୍ୟୁ ଘଟଣା

# ମୃତ ଛାତ୍ରୀଙ୍କ ପରିବାରଙ୍କୁ ଭେଟିଲା ବିଜେଡି ମହିଳା ସଂଗଠନ

**ରାଉରକେଲା, ୮।୨(ସମିସ):** ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ନୂଆଗାଁ ବ୍ଲକ୍ ବାଗଡ଼େଗା ପଞ୍ଚାୟତର ଜାମବେର୍ଣ୍ଣା ଗ୍ରାମର ନାବାଳିକା ମୃତ୍ୟୁ ଘଟଣାକୁ ନେଇ ପୀଡିତାଙ୍କ ଗାଁକୁ ଯାଇ ପରିବାର ଲୋକଙ୍କ ସହ ଆଲୋଚନା କରିବା ସହିତ ରାଉରକେଲା ଏସ୍‌ପିଙ୍କୁ ବିରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ, ରାଉରକେଲା ସାଂଗଠନିକ ଜିଲ୍ଲାର ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ନାରୀନେତ୍ରୀ ସନ୍ଧ୍ୟା ଲାକ୍ରାଙ୍କ ନେତୃତ୍ୱରେ ଏମ୍ମା ଏକ୍କା, ସୁଶୀଳା ଟୋପ୍ପ, ସୁମିତ୍ରା ଓରାମ, ନୂଆଗାଁ ବ୍ଲକ ସଭାପତି ପ୍ରକାଶ ସାହୁ, ବରିଷ୍ଠ ନେତା ପ୍ରଦୀପ ସାହୁ, ମୁନ୍ନା ଆଚାର୍ଯ୍ୟ, ହୁଲାସ ମାହାତୋ, ବିଜୟ ବାରିକ, ଯୁବନେତା ଦିଲୀପ ଲହେରି ଏବଂ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ହିମାଂଶୁ ପଣ୍ଡା ପ୍ରମୁଖ ସାକ୍ଷାତ କରି ଘଟଣାର ସଠିକ ତଦନ୍ତ କରିବା ସହ ପରିବାର ଲୋକଙ୍କୁ



ନ୍ୟାୟ ଦେବା ପାଇଁ ଦାବି କରିଛନ୍ତି। ଏପରିକି ଛାତ୍ରୀଙ୍କ ଚିକିତ୍ସା କ୍ଷେତ୍ରରେ ବିଭିନ୍ନ ହସ୍ପିଟାଲ କର୍ତ୍ତୃପକ୍ଷ ଯେଉଁଭଳି ଅବହେଳା କଲେ ସେ ଉପରେ ମଧ୍ୟ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ବିଜେଡି ପକ୍ଷରୁ ଦାବି କରାଯାଇଥିଲା। ସେହିଭଳି ଝିରିପାଣି ସ୍ଥିତ ଲେଡିଲାୟନ ସଂଗଠନର ସଭାନେତ୍ରୀ ବନ୍ଦିତା ମାହାତ ଏବଂ ତାଙ୍କ ସଦସ୍ୟମାନେ ମଧ୍ୟ ପୀଡିତାଙ୍କ ଗାଁକୁ ଯାଇ ପରିବାର ଲୋକଙ୍କୁ ଭେଟି ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ରାଉରକେଲା ଏସ୍‌ପିଙ୍କୁ ସାକ୍ଷାତ କରି ସଠିକ ଦିଗରେ ଏଭଳି ସ୍ପର୍ଶ କାତର ଘଟଣାର ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି।

## ଦୁଇ ବାଇକ ମୁହାଁମୁହିଁ ଧକ୍କା; ୩ ଗୁରୁତର

**କୁତ୍ରା, ୮।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ରାଜ୍ୟରାଜପଥରୁ ୫ ଶହ ମିଟର ଦୂର ଚୁନିପଡ଼ା ଯିବା ରାସ୍ତାରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ବ୍ୟକ୍ତିମାନେ ହେଉଛନ୍ତି ସିଆଲଜୋର ଗ୍ରାମର ଅମିତ ନାଏକ (୨୪), ମଙ୍ଗଲପଡ଼ା ଗ୍ରାମର ବିକାଶ ଧନୁୱାର ଓ ରୋହିତ ଜଜୋ। ସୂଚନାନୁଯାୟୀ, ଅମିତ କୁତ୍ରାରୁ ନିଜ ଗ୍ରାମକୁ ବାଇକ (ଓଆର୧୪୬୯୮୦) ଯୋଗେ ଯାଉଥିବା ବେଳେ ସାମ୍ନାରୁ (ଓଡି୧୫ଡବ୍ଲୁ୮୩୦୮) ବାଇକରେ ବିକାଶ ଓ ରୋହିତ ଆସୁଥିଲେ। ଚୁନିପଡ଼ା ରାସ୍ତା ଉଭୟ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ତିନିଜଣ ବାଇକରୁ ଛିଟକି ପଡ଼ି ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ ପ୍ରଥମେ କୁତ୍ରା ମେଡିକାଲ ଓ ପରେ ରାଉରକେଲାକୁ ସ୍ଥାନାନ୍ତରିତ କରାଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି।

# ବିଜେଡିର ଜୋନ୍‌ସ୍ତରୀୟ ସାଂଗଠନିକ ବୈଠକ

**ଲହୁଣୀପଡ଼ା, ୮।୨(ସମିସ):** ବିଜେଡି ବଣାଇଁ ନିର୍ବାଚନ ମଣ୍ଡଳୀ ତରଫରୁ ଲହୁଣୀପଡ଼ା (କ) ଏବଂ କୋଇଡା (କ) ଜିଲ୍ଲା ପରିଷଦ ଜୋନ୍‌ସ୍ତରୀୟ ବୈଠକ ଲହୁଣୀପଡ଼ା ବ୍ଲକ ସଭାପତି ଗୁରୁଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଲହୁଣୀପଡ଼ା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଜେଡି ରାଉରକେଲା ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗଦେଇ ସରକାରଙ୍କ ବିଭିନ୍ନ ବିଫଳତା, ମଣ୍ଡି ସମସ୍ୟା ଚଳିତ ବର୍ଷ ଚାଷୀଙ୍କ ଠାରୁ ଅଧିକ ଧାନ କଟନି ଛଟନି, ବାର୍ଦ୍ଧକ୍ୟ ଭତ୍ତା ନ ମିଳିବା, କାରଖାନାଗୁଡ଼ିକୁ ଛାଡ଼ି ସାଧାରଣ ଗାଡ଼ି ମାଲିକଙ୍କୁ ପଲ୍ୟୁସନ୍ ସାର୍ଟିଫିକେଟ ନାରେ ହଇରାଣ କରିବା ଉପରେ ଆଲୋକପାତ କରିଥିଲେ। ତୃଣମୂଳସ୍ତରରୁ କର୍ମୀମାନେ ସକ୍ରିୟ ରହି ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ପରାମର୍ଶ ଦେଇଥିଲେ। ନିର୍ବାଚନ କମିଶନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏସ୍‌ଆଇଆର୍ ଉପରେ ଆଲୋଚନା କରାଯାଇ ବୁଥ୍‌ସ୍ତରରେ ସଜାଗ ରହି ନିଜ ଭୋଟରଙ୍କୁ ସୁରକ୍ଷା ଦେବା ସହ ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ କିପରି ରହିବ ଧ୍ୟାନ ଦେବାକୁ କହିଥିଲେ। ଏହି ବୈଠକରେ ଉଭୟ ଜୋନ୍‌ର ବୁଥ୍‌ସ୍ତରୀୟ ଏଜେଣ୍ଟ ଏବଂ ପଞ୍ଚାୟତସ୍ତରୀୟ ସଭାପତି, ନିର୍ବାଚିତ ପ୍ରତିନିଧି ଏବଂ ସକ୍ରିୟ କର୍ମୀ ଯୋଗଦେବା ସହ ଦଳ କିପରି ତୃଣମୂଳସ୍ତରରୁ





ମଜବୁତ୍ ହେବ ତା' ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରଞ୍ଜିତ କିସାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ଜିଲ୍ଲା ପରିଷଦ ସଭ୍ୟା ଜୁଲିଆନ କାଣ୍ଡିର, ସୁଶୀଳା ନାୟକ, ପୂର୍ବତନ ଏସ୍‌ଡିସି ସଭ୍ୟ ପ୍ୟାର ବାର୍ଲା, ବଣାଇ ବ୍ଲକ ସଭାପତି ବାଣେଶ୍ୱର ସାହୁ ପ୍ରମୁଖ ମଞ୍ଚାସିନ ହେବା ସହ ଦଳର ବୁଥ୍‌ସ୍ତରୀୟ ଏଜେଣ୍ଟକୁ ନେଇ କିପରି ମଜବୁତ୍ ହେବା ତା' ଉପରେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସିଂରାୟ ମୁଣ୍ଡା, ମାଳତୀ କିସାନ, ସମିତି ସଭ୍ୟ ଅଶୋକ ବେହେରା, ଗୋପୀନାଥ ମୁଣ୍ଡାରି, ହରି ମହାନ୍ତ, କାନ୍ଦୁରୁ କିସାନ, ଟୁକୁ ଜଇସ୍ୱାଲ, ଭରତ ମହାନ୍ତ, ସୁରେଶ କୁମ୍ଭାର, ଦ୍ରୌପଦି କିସାନ, ବୈକୁଣ୍ଠ ପାତ୍ର, ଧନେଶ୍ୱର ନାଏକ, ଭୁବନାନନ୍ଦ କିସାନ, ଗକୁଳ ବାରିକ, ସୁରେଶ ମୁଣ୍ଡା, ରତ୍ନାକର ମହାନ୍ତ, ସନ୍ତୋଷ ମହାନ୍ତ, ସୁରେଶ ମହନ୍ତ, ସୀତା କିସାନ ପ୍ରମୁଖ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦଳୀୟ ୨୦୦ ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

## ଏକ୍ସ-ରେ ଟେକ୍ନିସିଆନ୍ ବିଶ୍ୱଦେବଙ୍କ ପରଲୋକ

**ରାଉରକେଲା, ୮।୨(ସମିସ):** ରାଉରକେଲା ନିକଟସ୍ଥ ଜଗଦାଠାରେ ଥିବା ସିଡବ୍ଲୁଏସ ହସ୍ପିଟାଲର ଏକ୍ସରେ ବିଭାଗରେ କାର୍ଯ୍ୟରତ ବରିଷ୍ଠ ଟେକ୍ନିସିଆନ ବିଶ୍ୱଦେବ ଦାଶ (ବିଶୁ)ଙ୍କ ଶନିବାର ବିଳମ୍ବିତ ରାତିରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ



**ଆଉ ଶୁଭିବନି ତାଙ୍କ ସଙ୍ଗୀତ ସ୍ୱର**

ତାଙ୍କୁ ୫୨ ବର୍ଷ ହୋଇଥିଲା। ସେ ଦୀର୍ଘ ଦିନରୁ ଲିଭର ସିରୋସିସ ରୋଗରେ ପୀଡିତ ଥିଲେ। ମୃତ୍ୟୁ ବେଳେ ତାଙ୍କ ଶଯ୍ୟା ନିକଟରେ ତାଙ୍କ ମା ଓ ବଡଭାଇ ଉପସ୍ଥିତ ଥିଲେ। ରବିବାର ତାଙ୍କ ମରଶରୀରକୁ ବେଦବ୍ୟାସ ନିଆଯାଇ ଶବ ସତ୍କାର କରାଯାଇଥିଲା। ଉଲ୍ଲେଖନୀୟ, ବିଶୁଙ୍କ ନିକଟରେ ସଙ୍ଗୀତ ଗାଇବାର ପ୍ରତିଭା ସହ ଅନେକ ଜୀବଜନ୍ତୁଙ୍କ ସ୍ୱରକୁ ଅବିକଳ ଭାବରେ ନକଲ କରିପାରୁଥିଲେ। ତାଙ୍କ ବିୟୋଗରେ ହସ୍ପିଟାଲ ସମେତ ଜଗଦା ଓ ଝିରପାଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## 'ଅପରାହ୍ନ' ପକ୍ଷରୁ ସାହିତ୍ୟଝରେ ଆଲୋଚନା

# 'ସୁସ୍ଥ ସମାଜ ଗଠନରେ ସମ୍ବାଦପତ୍ର ଓ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ରାଉରକେଲା, ୮।୨(ସମିସ):** ସୁସ୍ଥ ସମାଜ ଗଠନ ନିମନ୍ତେ ଉଭୟ ସମ୍ବାଦପତ୍ର ଓ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବାଲେଶ୍ୱରରୁ ପ୍ରକାଶିତ 'ଅପରାହ୍ନ' ଖବରକାଗଜର ସୁନ୍ଦରଗଡ଼ ଜିଲ୍ଲା ସାହିତ୍ୟଝରେ ଆଲୋଚନା ସଭାରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ସେକ୍ଟର-୭ ସ୍ଥିତ ଇସ୍ପାତ ସାହିତ୍ୟ ସଂସଦ ଭବନରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷତା କରି ଅପରାହ୍ନର ସମ୍ପାଦକ ବଂଶୀଧର ଜେନା ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ନିମନ୍ତେ ସାହିତ୍ୟକୁ ସମ୍ବାଦପତ୍ରରେ ପ୍ରମୁଖ ସ୍ଥାନ ଦିଆଯାଉଛି ବୋଲି କହିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଆଲୋଚିକା ଓ ଗବେଷିକା ଡଃ. ଅନ୍ତର୍ଜିତା ନାୟକ 'ସମ୍ବାଦପତ୍ର ସଂସ୍କରଣରେ ସାମ୍ପ୍ରତିକ ସୃଜନ ସ୍ୱାକ୍ଷର' ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖି ଉଭୟ ସମ୍ବାଦପତ୍ର ଓ ସାହିତ୍ୟ ସାମାଜିକ ସମସ୍ୟାକୁ ଅଭିବ୍ୟକ୍ତ କରିବାର ମୁଖ୍ୟ ମାଧ୍ୟମ ହୋଇଥିବାରୁ ସମସ୍ୟାର ସମାଧାନ କ୍ଷେତ୍ରରେ ଏମାନେ ବଳିଷ୍ଠ ଆୟୁଧ ରୂପେ କାର୍ଯ୍ୟ କରିଥାନ୍ତି। କିନ୍ତୁ ସାମ୍ପ୍ରତିକ ସାହିତ୍ୟରେ ଲେଖା ଚୋରି ନେଇ ଡଃ. ନାୟକ ଗଭୀର ଉଦବେଗ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ଓ ଆଲୋଚକ ଡଃ. ଅଶ୍ୱିନୀ କୁମାର ରାୟ ସମ୍ବାଦପତ୍ରରେ ସୃଜନଶୀଳତା ରୂପ, ରସ ଓ ଛନ୍ଦର ମିଳନ ଘଟାଇପାରେ ବୋଲି କହିଥିଲେ। ସମ୍ମାନିତ ବକ୍ତା ବରିଷ୍ଠ ସାହିତ୍ୟିକ





ଓ ସାମ୍ବାଦିକ ଲକ୍ଷ୍ମୀନାରାୟଣ ହୋତା ସାହିତ୍ୟ ଓ ସମ୍ବାଦପତ୍ର ଉଭୟ ପରିପୂରକ ବୋଲି ମତବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ଅତିଥି ଲକ୍ଷ୍ମୀପ୍ରିୟା ଦାସ ସମ୍ବାଦପତ୍ର ଓ ସାହିତ୍ୟର ସମନ୍ୱୟ ଉପରେ ଆଲୋକପାତ କରିଥିଲେ। ଅପରାହ୍ନର ସୁନ୍ଦରଗଡ଼ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆବାହକ କବି ସୁଶାନ୍ତ କୁମାର ନାୟକ ପ୍ରସଙ୍ଗ ଉପସ୍ଥାପନା କରିଥିଲେ। ପ୍ରଥମ ସୋପାନରେ ସାହିତ୍ୟିକ ମନୋଜ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର, ସବିତା ପରିଡ଼ା ଓ ରିନାରାଣୀ ସ୍ୱାଇଁ ସଂଯୋଜନା କରିଥିଲେ। ଏହି ଅବସରରେ କବିତା ପାଠ କରିଥିବା ୪୭ ଜଣ କବିଙ୍କୁ ସ୍ୱୀକୃତି ପତ୍ର ପ୍ରଦାନ କରାଯାଇଥିଲା। ଏହାଛଡା ଅପରାହ୍ନର ସମ୍ପାଦକ ଓ ପରିଚାଳନା ସାମ୍ବାଦିକଙ୍କୁ ସାହିତ୍ୟ ଝର ତରଫରୁ ସାରସ୍ୱାତ ଯୁଗଳ ବନ୍ଦୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶ୍ରୁତିଶ୍ରୀ ଜେନା ଓ ସନ୍ତୋଷ କୁମାର ସାବତ, ବାସନ୍ତୀ ପୃଷ୍ଟେଠ, ବିଜୟ କୁମାର ସାହୁ, ସତ୍ୟବ୍ରତ ଦାସ, ଶଙ୍କରୀ ବାରିକ, ତ୍ରୈଲୋକ୍ୟନାଥ ମହାପାତ୍ର, ସୁଶ୍ରୀ ସାନଭି ଚୋବେ, ସବିତା ପରିଡ଼ା, ମନୋରଞ୍ଜନ କଣ୍ଟା, ତୀର୍ଥବାସୀ ପଟେଲ, ରୁପାନନ୍ଦ ଜୟପୁରୀଆ, ଭଜନ ଦିହିରିଆ, ବିଷୟା ଗନ୍ଧା, କବି ସୁଶାନ୍ତ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ବିଜୟ କୁମାର ମିଶ୍ର ଓ ଶୁଚିସ୍ମିତା ପଣ୍ଡା ମାନପତ୍ର ପାଠ କରିଥିଲେ। ଶେଷରେ କବି ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟେନ୍‌ସା ଟିପ୍ପର ସଂଘର କର୍ମକର୍ତ୍ତା ନିର୍ବାଚନ କେବେ?

**କୋଇଡା, ୮।୨(ସମିସ):** ଟେନ୍‌ସାରେ ଥିବା ଟେନ୍‌ସା ଟିପ୍ପର ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ କେବେ ହେବ ବୋଲି ଏବେ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ପ୍ରତି ଦୁଇ ବର୍ଷ ବ୍ୟବଧାନରେ ଥରେ ଲେଖାଏଁ ଟିପ୍ପର ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ କରାଯିବାର ଆସୋସିଏସନର ବାଇଲ'ରେ ଉଲ୍ଲେଖ ରହିଥିବା ବେଳେ ଇତି ମଧ୍ୟରେ ନିର୍ବାଚନର ୫ ବର୍ଷ ଅତିକ୍ରାନ୍ତ ହୋଇ ଯାଇଥିଲେ ମଧ୍ୟ ଟିପ୍ପର ଆସୋସିଏସନର ନୂତନ କମିଟି ଗଠନ ପାଇଁ କର୍ମକର୍ତ୍ତା ନିର୍ବାଚନ କରା ନଯିବା ପଛରେ କି ରହସ୍ୟ ଲୁଚି ରହିଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ସେପଟେ ପାଞ୍ଚ ବର୍ଷ ଧରି ନିର୍ବାଚିତ କର୍ମକର୍ତ୍ତା ରହି ଆସିଥିବାରୁ ସେମାନେ ମନୋମୁଖୀ କାରବାର ଚଳାଇ ଆସିବା ସହ ଟିପ୍ପର ଲୋଡିଂ ବେଳେ ମେରି ରାୟ ନୀତି ଚଳାଇଥିବା ଅଭିଯୋଗ ହୋଇଛି। ଏପରିକି ଟେନ୍‌ସା ଅଞ୍ଚଳ ସହ ସମ୍ପୃକ୍ତି ନଥିବା ଅନେକ ମାଲିକ ଏଥିରେ ସଦସ୍ୟ ରହିଥିବାରୁ ସ୍ଥାନୀୟ ଟିପ୍ପର ମାଲିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନେକ ଟେନ୍‌ସା ଟିପ୍ପର ମାଲିକଙ୍କୁ ଅଣଦେଖା କରାଯାଇଛି ବୋଲି ଅଭିଯୋଗ ମଧ୍ୟ ହୋଇଛି। ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରାଯାଇଛି।

## ଜିଲ୍ଲା ମହୋତ୍ସବ 'ଯତରା' ଉଦ୍‌ଘାଟିତ

# ପ୍ରଥମ ସନ୍ଧ୍ୟାରେ ଝୁମାଇଲେ ଋକୁ ସୁନା, ଅନ୍ତରା, ବର୍ଣ୍ଣାଳୀ

ରାଉରକେଲା, ୮।୨(ସମିସ)

ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ 'ଯତରା -୨୦୨୬' ଆଜି ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ଯତରା ପଡ଼ିଆଠାରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ନାୟକ, ସଦର ବିଧାୟକ ଯୋଗେଶ କୁମାର ସିଂ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ଦଳ, କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ପ୍ରଖ୍ୟାତ କଣ୍ଠ ଶିଳ୍ପୀ ଋକୁ ସୁନା, ଅନ୍ତରା ଚକ୍ରବର୍ତ୍ତୀ ଓ ବର୍ଣ୍ଣାଳୀ ହୋତାଙ୍କ ଗୀତରେ



ଦର୍ଶକ ଝୁମିଥିଲେ। ସକାଳେ ସମଲେଇ ମନ୍ଦିର ଠାରୁ ଯତରା ପଡ଼ିଆ ପର୍ଯ୍ୟନ୍ତ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ ଶୋଭାଯାତ୍ରା ମଧ୍ୟରେ ପ୍ରଜ୍ୱଳିତ ମଶାଲକୁ ସହର ପରିକ୍ରମା କରାଯାଇ ଯତରା ପଡ଼ିଆରେ ସ୍ଥାପନ କରିଥିଲେ। ଏହି ଶୋଭାଯାତ୍ରାକୁ ବିଭିନ୍ନ ଛକମାନଙ୍କରେ ଜିଲ୍ଲାର ବିଭିନ୍ନ ସଂଗଠନ, ଅନୁଷ୍ଠାନମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସାଂସଦ ଜୁଏଲ ଓରାମ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପାଧ୍ୟକ୍ଷ ଲଳାଟେନ୍ଦୁ ପରିଡ଼ା, ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମ୍ପୃକ୍ତ ବ୍ଲକର କଳାକାର, ସୁନ୍ଦରଗଡ଼ ପୌରାଞ୍ଚଳର କଳାକାର, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ। ବ୍ଲକସ୍ତରୀୟ ଯତରା କାର୍ଯ୍ୟକ୍ରମରେ ଉତ୍ତମ ପ୍ରଦର୍ଶନ କରିଥିବା କଳାକାରମାନେ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହା ସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୨୨ତମ ବାର୍ଷିକ ନକ୍‌ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପାଟମୁଣ୍ଡା ୱେଭ୍ କେନ୍ଦୁଝର ଚାମ୍ପିଅନ୍

**କୋଇଡା, ୮।୨(ସମିସ):** ବାବା ଧବଳେଶ୍ୱର ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ କୋଇଡା ବ୍ଲକ ପାଟମୁଣ୍ଡା ମିନି ଷ୍ଟାଡିୟମଠାରେ ୨୨ତମ ବାର୍ଷିକ ନକଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଗତ ୪ ଫେବୃଆରୀରୁ ୫ ଦିନ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ ୧୬ ଗୋଟି ଦଳ ଭାଗ ନେଇଥିଲେ। ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆଇଟିୟୁ ରାଜ୍ୟ ସମ୍ପାଦକ ପ୍ରଭାତ ପଣ୍ଡା, ସମାଜସେବୀ ବାଦଲ ବାରିକ, ରୁଷି ମହାକୁଡ଼ ପ୍ରମୁଖ ଯୋଗଦେଇଥିଲେ। ପାଞ୍ଚ ଦିନ ଧରି ଖେଳ ପରିଚାଳନା ପରେ ଫାଇନାଲ ମୁକାବିଲା ୱେଭ୍ ଷ୍ଟୋର୍ମ କେନ୍ଦୁଝର ବନାମ ବିଶାଳ ଏକାଦଶ ଯୋଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ୱେଭ୍ ଷ୍ଟୋର୍ମ କେନ୍ଦୁଝର ଚଳିତବର୍ଷ ଚାମ୍ପିୟନ୍ ହୋଇଥିଲେ। ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ



ମୁଣ୍ଡାଙ୍କ ସମେତ ସମାଜସେବୀ ଡ. ବାଦଲ ବାରିକ୍, ବିଜେପି ଯୁବ ମଣ୍ଡଳ ସଭାପତି ଦିପକ ଜ୍ୟୋତି ବାର୍ଲା, ସହଦେବ ବେହେରା, ପୂର୍ବତନ ପାଟମୁଣ୍ଡା ସରପଞ୍ଚ କାଙ୍ଗାଲୁ ବାରିକ, ରୁଷି ମହାକୁଡ଼ ପ୍ରମୁଖ ଯୋଗଦେଇ ଚାମ୍ପିୟନ୍ ଦଳକୁ ବଡ ଟ୍ରଫି ସହ ଦେଢ଼ ଲକ୍ଷ ଟଙ୍କା, ରନର୍ସପ ଦଳକୁ ଟ୍ରଫି ସହ ଏକ ଲକ୍ଷ ଟଙ୍କା, ଟୁର୍ଣ୍ଣାମେଣ୍ଟ ଶ୍ରେଷ୍ଠ ଖେଳାଳିଙ୍କୁ ଟ୍ରଫି ସହ ୧୦ ହଜାର ନଗଦ ପ୍ରଦାନ କରାଯାଇଥିଲା। ୧୫ ଗୋଟି ମ୍ୟାନ ଅଫ୍ ଦି ମ୍ୟାଚ୍‌ଙ୍କୁ ୧ ହଜାର ପ୍ରଦାନ କରାଯାଇଥିଲା। କ୍ଲବ୍ ପକ୍ଷରୁ ସଭାପତି ବିଜୁ ବାରିକ, ବସନ୍ତ ମହାକୁଡ଼, ଅକ୍ଷୟ ବାରିକ, ଗଣେଶ ବାରିକ, ସୁବାସ ବାରିକ, ଅଜୟ ବାରିକ, କାଳିଆ ପାତ୍ର, ଦୁର୍ଗା ମହାକୁଡ, ଚିଣ୍ଟୁ ପାତ୍ର, ମନୋଜ ମହାକୁଡ଼, ସଚିନ ବାରିକ ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଭାଷ୍ୟକାର କ୍ଷୀରୋଦ ଗିରି ଓ ବୁଲବୁଲ ଆପଟ ଧାରାବିବରଣୀ ପ୍ରଦାନ କରିଥିଲେ।